୬୮ତମ ବର୍ଷ  ୧୫ ଅଗଷ୍ଟ, ୨୦୨୫  ତୃତୀୟ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ – ୬୦୫ ୦୦୨

୬୮ତମ ବର୍ଷ ୧୫ ଅଗଷ୍ଟ, ୨୦୨୫ ତୃତୀୟ ସଂଖ୍ୟା

उद् वयं तमसस्परि ज्योतिष्पश्यन्त उत्तरम्।
देवं देवत्रा सूर्यमगन्म ज्योतिरुत्तमम्।। ऋग्वेदः १. ५०. १०

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଅଗଷ୍ଟ, ୨୦୨୫]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ମାତୃବାଣୀ | ... | ଶ୍ରୀମା | ... | ୫ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ଶ୍ରୀଅରବିନ୍ଦ | ... | ୬ |
| ଅବତାରଙ୍କ କାର୍ଯ୍ୟ | ... | ଶ୍ରୀମା | ... | ୯ |
| ଭାରତର ସ୍ୱଧର୍ମ | ... | ଶ୍ରୀଅରବିନ୍ଦ | ... | ୧୦ |
| ''ଅସୀମର ସନ୍ଧାନୀ ଅସୀମଙ୍କ ଦ୍ୱାରା ପୂର୍ବନିର୍ଦ୍ଦିଷ୍ଟ'' | ... | ଶ୍ରୀମା | ... | ୧୨ |
| ଅତିମାନସ ସୃଷ୍ଟି | ... | ଶ୍ରୀଅରବିନ୍ଦ | ... | ୧୪ |
| ଧମ୍ମପଦ (୧୧) (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ) | ... | ... | ... | ୧୫ |
| ଚେତନାର ବିପୁଳତା ଓ ପ୍ରସାର (ଆଶ୍ରମ ଛାତ୍ରଛାତ୍ରୀମାନଙ୍କ ସହ ଶ୍ରୀମା'ଙ୍କ କଥୋପକଥନ) | | ... | ... | ୧୯ |
| ଆମୋଦ ଓ ଆନନ୍ଦ | ... | ଶ୍ରୀମା | ... | ୨୧ |
| ଶ୍ରୀଅରବିନ୍ଦ | ... | ... | ... | ୨୨ |
| କଥୋପକଥନ | ... | ନୀରଦବରଣ | ... | ୨୩ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୬ |
| ଭାରତ-ମଙ୍ଗଳ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୩୦ |
| ବେଦରହସ୍ୟ - (ତୃତୀୟ ଭାଗ), ଅଗ୍ନିସୂକ୍ତମାଳା ଚତୁର୍ଥ ସୂକ୍ତ, ଅଗ୍ନିଙ୍କ ପ୍ରତି | ... | ଶ୍ରୀଅରବିନ୍ଦ | ... | ୩୩ |
| ନିର୍ଜନ ନିଶାର୍ଦ୍ଧର ମୃତ୍ୟୁଦୂତ (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର) | ... | ... | ... | ୩୭ |
| ବିଶ୍ୱଦେବ ଅନ୍ତରନିବାସୀ (କବିତା) | ... | ଶ୍ରୀଅରବିନ୍ଦ | ... | ୪୩ |
| ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ | ... | ଶ୍ରୀ ପ୍ରପତ୍ତି | ... | ୪୪ |
| ବେଦ ଓ ମାନବ ନିୟତି | ... | ସତ୍‌ପ୍ରେମ | ... | ୪୭ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଶ୍ରୀମଦ୍‌ଭଗବଦ୍‌ଗୀତା (ଆକ୍ଷରିକ ଓଡ଼ିଆ ପଦ୍ୟାନୁବାଦ ସହ) | ... | ... | ... | ୫୦ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଯଥାର୍ଥ ଜ୍ଞାନ ଓ ଯାଦୁବିଦ୍ୟା | ... | ଶ୍ରୀମା | ... | ୫୫ |

**ଶେଷ ପୃଷ୍ଠା :**

| | | | | |
|---|---|---|---|---|
| ପୂର୍ଣ୍ଣଯୋଗର ପଥରେ ପାଦ ରଖିବା | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୭ |
| ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ କେତେକ ଫଟୋଚିତ୍ର | ... | ... | ... | ୬୧ |


❖

# ମାତୃବାଣୀ

Sri Aurobindo came upon earth to announce the manifestation of the supramental world and not merely did he announce this manifestation but embodied also in part the supramental force and showed by example what one must do to prepare oneself for manifesting it. The best thing we can do is to study all that he has told us and endeavour to follow his example and prepare ourselves for the new manifestation.

This gives life its real sense and will help us to overcome all obstacles.

Let us live for the new creation and we shall grow stronger and stronger by remaining young and progressive.

*30 January, 1972* – The Mother

ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠରେ ଆବିର୍ଭୂତ ହୋଇଥିଲେ ଅତିମାନସ ଜଗତର ଅଭିବ୍ୟକ୍ତି ସମ୍ବନ୍ଧେ ଘୋଷଣା କରିବା ନିମିତ୍ତ ଏବଂ ସେ କେବଳ ଏହି ଅଭିବ୍ୟକ୍ତିର ଘୋଷଣା କରି ନ ଥିଲେ କିନ୍ତୁ ଅତିମାନସ ଶକ୍ତିକୁ କେତେକାଂଶରେ ମୂର୍ତ୍ତ କରିଥିଲେ ଏବଂ ଉଦାହରଣ ଦ୍ୱାରା ଦେଖାଇଦେଲେ ଯେ ଏହାର ଅଭିବ୍ୟକ୍ତି ସକାଶେ ନିଜକୁ ପ୍ରସ୍ତୁତ କରିବାକୁ ହେଲେ ବ୍ୟକ୍ତିକୁ କ'ଣ କରିବାକୁ ହେବ । ଏଥି ନିମିତ୍ତ ଯେଉଁ ସର୍ବୋତ୍ତମ ବସ୍ତୁ ଆମ୍ଭେମାନେ କରିପାରିବା ତାହା ହେଲା ସେ ଯାହାସବୁ କହିଛନ୍ତି ତାହା ଅଧ୍ୟୟନ କରିବା, ତାଙ୍କ ପ୍ରଦର୍ଶିତ ଦୃଷ୍ଟାନ୍ତକୁ ଅନୁସରଣ କରିବା ନିମିତ୍ତ ଏବଂ ଏହି ନୂତନ ଅଭିବ୍ୟକ୍ତି ସକାଶେ ପ୍ରସ୍ତୁତ ହେବା ନିମିତ୍ତ ପ୍ରଚେଷ୍ଟା କରିବା ।

ଏହାହିଁ ଜୀବନକୁ ତାହାର ପ୍ରକୃତ ଅର୍ଥ ପ୍ରଦାନ କରେ ଏବଂ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରିବା ସକାଶେ ଆମକୁ ସାହାଯ୍ୟ କରିବ ।

ଆସ ଆମେ ନୂତନ ସୃଷ୍ଟି ନିମିତ୍ତ ଜୀବନଧାରଣ କରିବା ଏବଂ ଆମେ ତରୁଣ ଓ ପ୍ରଗତିଶୀଳ ହେବା ଦ୍ୱାରା ଅଧିକରୁ ଅଧିକ ଶକ୍ତିଶାଳୀ ହୋଇଉଠିବା ।

*୩୦ ଜାନୁଆରୀ, ୧୯୭୨* – ଶ୍ରୀମା



## ଶ୍ରୀଅରବିନ୍ଦଙ୍କ ବାଣୀ

This Renaissance, this new birth in India, if it is a fact, must become a thing of immense importance both to herself and the world, to herself because of all that is meant for her in the recovery or the change of her time-old spirit and national ideals, to the world because of the possibilities involved in the rearising of a force that is in many respects unlike any other and its genius very different from the mentality and spirit that have hitherto governed the modern idea in mankind, although not so far away perhaps from that which is preparing to govern the future.

(CWSA, Vol. 20, page : 3) – Sri Aurobindo

ଭାରତର ଏହି ପୁନର୍ଜାଗରଣ, ଏହି ନବଜନ୍ମ ଯଦି ବାସ୍ତବରେ ଘଟେ, ତେବେ ଏହା ଭାରତ ତଥା ସମଗ୍ର ପୃଥିବୀ ସକାଶେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ; ଭାରତ ସକାଶେ ଏହି ଦୃଷ୍ଟିରୁ ଯେ ତାହାର ଚିରନ୍ତନ ଆତ୍ମା ଓ ଜାତୀୟ ଆଦର୍ଶ କହିଲେ ଯାହାକିଛି ବୁଝାଏ ସେସବୁର ପୁନରୁତ୍‌ଥାନ ଓ ପରିବର୍ତ୍ତନ ହେବ । ପୃଥିବୀ ନିମିତ୍ତ ଏହା ଗୁରୁତ୍ୱପୂର୍ଣ୍ଣ, କାରଣ ଏହାଫଳରେ ଏକ ଅଭିନବ ଶକ୍ତିର ଅଭ୍ୟୁଦୟ ଘଟିବ ଯାହାକି ପୃଥିବୀକୁ ଓ ମାନବସମାଜକୁ ଏପର୍ଯ୍ୟନ୍ତ ନିୟନ୍ତ୍ରିତ କରୁଥିବା ଇଦାନୀନ୍ତନ ମାନସିକ ଓ ଆଧ୍ୟାତ୍ମିକ ଧାରାଠାରୁ ବହୁ ଭାବରେ ଭିନ୍ନ ହେବ, ଯଦିଓ ତାହା ଭବିଷ୍ୟତକୁ ପରିଚାଳିତ କରିବାକୁ ପ୍ରସ୍ତୁତ ହେଉଥିବା ଧାରାଠାରୁ ସମ୍ପୂର୍ଣ୍ଣ ଭିନ୍ନ ନୁହେଁ ।

— ଶ୍ରୀଅରବିନ୍ଦ



# ଅବତାରଙ୍କ କାର୍ଯ୍ୟ

## ଶ୍ରୀମା

ଚେତନା ଏକ ନିଶୁଣି ପରି । ପ୍ରତ୍ୟେକ ମହାଯୁଗରେ ଏକ ମହାନ୍ ସତ୍ତା ଏହି ନିଶୁଣିରେ ଗୋଟିଏ ସୋପାନ ଯୋଡ଼ି ଏପରି ଏକ ଭୂମିରେ ପ୍ରବେଶ କରନ୍ତି ଯାହା ତା' ପୂର୍ବରୁ ସାଧାରଣ ଚେତନା ପାଇଁ ଥାଏ ସର୍ବାଦୌ ଅନୁପଲବ୍ଧ । ଏକ ତୁଙ୍ଗ ଭୂମି ଲାଭ କରି ମର୍ତ୍ତ୍ୟ ଚେତନାରୁ ପୂର୍ଣ୍ଣ ରୂପେ ତିରୋହିତ ହୋଇଯିବା ସମ୍ଭବ, କିନ୍ତୁ ସେ କ୍ଷେତ୍ରରେ ନିଶୁଣି ସହ ଆଉ ସଂଯୋଗ ରହେ ନାହିଁ । ପକ୍ଷାନ୍ତରେ ବିଶ୍ୱର ମହାଯୁଗର ଉତ୍କୃଷ୍ଟ ସିଦ୍ଧି ହେଲା ସ୍ଥୂଳ ସହ ସମ୍ପର୍କ ନ ହରାଇ ଏହି ନିଶୁଣିରେ ଆଉ ଏକ ପାବଚ୍ଛ ଯୋଗ କରିବାର ସାମର୍ଥ୍ୟ, ବିବିଧ ସ୍ତର ସହିତ ସମ୍ପର୍କକୁ ଏକ ଶୂନ୍ୟତା ଭିତରେ କାଟିଦେବା ପରିବର୍ତ୍ତେ ଉପରକୁ ତଳ ସହିତ ଯୋଡ଼ି ଦେବା ସଙ୍ଗେ ସଙ୍ଗେ ସର୍ବୋଚ୍ଚ ଭୂମିରେ ପ୍ରବେଶ କରିବାର ଶକ୍ତି ।

ଆରୋହଣ ଓ ଅବରୋହଣ କରି ଊର୍ଦ୍ଧ୍ୱଭୂମିକୁ ନିମ୍ନ ଭୂମି ସହ ସଂଯୋଗ କରିବା ହିଁ ସିଦ୍ଧିର ପୂର୍ଣ୍ଣ ରହସ୍ୟ ଏବଂ ଏହା ଅବତାରଙ୍କ କାର୍ଯ୍ୟ । ଅବତାର ପ୍ରତ୍ୟେକ ବାର ଯେତେବେଳେ ଅଧିରୋହଣୀରେ ଏକ ନୂତନ ସୋପାନ ଯୋଡ଼ି ଦିଅନ୍ତି, ସେତେବେଳେ ପୃଥିବୀରେ ହୁଏ ଏକ ନବ ସୃଷ୍ଟି । ଯେଉଁ କ୍ରମଟି ବର୍ତ୍ତମାନ ସଂଯୋଗ କରା ହେଉଛି ତାହାକୁ ଶ୍ରୀଅରବିନ୍ଦ ଅତିମାନସ ନାମରେ ଅଭିହିତ କରିଛନ୍ତି । ଏହା ଫଳରେ ଚେତନା ରତ ଚିନ୍ମୟ ଜଗତରେ ପ୍ରବେଶ କରି ମଧ ବ୍ୟଷ୍ଟିରୂପ ଓ ବ୍ୟକ୍ତିସତ୍ତାକୁ ବଜାୟ ରଖି ଏଠାରେ ଏକ ନବସୃଷ୍ଟି କରିବା ପାଇଁ ଓହ୍ଲାଇ ଆସିବ । ଅବଶ୍ୟ ଏହା ଚରମ ପଦ ନୁହେଁ, କାରଣ ଚେତନାର ଅଛି ଆହୁରି ଅନେକ ବିସ୍ତାର । କିନ୍ତୁ ବର୍ତ୍ତମାନ ଆମ୍ଭେମାନେ ସତ୍ୟ ଚେତନାକୁ ଉତାରି ଆଣିବା ପାଇଁ, ଜଗତକୁ ପୁନର୍ଗଠନ କରିବା ପାଇଁ ଓ ଏହାକୁ ଯଥାର୍ଥ ଭାଗବତ ବିଧାନ ଭିତରେ ଫେରାଇ ନେବା ପାଇଁ ସାଧନାରତ । ଏହା ହେବ ଏକ ଶୃଙ୍ଖଳାର ସୃଷ୍ଟି, ପ୍ରତ୍ୟେକ ବସ୍ତୁର ଯଥା ସ୍ଥାନରେ ସୁବିନ୍ୟାସ । ବର୍ତ୍ତମାନ ସାଧନାରତ ପ୍ରଧାନ ଦେବୀ ବା ଶକ୍ତି ହେଲେ ମହାସରସ୍ୱତୀ, ପୂର୍ଣ୍ଣ ଶୃଙ୍ଖଳାର ମହାଦେବୀ ।

କ୍ରମ ରକ୍ଷା କରିବାର କାର୍ଯ୍ୟଟି – ଯଦ୍ଦ୍ୱାରା ଆରୋହଣ, ଅବରୋହଣ ଓ ସ୍ଥୂଳ ଜଗତକୁ ଊର୍ଦ୍ଧ୍ୱ ସତ୍ୟ ଉତାରିବା ସମ୍ଭବ ହୁଏ – ଚେତନାର ଅନ୍ତରାଳରେ ହିଁ ସାଧିତ ହୁଏ । ଯେ ଏ କାର୍ଯ୍ୟଟି କରିବା ପାଇଁ ଉଦ୍ଦିଷ୍ଟ ଅର୍ଥାତ୍ ଅବତାର ସେ ଯଦି କାରାକକ୍ଷରେ ଆବଦ୍ଧ ରହି, କାହା ସହ ସାକ୍ଷାତ୍ ନକରି, କେବେ ବି ବାହାରକୁ ନ ଆସନ୍ତି, ତଥାପି ସେ କାର୍ଯ୍ୟ ସେ ସମ୍ପନ୍ନ କରି ପାରନ୍ତି; କାରଣ ଏହି କାର୍ଯ୍ୟଟି ଅର୍ଥାତ୍ ମୃଣ୍ମୟ ଆଧାର ସହ ଅତିମାନସର ସଂଯୋଗ ହୁଏ ଚେତନାରେ । ତାଙ୍କୁ କେହି ଚିହ୍ନିବାର ଆବଶ୍ୟକତା ନାହିଁ, ପୁଣି ଏହି ଚିନ୍ମୟ ସଂଯୋଗ ସ୍ଥାପନା ପାଇଁ ତାଙ୍କର କୌଣସି ବାହ୍ୟ ଶକ୍ତିର ବି ଆବଶ୍ୟକତା ନଥାଏ । ଥରେ କିନ୍ତୁ ସେ ସମ୍ପର୍କ ସ୍ଥାପିତ ହେଲେ ଜଗତରେ ଏହାର ପ୍ରଭାବ ଅବଶ୍ୟମ୍ଭାବୀ । ଏହାର ରୂପ ହେବ ଏକ ଅଭିନବ ସୃଷ୍ଟି ଯାହାର ଆରମ୍ଭ ଏକ ଆଦର୍ଶ ନଗରୀ ଓ ଚରମ ପର୍ବ ଏକ ଅନବଦ୍ୟ ଜଗତ୍ ।

(CWM, Vol. - 3, page : 178 - 179)

# ଭାରତର ସ୍ୱଧର୍ମ

## ଶ୍ରୀଅରବିନ୍ଦ

ଭାରତବର୍ଷର ନିଜ ପାଇଁ ଗଭୀରତର ପ୍ରଶ୍ନସବୁ ରହିଛି । କାରଣ ପ୍ରଲୋଭନର କେତେକ ଧାରା ଅନୁସରଣ କରି ସେ ଅନ୍ୟାନ୍ୟ ବହୁ ଦେଶ ପରି ଆଉ ଏକ ଦେଶ ହୋଇପାରେ ଯାହାର ଶିଳ୍ପ ଓ ବାଣିଜ୍ୟ ସମ୍ପଦ ହେବ ଅତ୍ୟନ୍ତ ସମୃଦ୍ଧିଶାଳୀ, ଯାହାର ସାମାଜିକ ଓ ରାଜନୈତିକ ଜୀବନ ରୂପାୟିତ ହେବ ଏକ ଶକ୍ତିଶାଳୀ ସଙ୍ଗଠନ ଭିତରେ; ଏକ ବିରାଟ ସାମରିକ ଶକ୍ତିର ଅଧିକାରୀ ହୋଇ ଏହା ଅତ୍ୟନ୍ତ ସଫଳତାର ସହିତ କ୍ଷମତା ରାଜନୀତିରେ ଅଂଶ ଗ୍ରହଣ କରିପାରେ ଓ ନିଜର ସ୍ୱାର୍ଥ ଓ ଲାଭସବୁକୁ ସୁରକ୍ଷିତ ରଖିବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ ଆହୁରି ବିସ୍ତୃତ କରିବାର ଉତ୍ସାହ ନେଇ ଏପରିକି ପୃଥିବୀର ଏକ ବୃହତ୍ତର ଅଂଶ ଉପରେ ନିଜର ଆଧିପତ୍ୟ ବିସ୍ତାର କରିପାରେ; କିନ୍ତୁ ଏହା ଆପାତ ବାହ୍ୟ ସାଫଲ୍ୟ ଓ ଉତ୍କର୍ଷର ଚମତ୍କାରିତା ପାଇବାକୁ ଯାଇ ଏହା ନିଜର ସ୍ୱଧର୍ମକୁ ଜଳାଞ୍ଜଳି ଦେଇପାରେ, ନିଜର ଆତ୍ମାକୁ ହରାଇ ପାରେ । ସେପରି ହେଲେ ପ୍ରାଚୀନ ଭାରତ ଏବଂ ତା'ର ଆତ୍ମା ପୂରାପୂରି ଅନ୍ତର୍ଦ୍ଧାନ ହୋଇଯିବ ଓ ତା' ସ୍ଥାନରେ ଆମେ ପାଇବୁ ଅନ୍ୟାନ୍ୟ ବହୁ ଦେଶ ବା ଜାତି ପରି ମାତ୍ର ଆଉ ଗୋଟିଏ ଦେଶ ବା ଜାତି ଏବଂ ତା' ଫଳରେ ନା ପୃଥିବୀ ନା ଆମେ କେହି ବି କୌଣସି ଭାବରେ କିଛି ଲାଭବାନ୍ ହେବୁ ନାହିଁ ।

ପ୍ରଶ୍ନଟି ହେଉଛି ବାହ୍ୟ ଜୀବନରେ ସେ ନିରାପଦ ଭାବରେ ସମୃଦ୍ଧିଶାଳୀ ହୋଇ ଉଠିବ ଅଥଚ ନିଜର ସମସ୍ତ ଦୃଢ଼-ପ୍ରତିଷ୍ଠ, ବିପୁଳ, ସଂହତ ଓ ସମୃଦ୍ଧ ଆଧ୍ୟାତ୍ମିକ ଜ୍ଞାନ ଓ ଅନୁଭୂତିସବୁକୁ ପୂରାପୂରି ହରାଇ ବସିବ । ଏହା ହେବ ଭାଗ୍ୟର ଏକ କରୁଣ ବିଡ଼ମ୍ବନା ଓ ନିର୍ମମ ପରିହାସ ଯଦି ଭାରତ ତା'ର ଆଧ୍ୟାତ୍ମିକ ପରମ୍ପରା ଓ ଉତ୍ତରାଧିକାରକୁ ପରିତ୍ୟାଗ କରିବ ସେ ଠିକ୍ ସେତିକିବେଳେ ଯେତେବେଳେ ପୃଥିବୀର ଅନ୍ୟାନ୍ୟ ଦେଶସବୁ ଆଧ୍ୟାତ୍ମିକ ସହାୟତା ଓ ତ୍ରାଣକାରୀ ଆଲୋକ ପାଇଁ ତା' ଆଡ଼କୁ ଅଧିକରୁ ଅଧିକ ଦୃଷ୍ଟି ଫେରାଇ ଉତ୍ସୁକ ନୟନରେ ଚାହିଁ ରହିଛନ୍ତି । ଏହା କେବେହେଲେ ଘଟି ନପାରେ ଏବଂ ନିଶ୍ଚୟ ଘଟିବ ନାହିଁ । କିନ୍ତୁ ଏହା ମଧ୍ୟ କୁହାଯାଇ ନପାରେ ଯେ ସେ ବିପଦ ରହି ନାହିଁ ।

ଅବଶ୍ୟ ଆମ ଦେଶ ଆଗରେ ଅନ୍ୟାନ୍ୟ ବହୁ ଦୁରୂହ ସମସ୍ୟାସବୁ ରହିଛି ଯେଉଁଗୁଡ଼ିକର ସେ ସମ୍ମୁଖୀନ ହୋଇଛି ବା ଖୁବ୍ ଶୀଘ୍ର ସେଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିବ । ନିଃସନ୍ଦେହ ଭାବରେ ଆମେ ସେଗୁଡ଼ିକୁ ଅତିକ୍ରମ କରି ବିଜୟ ଲାଭ କରିବୁ କିନ୍ତୁ ଆମ ନିଜ ପାଖରୁ ଏହି ବାସ୍ତବ ସତ୍ୟକୁ ନାନା ଛଦ୍ମ ଆବରଣ ଦେଇ ଲୁଚାଇ ରଖିଲେ ଚଳିବ ନାହିଁ ଯେ ଏତେ ଦୀର୍ଘଦିନର ପରାଧୀନତା ଏବଂ ଆମକୁ ଖର୍ବ ଓ ବିକଳ କରିଦେବା ଦିଗରେ ତା'ର ସମସ୍ତ ହାନିକର ଅପପ୍ରଭାବକୁ ଦୂର କରି ଭାରତକୁ ତା'ର ଯଥାର୍ଥ ନିୟତି ଓ ଭୂମିକାରେ ପୂର୍ଣ୍ଣ ଭାବରେ ଅଂଶଗ୍ରହଣ କରିବାକୁ ହେଲେ ପ୍ରୟୋଜନ ହେବ ଏକ ବିପୁଳ ଆନ୍ତର ତଥା ବାହ୍ୟ ମୁକ୍ତି ଓ ପରିବର୍ତ୍ତନ ଏବଂ ଏକ ବିରାଟ ଆନ୍ତର ଓ ବାହ୍ୟ ଅଗ୍ରଗତି ।

(*Autobiographical Notes and Other Writings of Historical Interest,* p. 503-504)

*

... ଭାରତ ତା'ର ନିଜତ୍ୱରେ ପ୍ରତିଷ୍ଠିତ ରହି, ସ୍ୱଧର୍ମକୁ ଅନୁସରଣ କରି ନିଜେ ଉନ୍ନତ ହେବ ଏବଂ ଜଗତର ସେବାରେ ଲାଗିବ । ଏହାର ଅର୍ଥ ଏପରି ନୁହେଁ ଯେ, ସଂକୀର୍ଣ୍ଣ ମନ ନେଇ ଅନ୍ଧ ସଂସ୍କାରବଶରେ ଅନେକେ ଯେପରି ସିଦ୍ଧାନ୍ତ କରି ବସନ୍ତି ଯେ କାଳ ସ୍ରୋତରେ ନୂତନ ଯାହାକିଛି ଆମ ନିକଟରେ ଆସି ଉପସ୍ଥିତ ହୋଇଛି ବା ୟୁରୋପ ଯାହାକିଛି ସର୍ବପ୍ରଥମ ଆବିଷ୍କାର କରିଛି ବା ସାମର୍ଥ୍ୟର ସହ ବ୍ୟକ୍ତ କରିଛି ସେଗୁଡ଼ିକୁ ଦୂରକୁ ଫିଙ୍ଗି ଦେବାକୁ ହେବ । ଏପରି ମନୋଭାବ ଯୁକ୍ତି ଦୃଷ୍ଟିରୁ ଯେପରି ମୂଢ଼ତାର ପରିଚାୟକ, କାର୍ଯ୍ୟ ଦିଗରୁ ମଧ୍ୟ ସେହିପରି ଅସମ୍ଭବ । ଖାଲି ସେତିକି ନୁହେଁ, ଏହା ମଧ୍ୟ ଆଧ୍ୟାତ୍ମିକତାର ଅଭାବ । କାରଣ, ଯଥାର୍ଥ ଆଧ୍ୟାତ୍ମିକତା କୌଣସି ନୂତନ ଜ୍ଞାନକୁ ପରିହାର କରେ ନାହିଁ, ମାନବଜାତିର ଆତ୍ମୋନ୍ନତିର ଉପାୟ ବା ଉପକରଣ ହିସାବରେ ଯଦି ଆଉକିଛିର ସନ୍ଧାନ ମିଳିଲା, ତେବେ ତାହାକୁ ଫିଙ୍ଗି ଦିଏ ନାହିଁ । ଆମର ଅନ୍ତରାତ୍ମାକୁ, ଆମର ସତ୍ତାର ବିଶିଷ୍ଟ ଧରଣକୁ, ଆମର ସହଜାତ ସ୍ୱଭାବକୁ ଅକ୍ଷୁଣ୍ଣ ରଖିବାକୁ

ହେବ ଏବଂ ତାହା ସହିତ ମିଳାଇ ଧରିବାକୁ ହେବ ଆମେ ଯାହାକିଛି ବାହାରୁ ଆହରଣ କରିବା ଓ ତାହାରି ଭିତରୁ ବିକଶିତ କରି ଧରିବାକୁ ହେବ ଆମେ ଯାହାକିଛି କର୍ମ କରିବା ଓ ସୃଷ୍ଟି କରିବା । ଏହାହିଁ ହେଲା ଆମ ସୂତ୍ରଟିର ଅର୍ଥ, ଅଧ୍ୟାତ୍ମଧର୍ମହିଁ ବିଶେଷଭାବେ ଭାରତର ମନୋଯୋଗକୁ ଚିରକାଳ ଆକର୍ଷଣ କରି ଆସିଛି; ଏହାହିଁ ହେଉଛି ଭାରତର ଆନ୍ତଃପୁରୁଷର ବିଷୟ ।

*

... ଏକ ଆଧ୍ୟାତ୍ମିକ ଆଦର୍ଶ ଚିରକାଳହିଁ ଭାରତର ଭାବନା ଓ ଆସ୍ପୃହାର ବିଶେଷତ୍ୱ । କିନ୍ତୁ କାଳର ଅଗ୍ରଗତି ଓ ମାନବସମାଜର ପ୍ରୟୋଜନ ହେତୁ ସେହି ଆଦର୍ଶର ଏକ ନୂତନ ସଂସ୍କରଣ ପ୍ରୟୋଜନ ହୋଇଛି । ସେହି ପୁରାତନ ରୂପ ଓ ପୁରାତନ ପନ୍ଥା ବର୍ତ୍ତମାନ ଯୁଗଧର୍ମର ଲକ୍ଷ୍ୟ ନିମିତ୍ତ ଯଥେଷ୍ଟ ନୁହେଁ, ଭବିଷ୍ୟତର ଭାରତକୁ ଯେଉଁ ବିରାଟ ପଦକ୍ଷେପ ନେବାକୁ ହେବ ସେଥି ନିମନ୍ତେ ସେହି ସଂକୀର୍ଣ୍ଣ ପଥଦେଇ ଭାରତ ଆଉ ତାହାର ଲକ୍ଷ୍ୟ ସାଧନ କରିପାରିବ ନାହିଁ । ଆମ୍ଭମାନଙ୍କ ଆଧ୍ୟାତ୍ମିକତା ମଧ୍ୟ ସେଇ ପୁରାତନ, ଜୀର୍ଣ୍ଣ, ସଂସ୍କାରବିମୁଖ ଆଧ୍ୟାତ୍ମିକ ଜୀବନ ନୁହେଁ ଏବଂ ଈଶ୍ୱରଙ୍କ ବିରାଟ ସୃଷ୍ଟିର ଶୋଚନୀୟ ନିରର୍ଥକତା ଓ ମାୟାବାଦ ଦ୍ୱାରା ଭାରାକ୍ରାନ୍ତ ନୁହେଁ; ଆମ୍ଭମାନଙ୍କ ଆଦର୍ଶ ସେହି ଆଧ୍ୟାତ୍ମିକତା ନୁହେଁ ଯାହା ପାର୍ଥିବ ଜୀବନରୁ ମୁଖ ଫେରାଇ ନିଏ । ବରଂ ଆମ୍ଭମାନଙ୍କ ଆଦର୍ଶ ହେଲା ସେହି ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଜୀବନରେ ବିଜୟ ଆଣିଦେବା । ଏହା କେବଳ ଏହି ଜଗତକୁ ଭାଗବତ ଅଭିବ୍ୟକ୍ତିର ଏକ ଉଦ୍ୟମ ବୋଲି ଗ୍ରହଣ କରେ ନାହିଁ ବରଂ ଭାଗବତ ଅଭିବ୍ୟକ୍ତିର ଏକ ବୃହତ୍ତର ଓ ମହତ୍ତର ଉଦ୍ୟମ ଦ୍ୱାରା ମାନବ ସମାଜର ରୂପାନ୍ତର ଚାହେଁ ଯାହା ଏପର୍ଯ୍ୟନ୍ତ କେବେ ବି ହୋଇ ନାହିଁ ଏବଂ ଯାହାର ପରିଣାମରେ ଭଗବାନ୍ ଓ ମନୁଷ୍ୟ ମଧ୍ୟରେ ଥିବା ପରଦା ଦୂର ହେବ, ଆମ୍ଭମାନଙ୍କ ମଧ୍ୟରେ ସେହି ଦିବ୍ୟମାନବତ୍ୱ ମୂର୍ତ୍ତ ହେବ ଏବଂ ଆମ୍ଭମାନଙ୍କ ପାର୍ଥିବ ଜୀବନ ଭାଗବତ ସତ୍ୟ, ଜ୍ୟୋତିଃ ଓ ସାମର୍ଥ୍ୟ ଦ୍ୱାରା ରୂପାନ୍ତରିତ ହେବ ।

*

... ଆମର ଆଧ୍ୟାତ୍ମିକତାକୁ ଆହୁରି ବୃହତ୍ତର, ଉଦାରତର କରି ଜୀବନ କ୍ଷେତ୍ରରେ ପ୍ରୟୋଗ କରିବାକୁ ହେବ, ଆମର ପୂର୍ବପୁରୁଷଙ୍କ ଅପେକ୍ଷା କମ୍ ନୁହେଁ, ଯଦି ସମ୍ଭବ ହୁଏ ତେବେ ଆମକୁ ବେଶୀ ଆଧ୍ୟାତ୍ମିକ ହେବାକୁ ହେବ । ପାଶ୍ଚାତ୍ୟର ବିଜ୍ଞାନ, ଯୁକ୍ତି, ଉନ୍ନତିଶୀଳତା ଓ ଆଧୁନିକ ଯୁଗର ମୂଳସତ୍ୟକୁ ଆମେ ଗ୍ରହଣ କରିବା, କିନ୍ତୁ ଆମର ନିଜସ୍ୱ ଜୀବନଧାରା ଉପରେ ଛିଡ଼ାହୋଇ, ତାହାକୁ ଆମର ଅଧ୍ୟାତ୍ମ ଆଦର୍ଶ ଓ ଲକ୍ଷ୍ୟ ସହ ମିଳାଇ ଧରି । ଆମର ଚତୁର୍ଦ୍ଦିଗରେ ଯେଉଁ ଜୀବନ ପ୍ରବାହ ବିପୁଳ ସ୍ପନ୍ଦନ ନେଇ ଛୁଟି ଚାଲିଛି, ଆଧୁନିକ ପ୍ରାଣରେ ଯେତେ ଐହିକ ପ୍ରେରଣା, ଆଧିଭୌତିକ କର୍ମୈଷଣାର ଆଲୋଡ଼ନ ଦେଖା ଦେଇଛି, ତା' ଭିତରେ ଆମେ ଝାମ୍ପ ଦେଇପାରୁ କିନ୍ତୁ ସେଥିପାଇଁ ଈଶ୍ୱରଙ୍କ ସମ୍ବନ୍ଧରେ, ମନୁଷ୍ୟ ସମ୍ବନ୍ଧରେ, ପ୍ରକୃତି ସମ୍ବନ୍ଧରେ ଆମର ଯେଉଁ ମୂଳ ଉପଲବ୍ଧି ତାକୁ ପରିତ୍ୟାଗ କରିବାକୁ ହେବ କାହିଁକି ? ଦୁଇଟି ଭିତରେ ତ କୌଣସି ବାଦ-ବିସମ୍ବାଦ ନାହିଁ, ବରଂ ସେମାନେ ନିଜ ନିଜର ତାତ୍ପର୍ଯ୍ୟ ଓ ଭାବ ବ୍ୟଞ୍ଜନାର ପରିପ୍ରକାଶ ପାଇଁ ନିଜ ନିଜର ପରିପୂର୍ଣ୍ଣ ଅଭିବ୍ୟକ୍ତି ଓ ଋଦ୍ଧିମନ୍ତ ଜାଗୃତି ପାଇଁ ପରସ୍ପରର ପରିପୂରକ । ❖

ସୃଷ୍ଟିର ସକଳବସ୍ତୁ ତିନୋଟି ଶକ୍ତିର ଅଧୀନ – ସୃଷ୍ଟି, ସ୍ଥିତି, ପ୍ରଳୟ । ଯାହାକିଛି ସୃଷ୍ଟି ହୁଏ ତାହା କିଛିକାଳ ପାଇଁ ରହେ, ତାହାପରେ ଭାଙ୍ଗି ପଡ଼ିବାକୁ ଆରମ୍ଭ କରେ । ପ୍ରଳୟ ଶକ୍ତିର ଅପସାରଣର ଅର୍ଥ ଏପରି ଏକ ସୃଷ୍ଟି କରିବା ଯାହାକି କେବେ ନଷ୍ଟ ହେବ ନାହିଁ; କିନ୍ତୁ ଚିରଦିନ ବର୍ତ୍ତମାନ ରହିବ ଏବଂ ଉତ୍ତରୋତ୍ତର ବିକଶିତ ହେଉଥିବ । ଅଜ୍ଞାନତାର କ୍ଷେତ୍ରରେ ଅଗ୍ରଗତି ପାଇଁ ଧ୍ୱଂସ ଆବଶ୍ୟକ । ପରମ ଜ୍ଞାନ କ୍ଷେତ୍ରରେ, ଦିବ୍ୟ ଓ ସତ୍ୟାତ୍ମକ ସୃଷ୍ଟିରେ ପ୍ରଳୟହୀନ ଅବିରାମ କ୍ରମ-ବିକାଶହିଁ ବିଧାନ ।

(ଯୋଗ-ପ୍ରଦୀପ, ପୃଷ୍ଠା : ୧୦) – ଶ୍ରୀଅରବିନ୍ଦ

# ''ଅସୀମର ସନ୍ଧାନୀ ଅସୀମଙ୍କ ଦ୍ୱାରା ପୂର୍ବନିର୍ଦ୍ଦିଷ୍ଟ''

## ଶ୍ରୀମା

[ଯୋଗ-ସମନ୍ୱୟ (The Synthesis of Yoga) ପୁସ୍ତକରେ ଶ୍ରୀଅରବିନ୍ଦ କହିଛନ୍ତି, "He who chooses the Infinite has been chosen by the Infinite." ଏହି ଉକ୍ତିଟି ଉପରେ ୧୯୫୬ ମସିହା ଫେବ୍ରୁଆରୀ ମାସ ବୁଲେଟିନ୍‌ରେ ଶ୍ରୀମା ଯେଉଁ ସୁନ୍ଦର ବ୍ୟାଖ୍ୟା କରିଛନ୍ତି, ତା'ର ଓଡ଼ିଆ ଅନୁବାଦ ଏଠାରେ ଦିଆଗଲା ।]

ବାକ୍ୟଟି କି ଚମତ୍କାର ଓ କେତେ ସତ୍ୟ ! ସେହି ଏକା ଭଳି କୁହାଯାଇପାରେ ଯେ ଯିଏ ଭଗବାନଙ୍କୁ ଚାହେଁ ସେ ସବୁବେଳେ ଦିବ୍ୟ ଅଭିପ୍ରେତ । ତାକୁ ଭଗବାନ୍ ନିବିଡ଼ ଆଶ୍ଳେଷରେ ଧରି ରଖିଥା'ନ୍ତି ଏବଂ ଆଦୌ ଛାଡ଼ି ଯିବାକୁ ଦିଅନ୍ତି ନାହିଁ । ଭଗବାନଙ୍କ ଦ୍ୱାରା ମନୋନୀତ ହେବା କେତେକ ବ୍ୟକ୍ତିଙ୍କୁ ଆନ୍ତର ଆସ୍ଥା ତଥା ନିଶ୍ଚୟତାର ବୋଧ ଆଣି ଦିଏ ଓ ସେମାନେ ବିଧିନିର୍ଦ୍ଦିଷ୍ଟ ବୋଲି ଅନୁଭବ କରନ୍ତି । ଏପରିକି ସେମାନେ ଯଦି ପର୍ବତତୁଲ୍ୟ ବାଧାବିଘ୍ନର ସମ୍ମୁଖୀନ ହୁଅନ୍ତି, ଏହାକୁ ସେମାନେ କିଛି ବି ମୂଲ୍ୟ ଦିଅନ୍ତି ନାହିଁ, କାରଣ ଲକ୍ଷ୍ୟରେ ପହଞ୍ଚିବା ସମ୍ବନ୍ଧେ ସେମାନେ ସୁନିଶ୍ଚିତ । ବାଧାବିଘ୍ନ ବିରୋଧରେ ସମ୍ମୁଖା-ସମ୍ମୁଖି ଛିଡ଼ା ହେବା ଲାଗି ଏହି ନିଶ୍ଚୟତା ଆଣିଦିଏ – ଅଦମ୍ୟ ଧୈର୍ଯ୍ୟ ଓ ଦୁର୍ଜେୟ ସାହସ; କାରଣ ବ୍ୟକ୍ତି ଜାଣେ ତା'ର ଲକ୍ଷ୍ୟ ସିଦ୍ଧି ଅନିବାର୍ଯ୍ୟ ।

ଏହା କେବେ ବି ଭୁଲିବ ନାହିଁ : ତୁମେ ଯଦି ଭଗବାନଙ୍କ ସମ୍ବନ୍ଧେ ଚିନ୍ତା କରୁଛ, ଏହାର କାରଣ ଭଗବାନ୍ ତୁମ ସମ୍ବନ୍ଧେ ଚିନ୍ତା କରୁଛନ୍ତି ଓ ତୁମେ ଯଦି ଭଗବାନଙ୍କୁ ବାଛି ନେଇଛ, ଏହାର କାରଣ ଭଗବାନ୍ ତୁମକୁହିଁ ବାଛି ନେଇଛନ୍ତି । ଥରେ ଯଦି ତୁମେ ମନୋନୀତ ହୋଇଛ, ତେବେ ନିଜ ସମ୍ବନ୍ଧେ ତୁମେ ସୁନିଶ୍ଚିତ । ସେଥିଲାଗି ସମସ୍ତ ସନ୍ଦେହ, ଦ୍ୱିଧା, ହତାଶା, ଅନିଶ୍ଚୟତା କେବଳ ସମୟ ଆଉ ଶକ୍ତିର ଅପଚୟ ଛଡ଼ା କିଛି ବି ଉଦ୍ଦେଶ୍ୟ ସାଧନ କରେ ନାହିଁ । ସେହି କାରଣରୁ ମୁଁ ତୁମକୁ ଦିନେ କହିଥିଲି : ''ଯାହା ବି ହେଉ, ତୁମେ ଏଠାରେ ଅଛ, କାରଣ ତୁମ ନିଜ ସତ୍ତାର କିଛି ଅଂଶରେ ତୁମେ ଏହା ଚାହିଁଛ । ଯଦି ତୁମେ କିଛି ଅଂଶରେ ଏହା ଚାହିଁଥାଅ ଏହାର କାରଣ ଭଗବାନ୍ ତୁମ ମଧ୍ୟରେ ରହି ଏହା ଚାହିଁଛନ୍ତି ।''

କେତେକ ବ୍ୟକ୍ତି ସିଧାସଳଖ ରାସ୍ତା ଅନୁସରଣ କରି ଶୀଘ୍ର ଲକ୍ଷ୍ୟରେ ପହଞ୍ଚି ଥାଆନ୍ତି । ବିପରୀତ ପକ୍ଷରେ, ଅନ୍ୟ କେତେକ ବ୍ୟକ୍ତି ଅଙ୍କାବଙ୍କା ରାସ୍ତା ପସନ୍ଦ କରନ୍ତି ଓ ଅଧିକ ସମୟ ଆବଶ୍ୟକ କରନ୍ତି; କିନ୍ତୁ ଶେଷ ପ୍ରାନ୍ତ ଦୁଇଟି ଯାକ କ୍ଷେତ୍ରରେ ସମାନ । ମୁଁ ମୋ ନିଜ ଅଭିଜ୍ଞତାରୁ ଜାଣେ ଯେ ଏପରି କୌଣସି ବ୍ୟକ୍ତି ନାହିଁ ଯେ କି ଜୀବନରେ ଥରେ ମାତ୍ର ଭଗବାନଙ୍କ ଲାଗି ତୀବ୍ର ଆବେଗ ଅନୁଭବ କରିଛି (ସେ ଏହାଙ୍କୁ କେଉଁ ନାମରେ ଡାକୁଛି ସେଥିରେ କିଛି ଯାଏ ଆସେ ନାହିଁ, ଭାଷାର ସୁବିଧା ଲାଗି ଏହାଙ୍କୁ 'ଭଗବାନ୍' ନାମ ଦିଆଯାଉ) ଏବଂ ତାଙ୍କୁ ପାଇବାର ନିଶ୍ଚୟତା ଲାଭ କରି ନାହିଁ । ଏପରିକି କିଛି ସମୟ ଲାଗି ସେ ଯଦି ଭଗବାନଙ୍କଠାରୁ ମୁହଁ ଫେରାଇ ନିଏ, ଏହା ତା'ର କିଛି ଅନିଷ୍ଟ ଘଟାଇବ ନାହିଁ, ସେ ନିଶ୍ଚୟ ତା'ର ଲକ୍ଷ୍ୟରେ ପହଞ୍ଚିବ । ତାକୁ କମ୍ କିଂବା ବେଶୀ ସଂଗ୍ରାମ କରିବାକୁ ପଡ଼ିପାରେ, ଅଳ୍ପ ଦୀର୍ଘ କିଂବା ଅଧିକ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିପାରେ; କିନ୍ତୁ ମୁଁ ପୁନର୍ବାର କହୁଛି ଯେ ସେ ନିଶ୍ଚୟ ଦିନେ ଲକ୍ଷ୍ୟରେ ଉପନୀତ ହେବ । ଯେତେବେଳେ ଗୋଟିଏ ଆତ୍ମା ନିର୍ବାଚିତ ହୋଇ ସାରିଛି, ସେ ସଚେତନ ହେବା ଲାଗି ବାଧ୍ୟ, କାରଣ ତା'ର ସମୟ ଆସି ଯାଇଛି । ଥରେ ଯଦି ସମୟ ଆସି ଯାଇଛି, ତେବେ ପରିଣାମ କମ୍ ହେଉ ବା ବେଶୀ ହେଉ ଶୀଘ୍ର ଶୀଘ୍ର ଘଟି ଚାଲିବ । ତୁମେ ଅଳ୍ପ କେତେକ ମାସରେ ଏହି ପଥକୁ ଅତିକ୍ରମ କରିପାର କିଂବା ଅଳ୍ପ କେତେକ ବର୍ଷରେ ତୁମେ ଏହା କରିପାର କିଂବା ଏହା କରିବା ଲାଗି ତୁମକୁ ଅଳ୍ପ କିଛି ଜନ୍ମ ଲାଗି ଯାଇପାରେ, କିନ୍ତୁ ତୁମେ ଏହା କରିବ ।

ବାଛିନେବା ଲାଗି ଯେ ତୁମକୁ ପୂର୍ଣ୍ଣ ସ୍ୱତନ୍ତ୍ରତା ଦିଆ ଯାଇଛି, ଏହା ଉପରେ ବିଶେଷ ଗୁରୁତ୍ୱର ସହ ଧ୍ୟାନ ଦିଅ । ଯଦି ତୁମେ ନିଜ ମଧ୍ୟରେ ଏହି ଜୀବନରେ ଲକ୍ଷ୍ୟରେ ପହଞ୍ଚିବାର ସିଦ୍ଧାନ୍ତ ନେବ ତେବେ ତୁମେ ତାହା କରିପାରିବ । ମୋର କହିବାର ଉଦ୍ଦେଶ୍ୟ ନୁହେଁ ଯେ ତୁମେ ତୁମ ସିଦ୍ଧାନ୍ତକୁ ନିରନ୍ତର ଚେତନାରେ ଧରି ରଖିବ କିଂବା ସଚେତନ ଭାବେ ଏହାର ପୁନରାବୃତ୍ତି କରିବ – ସେ କ୍ଷେତ୍ରରେ ତୁମେ ବାର ମାସରେ ସିଦ୍ଧିଲାଭ କରିପାର । ମୋର କହିବାର ଉଦ୍ଦେଶ୍ୟ ହେଉଛି ତୁମେ

ଯଦି ଅଚାନକଭାବେ ଏହି ସିଦ୍ଧାନ୍ତର ବଶବର୍ତ୍ତୀ ହୋଇ ଯାଇଛ : ''ଏଇଆ ମୁଁ ଚାହେଁ'' – ଏପରିକି ଏକ ବିଦ୍ୟୁତ୍‌ର ଝଲକ ଭଳି ଥରେ ମାତ୍ର – ତେବେ ତାହା ତୁମର ଜୀବନରେ ଏକ ମୋହର-ଦାଗ ଭଳି ରହିବ ।

ଯାହାହେଉ ପଥ ମଧ୍ୟରେ ସମୟ ନଷ୍ଟ କରିବାର କୌଣସି ଯଥାର୍ଥତା ନାହିଁ । ଗୋଟିଏ ଅଙ୍କାବଙ୍କା ଜଟିଳ ପଥ ଅନୁସରଣ କରି, ପଥ ମଧ୍ୟରେ ହରାଇଥିବା, ଅପଚୟ କରିଥିବା ବା ନଷ୍ଟ କରିଥିବା ସବୁକିଛିର ଅଭାବକୁ ବହନ କରି ଯାଇ ଲକ୍ଷ୍ୟରେ ପହଞ୍ଚିବାରେ ମଧ୍ୟ କୌଣସି ଯଥାର୍ଥତା ନାହିଁ । କିନ୍ତୁ ଯେକୌଣସି ଅବସ୍ଥାରେ ଯେତେ ପରିମାଣରେ ବାଧାବିଘ୍ନ ଓ ଅସୁବିଧା ଆସୁନା କାହିଁକି ତୁମେ କେବେ ବି ହତୋତ୍ସାହ ହେବାର କାରଣ ନାହିଁ ।

ମୋ ମତରେ ତୁମର ଯେତେବେଳେ କିଛି କରିବାକୁ ଅଛି, ତାକୁ ଯେତେ ଶୀଘ୍ର ସମ୍ଭବ ସେତେ ଶୀଘ୍ର କରିବା ଭଲ । କିନ୍ତୁ ଲୋକ ଅଛନ୍ତି ଯେଉଁମାନେ କି ସେମାନଙ୍କର ସମୟ ନଷ୍ଟ କରିବାକୁ ଇଚ୍ଛା କରନ୍ତି । ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା ପୂର୍ବରୁ ଘୂରି ଘୂରି ପଛକୁ ଫେରି ବୁଲାଣି ରାସ୍ତା ଦେଇ ଯିବାକୁ ପ୍ରାୟ ସେମାନେ ଆବଶ୍ୟକ ମନେ କରନ୍ତି । ଦୁର୍ଭାଗ୍ୟବଶତଃ ଠିକ୍ ଏଇ ଲୋକମାନେ ଯେଉଁମାନଙ୍କର କି ଅଯଥା କାଳକ୍ଷେପଣ କରିବା, ସିଧା ବାଟରୁ ବଙ୍କା ବାଟରେ ଯିବା, ପଥ ଦୀର୍ଘ ବୋଲି ପ୍ରତିବାଦ କରିବା ଏକ ଅଭ୍ୟାସ । କିନ୍ତୁ ସେଇମାନେହିଁ ସେମାନଙ୍କ ଦୁଃଖ ଉତ୍ପତ୍ତିର କାରଣ । ଯାହାହେଉ ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ ରୁଚି ରହିଛି ।

ପରିଶେଷରେ, କେତେକ ଅଛନ୍ତି ଯେଉଁମାନେ କି କେବଳ ସେତିକିବେଳେ ଆଗକୁ ଯାଆନ୍ତି ଯେତେବେଳେ ସେମାନଙ୍କ ଗଳାକୁ ଧରି ପଛରୁ ପ୍ରଚଣ୍ଡ ବେଗରେ ଆଗକୁ ଧକ୍କା ଦିଆଯାଏ । ତା'ପରେ ସେମାନେ ଚିତ୍କାର କରନ୍ତି ଯେ ସେମାନଙ୍କ ଉପରେ ଅତ୍ୟାଚାର କରାଗଲା, କିନ୍ତୁ ଏହାକୁ ସେମାନେ ନିଜେ ସ୍ୱାଗତ କରିଥା'ନ୍ତି ।

ଯାହା ବି ହେଉ ଯଦି ତୁମେ ସିଧାସଳଖ ଯିବାକୁ ଏବଂ ସମସ୍ତ ଦୁଃଖକଷ୍ଟ ସହିବାକୁ ଓ ବିନା ଦୁର୍ବଳତାରେ ସମସ୍ତ ଅପ୍ରୀତିକର ଘଟଣାର ସମ୍ମୁଖୀନ ହେବାକୁ ସଂକଳ୍ପ କର, ତୁମେ ଅନେକ କିଛି ବାଧାବିପତ୍ତିକୁ ଦୂରେଇ ଦେଇ ପାରିବ ।

ନିର୍ଭୀକ ଏବଂ ଦୃଢ଼ପ୍ରତିଜ୍ଞ ହୁଅ, ସମସ୍ତ ପ୍ରତିବନ୍ଧକ ତୁମ ସମ୍ମୁଖରେ ମିଳାଇଯିବ ।

(MCW, Vol. 7, pp. 339 - 340) ✤

ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠକୁ ଆସିଥିଲେ ଲୋକମାନଙ୍କୁ ଏହି ସତ୍ୟ ସମ୍ବନ୍ଧେ ଶିକ୍ଷା ଦେବା ନିମନ୍ତେ । ସେ ସେମାନଙ୍କୁ କହିଲେ ଯେ ମନୁଷ୍ୟ ହେଉଛି ମାନସିକ ଚେତନା ବିଶିଷ୍ଟ କେବଳ ଏକ ମଧ୍ୟବର୍ତ୍ତିକାଳୀନ ଜୀବ, କିନ୍ତୁ ଏକ ନୂତନ ଚେତନା, ସତ୍ୟ ଚେତନାକୁ ଲାଭ କରିପାରିବାର ସମ୍ଭାବନା ତା'ର ରହିଛି ଏବଂ ସାମର୍ଥ୍ୟ ରହିଛି ଏକ ପରିପୂର୍ଣ୍ଣ ସଙ୍ଗତିଭରା, ମଙ୍ଗଳମୟ, ସୁନ୍ଦର, ସୁଖକର ଓ ପୂର୍ଣ୍ଣ ସଚେତନ ଜୀବନ ଯାପନ କରିପାରିବାର । ପୃଥିବୀପୃଷ୍ଠରେ ତାଙ୍କର ସମଗ୍ର ଜୀବନକାଳ ମଧ୍ୟରେ ଶ୍ରୀଅରବିନ୍ଦ ତାଙ୍କର ସମସ୍ତ ସମୟ ବିନିଯୋଗ କରିଥିଲେ ଏହି ଚେତନାକୁ, ଯାହାକୁ ସେ ଅତିମାନସ ନାମରେ ନାମିତ କରିଥିଲେ, ନିଜ ମଧ୍ୟରେ ପ୍ରତିଷ୍ଠିତ କରିବା ନିମନ୍ତେ ଓ ତାଙ୍କ ଚାରିପଟେ ଯେଉଁମାନେ ସମବେତ ହୋଇଥିଲେ ସେହି ଚେତନାର ଉପଲବ୍ଧି ଲାଗି ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ।

— ଶ୍ରୀମା

# ଅତିମାନସ ସୃଷ୍ଟି

## ଶ୍ରୀଅରବିନ୍ଦ

ଏଠାରେ ଏକମାତ୍ର ଯେଉଁ ସୃଷ୍ଟିର ସ୍ଥାନ ଅଛି ତାହା ଅତିମାନସ ସୃଷ୍ଟି; ଭଗବତ୍ ଶକ୍ତିକୁ ଇହଲୋକରେ ଉତାରି ଆଣିବା, କେବଳ ମନ ଓ ପ୍ରାଣ ମଧ୍ୟରେ ନୁହେଁ ବରଂ ଶରୀର ମଧ୍ୟରେ ତଥା ଜଡ଼ ପଦାର୍ଥ ମଧ୍ୟରେ । ଆମ୍ଭମାନଙ୍କର ଲକ୍ଷ୍ୟ ଅହମିକାର ପ୍ରସାର ପଥରେ ସମସ୍ତ ପ୍ରକାର ବନ୍ଧନ ଦୂର କରିବା ନୁହେଁ କିଂବା ମନୁଷ୍ୟ ମନର କଳ୍ପନାଗୁଡ଼ିକ କିଂବା ତାହାର ଅହଂ-କେନ୍ଦ୍ରସ୍ଥିତ ପ୍ରାଣଶକ୍ତିର କାମନାଗୁଡ଼ିକ ଚରିତାର୍ଥ କରିବା ସକାଶେ ମୁକ୍ତ କ୍ଷେତ୍ର ଯୋଗାଇ ଦେବା ଏବଂ ଅବାଧ ସ୍ଥାନ ଛାଡ଼ି ଦେବା ନୁହେଁ । ଏଠାରେ ଆମ୍ଭେମାନେ କେହି ''ଯଥେଚ୍ଛା କର୍ମ'' କରିବାକୁ ନାହୁଁ ବା ନିଜ ମନ ଇଚ୍ଛା ଯାହା ଖୁସି ତାହା କରିବାକୁ ରହି ନାହୁଁ । ଆମ୍ଭେମାନେ ଏଠାରେ ଅଛୁ ଭଗବାନଙ୍କର ଇଚ୍ଛା ଅନୁସାରେ କର୍ମ ସମ୍ପାଦନ କରିବାକୁ ଏବଂ ଏପରି ଏକ ଜଗତ୍ ସୃଷ୍ଟି କରିବାକୁ ଯେଉଁଠାରେ କି ଭଗବାନଙ୍କ ଇଚ୍ଛା ସ୍ୱୟଂ ସତ୍ୟ ପ୍ରକଟ କରିପାରିବ; ଯେଉଁ ଇଚ୍ଛା ମାନବିକ ଅଜ୍ଞାନ ଦ୍ୱାରା ବିକୃତ ହୋଇ ନଥାଏ କିଂବା ପ୍ରାଣମୟ କଳ୍ପନା ଦ୍ୱାରା ବିପର୍ଯ୍ୟସ୍ତ ବା କଦର୍ଥ ହୋଇ ନଥାଏ । ଅତିମାନସ ଯୋଗର ସାଧକକୁ ଯେଉଁ କାର୍ଯ୍ୟ କରିବାକୁ ହୁଏ ତାହା ତାହାର ନିଜ କାର୍ଯ୍ୟ ନୁହେଁ — ଯେଉଁ କାର୍ଯ୍ୟକୁ ସେ ନିଜ ସର୍ତ୍ତାନୁନାୟୀ କରିପାରେ — ମାତ୍ର ତାହାକୁ ଭଗବାନଙ୍କ କାର୍ଯ୍ୟ କରିବାକୁ ହୁଏ, ଭଗବାନଙ୍କ ନିର୍ଦ୍ଧାରିତ ସର୍ତ୍ତାନୁସାରେ । ଆମ୍ଭମାନଙ୍କ ଯୋଗ ଆମ୍ଭମାନଙ୍କ ପାଇଁ ନୁହେଁ, ତାହା ଭଗବାନଙ୍କ ନିମିତ୍ତ । ଆମ୍ଭଙ୍କୁ ଯାହା ଖୋଜିବାକୁ ହେବ, ତାହା ଆମର ବ୍ୟକ୍ତିଗତ ପ୍ରକାଶ ନୁହେଁ, ସମସ୍ତ ସୀମା ଓ ବନ୍ଧନରୁ ମୁକ୍ତ ବ୍ୟକ୍ତିଗତ ଅହଂର ପ୍ରକାଶ ଆମ୍ଭେ ଖୋଜୁ ନାହିଁ, ଆମେ ଖୋଜୁ କେବଳ ଭଗବାନଙ୍କର ପ୍ରକାଶ । ଆମ୍ଭମାନଙ୍କ ନିଜ ଆତ୍ମାର ମୁକ୍ତି, ସିଦ୍ଧି ଓ ପୂର୍ଣ୍ଣତା ସେହି ଦିବ୍ୟ ପ୍ରକାଶର ପରିଣାମ ଓ ଅଂଶମାତ୍ର ହେବ; କିନ୍ତୁ ତାହା କୌଣସି ଅହଂଭାବରୁ ନୁହେଁ ଅଥବା କୌଣସି ଅହଂମୁଖୀ ସ୍ୱାର୍ଥପର ଉଦ୍ଦେଶ୍ୟର ସିଦ୍ଧି ସକାଶେ ନୁହେଁ । ଏହି ମୁକ୍ତି, ସିଦ୍ଧି ଓ ପୂର୍ଣ୍ଣତା ମଧ୍ୟ ଆମ୍ଭମାନଙ୍କ ସକାଶେ ହେବ ନାହିଁ, କିନ୍ତୁ ହେବ ଭଗବାନଙ୍କ ନିମିତ୍ତ ।

*

ଯଦି ଅତିମାନସ ସତ୍ୟ ଅଧସ୍ତନ ଭୂମିସମୂହର ସତ୍ୟ ଅପେକ୍ଷା ବିଶାଳତର ଓ ପୂର୍ଣ୍ଣତର ସତ୍ୟ ଆଣି ନଦିଏ ତାହାହେଲେ ସେଠାରେ ପହଞ୍ଚିବାର ପ୍ରୟାସ ନିରର୍ଥକ ହେବ । ପ୍ରତ୍ୟେକ ଭୂମିର ନିଜ ନିଜର ସତ୍ୟ ଅଛି, ମାତ୍ର ସେମାନଙ୍କ ମଧ୍ୟରୁ କେତେକ ପୁଣି ଉଚ୍ଚତର ଭୂମିରେ ସତ୍ୟ ନୁହନ୍ତି; ଉଦାହରଣସ୍ୱରୂପ କାମନା ଓ ଅହଂକାର ହେଉଛି ମନ-ପ୍ରାଣ-ଦେହଗତ ଅଜ୍ଞାନତାର ସତ୍ୟ । ଏହି ତିନି କ୍ଷେତ୍ରରେ ଅହଂକାର ଓ କାମନା ବ୍ୟତୀତ ମନୁଷ୍ୟ ପୂର୍ଣ୍ଣ ତାମସିକ ଯନ୍ତ୍ରପୁତ୍ତଳିକା ହୋଇଯାଏ, କିନ୍ତୁ ଆମ୍ଭେମାନେ ଯେତେ ଊର୍ଦ୍ଧ୍ୱକୁ ଉଠୁଁ କାମନା ଓ ଅହଂକାର ଆଉ ସତ୍ୟ ବୋଲି ପ୍ରତିଭାତ ହୁଏ ନାହିଁ, ବରଂ ସେଗୁଡ଼ିକ ସେଠାରେ ଯଥାର୍ଥ ପୁରୁଷ ଓ ଯଥାର୍ଥ ସଂକଳ୍ପକୁ ବିକୃତ କରୁଥିବା ଅସତ୍ୟ ରୂପେ ପ୍ରତିଭାତ ହୁଅନ୍ତି । ଆଲୋକର ଶକ୍ତିଚୟ ଓ ଅନ୍ଧକାରର ଶକ୍ତିରାଜି ମଧ୍ୟରେ ଯେଉଁ ସଂଘର୍ଷ ତାହା ଏହି ଇହଲୋକରେ ସତ୍ୟ, କିନ୍ତୁ ଆମ୍ଭେମାନେ ଯେତେ ଉପରକୁ ଉଠୁ, ଏହି ସତ୍ୟ ସେତେ କ୍ଷୀଣରୁ କ୍ଷୀଣତର ହୋଇଯାଏ ଏବଂ ଅତିମାନସ ବା ବିଜ୍ଞାନ ଭୂମିରେ ଏହାର ସତ୍ତା ମଧ୍ୟ ରହେ ନାହିଁ । ଅନ୍ୟାନ୍ୟ ସତ୍ୟଗୁଡ଼ିକ ରହନ୍ତି ମାତ୍ର ସମଗ୍ର ମଧ୍ୟରେ ଅବସ୍ଥାନ ଯୋଗୁଁ ସେମାନଙ୍କର ଚରିତ୍ର, ଗୁରୁତ୍ୱ ଓ ସ୍ଥାନ ପରିବର୍ତ୍ତିତ ହୋଇଯାଏ । ପୌରୁଷେୟ ଓ ଅପୌରୁଷେୟ ଏହି ଦ୍ୱିବିଧତ୍ୱର ପୃଥକ୍ ବା ବିପରୀତ ଭାବ ଅଧିମାନସ କ୍ଷେତ୍ରରେ ସତ୍ୟ — ବିଜ୍ଞାନ ଭୂମିରେ ସେମାନଙ୍କର କୌଣସି ପୃଥକ୍ ସତ୍ୟ ନାହିଁ — ସେଠାରେ ସେମାନେ ଅଖଣ୍ଡ ଓ ଏକ । କିନ୍ତୁ ଅଧିମାନସ ସତ୍ୟ ସମୂହକୁ ଯେ ଆୟତ୍ତ କରି ନାହିଁ, ଜୀବନରେ ସଂସିଦ୍ଧ କରି ନାହିଁ ସେ ଅତିମାନସ ସତ୍ୟରେ ପହଞ୍ଚିପାରେ ନାହିଁ । ମାନବ ମନର ସାମର୍ଥ୍ୟହୀନ ଗର୍ବ ତୀବ୍ର ବିଭେଦ ସୃଷ୍ଟି କରେ, ଏବଂ ଅବଶିଷ୍ଟ ସମସ୍ତକିଛିକୁ ଅସତ୍ୟ ଆଖ୍ୟା ଦେଇ ଗୋଟିଏ ଲମ୍ଫରେ ସର୍ବୋତ୍ତମ ସତ୍ୟକୁ ଉଠିବାକୁ ଚାହେଁ — ସେ ସତ୍ୟ ଯାହା ହେଉ ନା କାହିଁକି; କିନ୍ତୁ ଏହା ହେଲା ଦୁରାକାଙ୍କ୍ଷାଜନିତ ଏକ ଦାମ୍ଭିକ ବିଭ୍ରମ ମାତ୍ର । ସର୍ବୋଚ୍ଚ ଶିଖରରେ ପହଞ୍ଚିବାକୁ ହେଲେ ସାଧକକୁ ପ୍ରତ୍ୟେକ ସୋପାନକୁ ଆରୋହଣ କରିବାକୁ ହେବ ଏବଂ ପ୍ରତ୍ୟେକଟି ସୋପାନ ଉପରେ ନିଜର ପଦକ୍ଷେପ ଦୃଢ଼ କରିବାକୁ ହେବ ।

(ଯୋଗ-ପ୍ରଦୀପ, ପୃଷ୍ଠା : ୨, ୬ - ୭) ✥

# ଧମ୍ମପଦ

## (୧୧)

## (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ)

[ଭାରତୀୟ ସଭ୍ୟତା ଓ ସଂସ୍କୃତିର ତିନୋଟି ସମୁଜ୍ଜ୍ୱଳ ରତ୍ନ ହେଲା ଉପନିଷଦ୍, ଗୀତା ଏବଂ ଧମ୍ମପଦ। ବୈଦିକ ଶାସ୍ତ୍ରରେ ଉପନିଷଦ୍‌ର ସ୍ଥାନ ଏବଂ ମହାଭାରତରେ ଗୀତାର ସ୍ଥାନ ଯେପରି, ବୌଦ୍ଧଗ୍ରନ୍ଥମାନଙ୍କ ମଧ୍ୟରେ ଧମ୍ମପଦର ସ୍ଥାନ ସେହିପରି। ଏହି ତିନି ମହାରତ୍ନହିଁ ଭାରତବର୍ଷକୁ ବିଶ୍ୱସମାଜରେ ଶ୍ରଦ୍ଧାର ଆସନରେ ବସାଇଛି।

ବୌଦ୍ଧ ଧର୍ମଶାସ୍ତ୍ରର ତିନୋଟି ଭାଗ ଅଛି : ୧. ବିନୟପିଟକ (ନୀତି ଶାସ୍ତ୍ର), ୨. ସୁତ୍ତପିଟକ (ଗଳ୍ପ ଓ ନୀତି ଶାସ୍ତ୍ର), ୩. ଅଭିଧମ୍ମପିଟକ (ଦର୍ଶନ ଶାସ୍ତ୍ର)। ଏହି ତିନୋଟି ମହାଗ୍ରନ୍ଥ ଯଥାକ୍ରମେ ଉପାଲି, ଆନନ୍ଦ ଓ କାଶ୍ୟପ ନାମକ ବୁଦ୍ଧଙ୍କର ବିଶିଷ୍ଟ ଶିଷ୍ୟତ୍ରୟଙ୍କ ଦ୍ୱାରା ଉକ୍ତ ହୋଇଛି। ସୁତ୍ତପିଟକ ପାଞ୍ଚ ଭାଗରେ ବିଭକ୍ତ, ଯଥା : ଦୀଘ ନିକାୟ, ମଜ୍‌ଝିମ ନିକାୟ, ସଂୟୁତ୍ତ ନିକାୟ, ଅଙ୍ଗୁତ୍ତର ନିକାୟ ଓ ଖୁଦ୍ଦକ ନିକାୟ। କେତେଗୁଡ଼ିଏ ଛୋଟ ଛୋଟ ଗ୍ରନ୍ଥ ଖୁଦ୍ଦକ ନିକାୟର ଅନ୍ତର୍ଗତ। ଏହି ଖୁଦ୍ଦକ ନିକାୟର ଦ୍ୱିତୀୟ ଗ୍ରନ୍ଥ ହେଲା ଧମ୍ମପଦ। ଏହା ଛବିଶଟି ଅଧ୍ୟାୟରେ ବିଭକ୍ତ ଏବଂ ଏଥିରେ ୪୨୩ଟି ଶ୍ଳୋକ ଅଛି। ଅନ୍ୟାନ୍ୟ ପ୍ରାଚୀନ ବୌଦ୍ଧଶାସ୍ତ୍ର ପରି ଧମ୍ମପଦ ପାଲି ଭାଷାରେ ଲିଖିତ। ଗୌତମ ବୁଦ୍ଧଙ୍କ ଶିକ୍ଷାର ଶ୍ରେଷ୍ଠ ସଂପଦ ଏହାର ଅନ୍ତର୍ଭୁକ୍ତ ଏବଂ ଏହା ଭଗବଦ୍ ଗୀତା ତୁଲ୍ୟ ଅତ୍ୟନ୍ତ ଜନପ୍ରିୟ।

'ଧମ୍ମପଦ' ଗ୍ରନ୍ଥଟି ଶ୍ରୀମା'ଙ୍କର ଗଭୀର ସମ୍ମାନ ଓ ଆଦର ଲାଭ କରିଛି। ୧୯୫୭ ମସିହା ଅଗଷ୍ଟ ମାସରୁ ୧୯୫୮ ମସିହା ସେପ୍‌ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା କ୍ଲାସରେ ଶ୍ରୀମା ଧମ୍ମପଦର ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ ସହ ତାହାର ବ୍ୟାଖ୍ୟା ପଢ଼ୁଥିଲେ। ମୂଳ ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ କରିଛନ୍ତି ବୌଦ୍ଧ ସନ୍ନ୍ୟାସିନୀ ବିଦୁଷୀ ଫ୍ରେଞ୍ଚ ମହିଳା ମାଦାମ୍ କାର୍‌ପେଲେସ୍ (Madame Karpeles – ଭାରତୀଦି' ନାମରେ ପରିଚିତା)। ଶ୍ରୀମା ପ୍ରତ୍ୟେକଟି ମୂଳ ଶ୍ଳୋକର ଫ୍ରେଞ୍ଚ ଅନୁବାଦ ପଢ଼ି ତାହାର ସରଳ ବ୍ୟାଖ୍ୟା ଫ୍ରେଞ୍ଚ ଭାଷାରେ କରୁଥିଲେ ଏବଂ ବ୍ୟାଖ୍ୟା ପରେ ସେହିସବୁ ଶ୍ଳୋକଗୁଡ଼ିକର ସାରମର୍ମ ଉପରେ ଧ୍ୟାନ କରିବାକୁ କହୁଥିଲେ। ଏହି ବ୍ୟାଖ୍ୟା ସମ୍ବଳିତ 'ଧମ୍ମପଦ' ପୁସ୍ତକ ଫ୍ରେଞ୍ଚ ଭାଷାରେ "Commentaries surle Dhammapada" ନାମରେ ପ୍ରକାଶିତ ହୋଇଛି। ...

ଶ୍ରୀମା'ଙ୍କର ସରଳ, ସୁସ୍ପଷ୍ଟ, ମର୍ମସ୍ପର୍ଶୀ ଓ ଜ୍ଞାନଗର୍ଭକ ଭାଷ୍ୟ ପ୍ରତ୍ୟେକ ଚିନ୍ତାଶୀଳ ଭାରତବାସୀର ଗଭୀର ଅନୁଧ୍ୟାନର ବିଷୟ। ଶ୍ରୀମା'ଙ୍କର ବିଶ୍ୱଜନୀନ ଉପଦେଶ ସହିତ କୌଣସି ଧର୍ମର ସଂଘର୍ଷଣ ଅସମ୍ଭବ। ଏହା ଜଗତର କୌଣସି ଧର୍ମର ବିରୋଧୀ ନୁହେଁ। ... ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ 'ଧମ୍ମପଦ'ର ଅନୁବାଦ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଏହାହିଁ ପ୍ରଥମ। ଆଶା କରୁ ଓଡ଼ିଶାର ପାଠକ ପାଠିକାମାନେ ଏହା ପାଠ କରି ବିଶେଷ ଉପକୃତ ହେବେ। – ସଂପାଦନା]

ସପ୍ତମ ଅଧ୍ୟାୟ

### ଅର୍ହନ୍ତବଗ୍‌ଗୋ (ଅର୍ହନ୍ତବର୍ଗ)

(୧)

ଗତଦ୍ଧିନୋ ବିସୋକସ୍‌ସ ବିପ୍‌ପମୁତ୍ତସ୍‌ସ ସବ୍‌ବଧି।
ସବ୍‌ବଗନ୍ଥପ୍‌ପହୀଣସ୍‌ସ ପରିଲାହୋ ନ ବିଜ୍ଜତି ॥

(Pain exists not in him who has ended his journey, who has no grief, who is free in every way, released from all knots.)

ଯେ ଗନ୍ତବ୍ୟ ପଥ ଅତିକ୍ରମ କରିଛନ୍ତି, ଯେ ଦୁଃଖହୀନ, ସର୍ବଥା ମୁକ୍ତ, ସର୍ବବନ୍ଧନରହିତ, ତାଙ୍କର ଯାତନା ବା କ୍ଲେଶ ନାହିଁ।

(୨)

ଉୟ୍ୟୁଞ୍ଜନ୍ତି ସତୀମନ୍ତୋ ନ ନିକେତେ ରମନ୍ତି ତେ ।
ହଂସା 'ବ ପଲ୍ଲଲଂ ହିତ୍ୱା ଓକମୋକଂ ଜହନ୍ତି ତେ ॥

(The heedful ever strive, they delight not staying at home. As a swan quits his pond, even so he moves away from home to home.)

ଜ୍ଞାନୀ ଲୋକମାନେ ଉଦ୍ୟମଶୀଳ ହୁଅନ୍ତି, ସେମାନେ ଗୃହରେ ଆନନ୍ଦ ଲାଭ କରନ୍ତି ନାହିଁ । ହଂସ ଯେପରି ଜଳାଶୟ ତ୍ୟାଗ କରି ଯାଏ, ସେହିପରି ଜ୍ଞାନୀମାନେ ସର୍ବପ୍ରକାର ଆଳୟ ପରିତ୍ୟାଗ କରନ୍ତି ।

(୩)

ଯେସଂ ସନ୍ନିଚୟୋ ନତ୍ଥି ଯେ ପରିଞ୍ଞାତଭୋଜନା ।
ସୁଞ୍ଞତୋ ଅନିମିତ୍ତୋ ଚ ବିମୋକ୍ଖୋ ଯସ୍ସ ଗୋଚରୋ ।
ଆକାସେ 'ବ ସକୁନ୍ତାନଂ ଗତି ତେସଂ ଦୁରନ୍ନୟା ॥

(They who have no possessions, who live on measured food, who have realised the emptiness of things and the unconditioned freedom, their movement is hard to follow, even as that of the bird in the air.)

ଯେଉଁମାନଙ୍କର କୌଣସି ଭୋଗ ଅଧିକାର ନାହିଁ, ଯେଉଁମାନେ ସମ୍ୟକ୍ ରୂପେ ଜ୍ଞାତ ଭୋଜନ ଆହାର କରନ୍ତି, ଯେଉଁମାନେ ସର୍ବବସ୍ତୁର ଅନିତ୍ୟତା ଏବଂ ଅନିମିତ୍ତ (କାରଣରହିତ) ମୁକ୍ତି ଉପଲବ୍ଧି କରିଛନ୍ତି, ଆକାଶରେ ଉଡ଼୍ଡୀୟମାନ ପକ୍ଷୀର ଗତି ପରି ସେମାନଙ୍କର ଗତି ଅନୁସରଣ କରିବା କଠିନ ।

(୪)

ଯସ୍ସା'ସବା ପରିକ୍ଖୀଣା ଆହାରେ ଚ ଅନିସ୍ସିତୋ ।
ସୁଞ୍ଞତୋ ଅନିମିତ୍ତୋ ଚ ବିମୋକ୍ଖୋ ଯସ୍ସ ଗୋଚରୋ ।
ଆକାସେ 'ବ ସକୁନ୍ତାନଂ ପଦଂ ତସ୍ସ ଦୁରନ୍ନୟଂ ॥

(They whose longings have withered, who are indifferent to their food, who have realised the emptiness of things and the unconditioned freedom, their movement is hard to follow even as that of the bird in the air.)

ଯେଉଁମାନଙ୍କର ତୃଷ୍ଣାସମୂହ କ୍ଷୟଲାଭ କରିଅଛି, ଯେଉଁମାନେ ଆହାର ବିଷୟରେ ଉଦାସୀନ, ଯେଉଁମାନେ ସର୍ବବସ୍ତୁର ଶୂନ୍ୟତା (ଅନିତ୍ୟତା) ଓ ଅନିମିତ୍ତ (କାରଣରହିତ) ମୁକ୍ତି ଉପଲବ୍ଧି କରିଛନ୍ତି, ଆକାଶରେ ପକ୍ଷୀମାନଙ୍କ ଗତି ଅନୁସରଣ କରିବା ଯେପରି କଷ୍ଟକର, ସେହିପରି ସେମାନଙ୍କ ଗତି ଅନୁସରଣ କରିବା କଷ୍ଟକର ।

(୫)

ଯସ୍ସିନ୍ଦ୍ରିୟାଣି ସମଥଂ ଗତାନି,
ଅସ୍ସା ଯଥା ସାରଥିନା ସୁଦନ୍ତା ।
ପହୀନମାନସ୍ସ ଅନାସବସ୍ସ,
ଦେବାପି ତସ୍ସ ପିହୟନ୍ତି ତାଦିନୋ ॥

(Even the gods esteem such a person who has his senses tranquilised, even as a good charioteer has its steeds controlled, who has purged all pride and is free from taint.)

ସାରଥି ତାହାର ଅଶ୍ୱମାନଙ୍କୁ ଯେପରି ସଂଯତ କରେ, ସେହିପରି ଯେ ଇନ୍ଦ୍ରିୟମାନଙ୍କୁ ପ୍ରଶାନ୍ତ କରନ୍ତି, ଯେ ସବୁପ୍ରକାର ଗର୍ବ ଅପସାରିତ କରିଥା'ନ୍ତି, ଏବଂ ମଳିନତାରୁ ମୁକ୍ତ ହୁଅନ୍ତି, ଦେବତାମାନେ ମଧ୍ୟ ତାଦୃଶ ବ୍ୟକ୍ତିଙ୍କୁ ଶ୍ରଦ୍ଧା କରନ୍ତି ।

(୬)

ପଠବୀସମୋ ନୋ ବିରୁଜ୍ଝତି
ଇନ୍ଦଖୀଲୂପମୋ ତାଦି ସୁବ୍ବତୋ ।
ରହଦୋ 'ବ ଅପେତକଦ୍ଦମୋ ସଂସାରା ନ ଭବନ୍ତି ତାଦିନୋ ॥

(One who follows the discipline is unshakable even as the Earth, even as the heavenly Pillar. He is like a lake free from mud, he is free from the cycle of births.)

ଶୀଳାଭିରତ ସେହି ପୁରୁଷ ପୃଥିବୀ ପରି ଅଟଳ (ଧୈର୍ଯ୍ୟଶାଳୀ), ସ୍ୱର୍ଗୀୟ ସ୍ତମ୍ଭ ସଦୃଶ ଦୃଢ଼ । ସେ କର୍ଦ୍ଦମହୀନ ହ୍ରଦ ପରି; ତାଙ୍କର ପୁନର୍ଜନ୍ମ ନାହିଁ ।

(୭)

ସନ୍ତଂ ଅସ୍ସ ମନଂ ହୋତି ସନ୍ତା ବାଚା ଚ କମ୍ମ ଚ ।
ସମ୍ମଦଞ୍ଞାବିମୁତ୍ତସ୍ସ ଉପସନ୍ତସ୍ସ ତାଦିନୋ ॥

(Calm is his mind, calm his words and acts. Perfect knowledge has freed him and all is calmed in him.)

ସମ୍ୟକ୍ ଜ୍ଞାନ ଦ୍ୱାରା ମୁକ୍ତିଲାଭ କରିଥିବା ଓ ପ୍ରଶାନ୍ତମନା ହୋଇଥିବା ବ୍ୟକ୍ତିଙ୍କର ମନ, ବାକ୍ୟ ଓ କର୍ମ ଶାନ୍ତ ହୋଇଥାଏ ।

(୮)

ଅସ୍ସଦ୍ଧୋ ଅକତଞ୍ଞୂ ଚ ସନ୍ଧିଚ୍ଛେଦୋ ଚ ଯୋ ନରୋ ।
ହତାବକାସୋ ବନ୍ତାସୋ ସ ବେ ଉତ୍ତମପୋରିସୋ ॥

(He is the greatest of men, one who is not credulous, but has the sense of the Uncreated, who has cut away all the bonds, who has killed all chance of birth, silenced all yearning.)

ଯେଉଁ ବ୍ୟକ୍ତି ଅପରର କଥାରେ ସହଜରେ ବିଶ୍ୱାସ ସ୍ଥାପନ କରନ୍ତି ନାହିଁ, ଅର୍ଥାତ୍ ସ୍ଥିରବୁଦ୍ଧିସମ୍ପନ୍ନ, ଯେ ଅସୃଷ୍ଟକୁ (ଅର୍ଥାତ୍ ନିର୍ବାଣକୁ) ଜାଣନ୍ତି, ଯେ ସର୍ବପ୍ରକାର ବନ୍ଧନକୁ ଛେଦନ କରିଅଛନ୍ତି, ଯେ ପୁନର୍ଜନ୍ମର ବୀଜକୁ ନଷ୍ଟ କରିଅଛନ୍ତି, ଯେ ସକଳ ତୃଷ୍ଣାର ନିବୃତ୍ତି କରିଅଛନ୍ତି, ସେ ମନୁଷ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ ।

(୯)

ଗାମେ ବା ଯଦି ବା'ରଞ୍ଞେ ନିନ୍ନେ ବା ଯଦି ବା ଥଲେ ।
ଯତ୍ଥାରହନ୍ତୋ ବିହରନ୍ତି ତଂ ଭୂମିଂ ରାମଣେୟ୍ୟକଂ ॥

(Whether it is a village or a forest, whether it is a lowland or an upland, wherever the Adepts roam, that spot is indeed delightful.)

ଗ୍ରାମରେ ହେଉ ବା ଅରଣ୍ୟରେ ହେଉ, ନିମ୍ନଭୂମିରେ ହେଉ ବା ଉଚ୍ଚଭୂମିରେ ହେଉ, ଯେଉଁ ସ୍ଥାନରେ ଅର୍ହତ୍‌ଗଣ ବିଚରଣ କରନ୍ତି, ସେହି ସ୍ଥାନହିଁ ପ୍ରକୃତରେ ରମଣୀୟ ।

(୧୦)

ରମଣୀୟାନି ଅରଞ୍ଞାନି ଯତ୍ଥ ନ ରମତେ ଜନୋ ।
ବୀତରାଗା ରମିସ୍ସନ୍ତି ନ ତେ କାମଗବେସିନୋ ॥

(Delightful are the forests where the crowd do not take delight. It is they who are without passion that find delight there, for they are not in the pursuit of pleasures.)

ସେହି ଅରଣ୍ୟସକଳ ରମଣୀୟ ଯେଉଁଠାରେ ଲୋକମାନେ ଆନନ୍ଦଲାଭ କରନ୍ତି ନାହିଁ । ସେଠାରେ ବୀତରାଗ ବ୍ୟକ୍ତିଗଣ ଆନନ୍ଦାନୁଭବ କରନ୍ତି କାରଣ ସେମାନେ ଇନ୍ଦ୍ରିୟସୁଖ ଅନ୍ୱେଷଣ କରନ୍ତି ନାହିଁ ।

**ଶ୍ରୀମା'ଙ୍କ ଭାଷ୍ୟ :**

ଏଠାରେ ଗୋଟିଏ ଗଭୀର ଭାବୋଦ୍ଦୀପକ ବାକ୍ୟ ଅଛି : ''ଯେଉଁମାନେ ଅପରର କଥାରେ ସହଜରେ ବିଶ୍ୱାସ ସ୍ଥାପନ କରନ୍ତି ନାହିଁ, କିନ୍ତୁ ଅସୃଷ୍ଟର ଜ୍ଞାନସମ୍ପନ୍ନ ...''

''ଯେଉଁ ଲୋକ ଅପରର କଥାରେ ସହଜରେ ବିଶ୍ୱାସ ସ୍ଥାପନ କରେ ନାହିଁ''– ଏହାର ନାନାପ୍ରକାର ବ୍ୟାଖ୍ୟାନ କରାଯାଇପାରେ । ପ୍ରଥମତଃ ଏଥିରୁ ଏପରି ଧାରଣା ହୁଏ ଯେ ଏହା ସେହିପରି ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି କୁହାଯାଉଛି ଯେ ଅନୁଭୂତି ବିନା ଅଦୃଶ୍ୟ ବସ୍ତୁସମୂହରେ ବିଶ୍ୱାସ କରନ୍ତି ନାହିଁ; ଏବଂ ଏପରି ବ୍ୟକ୍ତି ସେମାନଙ୍କଠାରୁ ସ୍ୱତନ୍ତ୍ର ଯେଉଁମାନେ କୌଣସି ନିର୍ଦ୍ଦିଷ୍ଟ ଧର୍ମାନୁସରଣ କରନ୍ତି ଏବଂ ନିର୍ଦ୍ଦିଷ୍ଟ ଧର୍ମମତଗୁଡ଼ିକରେ ବିଶ୍ୱାସ ସ୍ଥାପନ କରନ୍ତି, ଯେହେତୁ ସେଗୁଡ଼ିକରେ କେବଳ ସେମାନେ ଶିକ୍ଷାପ୍ରାପ୍ତ ହୋଇଥା'ନ୍ତି । ''କିନ୍ତୁ ସେ ଅସୃଷ୍ଟର ଜ୍ଞାନସମ୍ପନ୍ନ''– ଅର୍ଥାତ୍ ସେ ଅଦୃଶ୍ୟ ବସ୍ତୁସମୂହର ସଂସ୍ପର୍ଶରେ ଆସନ୍ତି ଏବଂ ସେମାନଙ୍କ ସହିତ ଏକତ୍ୱବୋଧ ହେତୁ ସେମାନଙ୍କୁ ଜାଣିପାରନ୍ତି । ପ୍ରାରମ୍ଭରେ ଧମ୍ମପଦ କହୁଛନ୍ତି ଯେ ଯେଉଁ ବ୍ୟକ୍ତି ଅଧ୍ୟୟନଲବ୍ଧ ବିଷୟରେ ବିଶ୍ୱାସ ସ୍ଥାପନ କରନ୍ତି ନାହିଁ, କିନ୍ତୁ ଯାହାଙ୍କର ଅତୀନ୍ଦ୍ରିୟ ବିଷୟଗୁଡ଼ିକର ବ୍ୟକ୍ତିଗତ ଅଭିଜ୍ଞତା ଅଛି, ଯେ ସକଳ ବିଶ୍ୱାସରୁ ମୁକ୍ତ ଏବଂ ଯାହାଙ୍କର ଅତୀନ୍ଦ୍ରିୟ ବିଷୟରେ ନିଜର ବ୍ୟକ୍ତିଗତ ଅଭିଜ୍ଞତା ଅଛି, ସେ ମନୁଷ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ ।

ଆହୁରି ଗୋଟିଏ ବ୍ୟାଖ୍ୟା ଦିଆଯାଇପାରେ : ଯେଉଁ ଲୋକ ବିଶ୍ୱାସପ୍ରବଣ ନୁହନ୍ତି, ଅର୍ଥାତ୍ ଯେ ବାହ୍ୟଦୃଶ୍ୟର ସତ୍ୟତାରେ, ଦୃଶ୍ୟମାନ ବିଷୟଗୁଡ଼ିକରେ ବିଶ୍ୱାସ କରନ୍ତି ନାହିଁ, ସେଗୁଡ଼ିକ ଯଥାର୍ଥ ବୋଲି ଗ୍ରହଣ କରନ୍ତି ନାହିଁ, ଯେ ଜାଣନ୍ତି ଯେ ସେଗୁଡ଼ିକ ଭ୍ରାନ୍ତିକର ବାହ୍ୟଦୃଶ୍ୟ ଏବଂ ତାହାର ଅନ୍ତରାଳରେ ଏପରି ଏକ ସତ୍ୟ ଅଛି ଯାହା ବ୍ୟକ୍ତିଗତ ଅଭିଜ୍ଞତା ଓ ଏକତ୍ୱବୋଧ ଦ୍ୱାରା ପ୍ରାପ୍ତ କରାଯାଏ ।

ଏବଂ ଏହା ଆମ୍ଭମାନଙ୍କୁ ନାନା ବିଷୟରେ, ଅସଂଖ୍ୟ ବିଷୟରେ ବିବେଚନା କରିବାକୁ ପ୍ରବୃତ୍ତ କରେ । ବ୍ୟକ୍ତିଗତ ଜ୍ଞାନ ନଥାଇ ମଧ୍ୟ ଆମ୍ଭେମାନେ ବହୁତ ବିଷୟରେ ବିଶ୍ୱାସ ସ୍ଥାପନ କରୁ, କାରଣ ସେଗୁଡ଼ିକ ଯେ ସେହିପରି ଏ ବିଷୟରେ ଆମ୍ଭେମାନେ ଶିକ୍ଷା ପାଇଛୁ; କିଂବା ସେଗୁଡ଼ିକ ଯେ ସେହିପରି, ଏପରି ଭାବରେ ଚିନ୍ତା କରିବାକୁ ଆମ୍ଭେମାନେ ଅଭ୍ୟସ୍ତ ହୋଇଛୁ; ଅଥବା ବିଷୟଗୁଡ଼ିକ ସେହିପରି ବୋଲି ବିଶ୍ୱାସ କରୁଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଆମ୍ଭେମାନେ ପରିବେଷ୍ଟିତ ହୋଇଛୁ ।

ଯଦି ଆମ୍ଭେମାନେ ସେହିସବୁ ବିଷୟ ପ୍ରତି ଲକ୍ଷ୍ୟ କରୁ ଯାହା ଆମ୍ଭେମାନେ ବିଶ୍ୱାସ କରୁ, କେବଳ ଯେ ବିଶ୍ୱାସ କରୁ ତାହା ନୁହେଁ, ନିର୍ବିଚାରରେ ଅଭ୍ରାନ୍ତ ପ୍ରମାଣ ସହ ପ୍ରତିପାଦନ କରୁ ଯେ ''ଏହା ଏହିପରି'',– ''ତାହା ନିଶ୍ଚିତ ଯେ ତାହା ସେହିପରି'',– ''ଏବଂ ଏହି ବିଷୟଟି ପ୍ରକୃତରେ ଏହିପରି ଅଟେ''... ଇତ୍ୟାଦି, ତାହାହେଲେ ଆମ୍ଭେମାନେ ଜାଣିପାରିବା ଯେ ପ୍ରକୃତରେ ଆମ୍ଭେମାନେ କିଛି ଜାଣୁନା, କାରଣ ବିଷୟମାନ ସେହିପରି ବୋଲି ଚିନ୍ତା କରିବାରେ ଆମ୍ଭେମାନେ କେବଳ ଅଭ୍ୟସ୍ତ ହୋଇଛୁ । ଏପରି କେଉଁ ବିଷୟରେ ତୁମର ବ୍ୟକ୍ତିଗତ ଅଭିଜ୍ଞତା ଅଛି, ଏପରି କେଉଁ ବିଷୟ ସହିତ ତୁମର ପ୍ରତ୍ୟକ୍ଷ ସଂସ୍ପର୍ଶ ଅଛି, ଯାହା ସମ୍ବନ୍ଧରେ ତୁମେ ଅନ୍ତତଃ ଆନ୍ତରିକତା ସହ କହିପାରିବ – ''ମୋର ଦୃଢ଼ ବିଶ୍ୱାସ ଯେ ବିଷୟଟି ଏହିପରି, ଯେହେତୁ ଏହା ମୋର ନିଜର ଅଭିଜ୍ଞତାଲବ୍ଧ ।'' ମୋର ମନେହୁଏ, ଏପରି ଲୋକ ଖୁବ୍ କମ୍ ଅଛନ୍ତି ।

ପ୍ରକୃତରେ ଯଦି ତୁମେ ଯଥାର୍ଥ ଜ୍ଞାନଲାଭ କରିବାକୁ ଇଚ୍ଛା କର, ତାହାହେଲେ ପ୍ରଥମରେ ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ତୁମକୁ ଅନୁଧ୍ୟାନ କରିବାକୁ ହେବ : ଶିକ୍ଷାଲବ୍ଧ ବିଷୟଗୁଡ଼ିକର – ତାହା ଅତି ସାଧାରଣ ଓ ଅତି ସାମାନ୍ୟ ହେଲେ ମଧ୍ୟ – ଯାଥାର୍ଥ୍ୟର ଅନୁସନ୍ଧାନ କର । ତାହାହେଲେ ତୁମେ ହୃଦୟଙ୍ଗମ କରିପାରିବ ଯେ କେଉଁ କାରଣରୁ ଏହି ପାଠରେ କୁହାଯାଇଛି – ''ମନୁଷ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ'' । କାରଣ ମୁଁ ମନେକରେ ନାହିଁ ଯେ ବହୁଲୋକ ଏହି ଅଭିଜ୍ଞତାର ଅନୁଶୀଳନ କରିଛନ୍ତି ।

ନାନା ବିଷୟରେ ବିଶ୍ୱାସ ସ୍ଥାପନ କରିବା ଓ ସ୍ଥିରନିଶ୍ଚୟ ହେବାର କାରଣ କେବଳ ଏହାହିଁ ଯେ ଆମ୍ଭେମାନେ ବିଶ୍ୱାସ କରିବାରେ ଏବଂ ସେ ବିଷୟରେ ସ୍ଥିରନିଶ୍ଚୟ ହେବାରେ ଅଭ୍ୟସ୍ତ ହୋଇଛୁ – ଏହି ବିଷୟବୋଧ ପ୍ରକୃତରେ ଗୋଟିଏ ଅତି ଚିତ୍ତାକର୍ଷକ ଆବିଷ୍କାର ।

ବର୍ତ୍ତମାନ ତୁମର ଚିନ୍ତା ଓ ଚେତନା-ରାଜ୍ୟରେ ପରୀକ୍ଷଣ ବିନା ତୁମେ ଯେଉଁସବୁ ବିଷୟରେ ସ୍ଥିରନିଶ୍ଚୟ ହୋଇଛ, ତାହା ଅନୁସନ୍ଧାନ କର । ତୁମେ ତାହାହେଲେ ଦେଖିପାରିବ !

(କ୍ରମଶଃ)

("Mother's Commentary on the Dhammapada"
ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ ଧମ୍ମପଦ,
ପୃଷ୍ଠା : ୭୦ - ୭୬)

ଅନୁବାଦ : ଶ୍ରୀ ଲଳିତମୋହନ ଘୋଷ

# ଚେତନାର ବିପୁଳତା ଓ ପ୍ରସାର

## (ଆଶ୍ରମ ଛାତ୍ରଛାତ୍ରୀମାନଙ୍କ ସହ ଶ୍ରୀମା'ଙ୍କ କଥୋପକଥନ)

*ପ୍ରଶ୍ନ : ମା', ଆମର ଚେତନାର ବିପୁଳତା ଓ ପ୍ରସାର ଲାଭ ହେବ କିପରି ?*

ଶ୍ରୀମା : ବିପୁଳ ? ଏହା କରିବା ପାଇଁ ବହୁପ୍ରକାର ବାଟ ରହିଛି । ସବୁଠୁ ସହଜ ବାଟ ହେଲା ନିଜକୁ ଏପରି କିଛି ସହ ଏକାତ୍ମ କରିବା ଯାହା ସ୍ୱୟଂ ବିପୁଳ । ଉଦାହରଣସ୍ୱରୂପ ତୁମେ ଯେତେବେଳେ ଅନୁଭବ କର ଯେ ତୁମେ ସମ୍ପୂର୍ଣ୍ଣ ଏକ ସଂକୀର୍ଣ୍ଣ ଓ ସୀମିତ ଚିନ୍ତା, ସଂକଳ୍ପ ବା ଚେତନାରେ ଆବଦ୍ଧ ହୋଇ ପଡୁଛ, ତୁମକୁ ଯେତେବେଳେ ଲାଗେ ଏକ ଛୋଟ ଖୋଳ ଭିତରେ ରୁଦ୍ଧ ହୋଇ ରହିଛ, ସେତେବେଳେ ତୁମେ ଯଦି ଏପରି କୌଣସି ଜିନିଷ ବିଷୟରେ ଚିନ୍ତା କରିବାକୁ ଆରମ୍ଭ କରିବ ଯାହା ଖୁବ୍ ବିରାଟ ଓ ବିପୁଳ ତେବେ ଏହା ବେଶ୍ ଫଳପ୍ରଦ ହୁଏ । ଉଦାହରଣସ୍ୱରୂପ ତୁମେ ଏକ ମହାସାଗରର ବିପୁଳ ଜଳରାଶି ଉପରେ ଚିନ୍ତା କରିପାର । ଯଦି ପ୍ରକୃତରେ ତୁମେ ମହାସମୁଦ୍ର ସମ୍ପର୍କରେ ଏହିପରି ଚିନ୍ତା କରିବ, ଏହା କିପରି ଭାବରେ ଦୂରକୁ, ଦୂରକୁ ବହୁ ଦୂରକୁ ସବୁ ଦିଗରେ ବିସ୍ତାରିତ ହୋଇଯାଇଛି, ଏହିପରି ଭାବରେ (ମା' ନିଜର ବାହୁ ବିସ୍ତାର କରି ଦେଖାଇ ଦେଲେ), ତୁମ ନିଜ ତୁଳନାରେ ଏହା ଏତେ ସୁଦୂରକୁ ବିସ୍ତାରିତ ଯେ ତୁମେ ଏହାର ଅନ୍ୟ କୂଳଟି ଦେଖିପାରୁ ନାହଁ, କୌଣସିଠାରେ ତୁମେ ଏହାର ସୀମା ଶେଷକୁ ପ୍ରତ୍ୟକ୍ଷ କରିପାରୁ ନାହଁ, ଏହାର ପଛ ବା ଆଗ, ବାମ ବା ଦକ୍ଷିଣ କୌଣସି ସୀମାକୁ ଛୁଇଁପାରୁ ନାହଁ । ଏହା ସବୁଆଡ଼େ ପ୍ରସାରିତ, ସବୁ ଦିଗରେ ବିସ୍ତାରିତ, ଚତୁର୍ଦିଗରେ କେବଳ ବିସ୍ତାର, ବିପୁଳ ବିସ୍ତାର, — ତୁମେ ଏହାରି ଉପରେ ଚିନ୍ତା କର ଏବଂ ତା'ପରେ ଭାବ ଓ ଅନୁଭବ କର ଯେ ତୁମେ ଏହି ମହାସମୁଦ୍ରରେ ଭାସୁଛ, ଏବଂ କୌଣସିଠାରେ କେଉଁଠି ସୀମା ନାହିଁ । ... ଏହା ବେଶ୍ ସହଜ; ତା'ହେଲେ ତୁମ ଚେତନାକୁ ଟିକେ ପ୍ରସାରିତ କରିପାରିବ ।

ଅନ୍ୟମାନେ, ଉଦାହରଣସ୍ୱରୂପ, ଆକାଶ ଦିଗରେ ଚାହିଁବାକୁ ଆରମ୍ଭ କରନ୍ତି ଏବଂ ତା'ପରେ ସେମାନେ ନକ୍ଷତ୍ରମାନଙ୍କ ଭିତରେ ମହାଶୂନ୍ୟର ଯେଉଁ ବିରାଟ ବ୍ୟବଧାନସବୁ ରହିଛି ସେଗୁଡ଼ିକର କଳ୍ପନା କରନ୍ତି ... ... ଏବଂ ସେହି ଅସୀମ ଅନନ୍ତ ମହାଶୂନ୍ୟ ଭିତରେ ପୃଥିବୀ କେଡ଼େ କ୍ଷୁଦ୍ର ଏବଂ ତା' ଭିତରେ ତୁମେ କେଡ଼େ କ୍ଷୁଦ୍ରାଦପି କ୍ଷୁଦ୍ର, ପୃଥିବୀ ଉପରେ ସେହି ତୁଳନାରେ ତୁମେ ଅତି ଛୋଟ ଗୋଟିଏ ବିନ୍ଦୁ ମାତ୍ର, ପିମ୍ପୁଡ଼ିଠାରୁ ବି ଆହୁରି ସାନ । ଏହିପରି ତୁମେ ଆକାଶ ଆଡ଼େ ଅନାଇ ଅନୁଭବ କରିପାର ଯେ ଗ୍ରହ-ନକ୍ଷତ୍ରମାନଙ୍କ ଭିତରେ ଥିବା ସେହି ଅନନ୍ତ ମହାଶୂନ୍ୟରେ ତୁମେ ଭାସୁଛ ଓ ତାହା ସହ ଏକାକାର ହୋଇ କ୍ରମଶଃ ବିପୁଳରୁ ବିପୁଳତର ହୋଇଉଠୁଛ, ଦୂରରୁ ଆହୁରି ଦୂରକୁ ବ୍ୟାପୀ ଯାଉଛ । କେତେକ ଲୋକ ଏହି ଭାବରେ ନିଜର ଚେତନାକୁ ବିସ୍ତାରିତ କରିବାରେ ସଫଳ ହୁଅନ୍ତି ।

ଆଉ ଏକ ବାଟ ମଧ ଅଛି, ତା'ହେଲା ପୃଥିବୀପୃଷ୍ଠରେ ଥିବା ସମସ୍ତ ବସ୍ତୁ, ସମସ୍ତ ବିଷୟ ସଙ୍ଗେ ନିଜର ଏକାତ୍ମତା ସ୍ଥାପନ କରିବା ପାଇଁ ଚେଷ୍ଟା କରିବା । ଉଦାହରଣସ୍ୱରୂପ କୌଣସି ବିଷୟ ସମ୍ପର୍କରେ ତୁମର ଏକ କ୍ଷୁଦ୍ର, ସଂକୀର୍ଣ୍ଣ ଦୃଷ୍ଟିକୋଣ ଅଛି, ସେତେବେଳେ ସେହି ବିଷୟଟି ସମ୍ପର୍କରେ ଅନ୍ୟର ଯେଉଁ ଭିନ୍ନ ଦୃଷ୍ଟିକୋଣ ରହିଥାଏ ତା' ଦ୍ୱାରା ତୁମେ କୌଣସି ଆଘାତ ନପାଇ ନିଜକୁ ତା' ସ୍ଥାନରେ ରଖି, ନିଜର ଚେତନାର ସ୍ଥାନ ବଦଳାଇ ତା' ସହ ନିଜକୁ ଏକ କରି ଜିନିଷଟିକୁ ଦେଖିବାକୁ ଚେଷ୍ଟା କର; ଏହିପରି ଭାବରେ କ୍ରମଶଃ ଅନ୍ୟ ସମସ୍ତଙ୍କ ଦୃଷ୍ଟିକୋଣ ଓ ବିଚାର ଧାରା ସହ ନିଜର ଏକାତ୍ମତା ସ୍ଥାପନ କରାଯାଇପାରେ । ଅବଶ୍ୟ ଏହା — ମୁଁ ଠିକ୍ କେମିତି କହିବି — ଟିକେ ଅଧିକ ବିପଜ୍ଜନକ । କାରଣ ଅନ୍ୟମାନଙ୍କ ଚିନ୍ତାଧାରା ଓ ଇଚ୍ଛା ସଙ୍ଗେ ନିଜକୁ ଏକାତ୍ମ କରିବା ଅର୍ଥ ହେଉଛି ଗଦା ଗଦା ନିର୍ବୋଧତା ଓ ଅସଦିଚ୍ଛା ସଙ୍ଗେ ନିଜକୁ ଏକାତ୍ମ କରିବା ଓ ଏହା ଏପରି ପରିଣାମ ସୃଷ୍ଟି କରିପାରେ ଯାହା ବିଶେଷ ମଙ୍ଗଳପ୍ରଦ ନୁହେଁ । କିନ୍ତୁ, ତଥାପି କେତେକ ଲୋକ ଏହା ଅଧିକ ସହଜରେ କରିପାରନ୍ତି । ଉଦାହରଣସ୍ୱରୂପ, ଯେତେବେଳେ କାହା ସହିତ ସେମାନଙ୍କର ମତ ପାର୍ଥକ୍ୟ ଘଟିଥାଏ, ନିଜର ଚେତନାକୁ ପ୍ରସାରିତ କରିବା ପାଇଁ ସେମାନେ ଅନ୍ୟର ସ୍ଥାନରେ ନିଜକୁ ରଖନ୍ତି ଓ ନିଜ ଦୃଷ୍ଟିକୋଣରୁ ନଦେଖି

ଅନ୍ୟର ଦୃଷ୍ଟିକୋଣରୁ ଜିନିଷଟିକୁ ଦେଖିବାକୁ ଚେଷ୍ଟା କରନ୍ତି । ଏହା ଚେତନାକୁ ପ୍ରସାରିତ କରିଥାଏ, ଯଦିଓ ପ୍ରଥମେ ମୁଁ ଯେଉଁ ଉପାୟ କଥା କହିଥିଲି ସେଗୁଡ଼ିକ ପରି ଏହା ସେତେ ଫଳପ୍ରଦ ହୁଏ ନାହିଁ । ସେହି ଉପାୟଗୁଡ଼ିକ ଖୁବ୍ ନିରାପଦ ଓ ନିରୀହ । ତହିଁରୁ କୌଣସି ବିପଦର ଆଶଙ୍କା ନାହିଁ, ବରଂ ତାହା ତୁମର ଅନେକ ମଙ୍ଗଳ କରେ, ତାହା ଦ୍ୱାରା ତୁମକୁ ଯଥେଷ୍ଟ ଶାନ୍ତି ମିଳେ ।

ଚେତନାର ପ୍ରସାର ପାଇଁ ଅନେକ ବୁଦ୍ଧିଗତ ଉପାୟ ମଧ୍ୟ ରହିଛି । ମୋ ବହିରେ ଏଗୁଡ଼ିକ ସମ୍ପର୍କରେ ବିଶଦ ଆଲୋଚନା କରିଛି । ସେ ଯାହାହେଉ, ତୁମେ ଯେତେବେଳେ କୌଣସି ବିଷୟରେ ବିରକ୍ତ ବା ଅବସନ୍ନ ହୁଅ, କୌଣସି ବିଷୟ ଯେତେବେଳେ ତୁମ ପାଇଁ ଯନ୍ତ୍ରଣାଦାୟକ ବା ଖୁବ୍ ଅପ୍ରୀତିକର ହୁଏ, ସେତେବେଳେ ଯଦି ତୁମେ କାଳର ଚିରନ୍ତନତା ବା ସ୍ଥାନର ଅନନ୍ତ ଅସୀମତା କଥା ଚିନ୍ତାକର, ଯଦି ତୁମେ ଭାବ ଯେ ଏହା ପୂର୍ବରୁ କେତେ କ'ଣ ଘଟିଯାଇଛି ଓ ପରେ ମଧ୍ୟ କେତେ କ'ଣ ଘଟିବ ଏବଂ ଚିରନ୍ତନ ମହାକାଳ ଭିତରେ ଏହି ମୁହୂର୍ତ୍ତଟି ମାତ୍ର ଗୋଟିଏ ନିଃଶ୍ୱାସ ପରି କ୍ଷଣସ୍ଥାୟୀ, ତା'ହେଲେ ସେ କ୍ଷେତ୍ରରେ କୌଣସି ବିଷୟରେ ବ୍ୟସ୍ତ-ବିବ୍ରତ ହେବା ନିତାନ୍ତ ହାସ୍ୟାସ୍ପଦ ନୁହେଁ କି ? କାରଣ ଶାଶ୍ୱତ ମହାକାଳ ଭିତରେ ତୁମକୁ ବିବ୍ରତ କରୁଥିବା ସେହି ବିଷୟଟିର ଆଦୌ କୌଣସି ସ୍ଥାନ, ଆଦୌ କୌଣସି ଗୁରୁତ୍ୱ ଅଛି କି ? ସେ ସମ୍ପର୍କରେ ଏପରି କି ସଚେତ ହେବାକୁ କାହାର ସମୟ ନାହିଁ ।

ଅନନ୍ତ କାଳ ଭିତରେ ଗୋଟିଏ ସେକେଣ୍ଡର କ'ଣ ବା ମୂଲ୍ୟ ? ଯଦି ଜଣେ ଏହି ବିଷୟ ଉପଲବ୍ଧି କରିବ, — କିପରି କହିବି — ଯଦି ଜଣେ ଆଖି ଆଗରେ ଚିତ୍ରଟିଏ ଭଳି ଦେଖିପାରିବ ଏହି ଛୋଟ ପୃଥିବୀଟିରେ ସେ କେତେ ଛୋଟ ମଣିଷଟିଏ, ଏବଂ ଯେଉଁ ଜିନିଷଟି ତାକୁ ଏଇ ମୁହୂର୍ତ୍ତରେ ବ୍ୟସ୍ତ ବିବ୍ରତ କରୁଛି, ଆଘାତ ଦେଉଛି, ଅପ୍ରୀତିକର ଲାଗୁଛି ତାହା ତା'ର ଚେତନାର ଗୋଟିଏ ସେକେଣ୍ଡ, ଗୋଟିଏ ଛୋଟ ମୁହୂର୍ତ୍ତ ମାତ୍ର, ତା'ର ସମଗ୍ର ଜୀବଦ୍ଦଶାର ସମୟ ବିଚାର କଲେ ତାହା ମାତ୍ର ଗୋଟିଏ ସେକେଣ୍ଡ ଏବଂ ସେ ନିଜେ ଏହା ପୂର୍ବରୁ ଏହିପରି କେତେ କେତେ ଘଟଣା ଭିତର ଦେଇ ଯାଇଛି ଓ ପରେ ମଧ୍ୟ କେତେ କେତେ ଘଟଣା ଭିତର ଦେଇ ଯିବ, ଏବଂ ଆଜି ଯାହା ତାକୁ ଏତେ କଷ୍ଟକର ମନେ ହେଉଛି ହୁଏତ ଦଶ ବର୍ଷ ଭିତରେ ସେ ତାହା ସମ୍ପୂର୍ଣ୍ଣ ଭୁଲିଯିବ । କିଂବା ତୁମେ ଯଦି ତାହା ମନେ ପକାଅ ତେବେ ଭାବିବ, ''ଏହି ତୁଚ୍ଛ ଘଟଣାଟି ଉପରେ ମୁଁ ଏତେ ଗୁରୁତ୍ୱ ଦେଉଥିଲି କିପରି ?''... ଯଦି ତୁମେ ପ୍ରଥମେ ତାହା ଉପଲବ୍ଧି କର ଏବଂ ପରେ ଏହା ଉପଲବ୍ଧି କର ଯେ ତୁମର ବ୍ୟକ୍ତିତ୍ୱ ଅନନ୍ତ ମହାକାଳ ଭିତରେ ଗୋଟିଏ ସେକେଣ୍ଡ ମାତ୍ର, ଏପରିକି ଗୋଟିଏ ସେକେଣ୍ଡ ମଧ୍ୟ ନୁହେଁ, ମହାକାଳ ଭିତରେ ହଜି ଯାଉଥିବା ଗୋଟିଏ ସେକେଣ୍ଡର ଭଗ୍ନାଂଶ ମାତ୍ର — ଏହା ପୂର୍ବରୁ ସମଗ୍ର ପୃଥିବୀ କାଳର ପ୍ରବାହରେ ଭାସି ଚାଲିଥିଲା ଓ ପରେ ମଧ୍ୟ ଭାସି ଚାଲିଥିବ ଓ ନାନା ଘଟଣାକୁ ରୂପ ଦେଉଥିବ — ଅନିର୍ଦ୍ଦିଷ୍ଟ ଭାବରେ ପୂର୍ବରୁ ଓ ପଶ୍ଚାତରେ ନାନା ଘଟଣା ଘଟୁଥିବ । ଯଦି ଏହିପରି ଚିନ୍ତା କରିପାର ତା'ହେଲେ ଦେଖିବ ତୁମେ ଯେଉଁ ଘଟଣାକୁ ଏତେ ଗୁରୁତ୍ୱ ଦେଉଥିଲ ତାହା ହଠାତ୍ କିପରି ହାସ୍ୟାସ୍ପଦ ଭାବରେ ତୁଚ୍ଛ ଓ ନଗଣ୍ୟ ମନେ ହେଉଛି । ଯଥାର୍ଥରେ ତୁମେ ଅନୁଭବ କରିବ ନିଜର ଜୀବନ ଉପରେ, ନିଜ ଉପରେ, ତୁମ ପାଇଁ କ'ଣ ଘଟିଲା ତା' ଉପରେ ଯେଉଁ ଗୁରୁତ୍ୱ ଦେଉଥିଲ ତାହା କେଡ଼େ ଅର୍ଥହୀନ । ଏବଂ ମାତ୍ର ତିନି ମିନିଟ ଭିତରେ, ତୁମେ ଯଦି ଏହା ଠିକ୍ ଭାବରେ କରିପାର, ତା'ହେଲେ ଦେଖିବ ସମସ୍ତ ଅପ୍ରୀତିକର ଗ୍ଲାନି ଭାବ କେଉଁଆଡ଼େ ଧୋଇ ହୋଇ ଯାଇଛି । ଏପରିକି ଖୁବ୍ ଗଭୀର ଯନ୍ତ୍ରଣା ମଧ୍ୟ ଏହିପରି ଭାବରେ ଧୋଇ ହୋଇ କେଉଁଆଡ଼େ ଭାସି ଚାଲିଯିବ । କେବଳ ଏଇ ଧରଣର ଏକ ଏକାଗ୍ରତା ଏବଂ ନିଜକୁ ଅସୀମ ଓ ଅନନ୍ତ ସହ ଏକ କରି ରଖି ଭାବିବା ଦରକାର । ଏହିପରି ସବୁକିଛି ଦୁଃଖକଷ୍ଟ କେଉଁଆଡ଼େ ନିଶ୍ଚିହ୍ନ ହୋଇଯାଏ । ଏବଂ ଏହି ଅନୁଭୂତିରୁ ତୁମେ ଆହୁରି ଶୁଦ୍ଧ ଓ ସ୍ୱଚ୍ଛ ହୋଇ ବାହାରି ଆସ । ଏହି ଭାବରେ ସମସ୍ତ ଆସକ୍ତିରୁ ତୁମେ ମୁକ୍ତ ହୋଇପାର ଏବଂ ଏପରିକି ମୁଁ କହିବି ଗଭୀରତମ ଦୁଃଖରୁ ମଧ୍ୟ ମୁକ୍ତ ହୋଇପାର ... ଯଦି ତୁମେ ଠିକ୍ ଭାବରେ ଏହା କିପରି କରିବାକୁ ହୁଏ ତା' ଜାଣ । ସଙ୍ଗେ ସଙ୍ଗେ ଏହା ମଧ୍ୟ ତୁମକୁ ତୁମର ଛୋଟ ଅହଂଟିରୁ ବାହାରକୁ କାଢ଼ିଆଣେ ।

(M.C.W., Vol. 6, pp. 344 - 345)

# ଆମୋଦ ଓ ଆନନ୍ଦ

## ଶ୍ରୀମା

ଶିଷ୍ୟ : ମା', ଯେତେବେଳେ ଜଣେ ଅବସାଦର ଏକ ଅବସ୍ଥାରେ ରହିଥିବାର ଅନୁଭବ କରେ, ତାହା ବେଶ୍ ଦୀର୍ଘ ସମୟ ଧରି ରୁହେ, କିନ୍ତୁ ଯେତେବେଳେ ଜଣେ ଏକ ବିଶେଷ ଧରଣର ଆନନ୍ଦ ଅନୁଭବ କରେ, ତାହା ବେଶୀ ସମୟ ରୁହେ ନାହିଁ ।

ଶ୍ରୀମା : ହଁ, ତାହା ସତ ।

ଶିଷ୍ୟ : ତା'ହେଲେ ସେହି ଆନନ୍ଦକୁ ଅଧିକ କାଳ ଧରି ରଖିବା ପାଇଁ କ'ଣ କରାଯିବା ଉଚିତ ?

ଶ୍ରୀମା : କିନ୍ତୁ ସତ୍ତାର ସେହି ସମାନ ଅଂଶରେ ଆମେ ଅବସାଦ ଓ ଆନନ୍ଦ ଅନୁଭବ କରୁନା ।

ତୁମେ ଯଦି ଆମୋଦ କଥା କହୁଥାଅ ତା'ହେଲେ ପ୍ରାଣିକ ସୁଖ ବା ଆମୋଦ ଖୁବ୍ କ୍ଷଣସ୍ଥାୟୀ, ଏବଂ ମୁଁ ଭାବୁଛି ଜୀବନରେ – ବର୍ତ୍ତମାନ ଜୀବନର ଅବସ୍ଥା ଯାହା, ତହିଁରେ – ସୁଖ ଅପେକ୍ଷା ଦୁଃଖ ପାଇଁ ଆନୁଷଙ୍ଗିକ କାରଣ ଓ ଅବସର ଅଧିକ । ସୁଖ ଅତ୍ୟନ୍ତ କ୍ଷଣସ୍ଥାୟୀ, କାରଣ ଯଦି ଆମୋଦ ବା ସୁଖର ସ୍ପନ୍ଦନକୁ ଟିକେ ଅଧିକ କାଳ ପାଇଁ ଦୀର୍ଘ କରାଯାଏ, ତା'ହେଲେ ତାହା ଅପ୍ରୀତିକର ବା ଏପରି କି ବିରକ୍ତିକର ହୋଇଉଠିବ – ଠିକ୍ ସେହି ସମାନ ସ୍ପନ୍ଦନ ହେଲେ ମଧ୍ୟ ।

ସୁଖ ବା ଆମୋଦ ସ୍ୱୟଂ କ୍ଷଣସ୍ଥାୟୀ । କିନ୍ତୁ ତୁମେ ଯଦି ଆନନ୍ଦ ବିଷୟ କହୁଥାଅ ତା'ହେଲେ ତାହା ପୂରା ଅନ୍ୟ ଏକ ଜିନିଷ; ଏହା ହେଉଛି ହୃଦୟରେ ଏକ ଧରଣର ଉଷ୍ମତା ଓ ଆଲୋକ । ଦେଖ – ଜଣେ ମନରେ ମଧ୍ୟ ଆନନ୍ଦ ଅନୁଭବ କରିପାରେ, କିନ୍ତୁ ଅନୁଭୂତ ହୁଏ କେଉଁଠି ଏକ ଉଷ୍ମତା ଓ ମଧୁର ଆଲୋକର ସ୍ଫୁରଣ । ତାହା ଏପରି ଏକ ଗୁଣ ଯାହାକି ଏପର୍ଯ୍ୟନ୍ତ ପୂର୍ଣ୍ଣ ଭାବରେ ବିକଶିତ ହୋଇ ନାହିଁ ଏବଂ ଏହି ଗୁଣର ଅଧିକାରୀ ହେବା ପାଇଁ ଯେଉଁ ମନସ୍ତାତ୍ତ୍ୱିକ ଅବସ୍ଥାର ପ୍ରୟୋଜନ ତାହା କ୍ୱଚିତ ଦେଖାଯାଏ । ତେଣୁ ଏହା କ୍ଷଣସ୍ଥାୟୀ ହୁଏ । ତା' ନ ହେଲେ ସତ୍ତାର ସତ୍ୟରେ, ସତ୍ତାର ବାସ୍ତବତାରେ, ତୁମର ଯଥାର୍ଥ ଆତ୍ମାରେ, ତୁମର ଅନ୍ତରାତ୍ମାରେ, ତୁମର ଚୈତ୍ୟସତ୍ତାରେ ଆନନ୍ଦ ନିରନ୍ତର ଭାବରେ ରହିଥାଏ ।

ସୁଖ ବା ଆମୋଦ ସଙ୍ଗରେ ଏହାର କିଛି ସମ୍ପର୍କ ନାହିଁ ବା ଯାଏ ଆସେ ନାହିଁ : ଏହା ହେଉଛି ଏକ ପ୍ରକାର ଆନ୍ତର ଆନନ୍ଦ ।

କିନ୍ତୁ ଜଣେ ଯଦି ନିଜ ଚୈତ୍ୟ-ସତ୍ତା ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତ ନହୁଏ ତା'ହେଲେ ସେ କ୍ୱଚିତ୍ ଏହି ଆନନ୍ଦକୁ ଅନୁଭବ କରିବାର ଅବସ୍ଥାରେ ଥାଏ । ସେଇଥି ପାଇଁ ଏହା ଯେତେବେଳେ ଆସେ ସେତେବେଳେ ଏହା ଅତ୍ୟନ୍ତ ଅଳ୍ପକ୍ଷଣ ସ୍ଥାୟୀ ହୋଇଥାଏ, କାରଣ ଏହାକୁ ଅନୁଭବ ଓ ପ୍ରତ୍ୟକ୍ଷ କରିବାର ଆନ୍ତର ଅବସ୍ଥା ଅନେକ ସମୟରେ ନଥାଏ । ଅନ୍ୟ ପକ୍ଷରେ ଜଣେ ପ୍ରାୟ ସର୍ବଦା ଏକ ଅତିସାଧାରଣ ପ୍ରାଣିକ ଅବସ୍ଥାରେ ଥାଏ ଯେଉଁଠି ସାମାନ୍ୟ ଅପ୍ରୀତିକର ଜିନିଷ ମଧ୍ୟ ସହଜ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ଏକ ଅବସାଦ ଆଣିଦିଏ – ତୁମେ ଯଦି ଦୁର୍ବଳ ଲୋକଟିଏ ହୋଇଥାଅ ତା'ହେଲେ ଅବସାଦ ଏବଂ ଯଦି ଶକ୍ତିଶାଳୀ ହୋଇଥାଅ ତା'ହେଲେ ବିଦ୍ରୋହର ଭାବ ଆସେ । ପ୍ରତ୍ୟେକଟି କାମନା ଯାହା ଚରିତାର୍ଥ ନହୁଏ, ପ୍ରତ୍ୟେକଟି ପ୍ରେରଣା ଯାହା ବାଧା ପ୍ରତିବନ୍ଧକର ସମ୍ମୁଖୀନ ହୁଏ, ବାହାର ଜିନିଷ ସହ ପ୍ରତ୍ୟେକଟି ଅପ୍ରୀତିକର ସଂଯୋଗ ଖୁବ୍ ସହଜରେ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ଅବସାଦ ବା ବିଦ୍ରୋହ ଆଣିଦିଏ, କାରଣ ତାହାହିଁ ହେଉଛି ବର୍ତ୍ତମାନର ଜୀବନ ପାଇଁ ଏକ ସ୍ୱାଭାବିକ ଅବସ୍ଥା । କିନ୍ତୁ ଆନନ୍ଦ ହେଉଛି ଏକ ଅସାଧାରଣ ଅବସ୍ଥା ।

ତେଣୁ ସୁଖ ବା ଆମୋଦ, ଯେଉଁ ଆମୋଦଟା ହେଉଛି କେବଳ ଏକ ସୁଖକର ଇନ୍ଦ୍ରିୟାନୁଭୂତି – ଯଦି ଏହା ଦୀର୍ଘସ୍ଥାୟୀ ହୁଏ, ତା'ହେଲେ ଏହା ଯେ କେବଳ ନିଜର ଦାଢ଼ ହରାଇ ବସିବ, ସେତିକି ନୁହେଁ ଏହା ମଧ୍ୟ ଶେଷରେ ଅପ୍ରୀତିକର ହୋଇଉଠିବ, ଏହାକୁ ବେଶୀ କାଳ ଧରି ସହିବା ସମ୍ଭବ ହେବ ନାହିଁ । ତେଣୁ ସ୍ୱାଭାବିକ ଭାବରେ ଏହା ଆସେ ଏବଂ ଚାଲିଯାଏ । ଅର୍ଥାତ୍ ସେହି ସମାନ ଜିନିଷ ଯାହା ତୁମକୁ ଆମୋଦ ଦେଇଥିଲା – ଠିକ୍ ସେହି ସମାନ ସ୍ପନ୍ଦନ କିଛି ସମୟ ପରେ ତାହା ତୁମକୁ ଆଉ ସେହି ଆମୋଦ ଦେଇ ପାରିବ ନାହିଁ । ଏବଂ ଯଦି ଏହାକୁ ଚଳାଇ ରଖ ତା'ହେଲେ ଏହା ତୁମ ପାଇଁ ଅପ୍ରୀତିକର ହୋଇଉଠେ । ତେଣୁ ତୁମେ ଦୀର୍ଘକାଳ ଧରି ସେହି ଆମୋଦ କରି ପାରିବ ନାହିଁ ।

ଏକମାତ୍ର ଯାହା ଦୀର୍ଘସ୍ଥାୟୀ ହୋଇପାରେ ତାହା ହେଉଛି ଆନନ୍ଦ; ଯଦି ଜଣେ ସତ୍ତାର ସେହି ସତ୍ୟ ସହିତ ସଂଯୋଗ ରଖିପାରେ ତା'ହେଲେ ସେହିଠାରେହିଁ ଆନନ୍ଦ ସ୍ଥାୟୀ ଭାବରେ ରହିଛି ।

(M.C.W., Vol. 8, pp. 190 - 191)

# ଶ୍ରୀଅରବିନ୍ଦ

ମାନବ ସମାଜ ପ୍ରତି ଶ୍ରୀଅରବିନ୍ଦଙ୍କ ଅବଦାନ ଅଭୂତପୂର୍ବ ଏବଂ ଅନୁପମ । ସେ ଥିଲେ ବିବର୍ତ୍ତନଧାରାରେ ମାନବଜାତିର ଭାବୀ ପରିଣତିର ଅଭ୍ରାନ୍ତ ଦ୍ରଷ୍ଟା ଏବଂ ନିଜର ସମଗ୍ର ଜୀବନକୁ ଉତ୍ସର୍ଗ କରିଥିଲେ ପୃଥିବୀପୃଷ୍ଠରେ ସେହି ପରିଣତିର ଏକ ତ୍ୱରାନ୍ୱିତ ଅଭିବ୍ୟକ୍ତିର ଏକମାତ୍ର ପନ୍ଥା ପୂର୍ଣ୍ଣାଙ୍ଗ ଦିବ୍ୟ-ରୂପାନ୍ତର ବା ପୂର୍ଣ୍ଣଯୋଗର ଭିତ୍ତି ପ୍ରତିଷ୍ଠା ନିମିତ୍ତ ଏକ ସର୍ବାଙ୍ଗୀଣ ପ୍ରଚେଷ୍ଟା ବା ସାଧନା ସକାଶେ । ସେହି ସାଧନା ଅଭୂତପୂର୍ବ ହେଲେ ମଧ୍ୟ ବର୍ତ୍ତମାନର ପାର୍ଥିବ ଦୁରବସ୍ଥା ନିମିତ୍ତ ଏକାନ୍ତ ଅପରିହାର୍ଯ୍ୟ ଯାହା ପୃଥିବୀପୃଷ୍ଠରେ ଅଭିବ୍ୟକ୍ତ କରିବ ମାନବଜାତିର ଯୁଗ ଯୁଗର ଆକୁଳ ଆସ୍ପୃହାର ଲକ୍ଷ୍ୟ ସେଇ ନିତ୍ୟନୂତନ ଆନନ୍ଦମୟ, ଜ୍ଞାନମୟ, ଶକ୍ତିମୟ, ସୌନ୍ଦର୍ଯ୍ୟମୟ, ସଙ୍ଗତିମୟ ତଥା ଅମୃତମୟ ଦିବ୍ୟ ଜୀବନର – ଅତିମାନସ ଜୀବନ ଓ ସମାଜର – ଦୃଢ଼ ଭିତ୍ତି, ଜଡ଼ ଜଗତରେ ପୂର୍ଣ୍ଣାଙ୍ଗ ଭାଗବତ ଲୀଳାର ଅବିଚ୍ଛିନ୍ନ ଧାରା ଯାହା ଅଦୃଷ୍ଟପୂର୍ବ ଏବଂ ସାଧାରଣ ପ୍ରାକୃତ ମାନବ ଚେତନା ସକାଶେ ଅଚିନ୍ତନୀୟ, ଅକଳ୍ପନୀୟ । ଶ୍ରୀଅରବିନ୍ଦ ହେଉଛନ୍ତି ଏହିପରି ଏକ ନୂତନ ଯୁଗର ପ୍ରବର୍ତ୍ତକ; ଦୁଃଖ ଜର୍ଜରିତ ନୈରାଶ୍ୟଜନକ ମାନବ ଜୀବନରେ ନୂତନ ଅବ୍ୟର୍ଥ ଆଶାର ସଞ୍ଚାରକ ।

ଶ୍ରୀମା'ଙ୍କ ଭାଷାରେ :

"Sri Aurobindo came to tell the world of the beauty of the future that must be realised.

He came to give not a hope but a certitude of the splendour towards which the world moves. The world is not an unfortunate accident, it is a marvel which moves towards its expression.

The world needs the certitude of the beauty of the future. And Sri Aurobindo has given that assurance."

*27 November, 1971* (CWM, Vol. 13, p. 15)

ଅର୍ଥାତ୍, ''ଶ୍ରୀଅରବିନ୍ଦ ଜଗତକୁ ଏହି ବାର୍ତ୍ତା ଦେଇଛନ୍ତି ଯେ ଭବିଷ୍ୟତର ସୌଷମ୍ୟକୁ ଅବଶ୍ୟ ମୂର୍ତ୍ତ କରିବାକୁ ହେବ ।

''ସେ କେବଳ ଆଶାର ବାଣୀ ଶୁଣାଇବାକୁ ଆସି ନଥିଲେ ବରଂ ପୃଥିବୀ ଯେଉଁ ପରମ ଐଶ୍ୱର୍ଯ୍ୟ ଦିଗରେ ଗତି କରୁଛି ତାହାର ନିଶ୍ଚୟତା ଘୋଷଣା କରିଛନ୍ତି । ଏହି ଜଗତର ସୃଷ୍ଟି ଏକ ଦୁର୍ଭାଗ୍ୟଜନକ ଘଟଣା ମାତ୍ର ନୁହେଁ, ଏହା ଏପରି ଏକ ଅପରୂପ ବସ୍ତୁ ଯାହା ତାହାର ନିଜସ୍ୱ ଅଭିବ୍ୟକ୍ତି ଦିଗରେ ଗତି କରୁଛି ।

''ପୃଥିବୀ ଭବିଷ୍ୟତ୍ ସୌଷମ୍ୟର ନିଶ୍ଚିତତା ଚାହେଁ ଏବଂ ଶ୍ରୀଅରବିନ୍ଦ ଏହାର ନିଃସଂଶୟ ପ୍ରତିଶ୍ରୁତି ଦେଇଛନ୍ତି ।''

ବିଶ୍ୱ-ଇତିହାସରେ ଶ୍ରୀଅରବିନ୍ଦଙ୍କ ଭୂମିକାକୁ ସଂକ୍ଷେପରେ କୁହାଯାଇ ପାରିବ ଯେ ସେ ପୃଥିବୀପୃଷ୍ଠରେ ଏକ ସର୍ବାଙ୍ଗୀଣ, ସ୍ୱାଧୀନ, ଏକତାବଦ୍ଧ, ଶାନ୍ତି ଓ ସଙ୍ଗତିପୂର୍ଣ୍ଣ, ଆନନ୍ଦମୟ ଅଧ୍ୟାତ୍ମ ମାନବ ସମାଜର ପ୍ରତିଷ୍ଠା ନିମିତ୍ତ ସ୍ୱୀୟ ଜୀବନକୁ ଉତ୍ସର୍ଗ କରିଥିଲେ ଏବଂ ଏକ ନୂତନ ଜାତି, ଅତିମାନସ ଜାତିର ପ୍ରତିଷ୍ଠା ନିମିତ୍ତ ପୃଥିବୀରେ ଅତିମାନସ ଚେତନା, ଶକ୍ତି ଓ ଆନନ୍ଦର ଭିତ୍ତିସ୍ଥାପନ କରିଥିଲେ । ସେ କହିଥିଲେ ଯେ ଭାରତବର୍ଷହିଁ ଏହି ଅଭୂତପୂର୍ବ, ଅତୁଳନୀୟ ଦିବ୍ୟ କର୍ମର ନେତୃତ୍ୱ ନେବ ଏବଂ ଏହା ବିଧିନିର୍ଦ୍ଦିଷ୍ଟ; ଭାରତ ଯେତେ ପରିମାଣରେ ନିଜକୁ ପ୍ରସ୍ତୁତ କରି ଏହି କାର୍ଯ୍ୟରେ ଉତ୍ସର୍ଗ କରିବ, ସେତିକି ପରିମାଣରେ ସେହି ନୂତନ ଅତିମାନସ ଜାତିର ସର୍ବାଙ୍ଗୀଣ ପ୍ରତିଷ୍ଠା ନିକଟତର ହେବ ଏବଂ ପରିଶେଷରେ ସମଗ୍ର ପୃଥିବୀପୃଷ୍ଠରେ ପରମ ସତ୍ୟର ପୂର୍ଣ୍ଣ ଅଭିବ୍ୟକ୍ତି ସମ୍ଭବ ହେବ ।

(ପୂର୍ଣ୍ଣଯୋଗ ପ୍ରବାହ : ପୃଷ୍ଠା. ୬୦୯) ଉପସ୍ଥାପନା : ଶ୍ରୀ ବିଶ୍ୱମ୍ଭର ସାମନ୍ତ

# କଥୋପକଥନ

## ନୀରଦବରଣ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଏକ ଅପ୍ରତ୍ୟାଶିତ ଦିବ୍ୟ ବିଧାନରୁ ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ବର୍ଷ କେତେକ ଫଟୋ ନିଆଯାଇଥିଲା । ... ଆମେ ତାଙ୍କର ନୂତନ ଛବି ଉଠାଇବା ପାଇଁ ଯେତେଥର କହିଲୁ ସେତେଥର ସେ ଭଦ୍ର ଭାବେ ମନା କଲେ ଏବଂ ହାସ୍ୟରସରେ କହିଲେ ଯେ ଅତିମାନସ ଅବତରଣ ପରେ ଏପରି ଛବି ତୁମେ ନେଇପାର । ହେନ୍‌ରୀ କାର୍ତିଏ ବ୍ରେସିଁଙ୍କ ଫଟୋଗୁଡ଼ିକ ଯଦିଓ ମନୋମୁଗ୍ଧକର ତଥାପି ଶ୍ରୀଅରବିନ୍ଦଙ୍କ ଅନୁପମ ଭୌତିକ ଚେହେରାର ଏହା ଠିକ୍ ଅବିକଳ ରୂପ ନଥିଲା । ତାଙ୍କ ଶରୀରର ଦିବ୍ୟ ମହିମା, ସୌନ୍ଦର୍ଯ୍ୟ ଓ ପ୍ରଶାନ୍ତି ପ୍ରତି ଏ ଛବିଗୁଡ଼ିକ କ'ଣ ଯଥାର୍ଥ ନ୍ୟାୟ ବିଚାର କରିଛି ? ଯେଉଁମାନେ ଭିନ୍ନ ଭିନ୍ନ ସମୟରେ ତାଙ୍କର ସବଳ ମୁକ୍ତ ତେଜୋଦୀପ୍ତ ବାହୁଯୁଗଳ ଓ ତାହାର ମାଂସପେଶୀ ଦେଖିଛନ୍ତି ଏବଂ ତାଙ୍କର ଭିନ୍ନ ଭିନ୍ନ ସମୟର ଭିନ୍ନ ଭିନ୍ନ ଚେହେରା ଦେଖିଛନ୍ତି, ସେମାନେ ଏହିସବୁ ଛବି ଦେଖି ଦୁଃଖ ପ୍ରକାଶ କରି ମନେ ମନେ କହନ୍ତି, ''ଏହା କ'ଣ ସେହି ମୂର୍ତ୍ତି ଯେ ଆମର ପ୍ରେମାସ୍ପଦ ଥିଲେ ଏବଂ ଯାହାଙ୍କୁ ଆମେ ଶ୍ରଦ୍ଧା କରୁଥିଲୁ ?'' ... ... ଏକଥା ସତ୍ୟ ଯେ ଏହି ଶେଷ ଫଟୋଗ୍ରାଫଗୁଡ଼ିକ ନଥିଲେ ଆମର ସ୍ମୃତିପଟରେ ଶ୍ରୀଅରବିନ୍ଦଙ୍କ ସାଦୃଶ୍ୟ ସମ୍ବନ୍ଧେ ଏକ ବିରାଟ ଅଭାବ ରହିଯାଇଥା'ନ୍ତା – ୧୯୨୬ ମସିହା, ଅର୍ଥାତ୍ ନଭେମ୍ବର ସିଦ୍ଧି ଦିବସ ପୂର୍ବରୁ ସେ କିପରି ଦିଶୁଥିଲେ ଏବଂ ପରେ ସେ କିପରି ଦେଖାଗଲେ ।

ପ୍ରଥମ ଦିନର କଥୋପକଥନ ପରେ ସନ୍ଧ୍ୟା ସମୟରେ ନିୟମିତ ଭାବରେ କଥାବାର୍ତ୍ତା ଚାଲିଲା । ଆମ୍ଭେମାନେ ସମସ୍ତେ ଖୁନ୍ଦିଖାନ୍ଦି ହୋଇ ତାଙ୍କ ବିଛଣା ନିକଟରେ ବସୁ । ପୁରାଣୀ ଟିକିଏ ଦୂରରେ ଛିଡ଼ା ହୁଅନ୍ତି ଏବଂ କଥାବାର୍ତ୍ତା ସେଇ ସ୍ୱଳ୍ପାଲୋକରେ ଚାଲେ । ଅନେକ ସମୟରେ ଆମର ପ୍ରଗଲ୍‌ଭତାଜନିତ ହସରେ ସେଇ ଶାନ୍ତ ବାତାବରଣ ବିକ୍ଷୁବ୍ଧ ହେଉଥିଲା । ଆମର ପ୍ରଚୁର ଖାଲି ସମୟ ଥିଲା । କାରଣ ସେତେବେଳକୁ ଆମର ସମସ୍ତ ଡାକ୍ତରୀ ଚିକିତ୍ସାର କାର୍ଯ୍ୟ ଉଦ୍‌ଯାପିତ ହୋଇଯାଉଥିଲା । ଆମ ପାଇଁ କେବଳ ତାଙ୍କର ଲଘୁ ରାତ୍ରିଭୋଜନ ପରିବେଷଣର କାର୍ଯ୍ୟଟି ବାକୀ ରହୁଥିଲା । ଆଳାପର ମଝିରେ କେବେ କେବେ ମା ପ୍ରବେଶ କରି ଆସନ୍ତି ଏବଂ ସହାସ୍ୟବଦନରେ ଶ୍ରୀଅରବିନ୍ଦଙ୍କୁ ପ୍ରଶ୍ନ କରନ୍ତି, ''ଏମାନେ ଆପଣଙ୍କୁ କଥା କୁହାଉଛନ୍ତି ?'' ମା ଭୟ କରୁଥିଲେ ଯେ ବେଶୀ କଥାବାର୍ତ୍ତା ହୁଏତ ତାଙ୍କୁ ଅଯଥା କ୍ଳାନ୍ତି ଆଣିଦେବ । ସମୟ ସମୟରେ ଆମେ କଥାବାର୍ତ୍ତାରେ ଏତେ ମଜ୍ଜି ଯାଉଥିଲୁ ଯେ ଶ୍ରୀଅରବିନ୍ଦ ଆମ୍ଭମାନଙ୍କୁ ମା'ଙ୍କ ଆସିବା କଥା ମନେପକାଇ ଦେଉଥିଲେ ଏବଂ ତତ୍‌କ୍ଷଣାତ୍ ଆମ୍ଭେମାନେ ନିଜକୁ ସଜାଡ଼ି ନେଇ ତାଙ୍କ ଆସିବା ପଥକୁ ଅପେକ୍ଷା କରୁଥିଲୁ । ମା ପ୍ରବେଶ କରି ସଙ୍ଗେ ସଙ୍ଗେ କହନ୍ତି, ''ଘୁଞ୍ଚିବା ଦରକାର ନାହିଁ ।'' ଡାକ୍ତର ମଣିଲାଲ ସଙ୍ଗେ ସଙ୍ଗେ କହନ୍ତି, ''ନା, ମା ! ଆମ୍ଭେମାନେ ସମସ୍ତେ ଧ୍ୟାନ କରିବୁ ।''

ଶ୍ରୀମା – ''ମୁଁ ଯଦି କଥାବାର୍ତ୍ତା କରିବାକୁ ଚାହେଁ ।''

''ତାହାହେଲେ ଆମେ ସବୁ ବି ଗପ କରିବୁ'' – ଏହି ତୁରନ୍ତ ଉତ୍ତର ସହିତ ହାସ୍ୟରୋଳ ଉଠୁଥିଲା । ମା ଖୁବ୍ କ୍ୱଚିତ୍ ଆମ୍ଭମାନଙ୍କ କଥାବାର୍ତ୍ତାରେ ଯୋଗ ଦେଉଥିଲେ । ଥରେ ମା ପଚାରିଲେ, ''ତୁମ୍ଭେମାନେ କେଉଁ ବିଷୟ ନେଇ ଏତେ ହସୁଛ ?'' ଶ୍ରୀଅରବିନ୍ଦ ସ୍ମିତହାସ୍ୟ ସହ ଉତ୍ତର ଦେଲେ, ''ମୁଁ ମୋର ଭାଇ କବି ମନୋମୋହନଙ୍କ ବିଷୟରେ କହୁଛି ।'' ଏହା ଗୋଟିଏ ଅତି ଚିତ୍ତାକର୍ଷକ ଗଳ୍ପ ଥିଲା ।

ମୁଁ ପୂର୍ବରୁ କହିଛି ପ୍ରଥମେ ଡାକ୍ତର ମଣିଲାଲହିଁ ଆକ୍ରମଣର ପୁରୋଭାଗରେ ରହୁଥିଲେ । ଆମର ତରୁଣ ବୟସ ଯୋଗୁଁ ହେଉ, ଅଥବା ଲଜ୍ଜାବଶତଃ ହେଉ, ଅଥବା ପଣ୍ଡିତପଣିଆ ଯୋଗୁଁ ହେଉ, ଯାହା ପଚାରିବାକୁ ଆମେ ସାହସ କରୁ ନଥିଲୁ, ଡାକ୍ତର ମଣିଲାଲ ଆମର ବଡ଼ ଭାଇ ପରି ମୁକ୍ତ କଣ୍ଠରେ ଶିଶୁସୁଲଭ ସରଳତା ନେଇ ସିଧାସଳଖ ଅଥଚ ମଧୁର ଭାବରେ ପଚାରୁ ଥିଲେ ଏବଂ ତଦ୍ୱାରା ଆମେ ବିଶେଷ ଉପକୃତ ହେଉଥିଲୁ । ଆମ୍ଭେମାନେ କଥାବାର୍ତ୍ତାର ନୂତନତ୍ୱରେ ଏପରି ଅଭିଭୂତ ହୋଇପଡ଼ିଲୁ ଯେ ଏହି ଅମୂଲ୍ୟ ସମ୍ପଦର କୌଣସି ରେକର୍ଡ ରଖିଲୁ ନାହିଁ । ମୁଁ ଏସବୁ କଥାକୁ ମନେ ରଖୁଥିଲି ଏବଂ ଯେତେବେଳେ ସକାଳେ ଦିଲୀପଙ୍କ ଘରକୁ ଚା ଖାଇବାକୁ ଯାଏ; ସଙ୍ଗେ ସଙ୍ଗେ ସେସବୁ କହିଚାଲେ ଏବଂ ସମସ୍ତେ ହସରେ ଗଡ଼ିଯାଆନ୍ତି । ମୁଁ ତାଙ୍କ ପାଖକୁ ଓ ତାଙ୍କ ବନ୍ଧୁମାନଙ୍କ ପାଖକୁ

ସେହି ଦିବ୍ୟସୁଗନ୍ଧ ବହନ କରି ନେଇଯାଉଥିଲି ବୋଲି ପ୍ରତିଦାନରେ ସେ ମୋତେ ତୃପ୍ତିକର ପ୍ରାତଃ ଭୋଜନରେ ଆପ୍ୟାୟିତ କରୁଥିଲେ ଏବଂ ସେଥିପାଇଁ ମୁଁ ତାଙ୍କ ପାଖରେ ଋଣୀ । ପ୍ରାୟ ପନ୍ଦର ଦିନ କାଳ ସେହି ମୂଲ୍ୟବାନ୍ କଥାବାର୍ତ୍ତାକୁ ଏଣେତେଣେ ଦୋହରାଇ ସାରିଲା ପରେ, ହୁଏତ ଯାହାକୁ ଲେଖି ରଖିଥିଲେ ଏହିପରି ଆଉ ଗୋଟିଏ ଗ୍ରନ୍ଥ ହୋଇପାରିଥା'ନ୍ତା – ମୁଁ ମୋର ଭୁଲ୍ ବୁଝି ପାରିଲି ଏବଂ ଭାବିଲି, ''ଏସବୁ କଥୋପକଥନର ରେକର୍ଡ ରଖିଲେ କିପରି ହୁଅନ୍ତା ?'' କିନ୍ତୁ ମନରେ ଏକଥାର ବିବାଦ ବି ଉଠୁଥିଲା – ଏସବୁର ରେକର୍ଡ ରଖି ଲାଭ କ'ଣ ? କାରଣ ଏସବୁ ତ କେବେ ବି ପ୍ରକାଶିତ ହେବ ନାହିଁ । ଏହିପରି ଦ୍ୱିଧା ନେଇ ମୁଁ ଏହିସବୁ କଥାବାର୍ତ୍ତାକୁ ଲେଖି ପକାଇବାକୁ ଆରମ୍ଭ କଲି – ସମସ୍ତ କାମ ସାରି ରାତ୍ରିରେ ବା ଦିନରେ କୌଣସି ଅଖାଡୁଆ ସମୟରେ । ଅନେକ ସମୟରେ ମୋର ସହକର୍ମିଗଣ ଏଥିରେ ମୋତେ ସାହାଯ୍ୟ କରୁଥିଲେ – ମୁଁ ଯାହା ଛାଡ଼ିଯାଉଥିଲି ତାହା ମନେ ପକାଇଦେଇ ବା ଭୁଲ୍ ସଂଶୋଧନ କରି, ଅଥବା ଭୁଲିଯାଇଥିବା କିଛି ଯୋଗ କରିଦେଇ । ତଥାପି କଥାବାର୍ତ୍ତାର ଏକ ତୃତୀୟାଂଶ ନିଜର ଆଳସ୍ୟବଶତଃ ହେଉ ବା ସମୟ ଅଭାବରୁ ହେଉ ରେକର୍ଡ କରାଯାଇ ପାରିଲା ନାହିଁ । ଏ ଭିତରେ ସମସ୍ତେ ଚାରିଆଡ଼େ ଜାଣିପାରିଲେ ଯେ ଶ୍ରୀଅରବିନ୍ଦ ଆମ୍ଭମାନଙ୍କ ସଙ୍ଗେ ଆଳାପ ଆଲୋଚନା କରୁଛନ୍ତି । ସୁତରାଂ ଲୋକମାନେ ଆମ ପଥ ଜଗି ବସିରହିଲେ ବା ଆମକୁ ଯେକୌଣସି ମତେ ଖୋଜି ବାହାର କଲେ କିଛି ଅମୃତ ପାଇବା ଆଶାରେ ଏବଂ ଯାହାଫଳରେ ଆମର ଭଣ୍ଡାର ବଢ଼ିଗଲା । ପରସ୍ପରର ଭାବ ଓ ଆକର୍ଷଣ ଅନୁଯାୟୀ ''ଦିବ୍ୟ ସମ୍ବାଦ'' ଶୁଣିବାକୁ ଛୋଟ ଛୋଟ ଗୋଷ୍ଠୀ ଗଠିତ ହୋଇଗଲା । କେତେଜଣ ମଣିଲାଲଙ୍କୁ ଧରିଲେ, କେତେଜଣ ପୁରାଣୀଙ୍କ ପାଖକୁ ଗଲେ ତ ଆଉ କେତେଜଣ ସତ୍ୟେନ୍ଦ୍ରଙ୍କ ପାଖକୁ; କେତେକେ ମୋ ପାଖକୁ ଦୌଡ଼ିଲେ । ଅନେକେ ପରାମର୍ଶ ଦେଲେ ଯେପରି ଏହାର ଏକ ଦିନଲିପି ରଖୁ । ଆଉ କେତେକେ ସନ୍ଦେହ କଲେ ଯେ ଆମ୍ଭେମାନେ ହୁଏତ ଏପରି ଦିନଲିପି ବହୁପୂର୍ବରୁ ରଖୁଥିବୁ । ଶ୍ରୀଅରବିନ୍ଦ ଏ ବିଷୟ ବାହ୍ୟତଃ ଜାଣି ନଥିଲେ ଏବଂ ଆମର ଭୟ ହେଉଥିଲା ଯେ ଶ୍ରୀଅରବିନ୍ଦ ଏକଥା ଜାଣିଲେ ହୁଏତ କଥାବାର୍ତ୍ତା କରିବା ଏକାବେଳେକେ ବନ୍ଦ କରିଦେବେ । ଏବେ ମୋର ମନେ ହେଉଛି କେଉଁ ଏକ ଅଦୃଶ୍ୟ ହାତ ମୋର ଅନିଚ୍ଛା ସତ୍ତ୍ୱେ ମୋତେ ଏହି କାମରେ ଲଗାଇଦେଲା ଏବଂ ମୁଁ ସେହିସବୁ ଆଳାପ ଆଲୋଚନାର ଗୋଟିଏ ଭଲ ରେକର୍ଡ ରଖିପାରିଲି ।

ଶ୍ରୀଅରବିନ୍ଦ ଧୀରେ ଧୀରେ ଆରୋଗ୍ୟଲାଭ କରିବା ପରେ କଥାବାର୍ତ୍ତାର ସମୟ ମଧ୍ୟ ବଦଳିଗଲା । ସାଧାରଣତଃ ତାଙ୍କ ଶରୀରକୁ ଧୁଆପୋଛା କଲାବେଳେ ଅଥବା ସେ ସ୍ନାନ କଲାବେଳେ ଏହି କଥାବାର୍ତ୍ତା ହେଉଥିଲା । ଯେତିକି ଯେତିକି ସମୟ ବିତିଗଲା, ସେତିକି ପରିମାଣରେ ସେଇ ମୂଳସ୍ରୋତ କ୍ଷୀଣରୁ କ୍ଷୀଣତର ହୋଇଗଲା, ଏବଂ ଶେଷବେଳକୁ କେବଳ ଆମ୍ଭମାନଙ୍କର ନୀରବ ଉପସ୍ଥିତି ଏକ ନୀରବ ଦିବ୍ୟ ଅଧିଷ୍ଠାନ ନିକଟରେ ଥିଲା । ହୁଏତ ଆମର ସବୁ ବିଷୟରେ ଆଲୋଚନା ଶେଷ ହୋଇଗଲା, ଅଥବା ଏପରି ଏକ ପରିସ୍ଥିତି ସୃଷ୍ଟି ହେଲା ଯେଉଁଥିରେ ଆମର ସମସ୍ତ ପ୍ରେରଣା ଶୁଖିଗଲା କିଂବା ଶ୍ରୀଅରବିନ୍ଦ ଜାଣିଶୁଣି ତାଙ୍କର ସମ୍ମତି ଏଥିରୁ ଅପସାରିତ କରିନେଲେ । କିନ୍ତୁ ଯେତେବେଳେ ଡାକ୍ତର ମଣିଲାଲ ବରୋଦାରୁ ଆସି ପହଞ୍ଚୁଥିଲେ ସେହି ନୀରବ ବାତାବରଣ ହଠାତ୍ ଜୀବନ୍ତ ହୋଇ ଉଠୁଥିଲା; ମାତ୍ର କିଛିଦିନ ପରେ ସେ (ଡାକ୍ତର ମଣିଲାଲ) ନିଜେ ବି ସେହିପରି ନୀରବ ମନୋଭାବ ମଧ୍ୟରେ ପ୍ରବେଶ କରୁଥିଲେ ।

କଥାବାର୍ତ୍ତାର ବ୍ୟାପ୍ତି ଓ ପରିସର ଯେ କେତେ ପ୍ରକାର ବିଷୟରେ ଥିଲା ପାଠକମାନେ ତାହା ଆମର ବିଭିନ୍ନ ପୁସ୍ତକରୁ ସଂଗ୍ରହ କରିଥିବେ । ସେଥିରୁ ଜଣାଯାଏ ଶ୍ରୀଅରବିନ୍ଦଙ୍କର କିପରି ଅଗାଧ ତଥା ଅସରନ୍ତି ଜ୍ଞାନ ଥିଲା ଏବଂ ଯାହା ସେ ଜାଣିଥିଲେ ସେସବୁକୁ ଯଦି ଲେଖିଥା'ନ୍ତେ, ଯାହା ସେ ଲେଖିଛନ୍ତି ତାହାର ଦଶଗୁଣ ହୋଇଥା'ନ୍ତା । ସେ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଉଚ୍ଚ ବିଷୟସବୁ ନେଇ ଲେଖୁଥିଲେ; କିନ୍ତୁ ମୁଁ ଜୀବନର ସାଧାରଣ ଘଟଣା କଥା ଉଲ୍ଲେଖ କରୁଛି । ଡାକ୍ତର ରାମଚନ୍ଦ୍ର ମୋତେ ଥରେ କହିଲେ କିପରି ଶ୍ରୀଅରବିନ୍ଦ ଘୋଡ଼ା ଦୌଡ଼ ସମ୍ବନ୍ଧରେ ଜ୍ଞାନାର୍ଜନ କରିଥିଲେ । ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଲା ଉଭୟ ତରଫରୁ କିପରି ଏହିସବୁ ଆଲୋଚନା ସ୍ୱତଃସ୍ଫୂର୍ତ୍ତ, ସରଳ ଏବଂ ବିନା ଦ୍ୱିଧା ଓ ବିନା ଭୟରେ ପରିଚାଳିତ ହେଉଥିଲା । ଶ୍ରୀଅରବିନ୍ଦଙ୍କ ପ୍ରତି ଶୁଦ୍ଧପୂତ-ମହାପୁରୁଷଜନିତ ଭୟ ଆମର ଦୁର୍ବାର ପ୍ରବୃତ୍ତି ଉପରେ କଥାବାର୍ତ୍ତା ବେଳେ ସଂକୋଚର ଭାବ ଆଣୁ ନଥିଲା । ଆମ୍ଭେମାନେ ଗୁରୁ-ଶିଷ୍ୟ ସମ୍ବନ୍ଧ ଭୁଲି ଗଲୁ ଓ ବହୁ ଦିନର ବନ୍ଧୁତୁଲ୍ୟ ବ୍ୟବହାର କରୁଥିଲୁ । ଦିନର ଅନ୍ୟ ସମସ୍ତ ସମୟଠାରୁ କଥାବାର୍ତ୍ତା ବେଳେ ସେ ଯେପରି ଆଉ

ଜଣେ ଭିନ୍ନ ଶ୍ରୀଅରବିନ୍ଦ ଥିଲେ । ସତେ ଯେପରି ହିମାଳୟଶୃଙ୍ଗସ୍ଥ ନୀରବ, ଉଚ୍ଚ, ପ୍ରଶାନ୍ତ ବରଫ ତରଳି ଯାଇ ଗୋଟିଏ ଧୀର ସୁଶୀତଳ ପ୍ରବହମାନ ନିର୍ଝରରେ ପରିଣତ ହୋଇଛି; ତୁମ ହସ୍ତରେ ସେହି ଶୁଦ୍ଧ, ପବିତ୍ର ଜଳ ଧାରଣ କର; ସମଗ୍ର ଶରୀର ଉପରେ ସିଞ୍ଚନ କର, ତାକୁ ପାନ କର ବା ତା ସହିତ ଶିଶୁତୁଲ୍ୟ କ୍ରୀଡ଼ା କର । ଏସବୁ ଥିଲା କିପରି ଚିରନ୍ତନ ରୂପେ ସତେଜ ଓ ବୈଭବମୟ ଏବଂ ଏହା ତାଙ୍କର ତୁରନ୍ତ ରଙ୍ଗ-ରସ ତଥା ହାସ୍ୟରେ ଝକମକ କରୁଥିଲା ! ମାତ୍ର ଏହି ନିର୍ଝରିଣୀ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ପ୍ରବାହିତ ହେଉଥିଲା ଏବଂ ତାହା ବି ବେଶୀ ସମୟ ପାଇଁ ନୁହେଁ । ଏହାପରେ ପୁଣି ସେହି ଶୃଙ୍ଗର ଊର୍ଦ୍ଧ୍ୱରେ ଶାନ୍ତ ନୀରବ ଦିବ୍ୟ ଅଧିଷ୍ଠାନ । ଏପରି ବର୍ଣ୍ଣନା କରାଯାଇପାରେ ଯେ ଜଣେ ତପସ୍ୟାଭିଷିକ୍ତ ଶୟନରତ ଦେବତାଙ୍କର ଆଚ୍ଛାଦନ ବା ନୀରବତାର ବସ୍ତ୍ର ଖସିପଡ଼ିବା ପରେ ଆମେ ଜଣେ ମାନବ-ଦେବତାଙ୍କୁ ଦେଖିବାକୁ ପାଇଲୁ । ସେ କିନ୍ତୁ ପୁନରାୟ ନୀରବତାର ବସ୍ତ୍ର ପରିଧାନ କରନ୍ତି । ତେବେ ମଧ୍ୟ ଉଭୟ ଦୃଶ୍ୟର ନିଜସ୍ୱ ଅପୂର୍ବ ସୌନ୍ଦର୍ଯ୍ୟ ଏବଂ ଐଶ୍ୱର୍ଯ୍ୟ ଥିଲା ।

ତୁଳନାତ୍ମକ ରୂପେ ଶ୍ରୀରାମକୃଷ୍ଣଙ୍କ କଥାବାର୍ତ୍ତା ସ୍ୱତଃସ୍ଫୂର୍ତ୍ତ ରୂପେ ଆମ୍ଭମାନଙ୍କ ମନରେ ଆସେ । କଥାବାର୍ତ୍ତାର ଭାବ ପ୍ରାୟ ଏକ – ଲଘୁତା ଓ ସଜୀବତା ମଧ୍ୟ ଉଭୟରେ ରହିଛି । କିନ୍ତୁ ଅନ୍ୟାନ୍ୟ ବିଷୟ ବାଦ ଦେଲେ ବି ଶ୍ରୀରାମକୃଷ୍ଣଙ୍କ କଥାବାର୍ତ୍ତା ବହୁତ ସୀମିତ ଥିଲା, କିନ୍ତୁ ଆମ୍ଭମାନଙ୍କ ପକ୍ଷରେ ସମଗ୍ର ଜୀବନହିଁ ଯୋଗ ହୋଇଥିବାରୁ ଆମର ବାର୍ତ୍ତାଳାପ ମଧ୍ୟରୁ କୌଣସି ବିଷୟ ବାଦ୍ ପଡୁ ନଥିଲା । ଆଉ ଶ୍ରୀଅରବିନ୍ଦଙ୍କ ନିମିତ୍ତ ସବୁକିଛି ସମାନ – ''ସମମ୍ ବ୍ରହ୍ମ'' – ଏକ ନୈର୍ବ୍ୟକ୍ତିକତା ତାଙ୍କର ସକଳ କଥାବାର୍ତ୍ତାରେ ସ୍ପଷ୍ଟ ହୋଇ ଉଠୁଥିଲା, ତାହା ଯେଉଁ ବିଷୟରେ ହେଉନା କାହିଁକି । ତଥାପି ବ୍ୟକ୍ତିକତାର ଏକ ଉଷ୍ମ ସ୍ପର୍ଶ ସେହି ନୈର୍ବ୍ୟକ୍ତିକତା ପଶ୍ଚାତରେ ରହିଥିଲା । ଉଦାହରଣସ୍ୱରୂପ କଥାବାର୍ତ୍ତା କଲାବେଳେ ସେ ଆମ୍ଭମାନଙ୍କ ଆଡ଼କୁ ପ୍ରାୟ ଚାହୁଁ ନଥିଲେ ବା କାହାରି ନାମ ଧରି କିଛି କହୁ ନଥିଲେ । ସେ ମୁହଁ ତଳକୁ କରି ଅଥବା ସମ୍ମୁଖକୁ ଚାହିଁ କଥା କହୁଥିଲେ, ତଥାପି ତାଙ୍କ ଗଳାର ନରମ ଶବ୍ଦ ଏବଂ ବ୍ୟକ୍ତିଗତ ହାସ୍ୟରସର ସ୍ଫୁଲିଙ୍ଗ ବେଳେ ବେଳେ ଏକ ସମଶୀତୋଷ୍ଣ ସୂର୍ଯ୍ୟଙ୍କର ମଧୁର କିରଣ ଛଟାର ସୂଚନା ଦେଉଥିଲା ।

(କ୍ରମଶଃ)

('ଶ୍ରୀଅରବିନ୍ଦଙ୍କ ସହ ବାରବର୍ଷ'ରୁ ସଂଗୃହୀତ :
ପୃଷ୍ଠା : ୧୯୬ - ୨୦୦) ✤

ସାଧାରଣ ଜୀବନରେ ମନୁଷ୍ୟ ସେହି ପ୍ରକାର କର୍ମରେ ଲିପ୍ତ ରହେ ଯାହା ବ୍ୟକ୍ତିଗତ ଲକ୍ଷ୍ୟସିଦ୍ଧି ବା ବାସନା ତୃପ୍ତି ପାଇଁ କୌଣସି ପ୍ରକାର ମାନସିକ ବା ନୈତିକ ନିୟନ୍ତ୍ରଣର ଅଧୀନ ହୋଇ କରାଯାଏ – ସମୟ ସମୟରେ ତନ୍ମଧ୍ୟରେ ଗୋଟିଏ ମାନସିକ ଆଦର୍ଶର ସ୍ପର୍ଶ ମଧ୍ୟ ଥାଏ । ଗୀତୋକ୍ତ ଯୋଗ ହେଉଛି ସମସ୍ତ କର୍ମ ଭଗବାନଙ୍କ ଚରଣରେ ଯଜ୍ଞ ରୂପେ ଉତ୍ସର୍ଗ, ବାସନାର ଜୟ, ଅହଂଶୂନ୍ୟ ଓ ବାସନାଶୂନ୍ୟ ହୋଇ କର୍ମ-ସମ୍ପାଦନ, ଭଗବାନଙ୍କ ପ୍ରତି ଭକ୍ତି, ବିଶ୍ୱ-ଚେତନାରେ ଅନୁପ୍ରବେଶ, ସର୍ବଜୀବ ସହିତ ଐକ୍ୟବୋଧ, ଭଗବାନଙ୍କ ସହିତ ଅଖଣ୍ଡ ଅଭିନ୍ନତା ଲାଭ । ଏହା ଛଡ଼ା ଆମ୍ଭମାନଙ୍କ ଯୋଗ ଆହୁରି ଚାହେଁ ଅତିମାନସ ଜ୍ୟୋତିଃ ଓ ଅତିମାନସ ଶକ୍ତିକୁ ଉତାରି ଆଣିବାକୁ (ଏହାହିଁ ଚରମ ଲକ୍ଷ୍ୟ) ଏବଂ ସେହି ଜ୍ୟୋତିଃ ଓ ଶକ୍ତି ସାହାଯ୍ୟରେ ପ୍ରକୃତିର ରୂପାନ୍ତର ସାଧନ କରିବାକୁ ।

– ଶ୍ରୀଅରବିନ୍ଦ

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :**

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଅଭାବ, ଗୋଟିଏ ନୀତିର

ଶାସନତନ୍ତ୍ର ଦ୍ୱାରା ଏକ ନୂଆ ଦମନମୂଳକ ନୀତିର ଶୁଭାରମ୍ଭ ଦିନଠାରୁ ସମଗ୍ର ଦେଶକୁ ଏପରି ଗୋଟିଏ ନୀରବତା ଆଚ୍ଛନ୍ନ କରିଯାଇଛି ଯାହା ଗୋଟିଏ ପଟେ କୋକନାଡ଼ା (Cocanada)ରେ ଦଙ୍ଗାଗୋଳ ଯୋଗୁଁ ଏବଂ ଅନ୍ୟ ପଟେ ସ୍ୱତନ୍ତ୍ର କଂଗ୍ରେସ ଅଧିବେଶନ ସଂକ୍ରାନ୍ତୀୟ ଆଲୋଚନା ଭିତରେ ଭଗ୍ନ ହୋଇ ଯାଇଛି । ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ବାନାର୍ଜୀ ପରିସ୍ଥିତିର ଅନୁଧ୍ୟାନ କରିବା ପାଇଁ ଶିମୁଲତଲାକୁ ଯାଇଛନ୍ତି ଏବଂ ଅନ୍ୟ ନେତାମାନେ ସେଇଠାରେହିଁ ରହି ଅନୁଧ୍ୟାନ କରୁଛନ୍ତି ଯେଉଁଠି ସେମାନେ ନିଜେ ଏ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି । ଶ୍ରୀଯୁକ୍ତ ଭୂପେନ୍ଦ୍ରନାଥ ବୋଷହିଁ ହେଉଛନ୍ତି ସେଇ କ୍ଷମତାଧାରୀ ଭଦ୍ରବ୍ୟକ୍ତି ଯିଏ ସମସ୍ତଙ୍କ ସମ୍ମୁଖରେ ଗୋଟିଏ ନୀତିକୁ ଟେକି ଧରି ଆଗେଇ ଆସିଛନ୍ତି ଓ ଆମମାନଙ୍କୁ ଦୁଃଖ ଲାଗୁଛି ଯେ ଦେଶ ଏହି ସମ୍ମାନାସ୍ପଦ ବ୍ୟବସ୍ଥାପକ ଭଦ୍ରବ୍ୟକ୍ତିଙ୍କର ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରିଛି ଅବହେଳାଜନିତ ଚରମ ବେଖାତିର ଭାବ ପ୍ରକାଶ-ପୂର୍ବକ । ଏହା ସ୍ୱାଭାବିକ ଯେ ଆମର ଶତ୍ରୁମାନେ ଏହି ନୀରବତା ପାଇଁ ବିଜୟୋଲ୍ଲାସରେ ମତ୍ତ ହେବା ସଙ୍ଗେ ସଙ୍ଗେ ସମ୍ପୂର୍ଣ୍ଣ ନୈତିକ ଅଧୋଗତିର ଚାକ୍ଷୁଷ ପ୍ରମାଣ ସ୍ୱରୂପ ଏଥିପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବେ ଆଉ ଏହା ସ୍ୱାଭାବିକ ଯେ ଆମମାନଙ୍କ ଭିତରୁ ଯେଉଁମାନେ ଗ୍ରାମଗୁଡ଼ିକ ସହିତ ନିରବଚ୍ଛିନ୍ନ ସମ୍ପର୍କ ରଖି ନାହାନ୍ତି ସେମାନେ ମଧ୍ୟ ନୀରବତାକୁ ଏକ ବୋଝ ସଦୃଶ ଅନୁଭବ କରିବା ସହିତ ନୈତିକ ଅଧୋଗତି ସମ୍ବନ୍ଧରେ ବସି ଆଲୋଚନା କରିବେ । ଦେଶ ଭ୍ରଷ୍ଟାଚାର ଆଡ଼କୁ ଯାଉଛି ବୋଲି ଆମେ ବିଶ୍ୱାସ କରୁନୁ । ପକ୍ଷାନ୍ତରେ ଆମର ଯାହା ବିଶ୍ୱାସ ପରିସ୍ଥିତିମାନ ନିହାତି ଏକ ଅନୁକୂଳ ମୋଡ଼ ନେଇଛି । ସର୍ବପ୍ରଥମେ ସମଗ୍ର ବଙ୍ଗଳାରେ ରହିଛି ଜନମତର ବିଶାଳ ବିପ୍ଳବ ଯାହା ଅଭ୍ୟାସବଦ୍ଧ ଅନୁଗତବାଦୀ (inveterate loyalist)ମାନଙ୍କୁ ବାଦ୍ ଦେଇ ବାକୀ ସମସ୍ତଙ୍କୁ ଆଣି ଏକଜୁଟ କରିଛି ପରିସ୍ଥିତିକୁ ହୃଦୟଙ୍ଗମ କରିବାକୁ ଆଉ ବାସ୍ତବତାଗୁଡ଼ିକର ସମ୍ମୁଖୀନ ହେବାକୁ । ଦ୍ୱିତୀୟତଃ, ଗାଁ ଗଣ୍ଡାରୁ ପ୍ରାପ୍ତ ସମ୍ବାଦ ଯଦି ନିର୍ଭୁଲ ହୋଇଥାଏ ତା'ହେଲେ ଜନସାଧାରଣ, ସାଧାରଣ କର୍ମୀବୃନ୍ଦ କେହି ହେଲେ କୌଣସି ମତେ ମଥାନତ କରି ନାହାନ୍ତି, କିନ୍ତୁ ଲୋକେ ଅସଲ କାର୍ଯ୍ୟ ପାଇଁ ନିଜକୁ ସୁରକ୍ଷିତ ରଖିଛନ୍ତି ବୋଲି ପ୍ରତ୍ୟେକ ଅଞ୍ଚଳରୁ ଖବର ଆସି ପହଞ୍ଚିବାରେ ଲାଗିଛି, ଆମେମାନେ ବାହାରେ ଏଣିକି ଆଉ ଆମର ଅନୁଭବଗୁଡ଼ିକୁ ପ୍ରକାଶ କରିପାରିବୁନି, ତାହା ବାଧାପ୍ରାପ୍ତ ହୋଇଛି ଏବଂ ଆମର ଆଶା ଆକାଙ୍କ୍ଷାସବୁ ପ୍ରବଳ ବେଗରେ ଆଗକୁ ଆଗକୁ ନିଜେ ନିଜେ ମାଡ଼ି ଚାଲିବେ । ଏପର୍ଯ୍ୟନ୍ତ ଉଦାସ ରହି ଆସିଥିବା ପଶ୍ଚିମ ବଙ୍ଗଳାରେ ଜୀବନର ସ୍ପନ୍ଦନ ତଥା କଠୋର ଶପଥର ଆଲୋଡ଼ନକୁ ଦେଖି ଆମକୁ ବିଶେଷ ଖୁସି ଲାଗୁଛି । ଯାହା ହେଉନା କାହିଁକି ଗୋଟିଏ ନିର୍ଦ୍ଦିଷ୍ଟ କ୍ଷୁଦ୍ର ଗୋଷ୍ଠୀ ଭିତରେ ନିଃସନ୍ଦେହରେ କିଂକର୍ତ୍ତବ୍ୟବିମୂଢ଼ତା, କୁଣ୍ଠାବୋଧ ଆଉ ଆତଙ୍କ ପରି ସେମିତି କିଛି କଥା ରହିଛି ଓ ଏତିକି ଅନ୍ତତଃ ବିଶ୍ୱାସ ନେଇ ଆମେ ଖୁସି ଯେ ଏସବୁ ଅନୁଭୂତିରେ ଆମ ନେତାମାନଙ୍କ ଭିତରୁ କେହି ହେଲେ କିଂବା ସେଇମାନେ କେବେ ବି ନିହାତି ଅଂଶ ଗ୍ରହଣ କରିବେ ନାହିଁ ଯେଉଁମାନେ ନିଜେ ନିଜେ ତାଙ୍କ ନେତାପଦକୁ ଜାବୋଡ଼ି ଧରିଛନ୍ତି ଆଉ ଯେତେ ଯାହା କାର୍ଯ୍ୟସବୁ ସମ୍ପନ୍ନ ହୋଇଛି ନିଜକୁ ସେମାନେ ସେଥିପାଇଁ ବାହାଦୁରି ଦେଇ ଚାଲିଛନ୍ତି । କେହିହେଲେ ନଭାବି ରହିପାରିବେନି ଯେ ସେମାନେ, ସେମାନଙ୍କ ଭିତରୁ କେତେଜଣ, ହୋମରଙ୍କ କାବ୍ୟର ନାୟକମାନେ ସମ୍ମୁଖୀନ ହୋଇଥିବା ଦୁର୍ଦ୍ଦଶା ଭିତର ଦେଇ ଗତି କରୁଛନ୍ତି : ''ଆହ୍ୱାନକୁ ଗ୍ରହଣ କରିବା ପାଇଁ ସେମାନେ ଭୟଭୀତ ହେଲେ, ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରି ସେମାନେ ଲଜ୍ଜିତ ମଧ୍ୟ ।''

ଯଦି ସେମାନେ ନୀତିଭ୍ରଷ୍ଟ ହୋଇ ନାହାନ୍ତି, ଯଦି ସେମାନଙ୍କର ଆଶା ଆଉ ଅନ୍ତରଗୁଡ଼ିକ ପୂର୍ବବତ୍ ସେହିପରି ମହାନ୍, ତା'ହେଲେ ସେମାନେ ସେତକ ପ୍ରମାଣ କରିବା ପାଇଁ କିଛି କଷ୍ଟ ସ୍ୱୀକାର କରିବା ସମୀଚୀନ ହେବ । ଅନ୍ୟ ପକ୍ଷରେ, ସେମାନେ ଯଦି ନୀତିଭ୍ରଷ୍ଟ ହୋଇ ଯାଆନ୍ତି, ଯଦି ସେମାନଙ୍କ ଅନ୍ତର ସଂକୋଚନର ଆଉ ତନ୍ନତନ୍ନ ଅନୁସନ୍ଧିତ୍ସାର ଜ୍ୱାଳାରେ ଛଟପଟ ହୁଏ, ତା'ହେଲେ ସେମାନେ ତାକୁ କେଉଁଠି ଲୁଚେଇ ରଖିବା ପାଇଁ କିଛି କଷ୍ଟବରଣ କରିବା ଉଚିତ ହେବ । ମହାଭାରତର ନିମ୍ନୋକ୍ତ ବାଣୀଗୁଡ଼ିକ ଏ କ୍ଷେତ୍ରରେ ବିଶେଷ ଗୁରୁତ୍ୱର ସହିତ ପ୍ରଯୁଜ୍ୟ ହୋଇପାରେ :

''ରାଜପୁତ୍ର ଓ ନାୟକ କରେ ନାହିଁ ନତ
ତା' ସ୍ୱର୍ଦ୍ଧିତ ମଥା ଭୟର ସମ୍ମୁଖେ,
ଭାଗ୍ୟଲକ୍ଷ୍ମୀ ହୋଇଥାଉ ତା'ର ହତାଶେ ଜର୍ଜର,
ଯେତେ ସମୀପକୁ ମୃତ୍ୟୁ ଆସୁ ପଛେ ।
ଅନ୍ତରାତ୍ମା ତା'ର କ୍ଷୀଣ ହୁଏ ଯେବେ, ରୁଦ୍ଧ କରିବାକୁ
ଦିଅ ତା' ହୃଦୟ ଦୌର୍ବଲ୍ୟତାକୁ,
ନିର୍ଭୀକ ଓ ଉନ୍ମୁକ୍ତ ଆନନ ତା'ର ତୋଳି ଧରୁ ସିଏ
ଆଉ ସମ୍ପନ୍ନ କରୁ ତା ବୀରର ଭୂମିକାକୁ ।
ସେନାପତି ହୁଏ ଯେବେ ଭୟରେ କାତର,
ସର୍ବେ ତା'ର ପଛେ ହେବେ ଭୟାର୍ତ୍ତ ଦୁର୍ବଳ ।
ଯିଏ ନରପତି ତେଣୁ ତୋଳିଧରୁ ଦୁର୍ଦ୍ଧର୍ଷ ଚାହାଣୀ
ଆଉ ଲଲାଟ ତା' ଶୁଦ୍ଧ ସୁବିମଳ ।''

ଦେଶ ଯାହା ଚାହିଁ ବସିଛି ତା' ହେଲା ଗୋଟିଏ ନୀତିର ନିର୍ଭରଯୋଗ୍ୟ ସିଦ୍ଧାନ୍ତ – ଏହା କୌଣସି ଏକ ବ୍ୟାପକ ଓ ଅପରିଣାମଦର୍ଶୀ ସିଦ୍ଧାନ୍ତର ଆବଶ୍ୟକତା ନୁହେଁ, କିନ୍ତୁ ଆବଶ୍ୟକ ହେଉଛି ଗୋଟିଏ ନେତୃତ୍ୱର । ଶାସନତନ୍ତ୍ର ତା'ର ସାମ୍ମୁଖ୍ୟକୁ ଏପଟ ସେପଟ କରି ଦେଇଛି ଓ ଅଭିଯାନର ନକ୍ସାରେ ପରିବର୍ତ୍ତନ ଆଣିଛି । ଏକ ନୂଆ ନୀତିର ନିର୍ଦ୍ଧାରଣ କରିବାକୁ ଯାଇ ଆମ ପୁରୁଣା ନୀତିରେ ସଂଶୋଧନ ଆଣିଲେ କ'ଣ ଯଥେଷ୍ଟ ହେବ, କିନ୍ତୁ ଏହା ତ ଏକ ଅପ୍ରତ୍ୟାଶିତ ପରିସ୍ଥିତି ନୁହେଁ କିଂବା ଆମ ଅଭିଯାନର ନକ୍ସାରେ ପରିବର୍ତ୍ତନ ଆଣିବାଟା ମଧ୍ୟ କ'ଣ ଆମ ପାଇଁ ଦରକାର ହେବ ? ଅନ୍ତତଃ, ଗୋଟିଏ କଥା ନିଧାର୍ଯ୍ୟ ଯେ ବଙ୍ଗଳାରେ ସ୍ୱଦେଶୀ ଆନ୍ଦୋଳନକୁ ପରିତ୍ୟାଗ କରିବା ପାଇଁ ଆମର ଆଦୌ ଇଚ୍ଛା ନାହିଁ । ସେହିପରି ବୟକଟ୍ ଆନ୍ଦୋଳନକୁ ଛାଡ଼ି ଦେବା ପାଇଁ ଆଦୌ ଇଚ୍ଛା ନାହିଁ; ଏଇ କଥା ପ୍ରତି ସବୁ ଭୂପେନ୍ଦ୍ରନାଥମାନେ ଓ ଅନ୍ୟ ଯେଉଁମାନେ ଅଛନ୍ତି ସମସ୍ତେ ସେମାନଙ୍କର ଚିତ୍ତକୁ ଦୃଢ଼ କରିନେବା ଉଚିତ ହେବ । ଯଦି କୌଣସି ନେତା ଜାତୀୟ ସ୍ୱାର୍ଥର ଏଇ ତ୍ରିମୁଖୀ ବୈଜୟନ୍ତୀକୁ ନିମ୍ନଗାମୀ କରାଏ, ସେଇ ଦିନଠାରୁ ତା'ର ଯଶ ଆଉ ପଦବୀ ବାଜ୍ୟାପ୍ତ ହେଲା ବୋଲି ଧରି ନେବାକୁ ପଡ଼ିବ । ଥରେ ଯେଉଁ ଅନନ୍ୟ ଓ ଅପରିହାର୍ଯ୍ୟ ସ୍ଥିତିଟି ଅଧିକାରଭୁକ୍ତ ହୋଇ ସାରିଛି ତହିଁରୁ ଓହରି ଆସିବା ପାଇଁ ଏ ଦେଶ ଆଦୌ ଚାହେଁ ନାହିଁ ।

ଯଦିବା କୌଣସି ନେତୃତ୍ୱ ସକାଶେ ଆମେମାନେ ଦାବି କରିପାରିବାନି, ଜନମତର ଏକ ଦାୟିତ୍ୱବାନ୍ ମୁଖପତ୍ର ହିସାବରେ ଲୋକମାନଙ୍କ ସମ୍ମୁଖରେ ଆମର ମତାମତକୁ ପରିବେଷଣ କରିବା ହେଲା ଆମର କର୍ତ୍ତବ୍ୟ ଏବଂ ଯଥାସାଧ୍ୟ ଏହି କାର୍ଯ୍ୟ ସମ୍ପାଦନ କରିବା ଦିଗରେ ଆମେ କେବେ ବି ବ୍ୟର୍ଥମନୋରଥ ହୋଇନୁ । ବର୍ତ୍ତମାନ ଯେଉଁ ନୀତିକୁ ଆମେ ସମର୍ଥନ କରୁଛୁ ଇଏ ହେଲା ସେଇ ନୀତି, ଯାହାକୁ ଆମେ ଆଗରୁ ବରାବର ସମର୍ଥନ କରିଛୁ, ସ୍ୱରାଜ ଆଉ ଶାନ୍ତିପୂର୍ଣ୍ଣ ପ୍ରତିରୋଧର ସଙ୍ଗଠନକୁ ଗଢ଼ିବାର ସେଇ ନୀତି । ସ୍ୱଦେଶୀ ଆନ୍ଦୋଳନକୁ ଆଗକୁ ଠେଲି ନେବା, ଜାତୀୟ ଶିକ୍ଷାକୁ ଆଗକୁ ଠେଲିନେବା, ଆନ୍ତରିକତା ସହିତ ମଧ୍ୟସ୍ଥି ବିଚାର (Arbitration)ର କାର୍ଯ୍ୟକ୍ରମ ହାତକୁ ନେବା, କିଛି ନିର୍ଦ୍ଦିଷ୍ଟ ଜିଲ୍ଲାମାନଙ୍କୁ ବାଦ୍ ଦେଲେ ଆମେ ଏ ଯାବତ୍ ଯାହା ଗଢ଼ିବାକୁ ସମର୍ଥ ହୋଇପାରିନୁ ଏହି ସକାରାତ୍ମକ ଦିଗର ସଫଳ କାର୍ଯ୍ୟଧାରା ନିମନ୍ତେ ତାକୁ ଗଢ଼ିବା, – ତାହା ହେଉଛି ଘନିଷ୍ଠଭାବେ ସଂଯୁକ୍ତ, ଉତ୍ତମ ରୂପେ ପରିଚାଳିତ, ଏକାନ୍ତ ନିଷ୍କପଟ ଏକ ସଙ୍ଗଠନ; ଅନ୍ୟ ଦିଗରୁ ଦେଖିଲେ ବୟକଟ୍ ଆନ୍ଦୋଳନର ଏକ ଯୁକ୍ତିସଙ୍ଗତ, ସାର୍ଥକ ଆଉ ସୁଦୃଢ଼ ବ୍ୟବସ୍ଥାର ଅନୁସରଣ କରିବା ଏବଂ ପ୍ରତିଥର ଶାନ୍ତିପୂର୍ଣ୍ଣ ଭାବେ ସରକାରଙ୍କ ଦମନଲୀଳାକୁ ବିରୋଧ କରିବା, ରିସ୍‌ଲେ ଜାରି କରିଥିବା ଆଦେଶ ପତ୍ରକୁ ଅବମାନନା କରିବା, ପ୍ରେସ ପ୍ରତି ପ୍ରଶାସନର ନାଲି ଆଖିକୁ ବେଖାତିର କରିବା, ବଳପ୍ରୟୋଗ ପାଇଁ ଉଦ୍ଦିଷ୍ଟ ଅଧ୍ୟାଦେଶକୁ ଅବଜ୍ଞା କରିବା କିଂବା ଅବଜ୍ଞା କରି ନପାରିଲେ କଳବଳ କୌଶଳରେ ତାକୁ ଭୁଆଁ ବୁଲେଇବା, ନିର୍ବାସନର ବିପଦକୁ ନଡରି ନୀରବରେ ତାଚ୍ଛଲ୍ୟ ଭାବ ପ୍ରଦର୍ଶନ କରିବା; ଏହାକୁ କହନ୍ତି ସେହି ନୀତି ଯାହାକୁ ଆମେ ସମର୍ଥନ କରି ଚାଲିବୁ ଯଦି ବଙ୍ଗଳାରେ ବେଶ୍ ସାହସୀ ଓ କୃତସଂକଳ୍ପ ବ୍ୟକ୍ତି ଥାଆନ୍ତି ଏଇ ସଙ୍ଗଠନକୁ ଆଗେଇ ନେବା ପାଇଁ । ନିଃସନ୍ଦେହରେ ଆମକୁ ଏବେ ବି ଭୟ ପ୍ରଦର୍ଶନ କରୁଥିବା ଯେକୌଣସି ବିପଦ ଅପେକ୍ଷା ଆହୁରି ସାଂଘାତିକ ଧରଣର ବିପଦମାନ ରହିଛି କିନ୍ତୁ ଯାହା ହୁଏତ କଦାପି ଘଟି ନପାରେ, ସେଇ ପୂର୍ବସୂଚିତ ବିପଦଗୁଡ଼ିକ କାରଣରୁ ଆମେ ଯଦି ଆନ୍ଦୋଳନର ସ୍ୱରକୁ ପ୍ରଶମିତ କରିଦେଉ ତା'ହେଲେ ଆଗାମୀ ବଂଶଧରମାନଙ୍କ ସମ୍ମୁଖରେ ଆମେ ହେବୁ ଅଭିଯୁକ୍ତ, ଆମର ଅଯଥା କାପୁରୁଷୋଚିତ ପରିକଳ୍ପନା ନିକଟରେ ଭବିଷ୍ୟତକୁ ବଳି ପକେଇଦେବା ଅପରାଧରେ । ଏଇଠି ବିଦୁଲାର

(Vidula) ପ୍ରଜ୍ଞା ଭିତରୁ ପୁଣି ଏକ ସମୟୋପଯୋଗୀ ବାଣୀ ଆମ ପାଇଁ ପ୍ରଯୁଜ୍ୟ : ''ସନ୍ତ୍ରାସ ବଳରେ, ନେପଥ୍ୟରେ ଅନେକ ନୟନରେ ଅକସ୍ମାତ୍ ଆତଙ୍କର ଶିହରଣ ତୋଳି ତୁମର ଅରାତିମାନଙ୍କୁ ମହାନ୍ କରି ଦିଅ ନାହିଁ ।'' ଆନ୍ଦୋଳନକୁ ନିପାତ କରିବା ପାଇଁ ପ୍ରଶାସନ ପ୍ରତିଟି ଉପାୟ ପ୍ରୟୋଗ କରିବ, ବିଭ୍ରାନ୍ତ କରି ତଥା ଆତଙ୍କ ସୃଷ୍ଟି କରି, କିଛି ପ୍ରତିବିଧାନମୂଳକ ପଦକ୍ଷେପ ନେଇ, ସେମାନେ ଆମକୁ ପ୍ରଲୁବ୍ଧ କରିବା ପାଇଁ ଏବଂ ଅଧ୍ୟାଦେଶ ବଳରେ ଆମକୁ ଧମକେଇବା ପାଇଁ ଚେଷ୍ଟା କରିବେ । ସାମାନ୍ୟତମ ଅଗ୍ରସର ହେଲେ ସେମାନେ ଆମକୁ ତରବାରିର ମୂନ ଦେଖେଇବେ ଆଉ ସୁଯୋଗ ଉଣ୍ଡି ତା'ର ସଦୁପଯୋଗ ମଧ କରିବେ । ଭବିଷ୍ୟତ୍ ଆମର ନିର୍ଭର କରୁଛି ଏଇ ଫୁସୁଲାଫୁସଲି ଓ ଧମକଚମକ ଉଭୟକୁ ଟାଳି ଦେବା ଉପରେ । ତେବେ ଆସନ୍ତୁ ସମ୍ଭାବ୍ୟ ସଙ୍କଟଗୁଡ଼ିକ ସମ୍ପର୍କରେ ବିଚାରବିମର୍ଷ କରିବା, ସମସ୍ତ ପ୍ରକାର ଉପାୟ ଅବଲମ୍ବନ କରି ଏବଂ ସେଗୁଡ଼ିକ ବିରୋଧରେ ଆଗରୁ ସତର୍କ ହୋଇ ରହିବା, ଉଚ୍ଛୃଙ୍ଖଳ ଭାବେ ଆଉ ବିନା କୌଣସି କାରଣରେ ସେମାନଙ୍କ ବିରୋଧରେ ଆମମାନଙ୍କର ମଥା ଭ୍ରମିତ ହେବାକୁ ଦେବାନି; କିନ୍ତୁ ତା' ବୋଲି ସମ୍ଭାବ୍ୟ ବିପଦ ଆଶଙ୍କାରେ ଘାରି ହୋଇ ଆମ ମାର୍ଗରୁ ମୁହଁ ଫେରେଇ ନେବାଟା ପ୍ରକୃତ ମଣିଷପଣିଆଁ ନୁହେଁ କିଂବା ଯଥାର୍ଥ ଦୂରଦର୍ଶିତାର ପରିଚାୟକ ନୁହଁ । ସ୍ୱରାଜର ପଥ କେବେ ବି ନିରାପଦ ହୋଇ ନପାରେ । ସୁତୀକ୍ଷ୍ଣ ଶିଳା ଉପରେ ଆଉ ଗହନ କଣ୍ଟକିତ ଝାଡ଼ ଭିତରଦେଇ ସେଇ ପଥ ଲମ୍ବି ଯାଇଛି ଉତ୍ତୁଙ୍ଗ ଓ ଗୌରବମୟ ଶିଖର ଅଭିମୁଖେ ଯେଉଁଠି ନିବାସ ଆମର ପରମାରାଧ୍ୟା ମହାଦେବୀଙ୍କର, ଆମ ମୁକ୍ତି ସ୍ୱରୂପିଣୀ ଦେବୀଙ୍କର । ତାଙ୍କ ନିକଟରେ ପହଞ୍ଚିବା ପାଇଁ ଅଛି ଦୁର୍ବାର ସାହସ ଆମର ଅଥଚ ଆମେ ଆଶା ବାନ୍ଧି ବସିଛୁ ପଦ ଯୁଗଳକୁ ବିଦୀର୍ଣ୍ଣ ନକରି, ଶରୀରକୁ ଆମର କ୍ଷତବିକ୍ଷତ କରିବାକୁ ନଦେଇ ସେଇ ସଂକଟ-ସଂକୁଳ ଯାତ୍ରା ସମ୍ପନ୍ନ କରିବା ପାଇଁ ? ଲକ୍ଷ୍ୟ କର ସେଇ ମାର୍ଗକୁ; ସେଇ ମାର୍ଗଦେଇ ତୁମେ ଯେତିକି ଯେତିକି ଆଗକୁ ବଢ଼ିବ ଦେଖିବାକୁ ପାଇବ ସେ ପଥ କିପରି ଲୋହିତାଭ ହୋଇ ଉଠିଛି, ସେଇମାନଙ୍କ ଶୋଣିତରେ ସିକ୍ତ ହୋଇ, ଆମ ପୂର୍ବରୁ ଯେଉଁମାନେ ଆରୋହଣ କରି ଯାଇଛନ୍ତି ସେଇ ଚୂଡ଼ାକୁ । ଯଦି ସେଭଳି ଦୃଶ୍ୟ ମାନସପଟକୁ ଛୁଇଁ ଛୁଇଁ ଯାଏ ତୁମର, ଦୃଷ୍ଟି ତୋଳିଧର ଊର୍ଦ୍ଧ୍ୱକୁ ଆଉ ପାଶୋରି ପକାଅ ଏଇ ଦୁର୍ବିଷହ କ୍ଳେଶକୁ ଗୌରବୋଜ୍ଜ୍ୱଳ ତା' ଆନନର ସଂଦର୍ଶନରେ ଶିଖର ଉପରେ ଆସୀନା ସିଏ ଯାହାର ସ୍ମିତହାସ୍ୟ ପ୍ରତିଭାତ ହେଉଛି ଆମରି ଉଦ୍ଦେଶ୍ୟରେ ।

## ବିସ୍ଫୋରଣର ପ୍ରସ୍ତୁତି ପଥେ

ସିମ୍ଲା ସରକାର ଘଡ଼ଘଡ଼ିଆ ତା'ର ପାଟିଟାକୁ ପୁଣି ବିସ୍ତାରିତ କରି ଦେଇଛି ଆଉ ତା'ର ବିଶାଳ ମାଢ଼ିର ଫାଙ୍କ ଦେଇ ଆହୁରି ଗୋଟିଏ କଠୋର ଶପଥ ଗଳି ପଡ଼ିଛି । ଆମେ ଠିକ୍ ଯାହା ଆଶା କରିଥିଲୁ ଏଥର ଲକ୍ଷ୍ୟ ତା'ର ରହିଛି ପ୍ରେସ ଉପରେ । ଏଇ ଶପଥଟି ତା'ର ମେଘ ଡମ୍ବରୁ ସଦୃଶ, ପ୍ରଚଣ୍ଡ ପ୍ରଳାପରେ ପରିପୂର୍ଣ୍ଣ କିନ୍ତୁ ସେଥିରେ ସେମତି ଗୁରୁତ୍ୱପୂର୍ଣ୍ଣ କିଛି ନାହିଁ । ଯଦି ଆବଶ୍ୟକ ହୁଏ ପ୍ରେସର ସ୍ୱାଧୀନତା ବିରୋଧରେ ଏକ ଅଭିଯାନ ଆରମ୍ଭ କରିବାକୁ ଆଉ ବଳପ୍ରୟୋଗର ଅଧ୍ୟାଦେଶ ଦ୍ୱାରା ବାକ୍ ସ୍ୱାଧୀନତା (Freedom of Speech)ର ଯେଭଳି ଭାବରେ କଣ୍ଠରୋଧ କରାଯାଇଥିଲା ଠିକ୍ ସେହିଭଳି ସଫଳତାର ସହିତ ତା'ରି କଣ୍ଠରୋଧ କରିବାକୁ କୁଆଡ଼େ ନିଷ୍ପତ୍ତି ନିଆ ହୋଇ ସାରିଛି । କିନ୍ତୁ ସିମ୍ଲା ସରକାର ତା' ନିଜ ପ୍ରତିନିଧିମାନଙ୍କ ମାଧ୍ୟମରେ ଏଇ ସମସ୍ତ ଦମନମୂଳକ କାର୍ଯ୍ୟ କରିବା ପାଇଁ ନିଜେ ଲଜ୍ଜା ବୋଧ କରୁଛି । ତେଣୁ ସେ କ୍ରମେ ଯବନିକାର ଅନ୍ତରାଳକୁ ପ୍ରସ୍ଥାନ କରି ସ୍ଥାନୀୟ ପ୍ରଶାସନକୁ କହିଛି ରଙ୍ଗମଞ୍ଚରେ ଆସୀନ ହେବାକୁ । ବାସ୍, ସେତିକି । ସେଇ ଏକା ସମୟରେ ବିଦେଶୀ ଶାସକବର୍ଗଙ୍କ ପାଇଁ ପ୍ରେସର ଆବଶ୍ୟକତା ରହିଥିଲା ବେଳେ ମଞ୍ଚ(platform)ର ଆବଶ୍ୟକତା ନାହିଁ । ତେଣୁ ଆମେ ଧରି ନେଇଛୁ ସେମାନେ ଅନିଚ୍ଛାକୃତ ଭାବେ ପ୍ରେସର ମୁହଁ ସମ୍ପୂର୍ଣ୍ଣ ରୂପେ ଜବରଦସ୍ତି ବନ୍ଦ କରିବା ନୀତିକୁ ପ୍ରୟୋଗ କରିବାକୁ ଯାଉଛନ୍ତି ଯାହା ସେମାନେ ମଞ୍ଚ ପ୍ରତି କରିଛନ୍ତି । ଆଇନଗତ ପ୍ରକ୍ରିୟାଜନିତ ଧମକର ସାର୍ଥକ ରୂପାୟନ ପାଇଁ ସେମାନେ ପ୍ରଥମେ ଚେଷ୍ଟା କରୁଛନ୍ତି । ''ଦେଖ, ଆଣ୍ଡ୍ରୁ (Andrew) ନାମଧେୟ ଜଣେ ଆରକ୍ଷୀ ସେଠି ରହିଛି (କିଂବା ଡେନ୍‌ଜିଲ୍ ନାମରେ ଜଣେ ଆରକ୍ଷୀ, ସେ ଯିଏ ହୋଇଥାଉନା କାହିଁକି) ଖବରଦାର, ଜଗିରଖି କଥାବାର୍ତ୍ତା କର । ଯଦି କିଛି ଅନ୍ୟଥା କରି ବସ ତା'ହେଲେ ତାକୁ ଅର୍ଡ଼ର୍ ମିଳିଛି ତୁମକୁ ଭିତରେ ଭର୍ତ୍ତି କରି ଦେବା ପାଇଁ ।'' ସାର୍ ହର୍ବର୍ଟ୍ ରିସ୍‌ଲେଙ୍କ ସାହିତ୍ୟ ସମ୍ବନ୍ଧୀୟ ସର୍ବଶ୍ରେଷ୍ଠ ପ୍ରଚେଷ୍ଟାର ଫଳସ୍ୱରୂପ ମାତୃଭାଷା ଇଂରେଜୀର ଇଏ

ହେଲା ବିଶୁଦ୍ଧ ଭାଷାନ୍ତର । ଆମେ ଆମର ପତ୍ରକାରମାନଙ୍କୁ ଯେତିକି ମାନ୍ୟତା ଦେଉଛୁ ତା' ତୁଳନାରେ ଅଧିକ ଏକ ବିଶେଷ ଧରଣର କାପୁରୁଷତା ଦ୍ୱାରା ସେମାନେ ଯେପର୍ଯ୍ୟନ୍ତ ନିନ୍ଦିତ ନ ହୋଇଛନ୍ତି ପ୍ରେସର ଭାବଧାରା ଉପରେ ଏହାର ସେମିତି କିଛି ବିଶେଷ ପ୍ରଭାବ ପଡ଼ିବ ବୋଲି ଆମେ ପ୍ରାୟ ଭାବୁନୁ । ପ୍ରେସ ଉପରେ ଗୁଡ଼ିଏ ଆଇନଗତ ପରିଣାମ ସୁନିଶ୍ଚିତ ରୂପେ ଆଶା କରାଯାଇପାରେ । ଯଦି ସେଇତକ ଯଥେଷ୍ଟ ନହୁଏ, ତେବେ ଅନ୍ୟ କାର୍ଯ୍ୟାନୁଷ୍ଠାନମାନ ଗ୍ରହଣ କରାଯିବ । ଆଉ ଯେତେବେଳେ ସେମାନେ ପ୍ରେସର ମଞ୍ଚକୁ ନୀରବ କରି ଦେଇଛନ୍ତି, ଆଙ୍ଗ୍ଲୋ-ଭାରତ ସେତେବେଳେ ବିଜୟୋଲ୍ଲାସରେ ଯେ ମାତି ଉଠିବ ଏଥିରେ ସନ୍ଦେହ ନାହିଁ ଆଉ ବିସ୍ମୟସୂଚକ ଭଙ୍ଗିରେ ମୁକ୍ତକଣ୍ଠରେ ଘୋଷଣା କରି କହିବ : ଏହି ନିରର୍ଥକ ଆନ୍ଦୋଳନକୁ ଦମନ କରିବା କେତେ ସହଜ ଥିଲା ସତେ । ଭାରତୀୟ ଜନମତର ଅବିଚ୍ଛେଦ୍ୟ ଅଂଶ ବିଶେଷ ସବୁଠୁ ବୈପ୍ଲବିକ ଏହି ଗୋଷ୍ଠୀଟି ହାତରେ ସେମାନେ ଯେ କ୍ରୀଡ଼ନକ ହୋଇ ଯାଇଛନ୍ତି ଏତିକି ହୃଦୟଙ୍ଗମ କରିବା ପାଇଁ ସ୍ୱର୍ଗ-ସମ୍ଭୂତ (heaven-born) ଏଇ ଶାସକଗଣଙ୍କ ଭିତରେ ଯଥେଷ୍ଟ ରାଷ୍ଟ୍ରନୀତି-ପରାୟଣତା ନାହିଁ । ଅଜିତ୍ ସିଂ ହୁଏତ ତାଙ୍କ ନିର୍ବାସନରେ ଥାଇ ଉତ୍‌ଫୁଲ୍ଲିତ ହୋଇ ଉଠିବେ, କାରଣ ଯାହା ସେ ନିଜେ କେବେ ବି କରି ପାରି ନଥା'ନ୍ତେ ତା' ଅପେକ୍ଷା ତାଙ୍କର ଏହି କାର୍ଯ୍ୟ ଅଧିକ ସଫଳତାର ସହିତ କାର୍ଯ୍ୟକାରୀ ହେଉଛି । ଜାତୀୟ ଅନୁଭୂତି ଠିକ୍ ନିର୍ଦ୍ଦିଷ୍ଟ ବିସ୍ଫୋରକ ପଦାର୍ଥଗୁଡ଼ିକ ପରି ଯାହାର ସାଫଲ୍ୟମଣ୍ଡିତ କାର୍ଯ୍ୟକାରିତା ପାଇଁ ଆବଶ୍ୟକ ହୁଏ ପ୍ରତିରୋଧର; ବିନା ପ୍ରତିରୋଧରେ ସେଗୁଡ଼ିକର ବିସ୍ଫୋରଣ ଘଟେ ସତ, କିନ୍ତୁ ସେଥିରେ କାହାର କିଛି କ୍ଷତି ହୁଏନି ସେସବୁ ଶୂନ୍ୟରେ ଫୁସ୍‌କି ଯାଏ, କିନ୍ତୁ ପ୍ରତିରୋଧର ସମ୍ମୁଖୀନ ହେଲେ, ଅତ୍ୟାଚାରିତ ହେଲେ, ଅବରୁଦ୍ଧ ହେଲେ, ସେମାନେ ପ୍ରଳୟଙ୍କରୀ ଶକ୍ତିରେ ପରିଣତ ହୋଇ ସେଇ ଅସଲ କ୍ଷମତାଟିକୁ ଧ୍ୱଂସ କରି ଦିଅନ୍ତି ଯାହା ଦିନେ ତାଙ୍କୁ ପ୍ରତିରୋଧ କରୁଥିଲା, କାରାଗାର ଭିତରେ ଆବଦ୍ଧ କରି ରଖୁଥିଲା ।

['ବନ୍ଦେ ମାତରମ୍', ଜୁନ୍ ୫, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

Let us all work with a growing sincerity for the manifestation of the Divine Truth.

(CWM, Vol. 14, p. 193) – The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

# ଭାରତ-ମଙ୍ଗଳ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଭାରତରେ ଦେଶାତ୍ମବୋଧଟା ହୁଏତ ନୂତନ ଜିନିଷ, ଅର୍ଥାତ୍ ସମସ୍ତ ଭାରତବର୍ଷ ଏକ – ଭାରତର ରହିଛି ଏକ ଭୌଗୋଳିକ ଏକତ୍ୱ, ଏକ ଜାତିଗତ ଏକତ୍ୱ, ଗୋଟାଏ ଧର୍ମର ଏକତ୍ୱ, କର୍ମର ଏକତ୍ୱ, ସୁତରାଂ ତା'ର ଦରକାର ଅର୍ଥନୈତିକ ଏକତ୍ୱ, ଦରକାର ପୃଥକ୍ ତଥା ସ୍ୱାଧୀନଭାବେ ନିଜର ସତ୍ତାକୁ ସମୃଦ୍ଧ କରି, ଏକତ୍ରିତ କରି ଗଠନ କରିବା; ଅର୍ଥାତ୍ ଗୋଟାଏ କଥାରେ ଭାରତ ଯେ ଏକ 'ନେଶନ୍' (Nation) – ଏହି ଜ୍ଞାନ ସମ୍ବନ୍ଧରେ ହୁଏତ ଆମେମାନେ ଇଦାନୀନ୍ତନ କାଳରେ, ବର୍ତ୍ତମାନର ସମୟରେ, ୟୁରୋପର ସଂସ୍ପର୍ଶରେ ଆସି ସଚେତନ ହୋଇଛୁ । କିନ୍ତୁ ତା' ବୋଲି ଭାରତବର୍ଷ ନାମରେ ଏକ ସମ୍ପୂର୍ଣ୍ଣ ଜୀବନ୍ତ ସତ୍ତା ସମ୍ବନ୍ଧରେ ଆମର ପୂର୍ବପୁରୁଷମାନେ ଯେ ପରିଚିତ ନଥିଲେ, ତାହା ଆଦୌ ନୁହେଁ । ତେବେ ଆମମାନଙ୍କର ଧାରଣା ଓ ଆମର ସେହି ପୂର୍ବପୁରୁଷମାନଙ୍କର ଧାରଣା ଦୁଇ ପ୍ରକାରର – ଏହି ଯାହା ପାର୍ଥକ୍ୟ ।

ଆମର ଋଷିମାନେ ଭାରତକୁ ଏକ ଦେଶ ହିସାବରେ ଯେତେଟା ଦେଖୁ ନଥିଲେ, ସେତେଟା ଏକ ପ୍ରମୂର୍ତ୍ତ ଭାବ ହିସାବରେ ଦେଖୁଥିଲେ । ସେମାନେ ଏହି ଭୂ-ଭାଗଟିର ଶାସନ-ବ୍ୟବସ୍ଥାର ଐକ୍ୟ ଉପରେ ସେତେଟା ଦୃଷ୍ଟି ଦେଉ ନଥିଲେ କି ଏହାର ଯେ ଏକ ସମଷ୍ଟିଗତ ସ୍ୱତନ୍ତ୍ର ବ୍ୟବହାରିକ ଜୀବନ ଅଛି ସେକଥା ବି ସେମାନଙ୍କ ପାଖରେ ସେତେଟା ବଡ଼ ନଥିଲା । ଭାରତବର୍ଷକୁ ସେମାନେ ଏକ ପାରମାର୍ଥିକ ସତ୍ୟର ପ୍ରତିମୂର୍ତ୍ତି ଭାବରେ ଜାଣିଥିଲେ । ଜଗତ୍-ରହସ୍ୟର ଏକ ତତ୍ତ୍ୱର ପ୍ରତୀକ ଏଇ ଭାରତବର୍ଷ । ଭାରତର ଏକତ୍ୱ, ସ୍ୱାତନ୍ତ୍ର୍ୟ – ଏପରିକି ଶ୍ରେଷ୍ଠତ୍ୱକୁ ସେମାନେ ଏହି ଦୃଷ୍ଟିରୁ ଅନୁଭବ କରିଥିଲେ ଆଉ ସେକଥା ସେମାନେ ଖୁବ୍ ସ୍ପଷ୍ଟ କରି କହି ଯାଇଛନ୍ତି ।

ଅବଶ୍ୟ ସେମାନେ ଯେଉଁ ଭାଷାରେ କହିଛନ୍ତି, ସେ ଭାଷା ଆଜିକାଲି ଆମ ପାଖରେ ଅର୍ଥହୀନ, ଅସ୍ପଷ୍ଟ ବା ଅବୋଧ । ସେମାନେ କହିଛନ୍ତି – ଏଇ ଭାରତବର୍ଷ ତା'ର ଚତୁଃସୀମା ମଧ୍ୟରେ ଦୃଢ଼-ପ୍ରତିଷ୍ଠିତ, ଏହାର ଦକ୍ଷିଣରେ ମହାସାଗର, ପୂର୍ବରେ ମହାସାଗର ଆଉ ଉତ୍ତରରେ ହିମାଳୟ ରହିଛି ଧନୁ-ଶର ସଦୃଶ । ଏଇ ଭାରତବର୍ଷ ସବୁ ଜିନିଷର ବୀଜ – 'ତଦେତତ୍ ଭାରତଂ ବର୍ଷଂ ସର୍ବବୀଜମ୍' । ଏହି ସର୍ବବୀଜ କହିଲେ ସେମାନେ କ'ଣ ବୁଝୁଥିଲେ ତାହା ଅଜ୍ଞାତ ରହିଥିଲେ ବି ସେମାନେ ତା'ପରେ ଯାହା କହିଛନ୍ତି ତାହା ହେଲା – ଏଠାରେ ଦେବତା ହୋଇ ହୁଏ, ଦେବତାଙ୍କର ରାଜା ବି ହୋଇ ହୁଏ, ଆଉ ମର୍ତ୍ତ୍ୟବାସୀ ବି ହୋଇ ହୁଏ । ସେମାନେ ଆହୁରି କହିଛନ୍ତି – ପୃଥିବୀ ମଧ୍ୟରେ ଏଇ ଭାରତବର୍ଷ ଶ୍ରେଷ୍ଠ ଦେଶ । କାରଣ – ଆପଣମାନେ ଶୁଣି ଚକିତ ହେବେ ନାହିଁ – ଭାରତବର୍ଷ କର୍ମଭୂମି, ଅନ୍ୟ ଦେଶସବୁ ଭୋଗଭୂମି; ଅର୍ଥାତ୍ – ଏହା ବି ସେମାନଙ୍କର ନିଜ କଥା – ଏହି ପୁଣ୍ୟକ୍ଷେତ୍ର ଭାରତବର୍ଷରେହିଁ ଲୋକମାନେ ଶୁଭ ହେଉ ବା ଅଶୁଭ ହେଉ କର୍ମ କରନ୍ତି, ଅନ୍ୟାନ୍ୟ ସ୍ଥାନରେ ସେହି କର୍ମ ଅନୁଯାୟୀ ଫଳ ଭୋଗ କରନ୍ତି ମାତ୍ର ।

ଭାରତବର୍ଷର ଲୋକମାନେ କେବଳ କର୍ମୀ, ଆଉସବୁ ଦେଶର ଲୋକମାନେ କେବଳ ଭୋଗୀ – ଏ କଥାଟା ଆଜିକାଲି ଏକ ବିରାଟ ତାମସା ପରି ଶୁଣାଯିବ ବା ଲାଗିବ । ବରଂ ଠିକ୍ ଏହାର ଓଲଟା କଥାଟାହିଁ ସତ୍ୟ ବୋଲି ବୋଧ ହୁଏ । ଫଳତଃ ଭାରତବର୍ଷ ବ୍ୟତୀତ ଅନ୍ୟସବୁ ଦେଶ – ୟୁରୋପ, ଆମେରିକା, ଜାପାନ ପ୍ରଭୃତି କର୍ମ ସୃଷ୍ଟି କରିଛନ୍ତି ଏବଂ ଶକ୍ତିର, ବୀର୍ଯ୍ୟର ନବ ନବ ରୂପ ଅହରହ ପ୍ରକାଶ କରୁଛନ୍ତି । ଆଉ ସେହି ବସ୍ତୁର ଏକ କ୍ଷୀଣ, ଅତି ଦୂରର ଛାୟା ବା ପ୍ରତିଧ୍ୱନିକୁ ଗ୍ରହଣ କରି ବସି ଭୋଗ କରୁଛି ଭାରତ । ନୂତନ କର୍ମର ସୃଷ୍ଟି ଅନ୍ୟସବୁ ଦେଶ ତୁଳନାରେ ଭାରତ ସେତେଟା କରିଛି କି ? ଭାରତବର୍ଷକୁ ତ ଚିରଦିନ କର୍ମର ବିରୋଧୀ ଅଧ୍ୟାତ୍ମବାଦୀ ବୋଲି ପରିଚୟ ଦିଆ ହୋଇଛି – କର୍ମୀ ଯଦି କେହି ହୁଏ ସେ ହେଲା ୟୁରୋପ । ଆଉ କର୍ମ କରିବାକୁ ଜାଣେ ବୋଲି ଯେ ୟୁରୋପ ଭୋଗ କରି ପାରେନା ତାହା ବି ନୁହେଁ । ୟୁରୋପ ଯେପରି ବିପୁଳ କର୍ମ କରୁଛି, ଚୂଡ଼ାନ୍ତ ଭୋଗ ବି ସେପରି କରୁଛି । ଯଦି ଖୁବ୍ ନିରପେକ୍ଷଭାବେ ବିଚାର କରୁ, ତେବେ ଜୋର୍ କରି କୁହାଯାଇପାରେ – ଭାରତ ଯେପରି ଏକ ଦିଗରେ ମହାନ୍ କର୍ମୀମାନଙ୍କୁ ସୃଷ୍ଟି କରିଛି ଆଉ ଅନ୍ୟ ଦିଗରେ ମହାନ୍ ଭୋଗୀମାନଙ୍କୁ ମଧ୍ୟ ସୃଷ୍ଟି କରିଛି, ସେପରି ଅନ୍ୟାନ୍ୟ ଦେଶରେ

ବି ସେହି ସମାନ ଭାବରେ ଏହି ଦୁଇପ୍ରକାରର ବୀରଙ୍କର ସୃଷ୍ଟି ହୋଇଛି । କେଉଁ ଦିଗରେ କାହାର ତୁଳା-ଦଣ୍ଡ ବା ତରାଜୁଟି ଯେ କେତେ ଢଳିଛି ତାହା ନିରୂପଣ କରିବା ସହଜ କଥା ନୁହେଁ ।

ଆଚ୍ଛା, ତା'ହେଲେ ଆମ ଦେଶର ପ୍ରାଚୀନ ମନୀଷୀମାନେ ଯେଉଁ କଥାସବୁ କହିଛନ୍ତି ତାହା କ'ଣ ପୂରା ଗଞ୍ଜେଇଖୋରି ? ନା ସେମାନଙ୍କର କୌଣସି ବାହ୍ୟ ଦୃଷ୍ଟି ନଥିଲା ? ଯେଉଁମାନେ ଶକ୍ତି ଓ ମନୀଷାର ଏତେଟା ପରିଚୟ ଦେଇଛନ୍ତି ସେମାନଙ୍କର ଯେ ଏଇ ସାଧାରଣ କାଣ୍ଡଜ୍ଞାନ ନଥିଲା, ଅନ୍ୟ ଦେଶ ସମ୍ବନ୍ଧରେ କିଛି ଜାଣି ନଥିଲେ, ନିଜ ଦେଶ ସମ୍ବନ୍ଧରେ ବି ସେମିତି ଅଜ୍ଞାନ-ଅନ୍ଧ ଥିଲେ, ଏକଥା ମାନି ନେବା ପାଇଁ ଏକ ଜୋର୍-ଜବରଦସ୍ତି କରିବାକୁ ହୁଏ । ପୂର୍ବରୁ କହିଛୁ ସେମାନଙ୍କର ଭାଷା ଆମେ ବୁଝିପାରୁ ନାହିଁ କି ସେମାନେ ଯେଉଁ ଶବ୍ଦ, ଯେଉଁ ଅର୍ଥରେ ବ୍ୟବହାର କରିଛନ୍ତି ଆମେ ସେହି ଅର୍ଥରେ ଠିକ୍ ତାହାକୁ ଗ୍ରହଣ କରିପାରୁ ନାହୁଁ; ତେଣୁ ଆମେ ଦେଇଛୁ ସେ ଶବ୍ଦର ବର୍ତ୍ତମାନ ଯୁଗର ଅର୍ଥ । ସେମାନଙ୍କର ଅର୍ଥ କ'ଣ ଥିଲା ତାହା ଆବିଷ୍କାର କରିବା ହୁଏତ ଖୁବ୍ କଷ୍ଟସାଧ, ଆମ ମନକୁ ଯେଉଁ ଗୋଟାଏ ଅର୍ଥ ଆସିଛି ତାହା କହୁଛୁ, ସତ୍ୟ କି ନା ତାହା ନଜାଣି କାହାକୁ ଜୋର୍ କରି ବିଶ୍ୱାସ କରିବାକୁ କହୁ ନାହୁଁ ।

ଆମର ମନେ ହୁଏ, କର୍ମ ଓ ଭୋଗ ଯେଉଁ ସ୍ଥୂଳ ଅର୍ଥରେ ଆମେ ବ୍ୟବହାର କରୁ, ପ୍ରାଚୀନମାନଙ୍କ ଉକ୍ତ କଥା ମଧ୍ୟରେ ଏହି ଦୁଇଟି ଶବ୍ଦର ସେ ପ୍ରକାର ସ୍ଥୂଳ ଅର୍ଥ ନାହିଁ । କର୍ମର ଅର୍ଥ ସ୍ଥୂଳ ଅଙ୍ଗ ସଞ୍ଚାଳନ ନୁହେଁ, ମାଂସପେଶୀ ମଧ୍ୟରେ, ସ୍ନାୟୁ ମଧ୍ୟରେ, ଧମନୀ ମଧ୍ୟରେ ଏକ ଆବେଗ, ଉତ୍ତେଜନା ତା'ର ଉତ୍ତର ନୁହେଁ । କର୍ମ ହେଲା ସେହି ଶକ୍ତି ଯାହା ସେସବୁ ଜିନିଷର ମୂଳରେ, ଅନ୍ତରାଳରେ ରହିଛି, ଯାହା ମଧ୍ୟରୁ ସେସବୁ ଜିନିଷ ପ୍ରକାଶିତ ହୋଇଛି । କର୍ମ ହେଉଛି ସେହି ନିବିଡ଼ ତପଃଶକ୍ତି, ଅନ୍ତରାତ୍ମାର ଏକ ନିଭୃତ ଚାପ, ଅନ୍ତର୍ଯାମୀ ପୁରୁଷଙ୍କର ଏକ ଇଚ୍ଛାର ବଳ – ''ସ ଐଚ୍ଛତ୍'' – ସେ ଇଚ୍ଛା କଲେ – ଯାହା କାରଣ ରୂପେ ରହିଛି ବୋଲି ହିଁ ବାହାରର ଇନ୍ଦ୍ରିୟସବୁ କାର୍ଯ୍ୟ କରିବାକୁ ଆରମ୍ଭ କରିଛନ୍ତି । ଫଳତଃ ଆମେ ଏବେ ଯେଉଁ ଜିନିଷକୁ କର୍ମ ବୋଲି କହୁ ତାହା କର୍ମ ନୁହେଁ, ତାହା ହେଲା କାର୍ଯ୍ୟ । କର୍ମ ହେଲା ଚିତ୍ତର ଏକ ବୀଜଶକ୍ତି, ଏକ ସଜାଗ ସଂସ୍କାର । ଆମର ଅଧ୍ୟାତ୍ମ-ସାଧନାରେ କର୍ମକ୍ଷୟର ଯେଉଁ ବ୍ୟବସ୍ଥା ଅଛି ତା'ର ଲକ୍ଷ୍ୟ ସ୍ଥୂଳ କାର୍ଯ୍ୟ ସେତେଟା ନୁହେଁ ଯେତେଟା ଏଇ ଚିତ୍ତର କର୍ମବୀଜ; ଆଉ ଭୋଗ ଅର୍ଥ ବି ବାହାରର ସ୍ଥୂଳ ଭୋଗ ସେତେଟା ନୁହେଁ ଯେତେଟା ଭିତରର ଅନ୍ତରାତ୍ମାର ଏକ ରସର ଆସ୍ୱାଦନ, ବୀଜାତ୍ମକ କର୍ମ ଶକ୍ତିରୁ ଅଙ୍କୁରିତ ଏକ ବିଶେଷ ପରିଣାମ ବା ଫଳର, – ଏକ ଆନନ୍ଦର ଭୋଗ – ସୁଖ ହେଉ ବା ଦୁଃଖ ହେଉ – କୌଣସି ବିଶେଷ ଧାରାରେ, ବିଶେଷ ଦିଗରେ ଶକ୍ତିକୁ ଚଳାଇ ଦେଲେ, ଚାପ ଦେଲେ ସେ ଦିଗରୁ ଏକ ମୂର୍ତ୍ତି ନିର୍ମାଣ କରି ଆଣେ ଯେଉଁ ପ୍ରତିକ୍ରିୟା ।

ବର୍ତ୍ତମାନ ଭାରତ କର୍ମଭୂମି, ଏ କଥାର ଅର୍ଥ ହେଲା ଚିତ୍ତରେ ନୂତନ କର୍ମବୀଜ ବପନ କରିବା, ଅନ୍ତରାତ୍ମାରେ ଏକ ନୂତନ ଉତ୍ସ ଖୋଲି ଦେବା, ସ୍ୱଭାବର ଯେଉଁ ଗତାନୁଗତିକ ଧାରା ତାହାକୁ ସ୍ତମ୍ଭିତ କରି, ଘୂରାଇ ନୂତନ ଲକ୍ଷ୍ୟ ଅଭିମୁଖରେ ଚଳାଇବା ସମ୍ଭବ ଏଇ ଭାରତବର୍ଷରେ – ଭାରତବାସୀ ଏଇ ଲକ୍ଷ୍ୟର ଅନୁଧାବନ କଲେ । କାରଣ ଭାରତବର୍ଷ ହେଲା ଯେପରି ପୃଥିବୀର ଅଧ୍ୟାତ୍ମପୁରୁଷ, ଭାରତହିଁ ଆଧ୍ୟାତ୍ମିକ ଜ୍ଞାନର ଭଣ୍ଡାର; ଏଠାରେହିଁ ଧର୍ମତତ୍ତ୍ୱର ନିଗୂଢ଼ ରହସ୍ୟ ସବୁ, ପରାଜ୍ଞାନର ସତ୍ୟ ସବୁ ସଞ୍ଚିତ ହୋଇ ରହିଛି, ପୃଥିବୀର ସମସ୍ତ ଓଲଟପାଲଟ ମଧ୍ୟରେ ଏଠାରେ ଆଶ୍ରୟ ନେଇଛି । ତେଣୁ ସ୍ୱଭାବତଃ ଭାରତବାସୀ ସାତ୍ତ୍ୱିକ ସ୍ୱଭାବର, ଅର୍ଥାତ୍ ପ୍ରକୃତିର ଖେଳରେ ଯିଏ ଡୁବି ମଜ୍ଜି ଯାଏନା, ତାହା ମଧ୍ୟରେ ରହିଛି ଏକ ଉଦାସୀନତା ଯାହାର କୃପାରେ ସେ ନିଜକୁ ପ୍ରାକୃତ ଲୀଳାରୁ ଅଲଗା ବା ପୃଥକ୍ କରି ରଖିପାରେ ଏବଂ ଏହା ସେ କରିପାରେ ବୋଲି ତା'ର ପ୍ରକୃତିରେ ନୂତନ କର୍ମ ଶକ୍ତି ଜନ୍ମ ଗ୍ରହଣ କରିପାରେ, ଅନ୍ତର ପୁରୁଷକୁ ନୂତନ ଉପଲବ୍ଧି ଦ୍ୱାରା ପୁଣି ଆଉ ଏକ ନୂତନ ପ୍ରେରଣାରେ ଭରି ଦେଇ ଏକ ନୂତନ ଆଧାର ତିଆରି କରି ସେ ପୁନର୍ବାର ନୂତନ ପଥରେ ଚାଲିପାରେ । ମନୁଷ୍ୟର ସ୍ୱଭାବ ବା ପ୍ରକୃତିର ଧର୍ମ ତା'ର ଅନ୍ତରପୁରୁଷଙ୍କ ଦୃଷ୍ଟିରୁହିଁ ଆସେ । ଏଇ ଅନ୍ତରପୁରୁଷ ଯେଉଁଠି ପ୍ରକୃତିଠାରୁ ଯେତେ ନିର୍ଲିପ୍ତ ହୋଇ ନିଜକୁ ରଖିଛି ସେତେହିଁ ସ୍ୱାଧୀନ, ସେତେହିଁ ସେ ଇଚ୍ଛାନୁସାରେ ପ୍ରକୃତିକୁ ଗଠନ କରି ଚଳାଇ ନେଇପାରେ । କିନ୍ତୁ ତମଃ ଓ ରଜଃ ଗୁଣର ଆଧିକ୍ୟବଶତଃ ପୁରୁଷ ଯେଉଁଠି ପ୍ରକୃତିର ଆଡୁଆଳରେ ରହି ଯାଇଛି, ମନୁଷ୍ୟ ଯେଉଁଠି ଆତ୍ମହରା ହୋଇ, ଶ୍ରୀମଦ୍‌ଭଗବଦ୍ ଗୀତାର କଥାରେ ''ପ୍ରମତ୍ତ'' ହୋଇ ପ୍ରକୃତି ସହିତ ମିଶି ଯାଇଛି ସେଠାରେ ପ୍ରକୃତିର ଅଭ୍ୟସ୍ତ କର୍ମ ଶକ୍ତିର ସ୍ରୋତରେ ସେ ଗତି କରିବାକୁ ଲାଗେ, ସେଠାରେ ନୂତନ କର୍ମବୀଜ ଉପ୍ତ ବା ରୋପିତ ହୁଏ ନାହିଁ, ଯେଉଁ ପୁରାତନ ବୀଜ ବା ମଞ୍ଜି ପଡ଼ିଥିଲା ତାହାହିଁ

ଅଙ୍କୁରିତ ହୋଇ ଫଳ ପୁଷ୍ପରେ ସୁଶୋଭିତ ହୋଇ ବୃଦ୍ଧିଲାଭ କରେ । ଭାରତବାସୀଙ୍କର ସମଷ୍ଟିଗତ ସ୍ୱଭାବର ଧାରାରେ ରହିଛି ଆଧ୍ୟାତ୍ମିକ ନିର୍ଲିପ୍ତତା, ଏହାହିଁ ତାହାର ବିଶେଷତ୍ୱ । ଏଇ ନିର୍ଲିପ୍ତତା, ଏଇ ଉଦାସୀନ ଭାବ ଯୋଗୁଁହିଁ ସେ କର୍ମସ୍ରୋତରୁ ନିଜକୁ ଉତ୍ତୋଳିତ କରି ଅନ୍ତରାତ୍ମାରେ ପ୍ରତିଷ୍ଠିତ କରିପାରେ ଏବଂ ପୁଣି ସେଠାରୁ ନୂତନ କର୍ମର ଧାରା ସୃଷ୍ଟି କରିପାରେ । ତେଣୁ ଏଇ ଭାରତବର୍ଷ କର୍ମଭୂମି । ଅନ୍ୟାନ୍ୟ ଦେଶର ସ୍ୱଭାବର ଧାରା ଏଇଆ ଯେ, ସେମାନେ ସ୍ୱଭାବର ଆବର୍ତ୍ତରେ ଗତି କରନ୍ତି, ତାହାକୁହିଁ ପ୍ରକାଶିତ କରନ୍ତି, କିନ୍ତୁ ସ୍ୱଭାବର ଅତିରିକ୍ତ ହୋଇ ବା ତା' ମଧ୍ୟରୁ ବାହାରି ଯାଇ ସେମାନେ ସ୍ୱ-ମଧ୍ୟରେ ପୁଣି ନୂତନ ଭାବର ପତ୍ତନ କରିବାକୁ ଜାଣନ୍ତି ନାହିଁ । ତେଣୁ ଅନ୍ୟ ଦେଶସବୁ ହେଲେ ଭୋଗଭୂମି । ବହମାନ କର୍ମର ବେଗ ପୂର୍ଣ୍ଣ ହୋଇ ଆସିଲେ ଯଦି ନୂଆ ପ୍ରକାରର କର୍ମଶକ୍ତି ଅର୍ଜନ କରିବାକୁ ହୁଏ ତା'ହେଲେ ଭାରତବର୍ଷରେ ଜନ୍ମ ନେଇ ସାତ୍ତ୍ୱିକ ପ୍ରକୃତିର ହେବାକୁ ପଡ଼ିବ, ପୁନର୍ବାର ଆନ୍ତର-ପୁରୁଷଙ୍କର ସାକ୍ଷାତ୍‌ଲାଭ କରି ସେଠାରୁ ନୂତନ କର୍ମ-ଭଣ୍ଡାର ନେଇ ଯଥା ସ୍ଥାନକୁ ଯିବାକୁ ପଡ଼ିବ । ଏ କଥାର ଅର୍ଥ ଏଇଆ ନୁହେଁ ଯେ କେବଳ ଭାରତବର୍ଷରେହିଁ ଆଧ୍ୟାତ୍ମିକ ଦୃଷ୍ଟି ଓ ଶକ୍ତି-ସମ୍ପନ୍ନ ଲୋକ ଅଛନ୍ତି କିଂବା ଭାରତବାସୀ ସମସ୍ତେ ଏଇ ଧରଣର; ଆଉ ଅନ୍ୟାନ୍ୟ ଦେଶରେ ସମସ୍ତେ ଆତ୍ମହରା, ପ୍ରାକୃତ ସ୍ୱଭାବର । ଏହି ତଥ୍ୟଟି ଏକ ମୋଟାମୋଟି କଥା, ଗୋଟାଏ ଦେଶ ବା ଜନ-ସଂଘର ସମବେତ ଚେତନାର କଥା । ଆମ ଦେଶର ପ୍ରାଚୀନମାନଙ୍କ ପାଖରେ ଭାରତର ଓ ଅନ୍ୟାନ୍ୟ ଦେଶର ମାନସୀ ମୂର୍ତ୍ତି ଏହିପରିହିଁ ପ୍ରକାଶିତ ହୋଇ ଉଠିଥିଲା ।

ଏହି ତଥ୍ୟଟି କେତେଦୂର ସତ୍ୟ, ଆଦୌ ସତ୍ୟ କି ନୁହେଁ, ଅଥବା ଯେଉଁ କଥା ସେମାନେ କହି ଯାଇଛନ୍ତି ତାହାର ଅର୍ଥ ଏଇ ପ୍ରକାର କି ନୁହେଁ ସେ ସମ୍ବନ୍ଧରେ ନିଃସନ୍ଦେହ ହେବାକୁ ଆମେ କାହାକୁ କହୁ ନାହୁଁ । ଆମେ ପ୍ରଶ୍ନ ଉଠାଇ ଏକ ମୀମାଂସା ଦେଲୁ, ଏହାକୁ ନେଇ ଗବେଷଣା ଚାଲିପାରେ । ସେ ଯାହାହେଉ, ଆମର ଅସଲ କଥା ହେଲା ଏଇଆ – ସମଗ୍ର ବା ପୂର୍ଣ୍ଣାଙ୍ଗ ଭାରତର ଏକ ସଜୀବ, ସଚେତନ ସତ୍ତା ପ୍ରାଚୀନମାନଙ୍କ ମନରେ ପ୍ରକାଶିତ ହୋଇଥିଲା – ଏହି ଜିନିଷଟା ଆଧୁନିକ ଯୁଗର ବା ୟୁରୋପର ଦାନ ନୁହେଁ । ଆମେ ଆଧୁନିକମାନେ ଭାରତର ସ୍ୱାତନ୍ତ୍ର୍ୟକୁ ଏକ ଭାବେ ଦେଖିପାରୁ, କିନ୍ତୁ ପ୍ରାଚୀନମାନେ ବି ଯେ ତାକୁ ଏକ ରୂପରେ ଦେଖିଥିଲେ ସେଇ କଥାଟି ଆମେ ଯେପରି ଭୁଲି ନଯାଉ । ତେଣୁ ମତର ପାର୍ଥକ୍ୟ ଥିଲେ ବି ଏକ ମନ ନେଇ ସେମାନଙ୍କ ସହିତ ଆମେ ସମସ୍ୱରରେ ଏକଥା ଯଦି ଗାଇ ନପାରୁ –

''ଗାୟନ୍ତି ଦେବାଃ କିଲ ଗୀତକାନି
    ଧନ୍ୟାସ୍ତୁ ଯେ ଭାରତଭୂମିଭାଗେ ।
ସ୍ୱର୍ଗାପବର୍ଗାସ୍ପଦ-ହେତୁ ଭୂତେ
    ଭବନ୍ତି ଭୂୟଃ ପୁରୁଷାଃ ସୁରତ୍ୱାତ୍ ॥''

ଅନ୍ତତଃ ଏହା ତ ଗାଇ ପାରିବୁ –

''ଜାନୀମ ନୈତତ୍ କ୍ୱ ବୟଂ ବିଲୀନେ
    ସ୍ୱର୍ଗପଦେ କର୍ମଣି ଦେହବନ୍ଧମ୍ ।
ପ୍ରାପ୍ସ୍ୟାମ ଧନ୍ୟାଃ ଖଲୁ ତେ ମନୁଷ୍ୟା
    ଯେ ଭାରତେ ନେନ୍ଦ୍ରିୟବିପ୍ରହୀନାଃ ॥''

(ମୂଳ ବଙ୍ଗଳା ରଚନାବଳି, ୬ଷ୍ଠ ଖଣ୍ଡରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି ❖

'ରାଧା' ସେହି ଅଖଣ୍ଡ ଦିବ୍ୟ ପ୍ରେମର ମୂର୍ତ୍ତି, ଯେଉଁ ଦିବ୍ୟ ପ୍ରେମ ଉଚ୍ଚତମ ଅଧ୍ୟାତ୍ମ-ସତ୍ତାରୁ ଅଧସ୍ତନ ଜଡ଼ ପର୍ଯ୍ୟନ୍ତ ସତ୍ତାର ସକଳ ଅଂଶରେ ପରିପୂର୍ଣ୍ଣ ଓ ବ୍ୟାପକ; ଯାହା ସମଗ୍ର ସତ୍ତାର ନିଃଶେଷ ଆତ୍ମ-ସମର୍ପଣ ଓ ସର୍ବାଙ୍ଗୀଣ ଆତ୍ମୋତ୍ସର୍ଗ ପ୍ରଦାନ କରେ ଏବଂ ଦେହ ଓ ସ୍ଥୂଳତମ ଜଡ଼ ପ୍ରକୃତି ମଧ୍ୟରେ ପରମ ଦିବ୍ୟାନନ୍ଦଙ୍କୁ ଉତାରି ଆଣିପାରେ ।

– ଶ୍ରୀଅରବିନ୍ଦ

# ଚତୁର୍ଥ ସୂକ୍ତ, ଅଗ୍ନିଙ୍କ ପ୍ରତି

## ଶ୍ରୀଅରବିନ୍ଦ

### ଭଗବତ୍-ସଂକଳ୍ପ, – ପୁରୋହିତ, ଯୋଦ୍ଧା ଓ ଆମ ଯାତ୍ରାର ନେତା

ଋଗ୍‌ବେଦ, ମଣ୍ଡଳ-୫, ସୂକ୍ତ-୪, ଋଷି-ବସୁଶ୍ରୁତ ଆତ୍ରେୟ

[ଏହି ସୂକ୍ତରେ ଋଷି ସେହି 'ଭଗବତ୍-ଶକ୍ତି'ଙ୍କୁ ସ୍ତୁତି କରୁଛନ୍ତି ଯିଏ ଜାଣନ୍ତି ଜୀବନଧାରଣ କରିଥିବା ବ୍ୟକ୍ତି-ଆତ୍ମାର ଉତ୍ତରଣର ଧାମ ବା ସ୍ତରର ସମସ୍ତ ଜନ୍ମକ୍ରମକୁ, ତା'ର ଅଗ୍ରଗାମୀ ତଥା ଊର୍ଦ୍ଧ୍ୱଗାମୀ ଯଜ୍ଞର ପୁରୋହିତ ରୂପେ ତାକୁ ସେ ଦେଇଥା'ନ୍ତି ଶୁଦ୍ଧତା, ଶକ୍ତି, ଜ୍ଞାନ, ବୃଦ୍ଧିଶୀଳ ଦ୍ରବିଣ, ନୂତନ ଆକାର-ଗଠନର ସାମର୍ଥ୍ୟ ଓ ଆଧ୍ୟାତ୍ମିକ ଉତ୍ପାଦକତା, ଯାହା ଦ୍ୱାରା ମର୍ତ୍ତ୍ୟ ଜୀବ ଅମୃତତ୍ୱ ପ୍ରତି ବିକଶିତ ହୋଇଥାଏ । ଏହି ଶକ୍ତି ଶତ୍ରୁକୁ, ଆକ୍ରାନ୍ତାକୁ, ଅପଶକ୍ତିଗଣଙ୍କୁ ଧ୍ୱଂସ କରିଥାଏ; ଏମାନେ ଯେଉଁସବୁ ଐଶ୍ୱର୍ଯ୍ୟର ବାଟକୁ ଅଟକାଇ ରଖିଛନ୍ତି ଏହି ଶକ୍ତି ସେଇସବୁକୁ ଆଣି ବ୍ୟକ୍ତି-ଆତ୍ମାକୁ ସମୃଦ୍ଧ କରିଥାଏ, ମାନସିକ ଓ ପ୍ରାଣିକ ତଥା ଦୈହିକ ସତ୍ତାର ତ୍ରି-ଶାନ୍ତି ଓ ତ୍ରି-ଚରିତାର୍ଥତା ପ୍ରଦାନ କରିଥାଏ, ଅତିମାନସିକ 'ସତ୍ୟ' ମଧ୍ୟରେ ଅଧ୍ୟବସାୟ କରି ଚାଲିଥାଏ, ଆମ ମଧ୍ୟରେ ଅମୃତ ଆନନ୍ଦ ରଚନା କରି ଆମକୁ ଊର୍ଦ୍ଧ୍ୱ ଦିଗରେ ଚଳେଇ ନେଇଥାଏ ।]

ତ୍ୱାମଗ୍ନେ ବସୁପତିଂ ବସୂନାମଭି ପ୍ର ମନ୍ଦେ ଅଧ୍ୱରେଷୁ ରାଜନ୍ ।
ତ୍ୱୟା ବଜଂ ବାଜୟନ୍ତୋ ଜୟେମାଽଭି ଷ୍ୟାମ ପୃତ୍ସୁତୀର୍ମର୍ତ୍ତ୍ୟାନାମ୍ ॥୧॥

ହେ ଶକ୍ତି [ଅଗ୍ନେ], ମୂଳତତ୍ତ୍ୱର ପ୍ରଭୁମାନଙ୍କର ସ୍ୱାମୀ, ତୁମ ପ୍ରତି [ବସୂନାଂ ବସୁପତିଂ ତ୍ୱାମ୍ ଅଭି] ଯଜ୍ଞ ଯାତ୍ରାରୁ ପ୍ରାପ୍ତ ମୋ ଆନନ୍ଦକୁ ମୁଁ ଯେପରି ପ୍ରେରଣ କରିଦିଏ [ଅଧ୍ୱରେଷୁ ପ୍ର ମନ୍ଦେ] । ହେ ରାଜନ୍ [ରାଜନ୍] ! ତୁମ ସମୃଦ୍ଧିରେ ବୃଦ୍ଧିପ୍ରାପ୍ତ ଆମେମାନେ [ବାଜୟନ୍ତଃ] ତୁମ ଦ୍ୱାରା [ତ୍ୱୟା] ଆମେ ଯେପରି ଆମ ସମୃଦ୍ଧିକୁ ଜୟ କରିପାରୁଁ [ବାଜଂ ଜୟେମ] ଏବଂ ମର୍ତ୍ତ୍ୟଶକ୍ତିମାନଙ୍କର ଯୁଦ୍ଧାସ୍ତ୍ରରେ ସୁସଜ୍ଜିତ ସମସ୍ତ ଆକ୍ରମଣକୁ [ମର୍ତ୍ତ୍ୟାନାଂ ପୃତ୍ସୁତୀଃ] ପରାସ୍ତ କରିପାରୁଁ [ଅଭି ସ୍ୟାମ] ।

ହବ୍ୟବାଳଗ୍ନିରଜରଃ ପିତା ନୋ ବିଭୁର୍ବିଭାବା ସୁଦୃଶୀକୋ ଅସ୍ମେ ।
ସୁଗାର୍ହପତ୍ୟାଃ ସମିଷୋ ଦିଦୀହ୍ୟସ୍ମଦ୍ର୍ୟକ୍ ସଂ ମିମୀହି ଶ୍ରବାଂସି ॥୨॥

ଜରାହୀନ ଶକ୍ତି [ଅଜରଃ ଅଗ୍ନିଃ] ଯିଏ ଆମ ହବ୍ୟକୁ ବହନ କରୁଛନ୍ତି [ହବ୍ୟବାଟ୍], ସେ ଆମର ପିତା [ନଃ ପିତା], ଆମ ମଧ୍ୟରେ [ଅସ୍ମେ] ସତ୍ତାସ୍ୱରୂପେ ସେ ବ୍ୟାପ୍ତ ହୋଇଛନ୍ତି [ବିଭୁଃ] ଏବଂ ଜ୍ୟୋତିସ୍ୱରୂପେ ସେ ବିସ୍ତାରିତ ହୋଇଛନ୍ତି [ବିଭାବା] ତଥା ସେ ପୂର୍ଣ୍ଣ ଦୃଷ୍ଟି ସମ୍ପନ୍ନ [ସୁଦୃଶୀକଃ] । ଆମ 'ଗୃହପତି'ଙ୍କ ସହ ପୂର୍ଣ୍ଣରୂପେ ସଂପୃକ୍ତ [ସୁଗାର୍ହପତ୍ୟାଃ][୧] ତୁମ ଆବେଗଶକ୍ତିକୁ [ଇଷଃ] ତୁମେ ପୂର୍ଣ୍ଣରୂପେ ପ୍ରଦୀପିତ କର [ସଂ ଦିଦୀହି], ତୁମ ଜ୍ଞାନପ୍ରେରଣାଗୁଡ଼ିକୁ ତୁମେ ପୂର୍ଣ୍ଣରୂପେ ସଂଗଠନ କର [ଶ୍ରବାଂସି ସଂ ମିମୀହି] ଏବଂ ସେଗୁଡ଼ିକୁ ଆମ ଦିଗରେ ଘୂରାଇ ଦିଅ [ଅସ୍ମଦ୍ର୍ୟକ୍] ।

ବିଶାଂ କବିଂ ବିଶ୍ପତିଂ ମାନୁଷୀଣାଂ ଶୁଚିଂ ପାବକଂ ଘୃତପୃଷ୍ଠମଗ୍ନିମ୍ ।
ନି ହୋତାରଂ ବିଶ୍ୱବିଦଂ ଦଧିଧ୍ୱେ ସ ଦେବେଷୁ ବନତେ ବାର୍ଯ୍ୟାଣି ॥୩॥

---

[୧] 'ଅଗ୍ନି' ଏଠାରେ ପରମ ସଂକଳ୍ପ ଶକ୍ତି ଯିଏ ଆମ ଅନ୍ତରବାସୀ ପିତା ତଥା ଆମ ସତ୍ତାର 'ଈଶ୍ୱର'; ଦିବ୍ୟ ସଂକଳ୍ପ ଓ ଜ୍ଞାନ ଦ୍ୱାରା ସେ ଆମ ମଧ୍ୟରେ ପୂର୍ଣ୍ଣରୂପେ କ୍ରିୟା କରିବେ ।

ସେହି ସଂକଳ୍ପଶକ୍ତିଙ୍କୁ [କବିମ୍], ମାନୁଷ ପ୍ରଜାଜନଙ୍କ ମଧ୍ୟରେ ଯିଏ ଜୀବପତି [ମାନୁଷୀଣାଂ ବିଶାଂ ବିଶ୍ପତିମ୍], ଯିଏ ସ୍ୱୟଂ ଶୁଦ୍ଧ [ଶୁଚିମ୍] ଓ ବିଶୋଧନକାରୀ [ପାବକମ୍], ଯାହାର ଉପରି ଭାଗରେ ମାନସିକ ସ୍ୱଚ୍ଛତା ବିଦ୍ୟମାନ [ଘୃତପୃଷ୍ଠମ୍], ସର୍ବଜ୍ଞାନଯୁକ୍ତ [ବିଶ୍ୱବିଦମ୍] ଏହିପରି ସଂକଳ୍ପ ସ୍ୱରୂପ ଅଗ୍ନିଙ୍କୁ [ଅଗ୍ନିମ୍] ତୁମେମାନେ ଯଜ୍ଞର ଆହୁତିଦାତା ପୁରୋହିତରୂପେ [ହୋତାରମ୍] ନିଜ ମଧ୍ୟରେ ଧାରଣ କର [ନି ଦଧିଧ୍ୱେ], କାରଣ, ସେ ହିଁ [ସଃ] ଦେବଗଣଙ୍କ ମଧ୍ୟରେ ଥିବା ତୁମର କାମ୍ୟ ବରଗୁଡ଼ିକୁ ତୁମ ନିମନ୍ତେ ଜୟ କରି ଆଣିବେ [ଦେବେଷୁ ବାର୍ୟାଣି ବନତେ]।

ଜୁଷସ୍ୱାଗ୍ନ ଇଳୟା ସଜୋଷା ଯତମାନୋ ରଶ୍ମିଭିଃ ସୂର୍ୟସ୍ୟ ।
ଜୁଷସ୍ୱ ନଃ ସମିଧଂ ଜାତବେଦ ଆ ଚ ଦେବାନ୍ ହବିରଦ୍ୟାୟ ବକ୍ଷି ।।୪।।

ହେ ଶକ୍ତିଦେବ [ଅଗ୍ନେ] ! ସତ୍ୟଦୃଷ୍ଟି ଦେବୀ[୨]ଙ୍କ ସହ ତାଦାତ୍ମ୍ୟ ଲାଭ କରି [ଇଳୟା ସଜୋଷା], 'ସୂର୍ଯ୍ୟ'ଙ୍କ 'ରଶ୍ମି' ଗୁଡ଼ିକ ସହ କର୍ମରତ ହୋଇ [ସୂର୍ୟସ୍ୟ ରଶ୍ମିଭିଃ ଯତମାନଃ], ତୁମେ ଆମର ସପ୍ରେମ ନିତ୍ୟସଙ୍ଗୀ ହୁଅ [ଜୁଷସ୍ୱ] : ହେ ଜନ୍ମସକଳର ଜ୍ଞାତା । [ଜାତବେଦ] ! ଆମ ନିକଟରେ ତୁମର ଯେଉଁ ସମିଧ ରହିଛି ତାହାକୁ ସହୃଦୟରେ ଗ୍ରହଣ କର [ନଃ ସମିଧଂ ଜୁଷସ୍ୱ], ଏବଂ ଆମ ହବିଃକୁ ଭୋଜନ କରିବା ନିମନ୍ତେ [ହବିଃ ଅଦ୍ୟାୟ] ଦେବଗଣଙ୍କୁ ଆମ ନିକଟକୁ ବହନ କରିଆଣ [ଦେବାନ୍ ଆ ବକ୍ଷି ଚ]।

ଜୁଷ୍ଟୋ ଦମୂନା ଅତିଥିର୍ଦୁରୋଣ ଇମଂ ନୋ ଯଜ୍ଞମୁପ ଯାହି ବିଦ୍ୱାନ୍ ।
ବିଶ୍ୱା ଅଗ୍ନେ ଅଭିୟୁଜୋ ବିହତ୍ୟା ଶତ୍ରୂୟତାମା ଭରା ଭୋଜନାନି ।।୫।।

ହେ ଅଗ୍ନିଦେବ [ଅଗ୍ନେ], ଆମର ବହୁଦ୍ୱାର ବିଶିଷ୍ଟ ନିବାସରେ ତୁମେ ଅଧିବାସୀ [ଦୁରୋଣଃ ଦମୂନା], ତୁମେ ଆମର ପ୍ରିୟ ବାଞ୍ଛିତ ଅତିଥି [ଜୁଷ୍ଟଃ ଅତିଥିଃ], ତୁମେ ନିଜର ସର୍ବଜ୍ଞାନଯୁକ୍ତ ହୋଇ [ବିଦ୍ୱାନ୍] ଆମର ଏହି ଯଜ୍ଞ ସମୀପକୁ ଆଗମନ କର [ନଃ ଇମଂ ଯଜ୍ଞମ୍ ଉପ ଯାହି]; ଆମମାନଙ୍କୁ ଆକ୍ରମଣ କରୁଥିବା ସମସ୍ତ [ବିଶ୍ୱାଃ ଅଭିୟୁଜଃ] ଏହି ସକଳଶକ୍ତିଙ୍କୁ ନିହତ କରନ୍ତୁ [ବିହତ୍ୟ] ଏବଂ ଯେଉଁମାନେ ଆମର ଶତ୍ରୁ ହୋଇଉଠୁଛନ୍ତି ସେମାନଙ୍କ ଭୋଗରାଜିକୁ ଆମ ନିକଟକୁ ନେଇଆସ [ଶତ୍ରୂୟତାଂ ଭୋଜନାନି ଆ ଭର][୩] ।

ବଧେନ ଦସ୍ୟୁଂ ପ୍ର ହି ଚାତୟସ୍ୱ ବୟଃ କୃଣ୍ୱାନସ୍ତନ୍ୱେ ସ୍ୱାୟୈ ।
ପିପର୍ଷି ଯତ୍ ସହସସ୍ପୁତ୍ର ଦେବାନ୍ତ୍ସୋ ଅଗ୍ନେ ପାହି ନୃତମ ବାଜେ ଅସ୍ମାନ୍ ।।୬।।

ତୁମ ପ୍ରହାର ଦ୍ୱାରା [ବଧେନ] ସେହି ମହାଦସ୍ୟୁକୁ [ଦସ୍ୟୁମ୍] ଆମଠାରୁ ଦୂରକୁ ଘଉଡ଼ାଇ ଦିଅ [ପ୍ର ଚାତୟସ୍ୱ ହି], ତୁମ ନିଜ ତନୁ ନିମନ୍ତେ [ସ୍ୱାୟୈ ତନ୍ୱେ] ଏକ ମୁକ୍ତ ଆୟତନ ସୃଷ୍ଟି କର [ବୟଃ କୃଣ୍ୱାନଃ] ! ହେ ଶକ୍ତିପୁତ୍ର [ସହସଃ ପୁତ୍ର], ଯେତେବେଳେ [ଯତ୍] ଦେବଗଣଙ୍କୁ ତୁମେ ସେମାନଙ୍କ ଲକ୍ଷ୍ୟ ଦିଗରେ ବହନ କରି ନେଇଚାଲ [ଦେବାନ୍ ପିପର୍ଷି][୪] ସେତେବେଳେ ହେ ଶକ୍ତି [ସଃ ଅଗ୍ନେ], ହେ ଶକ୍ତିମତ୍ତମ ଦେବତା [ନୃତମ], ଆମ ସମ୍ପତ୍ତିର ପ୍ରାଚୁର୍ଯ୍ୟ ମଧ୍ୟରେ ଆମକୁ ସୁରକ୍ଷିତ କରି ରଖ [ବାଜେ ଅସ୍ମାନ୍ ପାହି]।

---

[୨] ଇଳା ।

[୩] ମାନବାତ୍ମାକୁ ଆକ୍ରମଣ କରୁଥିବା ସକଳ ବିରୋଧୀ ଶକ୍ତିଗଣ କିଛିନା କିଛି ସମ୍ପତ୍ତିକୁ ଅଧିକାର କରି ରହିଥା'ନ୍ତି ଏବଂ ସେ (ମାନବାତ୍ମା) ତାହାକୁ ପ୍ରାପ୍ତ ହେବାକୁ ଚାହେଁ – ନିଜର ପୂର୍ଣ୍ଣ ବୈଭବକୁ ପ୍ରାପ୍ତ ହେବାକୁ ହେଲେ ସେମାନଙ୍କଠାରୁ ତାକୁ ସେସବୁକୁ ଛଡ଼ାଇ ଆଣିବାକୁ ହେବ ।

[୪] ମାନବ ମଧ୍ୟରେ କ୍ରିୟାରତ ଦିବ୍ୟସଂକଳ୍ପର ଶକ୍ତିରେ ଆମ ଆଧାରଗତ ଐଶ୍ୱରିକ ଶକ୍ତିଗୁଡ଼ିକ ସେମାନଙ୍କ ଲକ୍ଷ୍ୟ 'ସତ୍ୟ' ଓ 'ଆନନ୍ଦ' ପ୍ରତି ପ୍ରଚାଳିତ ହୋଇ ଚାଲିଛି ।

ବୟଂ ତେ ଅଗ୍ନ ଉକ୍‌ଥୈର୍ବିଧେମ ବୟଂ ହବ୍ୟୈଃ ପାବକ ଭଦ୍ରଶୋଚେ ।
ଅସ୍ମେ ରୟିଂ ବିଶ୍ୱବାରଂ ସମିନ୍ୱାସ୍ମେ ବିଶ୍ୱାନି ଦ୍ରବିଣାନି ଧେହି ॥୭॥

ହେ ଶୁଦ୍ଧିଦାତା ଦିବ୍ୟସଂକଳ୍ପ [ପାବକ], ହେ ଶୁଦ୍ଧତାର ମଙ୍ଗଳଦାୟକ ଅଗ୍ନି [ଭଦ୍ରଶୋଚେ ଅଗ୍ନେ], ଆମ ସ୍ତୁତିବାକ୍ ଦ୍ୱାରା [ବୟମ୍ ଉକ୍‌ଥୈଃ], ଆମର ଆହୁତିଗୁଡ଼ିକ ଦ୍ୱାରା [ବୟଂ ହବ୍ୟୈଃ], ତୁମ ନିମନ୍ତେ ଆମର ଯଜ୍ଞକୁ ବିଧିସମ୍ପନ୍ନ କରୁଁ [ତେ ବିଧେମ]; ଆମ ମଧ୍ୟରେ [ଅସ୍ମେ] ସମସ୍ତ ଆକାଙ୍‌କ୍ଷିତ ବରସ୍ୱରୂପ ପରମାନନ୍ଦକୁ [ବିଶ୍ୱବାରଂ ରୟିମ୍] ପରିବ୍ୟାପ୍ତ କର [ସମିନ୍ୱ], ଆମ ମଧ୍ୟରେ ଆମ ସମୃଦ୍ଧିର ସମସ୍ତ ମୂଳତତ୍ତ୍ୱକୁ ପ୍ରତିଷ୍ଠିତ କର [ଅସ୍ମେ ବିଶ୍ୱାନି ଦ୍ରବିଣାନି ଧେହି] ।

ଅସ୍ମାକମଗ୍ନେ ଅଧ୍ୱରଂ ଜୁଷସ୍ୱ ସହସଃ ସୂନୋ ତ୍ରିଷଧସ୍ଥ ହବ୍ୟମ୍ ।
ବୟଂ ଦେବେଷୁ ସୁକୃତଃ ସ୍ୟାମ ଶର୍ମଣା ନସ୍ତ୍ରିବରୂଥେନ ପାହି ॥୮॥

ଆମ ସତ୍ତ୍ରର ତ୍ରିଲୋକବାସୀ [ତ୍ରିଷଧସ୍ଥ][୫] ହେ ଶକ୍ତିତନୟ ଦିବ୍ୟ ସଂକଳ୍ପ [ସହସଃ ସୂନୋ ଅଗ୍ନେ], ଆମ ଅଧ୍ୱର ଯଜ୍ଞ ସହ ହାର୍ଦ୍ଦିକଭାବେ ସଂଲଗ୍ନ ହୋଇ ରୁହ [ଅସ୍ମାକମ୍ ଅଧ୍ୱରଂ ଜୁଷସ୍ୱ], ଆମ ହବ୍ୟଦ୍ରବ୍ୟ ସହ ସଂଲଗ୍ନ ହୋଇ ରୁହ [ହବ୍ୟମ୍ (ଜୁଷସ୍ୱ)] । ଆମେ ଯେପରି ଦେବତାମାନଙ୍କ ମଧ୍ୟରେ ସୁକର୍ମୀ ହୋଇପାରୁ [ବୟଂ ଦେବେଷୁ ସୁକୃତଃ ସ୍ୟାମ]; ତୁମର ତ୍ରି-କବଚସ୍ୱରୂପ ଶାନ୍ତି ଦ୍ୱାରା ଆମକୁ ସୁରକ୍ଷିତ କରି ରଖ [ତ୍ରିବରୂଥେନ ଶର୍ମଣା ନଃ ପାହି][୬] ।

ବିଶ୍ୱାନି ନୋ ଦୁର୍ଗହା ଜାତବେଦଃ ସିନ୍ଧୁଂ ନ ନାବା ଦୁରିତାନି ପର୍ଷି ।
ଅଗ୍ନେ ଅତ୍ରିବନ୍ନମସା ଗୃଣାନୋଽସ୍ମାକଂ ବୋଧ୍ୟବିତା ତନୂନାମ୍ ॥୯॥

ଜନ୍ମଗୁଡ଼ିକର ହେ ଜ୍ଞାତା [ଜାତବେଦଃ], ନାବ ଦ୍ୱାରା ସିନ୍ଧୁକୁ ପାରି ହେବା ଭଳି [ନାବା ସିନ୍ଧୁଂ ନ] ପ୍ରତ୍ୟେକ ଦୁର୍ଗମ ଛକଗୁଡ଼ିକୁ [ଦୁର୍ଗହା] ଏପରିକି ପାପ ମଧ୍ୟକୁ ଖସିଯିବା ଭଳି ସମସ୍ତ ସ୍ଖଳନକୁ [ନଃ ବିଶ୍ୱାନି ଦୁରିତାନି] ପାରି କରାଇନିଅ [ପର୍ଷି] । ହେ ସଂକଳ୍ପ [ଅଗ୍ନେ], ବସ୍ତୁଗୁଡ଼ିକର ଭକ୍ଷକ ଭଳି [ଅତ୍ରିବତ୍] ତୁମେ ଆମ ନମନରୂପକ ସମର୍ପଣ ମାଧ୍ୟମରେ [ଅସ୍ମାକଂ ନମସା] ଆମ ଦ୍ୱାରା ବ୍ୟକ୍ତ ହୋଇଛି [ଗୃଣାନଃ] । ଆମ ମଧ୍ୟରେ ଜାଗ୍ରତ ହୁଅ [ବୋଧି], ଆମ ତନୁମାନଙ୍କର ପରିପୋଷକ ହୁଅ [ତନୂନାମ୍ ଅବିତା][୭] ।

ଯସ୍ତ୍ୱା ହୃଦା କୀରିଣା ମନ୍ୟମାନୋଽମର୍ତ୍ତ୍ୟଂ ମର୍ତ୍ତ୍ୟୋ ଜୋହବୀମି ।
ଜାତବେଦୋ ଯଶୋ ଅସ୍ମାସୁ ଧେହି ପ୍ରଜାଭିରଗ୍ନେ ଅମୃତତ୍ୱମଶ୍ୟାମ୍ ॥୧୦॥

ମୁଁ [ୟଃ] ମୋ କର୍ମକାର ହୃଦୟର ସହ [କୀରିଣା ହୃଦା] ତୁମକୁ ଧ୍ୟାନ କରୁଛି [ତ୍ୱା ମନ୍ୟମାନଃ], ଏବଂ ମୃତ୍ୟୁରେ ନିୟନ୍ତ୍ରିତ ମୁଁ ଅମରଙ୍କୁ ଆବାହନ କରୁଛି [ମର୍ତ୍ତ୍ୟଃ ଅମର୍ତ୍ତ୍ୟଂ ଜୋହବୀମି] । ହେ ଦିବ୍ୟ ସଂକଳ୍ପ, ହେ ଜନ୍ମଗୁଡ଼ିକର ଜ୍ଞାତା [ଅଗ୍ନେ, ଜାତବେଦଃ], ଆମ ମଧ୍ୟରେ ବିଜୟର ସ୍ଥାପନା କର [ଅସ୍ମାସୁ ଯଶଃ ଧେହି]; ମୋ କୃତିରୂପକ ସନ୍ତାନମାନଙ୍କ ଦ୍ୱାରା [ପ୍ରଜାଭିଃ] ମୁଁ ଅମୃତତ୍ୱର ଭୋଗ କରିବାର ଆଗ୍ରହ କରୁଛି [ଅମୃତତ୍ୱମ୍ ଅଶ୍ୟାମ୍] ।

---

[୫] ମାନସିକ, ପ୍ରାଣିକ, ଦୈହିକ – ଏହା ନିମ୍ନତର ତ୍ରିବିଧ ''ଜନ୍ମ'' ବୋଲି କୁହାଯାଏ, 'ଦିବ୍ୟ ସଂକଳ୍ପ'ଙ୍କର (ଅଗ୍ନିଙ୍କର) ଏସବୁର ଜ୍ଞାନ ରହିଛି, ଜାତବେଦ, – ଏହାରି ଦ୍ୱାରା ଉତ୍ତରଣଶୀଳ ଯଜ୍ଞକୁ (ଅଧ୍ୱର) ଅତିମାନସ ପର୍ଯ୍ୟନ୍ତ ନେଇଯିବାର ତାଙ୍କର ଲକ୍ଷ୍ୟ ରହିଛି ।

[୬] ମାନସିକ, ପ୍ରାଣିକ ଓ ଭୌତିକ ସତ୍ତାରେ ଶାନ୍ତି, ହର୍ଷ ଓ ପୂର୍ଣ୍ଣ ସନ୍ତୋଷ ।

[୭] କେବଳ ଭୌତିକ ତନୁ ନୁହେଁ, ପରନ୍ତୁ ପ୍ରାଣିକ ଓ ମାନସିକ କୋଷମାନ, ବ୍ୟକ୍ତି-ଆତ୍ମାର ସମସ୍ତ ସ୍ତର ଓ ରୂପ ଯାହା ରୂପଗ୍ରହଣ କରିଛି ।

ୟସ୍ମୈ ତ୍ୱଂ ସୁକୃତେ ଜାତବେଦ ଉ ଲୋକମଗ୍ନେ କୃଣବଃ ସ୍ୟୋନମ୍ ।
ଅଶ୍ୱିନଂ ସ ପୁତ୍ରିଣଂ ବୀରବନ୍ତଂ ଗୋମନ୍ତଂ ରୟିଂ ନଶତେ ସ୍ୱସ୍ତି ॥୧୧॥

ଜାତ ସକଳ ବସ୍ତୁର ହେ ଜ୍ଞାତା [ଜାତବେଦ ଅଗ୍ନେ], ଯେଉଁ କୁଶଳ କର୍ମୀଙ୍କ ନିମନ୍ତେ [ୟସ୍ମୈ ସୁକୃତେ] ତୁମେ ଯେଉଁ ଅନ୍ୟ ଆନନ୍ଦମୟ ଲୋକ ଗଠନ କରିଥାଅ [ତ୍ୱଂ ସ୍ୟୋନମ୍ ଉ ଲୋକଂ କୃଣବଃ][୮] ସେ ଏପରି ଏକ ଆନନ୍ଦକୁ ପ୍ରାପ୍ତ ହୋଇଥାଏ [ସଃ ରୟିଂ ନଶତେ] ଯେଉଁଥିରେ ତାଙ୍କ ଜୀବନୀ ଶକ୍ତିର ତୀବ୍ରତା [ଅଶ୍ୱିନମ୍], ଜ୍ୟୋତିଃସ୍ୱରୂପ ତାଙ୍କ ଗୋବୃନ୍ଦ [ଗୋମନ୍ତମ୍], ତାଙ୍କ ଆତ୍ମାର ସନ୍ତାନଗଣ [ପୁତ୍ରିଣମ୍], ତାଙ୍କ ବଳବୀର୍ଯ୍ୟର ସେନା [ବୀରବନ୍ତମ୍][୯] ସାନନ୍ଦେ ବିଦ୍ୟମାନ [ସ୍ୱସ୍ତି ନଶତେ] ।

(କ୍ରମଶଃ)

[CWSA, Vol. 15, pp. 405-408]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର

---

[୮] ଆମ ମଧ୍ୟରେ ଭଗବତ୍ ସଂକଳ୍ପ ଦ୍ୱାରା ଅତିମାନସିକ ଜଗତକୁ ରୂପାୟିତ ବା ଗଠନ କରିବାର ଅଛି, ଏହାର ଫଳସ୍ୱରୂପ ଆମ ମଧ୍ୟରେ ଦେଖାଦେବ ଅବିରତ ବ୍ୟାପ୍ତି ତଥା ଆତ୍ମପରିପୂର୍ଣ୍ଣତା ।

[୯] ବୈଦିକ ପ୍ରତୀକରୂପେ 'ଅଶ୍ୱ', 'ଗୋ', 'ପୁତ୍ର', 'ବୀର' ପ୍ରଭୃତି ସତତ ଦେଖିବାକୁ ମିଳେ । ପୁତ୍ର ବା ସନ୍ତାନସନ୍ତତିର ପ୍ରତୀକାର୍ଥ ହେଲା ଆତ୍ମାର ନବାକୃତିରାଜି, ଆମ ମଧ୍ୟରେ ସନ୍ନିବିଷ୍ଟ ଦିବ୍ୟ-ବ୍ୟକ୍ତିତ୍ୱର ଉପାଦାନରେ ସେମାନେ ଗଠିତ, ଏହା ଆମ ମଧ୍ୟରେ ନୂତନ ଜନ୍ମମାନ । ବୀର ପୁରୁଷଗଣ ହେଲେ ମାନସିକ ଓ ନୈତିକ ବର୍ଚ୍ଚସ୍ୱ ଯେଉଁମାନେ କି ଅଜ୍ଞାନତା, ବିଭାଜନ, ପାପ ଓ ମିଥ୍ୟାକୁ ପ୍ରତିରୋଧ କରିଥା'ନ୍ତି । ପ୍ରାଣିକ ଶକ୍ତିମାନେ ହେଲେ ଉଦ୍ଦେଶ୍ୟପ୍ରଣୋଦିତ ଶକ୍ତିଗଣ, ଏମାନେ ଆମ ଯାତ୍ରାରେ ଆମକୁ ବାହିନେଇ ଯାଆନ୍ତି, ଏଣୁ ଏମାନେ 'ଅଶ୍ୱ'ର ପ୍ରତୀକ । ଗୋବୃନ୍ଦ ହେଉଛନ୍ତି ଜ୍ଞାନପ୍ରଭାରୂପକ କିରଣମାଳା, ଏମାନେ ଅତିମାନସ ସତ୍ୟ ମଧ୍ୟରୁ ଆସନ୍ତି – ଏହି ସତ୍ୟ ହେଉଛି ଦିବ୍ୟ ଜ୍ୟୋତିରୂପକ ସୂର୍ଯ୍ୟଙ୍କର ଯୂଥୀଭୂତ ରଶ୍ମିମାଳା ।

**ନିମ୍ନପ୍ରକୃତିର ପରିବର୍ତ୍ତନ ପାଇଁ ଚାରୋଟି ସର୍ତ୍ତ :**

୧. ତୁମ ପ୍ରକୃତିର ଯେ ପରିବର୍ତ୍ତନ ହୋଇପାରିବ ସେ ସମ୍ପର୍କରେ ସନ୍ଦେହଶୂନ୍ୟ ହୃଦ୍‌ବୋଧ ଓ ସମ୍ପୂର୍ଣ୍ଣ ନିଶ୍ଚିତତା ରହିବା ଉଚିତ ।

୨. ନିମ୍ନ ପ୍ରକୃତିର କୌଣସି ଆଳ ବା ଯୁକ୍ତିକୁ ଆଦୌ ଗ୍ରହଣ ନକରି ପରିବର୍ତ୍ତନ ପାଇଁ ଏକ ଦୃଢ଼ ସଙ୍କଳ୍ପ ନେବାକୁ ହେବ ।

୩. ଯେତେ ଯାହା ପତନ ହେଲେ ମଧ୍ୟ ତା' ସତ୍ତ୍ୱେ ପରିବର୍ତ୍ତନ ପାଇଁ ନିଜ ସଂକଳ୍ପରେ ଦୃଢ଼ତାର ସହ ଲାଗି ରହିବାକୁ ହେବ ।

୪. ଏହି ପରିବର୍ତ୍ତନ ପାଇଁ ଯେଉଁ ଦିବ୍ୟ ସହାୟତା ମିଳିଥାଏ ତା' ଉପରେ ଅଟଳ ବିଶ୍ୱାସ ରଖିବାକୁ ହେବ ।

– ଶ୍ରୀମା

# ନିର୍ଜନ ନିଶାର୍ଦ୍ଧର ମୃତ୍ୟୁଦୂତ

## (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର)

- ଅତୀନ୍ଦ୍ରିୟ ଜଗତର ରହସ୍ୟ ହେତୁବୋଧ ଦ୍ୱାରା ବୁଝିବା ସମ୍ଭବପର କି ?
- ଏକ ଦୁର୍ଘଟଣାରେ ଯଦି ଶହେ ଲୋକ ପ୍ରାଣ ହାରିବେ, ତେବେ ସେ ସମସ୍ତଙ୍କ ନିୟତି କ'ଣ ଏକ ଥିଲା ?

**ପ୍ରଥମ ଜିଜ୍ଞାସୁ :** ପ୍ରାୟ ବର୍ଷେ ହୋଇଗଲାଣି । ଅନ୍ୟ ବନ୍ଧୁମାନଙ୍କ ଗହଣରେ ଆପଣଙ୍କୁ ଭେଟିଥିଲି । ମୋର ଜଣେ ନାସ୍ତିକ ବନ୍ଧୁଙ୍କ ପ୍ରଶ୍ନର ଉତ୍ତରରେ ଆପଣ ଯାହାସବୁ କହିଥିଲେ, ସେସବୁ ଆଜି ମଧ୍ୟ ମୋ ସ୍ମୃତିରେ ପ୍ରତିଧ୍ୱନିତ ହେଉଛି । କଳାପାହାଡ଼ ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ଦଗ୍ଧ କରିପାରିଲା କିପରି, ବନ୍ଧୁଙ୍କର ଏବଂ ଆମ ସମସ୍ତଙ୍କର ସେ ପ୍ରଶ୍ନଟିର ଉତ୍ତରରେ ଆପଣ ଯାହାସବୁ କହିଥିଲେ ସେସବୁ ମୋ ମନରୁ ଅନେକ ଭୁଲ୍ ସଂସ୍କାର ଦୂରୀଭୂତ କରିଦେଇଛି । ଆପଣଙ୍କର ମନେଅଛି କି ?

**ଉତ୍ତର :** ମନେ ନଥିଲା; ମନେ ପଡ଼ିଲା । ଭୂପୃଷ୍ଠରେ ମଣିଷ ସମାଜ ଭିତରେ, ଭଗବାନଙ୍କ ଭୂମିକା ସମ୍ପର୍କରେ ଆମର ବହୁତ ଭୁଲ୍ ସଂସ୍କାର ରହିଥାଏ । ମନେପଡ଼ିଲା — କହିଥିଲି ପ୍ରତିଥର ନବକଳେବର ବେଳେ ତ ଆମେ ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ଭୂମିଗର୍ଭକୁ ପ୍ରେରଣ କରୁଁ; ତାହା ଦ୍ୱାରା କ'ଣ ଶ୍ରୀଜଗନ୍ନାଥଙ୍କ ଅନ୍ତ ହୁଏ ?

**ପ୍ରଥମ ଜିଜ୍ଞାସୁ :** ଆପଣ କହିଥିଲେ, ଭଗବାନଙ୍କୁ ପୋଡ଼ିବାକୁ ହେଲେ ସସାଗରାଧରା, ବିଶ୍ୱବ୍ରହ୍ମାଣ୍ଡ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ରାଶି — ସବୁକୁ ପୋଡ଼ିବା ଆବଶ୍ୟକ, ଯାହାକି ଅସମ୍ଭବ ।

**ଉତ୍ତର :** ଠିକ୍ ! ଜଗନ୍ନାଥଙ୍କୁ ଆମେ ଶ୍ରୀକୃଷ୍ଣଙ୍କର ଏକ ରୂପ ବୋଲି ଗ୍ରହଣ କରୁଁ । ଆମେ ଭୁଲିଯାଉଁ ଯେ ସ୍ୱୟଂ ଶ୍ରୀକୃଷ୍ଣ ମଧ୍ୟ ସାମାନ୍ୟ ମଣିଷ ଜରା ଶବର ହାତରେ ପ୍ରାଣ ଦେଇଥିଲେ । ପରମବ୍ରହ୍ମ ରୂପେ ଭଗବାନଙ୍କ ସ୍ୱରୂପ କଥା ଭିନ୍ନ, କିନ୍ତୁ ଅବତାର ରୂପେ ଜନ୍ମଗ୍ରହଣ କଲେ ତାଙ୍କୁ ବହୁମାତ୍ରାରେ ମାନବସୁଲଭ ଆଚରଣ କରିବାକୁ ପଡ଼େ; ମାନବ-ନିୟତିଚକ୍ରର ବିଧି ବିଧାନର ଅଭିଜ୍ଞତା ମଧ୍ୟ ଦେଇ ଗତି କରିବାକୁ ପଡ଼େ ।

**ପ୍ରଥମ ଜିଜ୍ଞାସୁ :** ମୁଁ ନାସ୍ତିକ ନୁହେଁ । କିନ୍ତୁ ମୁଁ ହେତୁବୋଧ ଓ ଯୌକ୍ତିକତାରେ ବିଶ୍ୱାସୀ । ଆପଣଙ୍କ ଦ୍ୱାରା ମୁଁ ଉପକୃତ, ଯେହେତୁ ଆପଣ ମୋ ମନ ଓ ବୁଦ୍ଧିକୁ ସନ୍ତୁଷ୍ଟ କରିପାରୁଛନ୍ତି ଆପଣଙ୍କ ଯୁକ୍ତି ଦ୍ୱାରା । କିନ୍ତୁ ଆଧ୍ୟାତ୍ମିକ ତତ୍ତ୍ୱ ବୁଝାଇବାକୁ ଯାଇ ଅନେକ ଦାର୍ଶନିକ ଏବଂ ଧର୍ମଗୁରୁ ବୁଦ୍ଧି ଓ ଯୁକ୍ତିକୁ ହେୟଜ୍ଞାନ କରିବାର ଦେଖାଯାଏ ।

**ଦ୍ୱିତୀୟ ଜିଜ୍ଞାସୁ :** ସତକଥା । ଆପଣ ତ ସେମିତି କରୁ ନାହାନ୍ତି ! କେମିତି ? ଅର୍ଥାତ୍, କେମିତି ଆପଣ ଯୁକ୍ତିସମ୍ମତ ଧାରାରେ ଜଟିଳ କଥାମାନ ସରଳ କରି ଦେଉଛନ୍ତି ?

**ଉତ୍ତର :** ମୁଁ ସେମିତି କରୁ ନାହିଁ, କାରଣ ମୁଁ ଜଣେ ଦାର୍ଶନିକ ନୁହେଁ କି ଧର୍ମଗୁରୁ ନୁହେଁ; ମୁଁ ଆପଣମାନଙ୍କ ଭଳି ଜଣେ ଜିଜ୍ଞାସୁ ମାତ୍ର । କିନ୍ତୁ ଯୁକ୍ତି ବା ହେତୁବୋଧର ଦୌଡ଼ କେତେ ଦୂର ? ମୁଁ ବା ଯେକୌଣସି ଜିଜ୍ଞାସୁ ଗୋଟାଏ ପର୍ଯ୍ୟାୟ ପର୍ଯ୍ୟନ୍ତ ହେତୁବୋଧ କଲ୍ୟାଣରୁ ଆଧ୍ୟାତ୍ମିକତାର କିଛି କିଛି ସମସ୍ୟା ଅଥବା ପ୍ରଶ୍ନର ମୁକାବିଲା କରିପାରିବୁଁ । କିନ୍ତୁ ତା' ପରେ ?

**ତୃତୀୟ ଜିଜ୍ଞାସୁ :** ମାନେ, ତା'ପରେ, ଅର୍ଥାତ୍, ଆଧ୍ୟାତ୍ମିକତାର ଗୂଢ଼ତତ୍ତ୍ୱସବୁକୁ ହେତୁବୋଧ ଦ୍ୱାରା ବୁଝିହେବ ନାହିଁ ପରା ! — କେବେହେଲେ ହେବ ନାହିଁ ?

**ଉତ୍ତର :** ନା ।

**ଚତୁର୍ଥ ଜିଜ୍ଞାସୁ :** କାହିଁକି ନୁହେଁ ?

**ଉତ୍ତର :** ମୋତେ ପ୍ରଥମେ କୁହନ୍ତୁ — ହେତୁବୋଧ ଆପଣ ପାଇଲେ କେଉଁଠାରୁ ?

**ଚତୁର୍ଥ ଜିଜ୍ଞାସୁ :** ପ୍ରଶ୍ନଟି ବୁଝିପାରୁ ନାହିଁ ।

**ଉତ୍ତର :** ଆପଣ ପରିଧାନ କରିଥିବା ଏ ଚମତ୍କାର ସୁଏଟର୍ ଖଣ୍ଡିକ କେଉଁଠାରୁ ପାଇଲେ ?

**ଜିଜ୍ଞାସୁ :** ମନେଅଛି । ପାଞ୍ଚବର୍ଷ ହୋଇଗଲାଣି । କଲିକତାର ନିଉ ମାର୍କେଟରୁ ମୋର ଏହି ପରମାତ୍ମୀୟ ଶାଳକ ଜଣକ କିଣିଆଣି ଦେଇଥିଲେ । (ଭଦ୍ରଲୋକ ତୃତୀୟ ଜିଜ୍ଞାସୁଙ୍କୁ ଦେଖାଇ କହିଲେ ।)

**ଉତ୍ତର :** ଆପଣଙ୍କ ହେତୁବୋଧ ଟିକକ ଶାଳକ ମହୋଦୟ ବା ଅନ୍ୟ କୌଣସି ଆତ୍ମୀୟ ଲଣ୍ଡନ ବା ନିଉୟର୍କର ବଜାରରୁ ...

**ତୃତୀୟ ଜିଜ୍ଞାସୁ :** ସେକେଣ୍ଡ ହ୍ୟାଣ୍ଡ୍ ମାର୍କେଟରୁ ।

**ଚତୁର୍ଥ ଜିଜ୍ଞାସୁ :** (ତୃତୀୟଙ୍କୁ) ଚୁପ୍ କର । (ମନୋଜ ଦାସଙ୍କୁ) : କ୍ଷମା କରିବେ । ଆପଣ ଯାହା ଜାଣିବାକୁ ଚାହୁଁଛନ୍ତି – ମାନେ ଜାଣିବାକୁ ଚାହିଁବା ଛଳରେ ମୋତେ ମନେପକାଇ ଦେଉଛନ୍ତି, ତାହାହେଲା, ମୋ ହେତୁବୋଧ ମୋ ବୁଦ୍ଧି ବା ଚିନ୍ତାଶକ୍ତିର ଅବଦାନ । ସୁଏଟର୍ ଖଣ୍ଡିକ ଭଳି ତାହା ବାହାରୁ ମୋ ବ୍ୟବହାର ନିମନ୍ତେ ଆସି ନାହିଁ । ଭୁଲ୍ କହୁ ନାହିଁ ତ ?

**ଉତ୍ତର :** ମୋଟେ ନୁହେଁ । ବର୍ତ୍ତମାନ କୁହନ୍ତୁ, ଆପଣଙ୍କ ବୁଦ୍ଧି ବା ଚିନ୍ତାଶକ୍ତି କେଉଁଠାରୁ ଆସିଲା ?

**ତୃତୀୟ ଜିଜ୍ଞାସୁ :** ଆଜ୍ଞା ? ଏ ପ୍ରଶ୍ନର ଉତ୍ତର ଏମିତି ହେବ କି – ବୁଦ୍ଧି ବା ଚିନ୍ତାଶକ୍ତି ମୋ ଚେତନାର ଏକ ଦିଗ ? ଏ ଉତ୍ତର ଚଳିବ ?

**ଉତ୍ତର :** ନିଶ୍ଚୟ ଚଳିବ । କୁହନ୍ତୁ, ଆପଣଙ୍କ ଚେତନା ଆସିଲା କାହୁଁ ?

**ତୃତୀୟ ଜିଜ୍ଞାସୁ :** କ୍ଷମା କରିବେ, ଏ ପ୍ରଶ୍ନର ଉତ୍ତର ଦେବା ମୋର ସାଧ୍ୟାତୀତ ।

**ପ୍ରଥମ ଜିଜ୍ଞାସୁ :** ଆମ ସମସ୍ତଙ୍କ ସାଧ୍ୟାତୀତ ।

**ଉତ୍ତର :** ଠିକ୍ । ଆମ ସମସ୍ତଙ୍କ ସାଧ୍ୟାତୀତ । ତେବେ, ଯେଉଁ ଧାରାରେ ଆମ ଆଲୋଚନା ଗତିକରୁଛି, ଯଦି କୁହାଯାଏ ଯେଉଁ ସର୍ବବ୍ୟାପୀ ମହାଚେତନା ଭିତରୁ ଏ ସମଗ୍ର ସୃଷ୍ଟି ସମ୍ଭବ ହୋଇଛି, ସେହି ମହାଚେତନା ଆମ ମଣିଷଜାତିକୁ ବିକାଶ ମାର୍ଗରେ ନେଇଯାଉଥିବା ଅବକାଶରେ ଗୋଟାଏ ବିଶେଷ ପର୍ଯ୍ୟାୟରେ ଯୌକ୍ତିକତା, ହେତୁବୋଧ, ବିବେକ ବିବେଚନା ଭଳି ଗୁଣମାନଙ୍କର ପ୍ରସ୍ଫୁଟନ ହୋଇଛି, ତେବେ କଥାଟି ଅଯୌକ୍ତିକ ହେବ କି ?

**ଏକାଧିକ ଜିଜ୍ଞାସୁ :** ଏହା ତ ଅତ୍ୟନ୍ତ ଯୁକ୍ତିଯୁକ୍ତ କଥା । ଅଯୌକ୍ତିକ ହେବାର ପ୍ରଶ୍ନ କାହିଁ ? ବିଲକୁଲ ପ୍ରାଗୈତିହାସିକ ମଣିଷର ନା ଥିଲା ହେତୁବୋଧ ନା ଥିଲା ବିବେକ ବିବେଚନା ।

**ଉତ୍ତର :** ଠିକ୍ । ହେତୁବୋଧ, ଯୌକ୍ତିକତା ଇତ୍ୟାଦି ତେବେ ସେହି ମହାଚେତନାର ଅବଦାନ; ସେହି ମହାଚେତନାର ଗୁଣବିଶେଷ । ଆମେ ଏସବୁ ଗୁଣର ସ୍ରଷ୍ଟା ନୋହୁଁ । ତେବେ ଏସବୁ ସାମାନ୍ୟ ଗୁଣ ଦ୍ୱାରା ସେ ମହାଚେତନାର ସମସ୍ତ ରହସ୍ୟ ବୁଝିବା ସମ୍ଭବପର ହେବ କିପରି ?

**ପ୍ରଥମ ଜିଜ୍ଞାସୁ :** ବାସ୍ତବିକ ! ଅଜ୍ଞାନ ତିମିରାନ୍ଧକାର ଭିତରେହିଁ ରହିବା ସାର । ଆପଣଙ୍କ କଥା କହୁ ନାହିଁ ...

**ଉତ୍ତର :** ଆହା ! ଏ ଲୋକଟି ପ୍ରତି ଏଡ଼େ ଅନୁକମ୍ପା କାହିଁକି ? ଆମେ ସମସ୍ତେ ଅଜ୍ଞାନୀ – ଏହି ଅନୁଭବରୁ ଜ୍ଞାନର ସନ୍ଧାନ ଆରମ୍ଭ ହୋଇଛି । କେତେ ଜ୍ଞାନୀ ସମ୍ଭବପର ହୋଇଛନ୍ତି । କିନ୍ତୁ ଜଣେ ଜ୍ଞାନୀର ତତ୍ତ୍ୱକୁ ଅନ୍ୟ ଜଣେ ଜ୍ଞାନୀ ଭୁଲ୍ ବୋଲି ପ୍ରମାଣ କରିବାର ବା ଅନ୍ତତଃ ଘୋଷଣା କରିବାର ଦୃଷ୍ଟାନ୍ତର ଅଭାବ ନାହିଁ । ଜଣେ ମହାପୁରୁଷଙ୍କ ଶିଷ୍ୟମାନେ ଧରିନେଇଥିବେ, ତାଙ୍କ ଗୁରୁଙ୍କ ଜ୍ଞାନହିଁ ଜ୍ଞାନଜଗତର ପରିସୀମା । ସେ ଗୁରୁଙ୍କଠାରୁ ଭିନ୍ନ ମତପୋଷଣ କରୁଥିବା ଅନ୍ୟ ଜଣେ ଗୁରୁଙ୍କ ଶିଷ୍ୟ ବା ଅନୁଗତ ବା ଅନୁଗାମୀମାନେ ମଧ୍ୟ ଅନୁରୂପ ମତ ପୋଷଣ କରୁଥିବେ । କଥାହେଲା, ଜ୍ଞାନର ଏକ ଏକ ଦିଗ, କିଛି କିଛି ମାତ୍ରାର ଅଭିଜ୍ଞତା ବା ଉପଲବ୍ଧି ସେମାନଙ୍କର ହୋଇଥାଏ । କିନ୍ତୁ ଯେଉଁ ମୁହୂର୍ତ୍ତରେ ସେମାନେ ନିଜ ଉପଲବ୍ଧ ଜ୍ଞାନହିଁ ଏକମାତ୍ର ସତ୍ୟ ବୋଲି ଘୋଷଣା କରନ୍ତି, ସେହି ମୁହୂର୍ତ୍ତରେ ସେମାନେ ଅଜ୍ଞାନର ଦୂତ ବନିଯାଆନ୍ତି । ଅବଶ୍ୟ ଅଧିକାଂଶ କ୍ଷେତ୍ରରେ ଜଣେ ମହାପୁରୁଷ ବା ଗୁରୁ ସେମିତି ଘୋଷଣା କରନ୍ତି ନାହିଁ; କରନ୍ତି ସେମାନଙ୍କର ଅହଂ ପ୍ରଣୋଦିତ ପଟ୍ଟଶିଷ୍ୟବର୍ଗ ।

ସେ ଯାହାହେଉ, ଆମ ଆଲୋଚନା ଯେଉଁ ପ୍ରଶ୍ନ ଉପରେ ଆରମ୍ଭ ହେଲା ସେଠାକୁ ପ୍ରତ୍ୟାବର୍ତ୍ତନ କରିବା । ଚେତନାଗତ ବିକାଶର ଗୋଟାଏ ବିଶେଷ ପର୍ଯ୍ୟାୟରେ ଆମ ଭିତରେ ହେତୁବୋଧର ବିକାଶ ହେଲା । ସେ ହେତୁବୋଧର ଭୂମିକା ମହତ୍ । ସମାଜକୁ ସଭ୍ୟ, ମାର୍ଜିତ କରିବା ଦିଗରେ କେତେ ବିଧିବିଧାନର ପ୍ରବର୍ତ୍ତନ ହୋଇଛି ଏହି ହେତୁବୋଧର ଶକ୍ତି ଓ ପ୍ରଭାବ ଜରିଆରେ । ଆମର ସାମାଜିକ ସମ୍ପର୍କର ବହୁ ଦିଗଠୁଁ ଆରମ୍ଭ କରି ସମ୍ବିଧାନ ପର୍ଯ୍ୟନ୍ତ ଏହି ହେତୁବୋଧର ଭିତ୍ତି ଉପରେ ସଂଗଠିତ ।

ଆଧ୍ୟାତ୍ମିକ ସତ୍ୟର ସନ୍ଧାନ ଦିଗରେ ହେତୁବୋଧ ଆମକୁ ଦିଗ୍‌ଦର୍ଶନ ଦେଇପାରେ, କିନ୍ତୁ ହେତୁବୋଧ ଦ୍ୱାରା ସେ ସତ୍ୟକୁ ଆୟତ୍ତ କରିବା ସମ୍ଭବପର ନୁହେଁ କି ତା'ର ବ୍ୟାଖ୍ୟା ସମ୍ଭବପର ନୁହେଁ । ତେବେ ସେ ସତ୍ୟର ଅଥବା ସେ ସତ୍ୟର କେତେକାଂଶର ଉପଲବ୍ଧି ସମ୍ଭବପର । ଉପଲବ୍ଧି – ଯାହାକୁ ଇଂରାଜୀରେ Realisation ବୋଲି କୁହାଯାଏ, ତାହା ମୁଁ ଆପଣଙ୍କୁ ବା ଆପଣ ମୋତେ ଦେଇପାରିବେ ନାହିଁ । କିନ୍ତୁ ଯୁକ୍ତିଭିତ୍ତିକ ଜ୍ଞାନ ମୁଁ ଆପଣଙ୍କୁ ବା ଆପଣ ମୋତେ ଦେଇପାରିବେ । ଉପଲବ୍ଧି ବ୍ୟାପାରଟି ଆପଣଙ୍କ ବ୍ୟକ୍ତିଗତ

ବ୍ୟାପାର, ଯାହାକୁ କୁହାଯାଏ Subjective; କିନ୍ତୁ ଏକ ନିର୍ଦ୍ଦିଷ୍ଟ ଧାରା ଅନୁସରଣ କରୁଥିବା ଶହେ ଜିଜ୍ଞାସୁ ବା ସାଧକ ବା ଭକ୍ତ ବା ଯୋଗୀଙ୍କର ଉପଲବ୍ଧି ମୋଟାମୋଟି ଏକ ଧରଣର ହୋଇପାରେ । ସେ ଦୃଷ୍ଟିରୁ ଜଣେ ସମୀକ୍ଷକର ଦୃଷ୍ଟିରୁ ତାହା Objective ବୋଲି କୁହାଯାଇପାରେ ।

**ଏକାଧିକ ଜିଜ୍ଞାସୁ :** ଉପଲବ୍ଧିର ଉପାୟ ?

**ଉତ୍ତର :** ସାଧନା । ନା, ଆସନ, ପ୍ରାଣାୟାମ କଥା କହୁ ନାହିଁ । ଏଠାରେ ସାଧନାର ଅର୍ଥ ସତ୍ୟକୁ ଜାଣିବା ଦିଗରେ ନିରନ୍ତର ବ୍ୟାକୁଳତା, ଅଜ୍ଞାନରୁ ମୁକୁଳିବା ନିମନ୍ତେ ବେସାଲିସ ବାସନା । ସାଧାରଣତଃ ବାସନା ଶବ୍ଦଟି ଇନ୍ଦ୍ରିୟଗତ ଇଚ୍ଛା, କାମନା-ବାସନା ଅର୍ଥରେ ପ୍ରୟୋଗ କରାଯାଇଥାଏ । ମୁଁ ଏଠାରେ ଅଭୀପ୍ସା ବା Aspiration ଅର୍ଥରେ ଶବ୍ଦଟି ବ୍ୟବହାର କରୁଛି । ଆମ ଚେତନାରେ ବହୁ ସଂଗୁପ୍ତ ଐଶ୍ୱର୍ଯ୍ୟ ରହିଛି । ଆମେ ସଚରାଚର ଆମର ମନ, ବୁଦ୍ଧି, ହିତାହିତ ଜ୍ଞାନ, ଆଦର୍ଶ, ହେତୁବୋଧ ଇତ୍ୟାଦିକୁ ନେଇ ଚଳପ୍ରଚଳ ହୋଇଥାଉଁ । ଅଧିକ ହେଲେ ନୈତିକତା, ଧର୍ମାଚରଣ, ମାନବିକ ଆଦର୍ଶ ଇତ୍ୟାଦିକୁହିଁ ଆମ ଚେତନାର ସର୍ବାଙ୍ଗ ବୋଲି ଧରି ନେଇଥାଉଁ । କିନ୍ତୁ ଆମେ ସେମିତି କରୁଁ ଯେହେତୁ ଚେତନାର ଗଭୀରତା କେତେ ତାହା ମାପିବାର ପ୍ରୟାସ ଆମେ ପ୍ରାୟ କରୁନା । ଆମ ଚେତନାର ମହତ୍ତମ ଅଂଶରେ ରହିଛି ଯାବତୀୟ ଆଧ୍ୟାତ୍ମିକ ଜ୍ଞାନ ଭିତରକୁ ଅନୁମତିପତ୍ର ବା ପ୍ରବେଶପତ୍ର ବା Passport; ସେହି ଅଂଶକୁ ଆତ୍ମା ବୋଲି କୁହାଯାଇପାରେ । ସାଧାରଣତଃ ଉପଲବ୍ଧି ବୋଲି ଆମେ ଯାହାକୁ କହୁଛୁଁ, ତାହା ସେହି ଆତ୍ମାର ଆନୁକୂଲ୍ୟରେହିଁ ସମ୍ଭବପର ହୋଇଥାଏ ।

**ଦ୍ୱିତୀୟ ଜିଜ୍ଞାସୁ :** ବଡ଼ ଗହନ କଥା । ଆମ ଦ୍ୱାରା ସମ୍ଭବ ନୁହେଁ ।

**ଉତ୍ତର :** କଦାପି ସମ୍ଭବ ନୁହେଁ !!

**ଏକାଧିକ ଜିଜ୍ଞାସୁ :** ସମ୍ଭବ ନୁହେଁ ଟି ?

**ଉତ୍ତର :** ଆପଣ ଯଦି ସମ୍ଭବ ନୁହେଁ ବୋଲି ଧରିନେବେ, ତେବେ କଦାପି ସମ୍ଭବ ନୁହେଁ । ଆପଣ ଯଦି ସମ୍ଭବ ବୋଲି ପ୍ରତ୍ୟୟ ରଖିବେ, ତେବେ ଅବଶ୍ୟ ସମ୍ଭବ; ନିଶ୍ଚିତଭାବେ ସମ୍ଭବ । କେତେ ସାଧକ, ଯୋଗୀଙ୍କ ପକ୍ଷରେ ସମ୍ଭବ ହୋଇଛି ବୋଲି ତ ଆମେ ସେଭଳି ଉପଲବ୍ଧିସବୁର ଅନ୍ତତଃ ଆଭାସ ପାଇଛୁଁ ।

**ପ୍ରଥମ ଜିଜ୍ଞାସୁ :** ଆପଣ ଅନୁମତି ଦେଲେ ମୁଁ ଅନ୍ୟ ଏକ ପ୍ରଶ୍ନ ପଚାରିବି । ''ତନ୍ଦ୍ରାଲୋକର ପ୍ରହରୀ'' ମୁଁ ବହୁବାର ପଢ଼ିଛି । ତାହା ମୋ ପାଇଁ ଅପୂର୍ବ । ତେବେ ସେ ବହିର ବିଷୟବସ୍ତୁ ସମ୍ପର୍କରେ କହୁ ନାହିଁ । ଖାଲି ଗୋଟିଏ କଥା : ମନେହୁଏ, ପଶୁପକ୍ଷୀ ଏବଂ ମାନବ-ଚେତନା ବାହାରେ ମଧ୍ୟ ବହୁ କିସମର ଚେତନା ଅଛନ୍ତି । ବହିଟି ବାରଂବାର ପଢ଼ିବା ଭିତରେ ମୋର ଅନ୍ୟାନ୍ୟ ଅନେକ ରହସ୍ୟ ସମ୍ପର୍କରେ ଧାରଣା ହେବା ସଙ୍ଗେ ସଙ୍ଗେ ଏ ବିଷୟରେ ମଧ୍ୟ ପ୍ରତ୍ୟୟ ଜନ୍ମିଛି । ଠିକ୍ ?

**ଉତ୍ତର :** ଏ ବିଷୟରେ ପ୍ରତ୍ୟୟ ଜନ୍ମିବା ସତ୍ତ୍ୱେ ଆପଣ ନିଜକୁ କେବଳ ମାତ୍ର ହେତୁବାଦୀ ବୋଲି ଅଭିହିତ କରୁଥିଲେ କିପରି ?

**ଚତୁର୍ଥ ଜିଜ୍ଞାସୁ :** ଆପଣଙ୍କଠୁଁ ଖାସ୍ କିଛି କଥା ଆଦାୟ କରିବା ନିମନ୍ତେ, ଆଜ୍ଞା ! ମହାଶୟଙ୍କ ବୃତ୍ତି ଆପଣଙ୍କୁ ଜଣା ଟି ? ମହାକୁଶଳୀ ଓକିଲ !

**ପ୍ରଥମ ଜିଜ୍ଞାସୁ :** ଆପଣଙ୍କ ଆଗରେ ବର୍ଷକ ତଳେ ସାକ୍ଷାତ୍ ବେଳେ କିଂବା ଆଜି ଥରୁଟିଏ ମଧ୍ୟ ଓକିଲାତି ବୁଦ୍ଧିର ପରିଚୟ ଦେଇଛି ? ଏ ବାଚାଳ କଥା ଭୁଲି ଯାଆନ୍ତୁ । ମୋତେ କୁହନ୍ତୁ, ସେସବୁ ଚେତନାର ଭୂମିକା କ'ଣ ?

**ଉତ୍ତର :** ଏ ପ୍ରଶ୍ନର ଉତ୍ତର ଦେବା ସହଜ ନୁହେଁ । କାରଣ ଆପଣଙ୍କ ପ୍ରଶ୍ନରେ ନିହିତ ରହିଛି ଏମିତି ଏକ ଉପାଦାନ, ଯାହା ହେତୁ ନିର୍ଣ୍ଣୟ କରିବାର ପକ୍ଷପାତୀ । ସେଭଳି ଚେତନାମାନେ ବିଦ୍ୟମାନ ରହିବାର ହେତୁ କ'ଣ – ଏହାହିଁ ଆପଣଙ୍କ ପ୍ରଶ୍ନର ଅନ୍ୟ ଏକ ରୂପ ।

**ପ୍ରଥମ ଜିଜ୍ଞାସୁ :** ହଁ ଆଜ୍ଞା, ସେଥିରେ ଭୁଲ୍ କ'ଣ ?

**ଉତ୍ତର :** ଭୁଲ୍ ଆପଣଙ୍କର ନୁହେଁ; ଭୁଲ୍ ଆମ ସାମଗ୍ରିକ ଚେତନାର – ବୋଇଲେ ଆମ ସୀମାବଦ୍ଧ ମାନସିକ ଚେତନାର । ଆମେ ସବୁକିଛିର ଯୁକ୍ତିଗତ ବ୍ୟାଖ୍ୟା ଦାବି କରୁଁ – ସଚେତନ ଭାବରେ ହେଉ ବା ଅଚେତନ ଭାବରେ ହେଉ । ଆମେ ଭୁଲିଯାଉଁ ଯେ ଯୁକ୍ତିର ଭିତ୍ତିରେ ଏ ସୃଷ୍ଟି ତିଆରି ହୋଇ ନାହିଁ । ବାତାବରଣରେ ଅସଂଖ୍ୟ ଅତୀନ୍ଦ୍ରିୟ ସତ୍ତାମାନେ ଅଛନ୍ତି ଯେଉଁମାନେ ଯୁକ୍ତି ଦ୍ୱାରା ପରିଚାଳିତ ନୁହନ୍ତି । ସୃଷ୍ଟିର ପ୍ରାରମ୍ଭ ମୁହୂର୍ତ୍ତରୁ, ସମ୍ପୂର୍ଣ୍ଣ ଚେତନାଶୂନ୍ୟ ସ୍ଥୂଳତା ଭିତରୁ ଚେତନାର ଅଭିଯାତ୍ରା ଚାଲିଛି; ଚେତନାର ବିପରୀତ ଶକ୍ତି ନିଶ୍ଚେତନା ସେ ଗତିଶୀଳତାକୁ ପଛରୁ ଟାଣି ଧରି ରୋକିବାର ଚେଷ୍ଟା କରୁଛି । ଏହି ଦ୍ୱନ୍ଦ୍ୱ ଭିତରୁ ଏବଂ ଆହୁରି ଅସଂଖ୍ୟ କାରଣରୁ

କେତେ ସତ୍ତାର ଉତ୍ପତ୍ତି ଘଟିଛି; ପୁଣି ମଣିଷର କାମନା-ବାସନା, ଈର୍ଷା, ଦ୍ୱେଷ, ଲୋଭ, ହିଂସା, ପ୍ରତିହିଂସାର ଅଦୃଶ୍ୟ ସ୍ଖଳନ ଭିତରୁ କେତେ କୁନି କୁନି ବିଷାକ୍ତ ସତ୍ତା ସୃଜିତ ହୋଇଯାଇଛନ୍ତି । ସେମାନେ ନିଜ ନିଜ ଖାମଖିଆଲ, ନିଜ ନିଜ ସୀମିତ ବଳ ଓ ପରିସର ଭିତରେ ଚଳପ୍ରଚଳ ହେଉଥା'ନ୍ତି; ବିଲୀନ ହୋଇ ଯାଉଥା'ନ୍ତି । ବିଚିତ୍ର ସେ ଅତିଭୌତିକ ଜଗତର ହାଲଚାଲ ।

**ତୃତୀୟ ଜିଜ୍ଞାସୁ :** ମଣିଷମାନଙ୍କ ସହ ସେମାନଙ୍କ ସମ୍ପର୍କ ଥାଏ ?

**ଉତ୍ତର :** ସେମାନେ ସମ୍ପର୍କ ପାଇଁ ଉତ୍ସୁକ ଥା'ନ୍ତି ବୋଲି ମନେହୁଏ । କେହି କେହି ମଣିଷ ମଧ୍ୟ ସେମାନଙ୍କୁ ଅକ୍ତିଆର କରି ନିଜ ନିଜ ସ୍ୱାର୍ଥ ସିଦ୍ଧିରେ ବା ତୁଚ୍ଛା ହବୁବିଦ୍ୟା ବା ଚମତ୍କାର ପ୍ରଦର୍ଶନରେ ବ୍ୟବହାର କରନ୍ତି । ଅବଶ୍ୟ ସେ ପାଇଁ ସେସବୁ ମଣିଷଙ୍କୁ କଠୋର ମୂଲ୍ୟ ଦେବାକୁ ପଡ଼ିଥାଏ ।

**ପ୍ରଥମ ଜିଜ୍ଞାସୁ :** ଗୋଟାଏ ଭଲ କଥା ମନେପଡ଼ିଲା । ମୋର ଜଣେ ବନ୍ଧୁଙ୍କଠାରୁ ଶୁଣିଥିଲି — ଆପଣ କୌଣସି ଏକ କ୍ଲାସରେ ବ୍ରିଟିଶ ଭାରତର ଜଣେ ଗଭର୍ଣ୍ଣର ଜେନେରାଲଙ୍କ ଅଦ୍ଭୁତ ଅଭିଜ୍ଞତାର ଦୃଷ୍ଟାନ୍ତ ଦେଉଥିଲେ ...

**ଉତ୍ତର :** ଲର୍ଡ଼ ଡାଫ୍‌ରିନ୍‌ଙ୍କ କଥା । ଅନ୍ୟ କୌଣସି ଗଭର୍ଣ୍ଣର ଜେନେରାଲଙ୍କର ସେଭଳି ଅଦ୍ଭୁତ ଅଭିଜ୍ଞତାର ଦୃଷ୍ଟାନ୍ତ ନାହିଁ ।

**ଏକାଧିକ ଜିଜ୍ଞାସୁ :** ଦୟାକରି କହନ୍ତୁ ।

**ଉତ୍ତର :** ଆମ ଆଲୋଚନା ଶେଷ ହେଲା ବୋଲି ଭାବିଥିଲି । ବର୍ତ୍ତମାନ ତାହା ଅନ୍ୟ ଏକ ସ୍ତରକୁ ଚାଲିଯିବ — ତତ୍ତ୍ୱରୁ ତଥ୍ୟ ସ୍ତରକୁ । ଠିକ୍ ଅଛି !

ଯେତେଦୂର ମନେପକାଇ ପାରୁଛି, ଊନବିଂଶ ଶତାବ୍ଦୀର ଅଷ୍ଟମ ଦଶକରେ କେଇ ବର୍ଷ ପାଇଁ ଲର୍ଡ଼ ଡାଫ୍‌ରିନ୍ ଭାରତରେ ମହାରାଣୀ ଭିକ୍‌ଟୋରିଆଙ୍କ ଭାଇସରୟ ବା ପ୍ରତିନିଧି ଏବଂ ଗଭର୍ଣ୍ଣର ଜେନେରାଲ ଥିଲେ । ତାଙ୍କ ଶାସନକାଳ ମନେ ରହିବାର ହେତୁ, ସେତିକିବେଳେ ୧୮୮୫ରେ ଭାରତୀୟ ଜାତୀୟ କଂଗ୍ରେସ ଗଠିତ ହୋଇଥିଲା । ସବୁ ଗଭର୍ଣ୍ଣର-ଜେନେରାଲଙ୍କ ମଧ୍ୟରେ ଡାଫ୍‌ରିନ୍ ସାହେବ ବୋଧହୁଏ ସବୁଠୁଁ ଅଧିକ ଭଦ୍ରଲୋକଟିଏ ଥିଲେ ।

ସେ ଯାହାହେଉ, ସେ ଭାରତକୁ ଆସିବାର କେତେ ବର୍ଷ ତଳର ଘଟଣା । ସେ ଥରେ ତାଙ୍କର ଜଣେ ବନ୍ଧୁଙ୍କ ଘରେ ଅତିଥି ହୋଇଥା'ନ୍ତି — ଆୟାର୍ଲାଣ୍ଡର ଏକ ଅପେକ୍ଷାକୃତ ଜନବିରଳ ଅଞ୍ଚଳରେ ।

ବନ୍ଧୁଙ୍କର ପ୍ରାସାଦ ଭଳି ଘର । ଚତୁର୍ଦ୍ଦିଗରେ ବ୍ୟାପକ ଉଦ୍ୟାନ । ଜହ୍ନରାତି । ପ୍ରାସାଦର ତଳମହଲାରେ ଗୋଟାଏ ବଡ଼ କୋଠରିରେ ଡାଫ୍‌ରିନ୍ ଶୋଇଥା'ନ୍ତି । କିଛି ଗୋଟାଏ ଅସ୍ୱସ୍ତିକର ସ୍ୱପ୍ନ ଦେଖି ସେ ଉଠି ବସିଲେ । ଯାଇ ଘର ପଛପଟେ ଥିବା ଉଦ୍ୟାନମୁଖୀ କାଚ ଝରକା ପାଖରେ ଠିଆ ହୋଇଥା'ନ୍ତି ।

ସେ ହଠାତ୍ ଦେଖିଲେ, ଜହ୍ନ ଆଲୁଅରେ ସ୍ପଷ୍ଟ ନ ଦିଶିଲେ ମଧ୍ୟ ଲୋକଟାଏ ତାଙ୍କରି କୋଠରି ଆଡ଼କୁ ଆସୁଛି । ସେ ନିଜ ପିଠିରେ କିଛି ଗୋଟାଏ ବହନ କରୁଛି ।

ଘରର କୌଣସି ପରିଚାରକ ଏତେ ରାତିରେ ଏକାକୀ ଉଦ୍ୟାନରେ କିଛି କାମ କରିବାର ସମ୍ଭାବନା ନଥିଲା । ଡାଫ୍‌ରିନ୍ ଧରିନେଲେ, ସେ ଗୋଟାଏ ଚୋର । ଉଦ୍ୟାନ ଭିତରୁ କିଛି ମୂଲ୍ୟବାନ୍ ଜିନିଷ ଚୋରାଇ ନେଇଯାଉଛି । ସମ୍ଭ୍ରାନ୍ତ ବଂଶର ପ୍ରାସାଦ ପରିସର ଭିତରେ ଅନେକ ଦୁର୍ମୂଲ୍ୟ ମୂର୍ତ୍ତି ବା ଅନ୍ୟ କୌଣସି ଦୁର୍ଲଭ ବସ୍ତୁ ସାଇତା ହୋଇଥା'ନ୍ତି ।

ଡାଫ୍‌ରିନ୍ ଖୁବ୍ ସାହସୀ । ସେ କବାଟ ଖୋଲି ଗୋଟାଏ ଲମ୍ଫରେ ଯାଇ ସେ ଲୋକଟି ଆଗରେ ଠିଆ ହୋଇ ପଡ଼ିଲେ । ମୁହୂର୍ତ୍ତକ ଭିତରେ ଦେଖିନେଲେ, ଲୋକଟି ନିଜ ପିଠିରେ ଗୋଟାଏ କଫିନ୍ ବହନ କରି ଚାଲିଛି ।

''କ'ଣ ହେଉଛି ?''— ଏମିତି କିଛି ଧମକ ଦେଲେ ଡାଫ୍‌ରିନ୍ । ଚକିତ ଲୋକଟି ମୁହଁ ଟେକି ତାଙ୍କ ଆଡ଼େ ଅନାଇଲା । ସେଭଳି ଭୟାବହ ମୁହଁ ଡାଫ୍‌ରିନ୍ କେବେ ଦେଖିବା ତ ଦୂରର କଥା, କଳ୍ପନା ମଧ୍ୟ କରି ପାରି ନଥା'ନ୍ତେ । ତାଙ୍କ ସାହସ ଉଭେଇ ଯିବା ସଙ୍ଗେ ସଙ୍ଗେ ସେ ଦେଖିଲେ ଲୋକଟି ସତେ ଯେପରି ତାଙ୍କରି ଦେହ ଭିତର ଦେଇ ପଶି ପଛପଟେ ଅଦୃଶ୍ୟ ହୋଇଗଲା । ଡାଫ୍‌ରିନ୍ ରାତିଯାକ ବିସ୍ମୟ ବିମୂଢ଼ ହୋଇ ନିଜ ଖଟ ଉପରେ ବସିଥା'ନ୍ତି ।

ସକାଳ ହେଲା । ସେ ତାଙ୍କ ବନ୍ଧୁଙ୍କୁ ସବୁ କଥା କହିଲେ, ପରିବାରର ସମସ୍ତେ ଯାଇ ଉଦ୍ୟାନ ବୁଲି ଦେଖିଲେ । କିଛି ବସ୍ତୁ ଅପହୃତ ହୋଇ ନାହିଁ । କେହି କେହି କହିଲେ ଡାଫ୍‌ରିନ୍ ହୁଏତ ସମୁଦାୟ ଘଟଣାଟି ସ୍ୱପ୍ନ ଭାବରେହିଁ ଦେଖିଛନ୍ତି । କିନ୍ତୁ ଡାଫ୍‌ରିନ୍ ଜାଣିଥିଲେ ତାଙ୍କର ସେ ବିଚିତ୍ର ଅଭିଜ୍ଞତା ସ୍ୱପ୍ନ ନଥିଲା; ଥିଲା ଏକାନ୍ତ ବାସ୍ତବ ।

ଏହାର ଅଳ୍ପ ଦିନ — ହୁଏତ ବର୍ଷେ, ଦୁଇ ବର୍ଷ ପରେ —

ଡାଫ୍‌ରିନ୍ ଇଂଲଣ୍ଡର ରାଷ୍ଟ୍ରଦୂତ ରୂପେ ପ୍ୟାରିସ ପ୍ରେରିତ ହେଲେ । ଦିନେ ସେଠାକାର ଗ୍ରାଣ୍ଡ୍ ହୋଟେଲର ଉଚ୍ଚତମ ମହଲାରେ ଫ୍ରାନ୍‌ସରେ ଥିବା ବିଦେଶୀ କୂଟନୀତିଜ୍ଞମାନଙ୍କର ଏକ ସଭା ହେଉଥିଲା । ଡାଫ୍‌ରିନ୍ ହୋଟେଲରେ ପହଞ୍ଚିବା ମାତ୍ରେ ଅଭ୍ୟର୍ଥନାକାରୀମାନେ ତାଙ୍କୁ ସାଦରେ ଲିଫ୍‌ଟ୍ ପାଖକୁ ନେଇଗଲେ । ପ୍ରଶସ୍ତ ଲିଫ୍‌ଟ୍ ଭିତରେ ସେତେବେଳକୁ ବେଶ୍ କେତେଜଣ କୂଟନୀତିଜ୍ଞ ଠିଆ ହୋଇଥା'ନ୍ତି । ସେମାନେ ସହାସ୍ୟ ଡାଫ୍‌ରିନ୍‌ଙ୍କୁ ସ୍ୱାଗତ କଲେ ।

ଡାଫ୍‌ରିନ୍ ଗୋଟାଏ ଗୋଡ଼ ଲିଫ୍‌ଟ୍ ଭିତରେ ଥୋଇବାକୁ ଯାଉଛନ୍ତି, ଦୈବାତ୍ ତାଙ୍କ ଦୃଷ୍ଟି ଲିଫ୍‌ଟ୍-ଚାଳକର ମୁହଁ ଉପରେ ନିବଦ୍ଧ ହେଲା । ତାଙ୍କ ଭିତରେ ଖେଳିଗଲା ଆତଙ୍କର ବିଦ୍ୟୁତ୍ । ସେ ଗୋଡ଼ କାଢ଼ିନେଇ କହିଲେ, ''ଦୁଃଖିତ ! ଟିକିଏ କାମ ଅଛି । ପରେ ପରେ ଯାଉଛି ।''

ଲିଫ୍‌ଟ୍ ଦ୍ୱାର ବନ୍ଦ ହୋଇଗଲା । ଡାଫ୍‌ରିନ୍‌ଙ୍କର ବାସ୍ତବିକ କିଛି କାମ ନଥିଲା । ସେ କିଛି ଗୋଟାଏ ମାମୁଲି ପ୍ରଶ୍ନ କରିବା ନିମନ୍ତେ ହୋଟେଲର ସ୍ୱାଗତିକା ପାଖରେ ପହଞ୍ଚିଛନ୍ତି, ଶୁଣାଗଲା ଏକ ପ୍ରଚଣ୍ଡ ଶବ୍ଦ । ସର୍ବୋଚ୍ଚ ମହଲା ସ୍ପର୍ଶ କରୁ କରୁ ଲିଫ୍‌ଟ୍ ଛିଡ଼ି ପଡ଼ିଲା । ସେ ମର୍ମାନ୍ତିକ ଦୁର୍ଘଟଣାରେ ଲିଫ୍‌ଟ୍ ଭିତରେ ଥିବା ସମସ୍ତ ବ୍ୟକ୍ତି ପ୍ରାଣ ହରାଇଥିଲେ । ସମସ୍ତେ ବିଶିଷ୍ଟ କୂଟନୀତିଜ୍ଞ ଓ ରାଷ୍ଟ୍ରଦୂତ । ସେତେବେଳେ ପାଶ୍ଚାତ୍ୟ ଜଗତରେ ଘଟଣାଟି ଚାଞ୍ଚଲ୍ୟ ସୃଜି ଥିଲା ।

ଡାଫ୍‌ରିନ୍ ନିଜେ ଏ କଥାଟି ଲେଖି ନାହାନ୍ତି । କିନ୍ତୁ ସେ ତାଙ୍କର ବହୁ ବନ୍ଧୁଙ୍କୁ ଏହା ଗପିଥିଲେ ଏବଂ ଏକାଧିକ ବନ୍ଧୁ ଏହା ଲିପିବଦ୍ଧ କରିଥିଲେ । ବାଲ୍ୟକାଳରେ ଶ୍ରୀମା ମଧ୍ୟ ଏ ଘଟଣା ଶୁଣିଥିଲେ ଏବଂ ସେ ଏହାର ଉଲ୍ଲେଖ ମଧ୍ୟ କରିଛନ୍ତି । ଘଟଣାର ଭିନ୍ନ ଭିନ୍ନ ବିବରଣୀରେ କିଛି କିଛି ତାରତମ୍ୟ ରହିଛି । କିନ୍ତୁ କେନ୍ଦ୍ର ଘଟଣାଟି ସବୁ ବିବରଣୀରେ ସମାନ ।

ବିବରଣୀମାନଙ୍କ ଭିତରେ ଗୋଟାଏ ମାତ୍ର ବିଷୟରେ ବିଶେଷ ତାରତମ୍ୟ ରହିଛି । ଗୋଟିଏ ବିବରଣୀ ଅନୁସାରେ ସେ ଲିଫ୍‌ଟ୍-ଚାଳକ ମୃତକମାନଙ୍କ ଭିତରେ ନଥିଲା । ଅନ୍ୟ ବିବରଣୀ ଅନୁସାରେ ହୋଟେଲର ନିୟମିତ ଲିଫ୍‌ଟ୍-ଚାଳକ ଛୁଟିରେ ଥିବା ଯୋଗୁଁ ଜଣେ ଦିନକ ପାଇଁ ସେ କାମରେ ନିଯୁକ୍ତ ହୋଇଥିଲା ଏବଂ ସେ ମଧ୍ୟ ମୃତକମାନଙ୍କ ଭିତରେ ଥିଲା ।

କହିବା ବାହୁଲ୍ୟ ଡାଫ୍‌ରିନ୍ ଅତୀତର ଜହ୍ନ ରାତିରେ ଏକ ଅତିଭୌତିକ ସତ୍ତାକୁ ଦେଖିଥିଲେ । ସେ କେତେଜଣଙ୍କ ପାଇଁ ମୃତ୍ୟୁଦୂତ ରୂପେ କାମ କରୁଥିଲା । କଫିନ୍ ଗୋଟିକ ଲିଫ୍‌ଟ୍‌ରହିଁ ପ୍ରତୀକ ଥିଲା । ସେଦିନ ଲିଫ୍‌ଟ୍‌ରେ ଯେଉଁମାନେ ପ୍ରାଣତ୍ୟାଗ କଲେ, ସେମାନଙ୍କୁ ସେ ନେଇ ସାରିଥିଲା । ଡାଫ୍‌ରିନ୍ ସେହି ତାଲିକାର ଅନ୍ତର୍ଭୁକ୍ତ ଥିଲେ । କିନ୍ତୁ ଅତିଭୌତିକ ଜଗତର ବିଚିତ୍ର ଆଦାନପ୍ରଦାନ ଭିତରେ ତାଙ୍କ ମୃତ୍ୟୁ ନିର୍ଧାର୍ଯ୍ୟ ହୋଇ ଯାଇଥିଲେ ମଧ୍ୟ ଆପଣାର ସାହସିକ ପଦକ୍ଷେପ ଯୋଗୁଁ – ଅର୍ଥାତ୍ ସେ ଜ୍ୟୋତ୍ସ୍ନାପ୍ଲାବିତ ଭୌତିକ ନିଶାର୍ଦ୍ଧରେ ଉଦ୍ୟାନ ଭିତରକୁ ଡେଇଁପଡ଼ି ତାଙ୍କ ମୃତ୍ୟୁଦୂତର ମୁକାବିଲା କରିଥିବା ଯୋଗୁଁ ତାଙ୍କ ନିୟତି ବଦଳି ଯାଇଥିଲା ।

**ଜିଜ୍ଞାସୁମାନେ :** ସେ ଲିଫ୍‌ଟ୍-ଚାଳକ କଥା କ'ଣ ?

**ଉତ୍ତର :** ସେ ଜଣେ ବାସ୍ତବ ମଣିଷ ହୋଇଥିବା ସମ୍ଭବ । ମୃତ୍ୟୁଦୂତର ଭୂମିକା ତୁଲାଉଥିବା ଅତିଭୌତିକ ସତ୍ତାଟି ସେହି ଲୋକ ଉପରେ ସବାର ହେବ ବୋଲି ସିଦ୍ଧାନ୍ତ କରିଥିଲା ।

**ଜିଜ୍ଞାସୁମାନେ :** ବଡ଼ ବିସ୍ମୟକର, ବଡ଼ ବିଚିତ୍ର ! ଯେତେଜଣ ସେଦିନର ସେ ଦୁର୍ଘଟଣାରେ ପ୍ରାଣ ଦେଲେ, ସେମାନେ ସେମିତି ସେହି ମୁହୂର୍ତ୍ତରେ ଇହଲୀଳା ସାଙ୍ଗ କରିବେ ବୋଲି କ'ଣ ପୂର୍ବ-ନିର୍ଦ୍ଧାରିତ ଥିଲା ?

**ଉତ୍ତର :** ତାହା ଏକ ଜଟିଳ ପ୍ରସଙ୍ଗ । ଆଲୋଚନା ପୁଣି ସମୟସାପେକ୍ଷ । ସମସ୍ତ ଘଟଣା ପୂର୍ବ-ନିର୍ଦ୍ଧାରିତ ବୋଲି କୁହାଯାଇପାରେ । କିନ୍ତୁ ତାହା ନିୟତି ଓ ମହାକାଳର ଏକ ଭିନ୍ନ ସ୍ତରରେ – ଭିନ୍ନ dimensionରେ । ସେ ସ୍ତରର ଉପଲବ୍ଧି ବିନା ସବୁ ନିର୍ଦ୍ଧାରିତ ବୋଲି ଆମେ କଥାରେ କଥାରେ କହିବା ଗୋଟିଏ ଅଭ୍ୟାସ ମାତ୍ର । କଥାହେଲା ସେ ଚରମ ସ୍ତର ଏବଂ ଏ ସ୍ଥାନ-କାଳ-ପାତ୍ରଭିତ୍ତିକ ପାର୍ଥିବ ସ୍ତର ମଧ୍ୟରେ ବହୁ ବ୍ୟବଧାନ, ବହୁ ସମ୍ଭାବନା, ବହୁ ଅଦଳବଦଳର ଆକସ୍ମିକତା ରହିଥାଏ । ଯାହା ଆମ ମନ ବୁଝିପାରିବ ନାହିଁ ତାହାହେଲା ସେ ଚରମ ସ୍ତର ଏବଂ ଆମର ପାର୍ଥିବ ସ୍ତର ଭିତରେ ଏହି ବିରୋଧ ସେ ଚରମ ସ୍ତରରୁ ଦେଖିଲେ ଅବାସ୍ତବ । ସେ ଚରମ ସ୍ତରରେ ସବୁ ସମନ୍ୱିତ ।

**ପ୍ରଥମ ଜିଜ୍ଞାସୁ :** କଥାଟି ପ୍ରହେଳିକାମୟ ହେଲେ ମଧ୍ୟ ସତ୍ୟ ବୋଲି ଧାରଣା ହେଉଛି । କିନ୍ତୁ ବୁଝି ହେଉ ନାହିଁ, ହେବାର ସମ୍ଭାବନା ନାହିଁ ।

**ଦ୍ୱିତୀୟ ଜିଜ୍ଞାସୁ :** ଭାଇ, ଆମେ ସେତିକି ଧାରଣାକୁ ନେଇ ଆପାତତଃ ସନ୍ତୁଷ୍ଟ ରହିବା ।

**ତୃତୀୟ ଜିଜ୍ଞାସୁ :** ଛୋଟ ପ୍ରଶ୍ନଟିଏ । ଆଚ୍ଛା, ଯେଉଁମାନେ ସେଦିନ ସେ ଦୁର୍ଘଟଣାରେ ପ୍ରାଣ ଦେଲେ, ସେମାନଙ୍କର ତ ସମସ୍ତଙ୍କର ଅଲଗା ଅଲଗା ଭାଗ୍ୟ-ନିର୍ଘଣ୍ଟ ଥିବ ! ଏକାବେଳେ କେମିତି ମହାଯାତ୍ରା କଲେ ?

**ଉତ୍ତର :** ଅଧିକାଂଶ ଲୋକଙ୍କର ସୁସଂବଦ୍ଧ, ସୁନିର୍ଦ୍ଦିଷ୍ଟ ଭାଗ୍ୟ-ନିର୍ଘଣ୍ଟ ଗଠିତ ହୋଇ ନଥାଏ । ହୁଏତ ଆଜି ମୃତ୍ୟୁବରଣ କଲେ ଯାହା, ଦୁଇବର୍ଷ ପରେ କଲେ ବି ସେଇଆ । ହୁଏତ ଜୀବନଧାରା ଅତ୍ୟନ୍ତ ଗତାନୁଗତିକ; କାଳସ୍ରୋତରେ ଖାଲି ଭାସି ଚାଲିଥା'ନ୍ତି ସେମାନେ । ପରଲୋକ ବିଜ୍ଞାନ ଜାଣିଥିବା ଆଧ୍ୟାତ୍ମିକ ବ୍ୟକ୍ତିତ୍ୱମାନେ ଏମିତି କହନ୍ତି । ଶ୍ରୀମା'ଙ୍କୁ ଥରେ କେହି ଜଣେ ଏମିତି ଏକ ପ୍ରଶ୍ନ କରିଥିଲେ । ଜାହାଜଟିଏ ବୁଡ଼ିଗଲା । ଶହ ଶହ ଯାତ୍ରୀ ପ୍ରାଣ ହରାଇଲେ । ସେମାନଙ୍କ ଭାଗ୍ୟ କ'ଣ ଏକା ଭଳି ନିର୍ଦ୍ଦିଷ୍ଟ ଥିଲା ? ଯେତିକି ମନେ ପଡ଼ୁଛି ଆପାତତଃ – ଶ୍ରୀମା କହିଥିଲେ – ସେମାନଙ୍କ ଭିତରେ ଜଣେ ମଧ୍ୟ ଯଦି ଏଭଳି ବିକଶିତ ଆତ୍ମାଟିଏ ଥା'ନ୍ତା, ଯାହାର ନିୟତି ସୁନିର୍ଦ୍ଦିଷ୍ଟ ହୋଇସାରିଛି, ତେବେ ତାହାରି ଯୋଗୁଁ ସମସ୍ତେ ଦୁର୍ଘଟଣାରୁ ଉତ୍ତୀର୍ଣ୍ଣ ହୋଇ ଯାଇଥାନ୍ତେ । ଜଣକର ନିର୍ଦ୍ୱନ୍ଦ୍ୱ ବିଶ୍ୱାସ ଓ ପ୍ରାର୍ଥନା ଅନେକଙ୍କ ଭାଗ୍ୟକୁ ପ୍ରଭାବିତ କରିପାରେ ।

**ଚତୁର୍ଥ ଜିଜ୍ଞାସୁ :** ଅତି ଛୋଟ ପ୍ରଶ୍ନଟିଏ – ସେ ଭୟାବହ ସତ୍ତାଟିର ସେମିତି କେତେଜଣ ମଣିଷଙ୍କୁ ଗୋଟାଇବାର ହେତୁ କ'ଣ ?

**ଉତ୍ତର :** ହେତୁର ପ୍ରଶ୍ନ ଉଠାଇଲେ ପୁଣି ? ଅତୀନ୍ଦ୍ରିୟ ଜଗତରେ ସେମିତି ଅଜସ୍ର ଘଟଣା ଅନବରତ ଘଟି ଚାଲିଛି । ନିଜ ମାନସିକତାର କୌଣସି ବିଚିତ୍ର ଅବସ୍ଥାରେ ଲର୍ଡ଼୍ ଡାଫ୍‌ରିନ୍‌ଙ୍କ ସହ ସେ ଜଗତର ସମ୍ପର୍କ ସ୍ଥାପିତ ହୋଇଗଲା ବୋଲି ସେ ସେମିତି ଏକ ସତ୍ତାକୁ ଦେଖି ପକାଇଲେ ।

ନା, ଆମ ହେତୁବୋଧ ଦ୍ୱାରା ସେସବୁ ରହସ୍ୟ ବୁଝିବା ଅସମ୍ଭବ । ହୁଏତ ଭିନ୍ନ ସ୍ତରର ଏକ ବା ଏକାଧିକ ହେତୁ ବା ଶତାଧିକ ଭିନ୍ନ ଭିନ୍ନ 'ହେତୁ' ସେ ଜଗତରେ କାର୍ଯ୍ୟକାରୀ ହେଉଥିବେ । ଧନ୍ୟବାଦ । ✤

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ବିଶ୍ୱଦେବ ଅନ୍ତରନିବାସୀ

## ଶ୍ରୀଅରବିନ୍ଦ

ଆତ୍ମାର ଆଶ୍ଲେଷେ ମୋର ଆଧାରିଛି ନିଖିଳ ଜଗତ୍ :
ମୃଗଶିରା, ପୁନର୍ବସୁ ପ୍ରଜ୍ୱଳନ୍ତ ମୋହରି ଭିତରେ ।
ସଜୀବ ଯେ କେହି ରୂପ ଆସେ ମୋର ନୟନପଥରେ
ମୁଁ ଦେଖେଁ ମୋ ନିଜ ଦେହ ଆନ ଆନ ମୁଖରେ ଶୋଭିତ ।

ମୋହରି ସେସବୁ ନେତ୍ର ଦେଖୁଥାଏ ମୋତେ ନିରନ୍ତରେ;
ସକଳ ବୁକୁରେ ସ୍ୱନ୍ଦେ ହୃଦୟଟି ଏକା ଯେ ମୋହରି ।
ଜଗତର ସୁଖ ତୋଳେ ମୋ ଭିତରେ ସୁରାର ଲହରି,
ସଂସାରର ଶତ ଶୋକ ବ୍ୟଥା ହୋଇ ରାଜେ ମୋ ଅନ୍ତରେ ।

ତଥାପି ତା' ସର୍ବକର୍ମ ଊର୍ମି ସମ ହୁଏ ଆବର୍ତ୍ତିତ
ମୋହରି ବାହାରେ; ମାତ୍ର ଅନ୍ତରରେ ଚିର ଅବିଚଳ,
ମୁଁ ଅଜାତ ସମାସୀନ, କାଳାତୀତ ଏବଂ ଅଗୋଚର :
ସର୍ବ ବସ୍ତୁ ଛାୟାପ୍ରାୟ ପ୍ରଶାନ୍ତ ମୋ ମୁକୁରେ ବିମ୍ବିତ ।

ସର୍ବାତୀତ ବିସ୍ତୃତି ମୋ ଧରି ରଖେ ବିଶ୍ୱର ଘୂର୍ଣ୍ଣନ;
ସାଗରେ ଶୁକ୍ତିଜ ସମ ମୁହିଁ ଥାଏ ତହିଁରେ ପ୍ରଚ୍ଛନ୍ନ ।

[ଶ୍ରୀଅରବିନ୍ଦଙ୍କ ରଚିତ '**The Indwelling Universal**' କବିତାର ଭାଷାନ୍ତର]

ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ ❖



# ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ

## ଶ୍ରୀ ପ୍ରପତ୍ତି

ଯେକୌଣସି ମହାନ୍ ସଂସ୍କୃତିର ସାଧାରଣତଃ ଆମ୍ଭେମାନେ ତିନୋଟି ଦିଗ ଦେଖିବାକୁ ପାଉ । ପ୍ରଥମତଃ ତାହାର ଜୀବନଚର୍ଯ୍ୟା ଏବଂ ଜୀବନ-ଚେତନା ମଧ୍ୟରେ ଏକ ଆଦର୍ଶ, ଚିନ୍ତନ, ଦର୍ଶନ, ଊର୍ଦ୍ଧ୍ୱଗାମୀ ସଙ୍କଳ୍ପ ଏବଂ ଆତ୍ମାର ଅଭୀପ୍ସା; ଦ୍ୱିତୀୟତଃ ଏକ ସୃଜନୀ ପ୍ରତିଭା, ସୃଷ୍ଟିଶୀଳ ଆତ୍ମ-ପ୍ରକାଶ, ସୌନ୍ଦର୍ଯ୍ୟ-ବୋଧ, ଶିଳ୍ପ, ସାହିତ୍ୟ, ସଙ୍ଗୀତ ଓ କଳା; ତୃତୀୟତଃ ତାହାର ବ୍ୟାବହାରିକ ଜୀବନର ଏକ ସଙ୍ଗଠନ ପ୍ରଣାଳୀ, ସାମାଜିକ ରୀତିନୀତି, ରାଷ୍ଟ୍ରୀୟ-ବିଚାର ଯୋଜନା ଓ ଆଚାରଗତ ପଦ୍ଧତି । ଏହିସବୁ ବସ୍ତୁକୁ ଧରି ଯେକୌଣସି ମହାନ୍ ଜାତି ବା ରାଷ୍ଟ୍ରର ସଂସ୍କୃତିକୁ ବିଚାର କରିବାକୁ ହୋଇଥାଏ । ମନୁଷ୍ୟର ଯେଉଁ ତିନୋଟି ପ୍ରଧାନ ବୃତ୍ତି ରହିଛି, ଚିନ୍ତା, ଭାବ ଓ ସଙ୍କଳ୍ପ – ଏହାହିଁ ବିଶାଳ ବିରାଟ ଧାରାରେ ସମଗ୍ର ଜାତୀୟ ଜୀବନରେ ସହସ୍ର ସହସ୍ର ବର୍ଷ ମଧ୍ୟରେ ସଞ୍ଚିତ ହୋଇ ଏକ ଜୀବନ୍ତ ରୂପ ଧାରଣ କରେ । ଏହାଛଡ଼ା ପ୍ରତ୍ୟେକ ସଂସ୍କୃତିର ପଶ୍ଚାତରେ ଏକ ସୂକ୍ଷ୍ମ ତତ୍ତ୍ୱ, ଆଲୋକ ଓ ଶକ୍ତି ସ୍ୱକୀୟ ମହିମାରେ ବିଦ୍ୟମାନ ଥାଏ । ଜାତି ବା ରାଷ୍ଟ୍ର କେଉଁ ଦିଗରେ ଗତି କରିଛି, କେଉଁ ମହାନ୍ ତତ୍ତ୍ୱକୁ ରୂପାୟିତ କରିଛି, ତାହା ତାହାର ସଂସ୍କୃତିରୁ ଉପଲବ୍ଧି କରିହୁଏ ।

ତେବେ ଏକଥା ଏଠାରେ କହିବା ଅନାବଶ୍ୟକ ଯେ ଯେକୌଣସି ମହାନ୍ ସଂସ୍କୃତିର ଲକ୍ଷ୍ୟ ହେଲା ମନୁଷ୍ୟକୁ ନିମ୍ନ, ସଂକୀର୍ଣ୍ଣ, ସୀମାବଦ୍ଧ ଅର୍ଦ୍ଧପଶୁ ଜୀବନରୁ ପୂର୍ଣ୍ଣ ମାନବତ୍ୱ ଆଡ଼କୁ ନେଇଯିବା; ଅଜ୍ଞାନ, ମୃତ୍ୟୁ ଓ ମିଥ୍ୟା ମଧ୍ୟରୁ ଜ୍ଞାନ, ଅମୃତ ଓ ସତ୍ୟ ଆଡ଼କୁ ନେଇଯିବା । ଅସତ୍‌ରୁ ସତ୍, ଅନ୍ଧକାରରୁ ଜ୍ୟୋତିଃ, ମୃତ୍ୟୁରୁ ଅମୃତ ଆଡ଼କୁ ଯାହା ଆମକୁ ତୋଳିନିଏ ତାହାହିଁ ଯଥାର୍ଥରେ ଉଚ୍ଚତର ସଂସ୍କୃତି । ପୃଥିବୀର ପ୍ରତ୍ୟେକ ମହାନ୍ ଜାତିର ଏକ ଏକ ଗୌରବମୟ ସଂସ୍କୃତିର ବିକାଶ ଘଟିଥିଲା, ତାହାର ଜାତୀୟତା ଓ ରାଷ୍ଟ୍ରୀୟତାରେ ମଧ୍ୟ ଏହି ସଂସ୍କୃତିର ଛାପ ଥିଲା । ଗ୍ରୀସ୍, ରୋମ୍, ବାବିଲୋନ୍, କାଲେଡ଼ିଆ, ଇଜିପ୍ଟ, ଚାଇନା, ଭାରତ ପ୍ରଭୃତି ପ୍ରାଚୀନ ଦେଶମାନଙ୍କର ସଂସ୍କୃତିର ସର୍ବପ୍ରଧାନ ସୂତ୍ର ଥିଲା ଏକ ଅପୂର୍ବ ସୁଷମା, ମନୀଷାର ବିକାଶ ସଙ୍ଗେ ସଙ୍ଗେ ଏକ ଅଭୂତପୂର୍ବ ସୌନ୍ଦର୍ଯ୍ୟବୋଧର ସମନ୍ୱୟ । ଗ୍ରୀସ୍ ଦର୍ଶନ, କଳା, ସାହିତ୍ୟ, ରାଷ୍ଟ୍ରଦର୍ଶନ, ସମାଜ-ଦର୍ଶନର କ୍ଷେତ୍ରରେ ଏହି ସୁଷମା, ମନୀଷାର ଜୟଯାତ୍ରା ଏବଂ ସେହି ହେଲେନୀୟ (Hellenic) ସୌନ୍ଦର୍ଯ୍ୟବୋଧର ଛାପ ରହିଛି । ଗ୍ରୀସ୍‌ବାସୀମାନେ ଅତ୍ୟନ୍ତ ସୌନ୍ଦର୍ଯ୍ୟ ପିପାସୁ ଏବଂ ମନୀଷା-ପ୍ରଧାନ ଥିଲେ । କିନ୍ତୁ ରୋମାନ୍ ସଭ୍ୟତା ଓ ସଂସ୍କୃତିରେ ଆମ୍ଭେମାନେ ରାଷ୍ଟ୍ର ପ୍ରତି ଆନୁଗତ୍ୟ, ଦେଶ ପ୍ରତି ଅନୁରକ୍ତି ଏବଂ ଏକ କଠୋର ରାଷ୍ଟ୍ରୀୟ ଶୃଙ୍ଖଳା ଉପରେ ପ୍ରାଧାନ୍ୟ ଲକ୍ଷ୍ୟ କରୁ । ରୋମାନ୍ ସଂସ୍କୃତିର ଏହାହିଁ ବୈଶିଷ୍ଟ୍ୟ ଥିଲା । ଇଜିପ୍ଟ, ବାବିଲୋନ୍, କାଲେଡ଼ିଆ ପ୍ରଭୃତିର ସଂସ୍କୃତିରେ ଏକ ସୁଗଭୀର ଅତୀନ୍ଦ୍ରିୟତା, ସୂକ୍ଷ୍ମ ରହସ୍ୟ-ବିଦ୍ୟାର ଚର୍ଚ୍ଚା ପ୍ରାଧାନ୍ୟ ଲାଭ କରିଛି । ସେହିପରି ଭାରତୀୟ ସଂସ୍କୃତି ଏବଂ ବିଚାରଧାରାରେ ଏକ ଆଧ୍ୟାତ୍ମିକ ଦୃଷ୍ଟିକୋଣ ଓ ରହସ୍ୟମୟତାହିଁ ପ୍ରାଧାନ୍ୟ ଲାଭ କରିଛି । ଏକଥା ମଧ୍ୟ ସତ୍ୟ ଯେ ଆଜି ଅଧିକାଂଶ ପୁରାତନ ସଂସ୍କୃତିଗୁଡ଼ିକର ବିଲୟ ଘଟିଛି । ଅନନ୍ତକାଳର ଗର୍ଭରେ ଗ୍ରୀକ୍, ରୋମ୍, ବାବିଲୋନ୍, ଇଜିପ୍ଟର ସଂସ୍କୃତି ଲୋପ ପାଇ ଯାଇଛି । ଆଜି ସେସବୁ ଦେଶରେ କେବଳ ତାହା ଇତିହାସର ବିଷୟବସ୍ତୁ ହୋଇ ରହିଛି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଭାରତହିଁ ଏକମାତ୍ର ଦେଶ ଯାହାର ସଂସ୍କୃତି ସୂକ୍ଷ୍ମ ବିଚାରଧାରା ମଧ୍ୟରେ ଏବେ ବି ତାହାର ନିଜସ୍ୱ ପ୍ରତିଭା ଓ ସାଂସ୍କୃତିକ ଆଲୋକ ଓ ଦୀପ୍ତି ପ୍ରଚୁର ଭାବରେ ବିଦ୍ୟମାନ । ଅନ୍ୟ କଥାରେ କହିବାକୁ ଗଲେ ପୃଥିବୀର ବହୁ ବିଭିନ୍ନ ପ୍ରାଚୀନ ସଂସ୍କୃତିଗୁଡ଼ିକର ଧ୍ୱଂସ ଘଟିଥିଲେ ମଧ୍ୟ ଭାରତୀୟ ସଂସ୍କୃତି ଏପର୍ଯ୍ୟନ୍ତ ବଞ୍ଚି ରହିଛି ।

ତେବେ ଏହି ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ କ'ଣ ଏବଂ କେଉଁ ମହାନ୍ ସତ୍ୟ ଓ ଜୀବନଧାରାକୁ ଏହା ପ୍ରତିଭାତ କରୁଛି ? ଭାରତୀୟ ସଂସ୍କୃତି ମୂଳତଃ ଓ ପ୍ରଧାନତଃ ଏକ ଆଧ୍ୟାତ୍ମିକ ଜ୍ଞାନ, ଶକ୍ତି, ସାମର୍ଥ୍ୟ ଓ କଳାକୁ ତାହାର ପ୍ରଧାନ ଉପଜୀବ୍ୟ ବୋଲି ଗ୍ରହଣ କରିଛି । ଭାରତୀୟ ସଂସ୍କୃତିର ମୂଳତତ୍ତ୍ୱ ଏକ ଆଧ୍ୟାତ୍ମିକ ଜ୍ୟୋତିଃ ଓ ପ୍ରତିଭା ଏବଂ ଏହାହିଁ ଭାରତୀୟ ଜୀବନକୁ ସମଗ୍ର ଭାବରେ ପ୍ରଭାବିତ କରିଛି । ବିଶିଷ୍ଟ ମନୀଷୀ ମାକ୍ସମୁ୍ୟଲାର୍ ଭାରତର ଏହି ଜାତୀୟ ପ୍ରତିଭାକୁ ରାଷ୍ଟ୍ରର ଆତ୍ମ-ନିୟନ୍ତ୍ରଣକାରୀ ତତ୍ତ୍ୱ (Self-Regulative principle) ବୋଲି ଅଭିହିତ କରିଛନ୍ତି । ପୁନଶ୍ଚ ପ୍ରଶ୍ନ ହେବ, ଭାରତର

ଏହି ଆଧ୍ୟାତ୍ମିକ ତତ୍ତ୍ୱଟି କ'ଣ ? ଆଧ୍ୟାତ୍ମିକତା କହିଲେ ଆମ୍ଭେମାନେ ଏହି କେତେକ ବିଷୟକୁ ବୁଝୁ । ଏହାହିଁ ଭାରତୀୟ ଷଡ୍‌ଦର୍ଶନରେ, ବିଶେଷତଃ ବେଦାନ୍ତ ଦର୍ଶନରେ ପ୍ରତିପାଦିତ ହୋଇଛି । ଆଧ୍ୟାତ୍ମିକତାର ଅର୍ଥ ହେଲା –

ପ୍ରଥମତଃ : ଏହି ଦୃଶ୍ୟମାନ, ଇନ୍ଦ୍ରିୟବୋଧ ଜଗତର ପଶ୍ଚାତରେ ଏକ ଅକ୍ଷୟ, ଅବ୍ୟୟ ସଦ୍‌ବସ୍ତୁ ବିଦ୍ୟମାନ ଯାହା ଶାଶ୍ୱତ ଏବଂ ସତ୍ ।

ଦ୍ୱିତୀୟତଃ : ଏହି ପରମ ଶାଶ୍ୱତ ସଦ୍‌ବସ୍ତୁହିଁ ସର୍ବଶକ୍ତି ଯୁକ୍ତ, ସର୍ବ-ସାମର୍ଥ୍ୟ ଯୁକ୍ତ, ବଳ, ତେଜଃ ଓ ଗତି । ଏହାହିଁ ଚିତ୍-ତପସ୍ ସାକ୍ଷାତ୍ ଚିତ୍‌ଶକ୍ତି । ଏହି ଚିତ୍-ତପସ୍ ମଧ୍ୟରୁ ଏହି ବିଶ୍ୱର ଉତ୍ପନ୍ନ । ଏହାହିଁ ସୃଷ୍ଟିକାରିଣୀ, ସର୍ବମୟୀ ଶକ୍ତି ।

ତୃତୀୟତଃ : ଏହି ସଦ୍‌ବସ୍ତୁ ପରମାଶକ୍ତି ଏକ ଅପୂର୍ବ ଆନନ୍ଦ, ଲୀଳା, ସୌନ୍ଦର୍ଯ୍ୟ, ରସ ଓ କଳାର ମଧ୍ୟରେ ସମଗ୍ର ସୃଷ୍ଟିକୁ ଧାରଣ କରିଛନ୍ତି । ସେ କେବଳ ସତ୍ ନୁହେଁ, କେବଳ ସତ୍ ଓ ଚିତ୍ ନୁହେଁ, ସେ ହେଲେ ଏକସଙ୍ଗେ ଏକାଧାରରେ ସତ୍-ଚିତ୍-ଆନନ୍ଦ, ସଚ୍ଚିଦାନନ୍ଦ-ପରାତ୍ପର ବ୍ରହ୍ମ ।

ଚତୁର୍ଥତଃ : ଏହି ସଚ୍ଚିଦାନନ୍ଦ ତ୍ରିଧାରାରେ ପ୍ରକାଶିତ – ସେ ବିଶ୍ୱାତୀତ, ବିଶ୍ୱଗତ ଓ ବ୍ୟଷ୍ଟିଗତ । ସେ ସକଳ ବସ୍ତୁର ଅତୀତ ଅଖଣ୍ଡ ପରମ ବ୍ରହ୍ମ 'ଏକମେବା ବିପ୍ରାଃ ବହୁଧା ବଦନ୍ତି' – ଅଖିଳ ବ୍ରହ୍ମାଣ୍ଡର ପରମ ରହସ୍ୟ । ସେ ମଧ୍ୟ 'ସର୍ବଂ ଖଲ୍ୱିଦଂ ବ୍ରହ୍ମ' – ସେ ଏହି ବିଶ୍ୱରେ ରୂପାୟିତ ସବୁକିଛି, ସକଳ ବସ୍ତୁ – ଗାଭୀ, ବୃକ୍ଷ, ପକ୍ଷୀ, ଗୁଳ୍ମ, ଲତା ଓ ମନୁଷ୍ୟ । ପୁନଶ୍ଚ ସେ ମଧ୍ୟ ବ୍ୟଷ୍ଟି ମଧ୍ୟରେ ପ୍ରକାଶିତ 'ସୋଽହଂ', 'ଅହଂ ବ୍ରହ୍ମାସ୍ମି', 'ତତ୍ତ୍ୱମସି' ଇତ୍ୟାଦି ଇତ୍ୟାଦି ।

ପଞ୍ଚମତଃ : ଏହି ପରମ ସଦ୍‌ବସ୍ତୁ, ପରମାଶକ୍ତି, ସର୍ବବ୍ୟାପକ ଆନନ୍ଦକୁ ଯାହା ବିଶ୍ୱରେ ତ୍ରିଧାରାରେ ପ୍ରକାଶିତ ହୋଇଛି, ତାହାକୁ ବ୍ୟଷ୍ଟି-ଜୀବନରେ ଧରି ପାରିବା ଏବଂ ପ୍ରାପ୍ତ ହେବାହିଁ ବ୍ୟକ୍ତିଗତ ଜୀବନର ଚରମ ଲକ୍ଷ୍ୟ ଓ ସାର୍ଥକତା । ଏହାହିଁ ମୁକ୍ତି, ମୋକ୍ଷ ବା ନିର୍ବାଣ ଓ ପରମପଦ ଲାଭ । ଜ୍ଞାନୀ ଓ ତପସ୍ୱୀର ସେହିଁ ହେଲେ ଜ୍ଞାନଘନ ବିଗ୍ରହ, ଭକ୍ତ ଓ ପ୍ରେମିକର ସେ ହେଲେ ରସଘନ ରୂପ । ସେ – ବ୍ରହ୍ମହିଁ ବିଭିନ୍ନ ବିଭାଗରେ ନିଜକୁ ବିଭିନ୍ନ ଧାରା ମାଧ୍ୟମରେ ରୂପାୟିତ କରିଛନ୍ତି । ତାଙ୍କୁହିଁ ସକଳ ଜ୍ଞାନ, ପ୍ରେମ, ଭକ୍ତି ଓ କଳା ମଧ୍ୟରେ ଲାଭ କରିବାହିଁ ଚରମ ସାର୍ଥକତା । ଏହା ସଙ୍ଗେ ସଙ୍ଗେ କେବଳ ସେହି ବ୍ରହ୍ମଙ୍କୁ ପ୍ରାପ୍ତ ହେବା ନୁହେଁ, ଯଦି ତାଙ୍କ ମଧ୍ୟରେ ବାସ କରି ତାଙ୍କୁ ଜୀବନର ସକଳ କ୍ଷେତ୍ରରେ ରୂପାୟିତ କରାଯାଇପାରେ, ଅର୍ଥାତ୍ ଜୀବନକୁ ସେହି ତତ୍ତ୍ୱରେ ରୂପାନ୍ତର କରାଯାଇପାରେ, ତେବେ ମାନବୋତ୍ତର ଅନ୍ୟ ଏକ ଜୀବନଧାରାର ପ୍ରକାଶ ମଧ୍ୟ ସମ୍ଭବ ହେବ ।

ଆଧ୍ୟାତ୍ମିକତାର ଏହି ଅର୍ଥ ଭାରତୀୟ ଦର୍ଶନ, ଧର୍ମ, କାବ୍ୟ, କଳା, ସାହିତ୍ୟ, ଶିଳ୍ପ, ସ୍ଥାପତ୍ୟ, ରାଷ୍ଟ୍ର ଓ ସମାଜ- ସକଳ କ୍ଷେତ୍ରରେ ପ୍ରକାଶିତ ହୋଇଥିଲା । ଶ୍ରୀଅରବିନ୍ଦ ଏହି ବିଷୟ ଗଭୀର ଭାବରେ 'ଭାରତୀୟ ସଂସ୍କୃତିର ଆଧାର' ନାମକ ପୁସ୍ତକରେ ସ୍ପଷ୍ଟ ଭାବରେ ଆଲୋଚନା କରିଛନ୍ତି । ଭାରତୀୟ ସଂସ୍କୃତିର ଏହି ଅଧ୍ୟାତ୍ମଧାରା ପୃଥିବୀର ରକ୍ଷା ନିମିତ୍ତ, ବିଶେଷତଃ ତାହାର ମଙ୍ଗଳ, କଲ୍ୟାଣ ଓ ଅଗ୍ରଗତି ନିମିତ୍ତ ଏକାନ୍ତ ଆବଶ୍ୟକ । ଆଜି ପାଶ୍ଚାତ୍ୟ ସଂସ୍କୃତି, ବିଜ୍ଞାନ, ଶିଳ୍ପତନ୍ତ୍ର, ଜୀବନର ଉପଭୋଗ, କର୍ମଦକ୍ଷତା, ବୁଦ୍ଧି, ବିଚାର ଉପରେ ପ୍ରତିଷ୍ଠିତ । ଏହି ସଭ୍ୟତାରେ ଏକ ଦୁର୍ବାର ପ୍ରାଣର ଅତିମାତ୍ରାରେ ସ୍ଫୀତି ଘଟିଛି ଏବଂ ଜୀବନକୁ ଉପଭୋଗ ନିମିତ୍ତ ଏକ ଦୁର୍ଦମନୀୟ ଆସୁରିକ ପିପାସା ସୃଷ୍ଟି ହୋଇଛି । ସକଳ ବିକ୍ଷୋଭ, ବିପର୍ଯ୍ୟୟ, ଅସାମଞ୍ଜସ୍ୟର ମୂଳରେ ଏହି ଅତିମାତ୍ରାରେ ଜାଗତିକ, ଅଗଭୀର ଭୋଗବାଦହିଁ ରହିଛି ।

ପୃଥିବୀ ଆଜି 'ଏକ' ହୋଇ ଯାଇଛି । ଦେଶ ଦେଶ ଭିତରେ ଫାଙ୍କ ଓ ଦୂରତ୍ୱ କମି ଯାଇଛି । ଏକ ଦେଶ ଅନ୍ୟ ଦେଶକୁ ପ୍ରଭାବିତ କରୁଛି । ଏକ ବିଚାର ଓ ସଂସ୍କୃତି ଅନ୍ୟ ଏକ ବିଚାର ଓ ସଂସ୍କୃତିକୁ ଆଘାତ ଦେଉଛି, ତାକୁ ଆକ୍ରମଣ କରୁଛି, ଏକପ୍ରକାର ଆତ୍ମସାତ୍ କରୁଛି । ପାଶ୍ଚାତ୍ୟର ଯନ୍ତ୍ରବାଦ, ବିଜ୍ଞାନ, ଶିଳ୍ପତନ୍ତ୍ର, ଭୋଗବାଦ ଭାରତକୁ ଗ୍ରାସ କରିବାକୁ ବସିଛି । ଭାରତୀୟ ସଂସ୍କୃତିର କ'ଣ ଏ ସାମର୍ଥ୍ୟ ଅଛି ଯେ ଏହା ବଞ୍ଚି ରହିବ ଏବଂ ପାଶ୍ଚାତ୍ୟର ଏହି ଜାଗତିକ ଭୋଗବାଦ, ଶିଳ୍ପତନ୍ତ୍ର, ବିଜ୍ଞାନ ଆଦିକୁ ନିଜ ସାମର୍ଥ୍ୟରେ ବଶୀଭୂତ କରିପାରିବ ? ଏହା ଏକ ଗୁରୁତର ପ୍ରଶ୍ନ । ଏହି ପ୍ରଶ୍ନର ମୀମାଂସା ଉପରେ ମନୁଷ୍ୟଜାତିର ଭାଗ୍ୟ ନିର୍ଭର କରୁଛି । ପୃଥିବୀରେ ଯେଉଁ ନୂତନ ସଂସ୍କୃତିର ବିକାଶ ଘଟିବ ତାହାହିଁ ମାନବଜାତିର ଭାଗ୍ୟ ନିର୍ଦ୍ଧାରଣ କରିବ । ତେବେ ଏହି ନୂତନ ସାଂସ୍କୃତିକ ଅଭ୍ୟୁତ୍ଥାନରେ ଭାରତର ଭୂମିକା ଅତି ସ୍ପଷ୍ଟ ବୋଲି ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି; କାରଣ ଭାରତର ଅଧ୍ୟାତ୍ମଶକ୍ତି ମାନବଜୀବନର ଏକ ଗଭୀରତର ତଥା ଆମୂଳଚୂଳ ରୂପାନ୍ତର ଘଟାଇବ, ଯାହା ଫଳରେ ପୁନର୍ବାର

ବିଶ୍ୱରେ ଭ୍ରାତୃତ୍ୱ, ସାମ୍ୟ ଓ ସ୍ୱାଧୀନତାର ଅଖଣ୍ଡ ଧାରା ପ୍ରବାହିତ ହେବ । ଯେଉଁ ଶକ୍ତି ବଳରେ ଏହି ରୂପାନ୍ତର ସଂଘଟିତ ହେବ ତାହାହିଁ ଏକ ଅଧ୍ୟାତ୍ମ ଶକ୍ତି, ଯୋଗଶକ୍ତି ଏବଂ ଏହାହିଁ ଭାରତର ଅନ୍ତର୍ନିହିତ ପ୍ରତିଭା, ସାମର୍ଥ୍ୟ ଓ ବଳ ।

ଅଭ୍ରାନ୍ତ ଭାଷାରେ ଶ୍ରୀଅରବିନ୍ଦ ଏ ସମ୍ବନ୍ଧରେ କହୁଛନ୍ତି :

"It is only India that can discover the harmony, because it is only by a change – not a mere readjustment – of man's present nature that it can be developed, and such a change is not possible except by yoga. The nature of man and of things is at present a discord, a harmony that has got out of tune. The whole heart and action and mind of man must be changed, but from within, not from without, not by political and social institutions, not even by creeds and philosophies, but by realisation of God in ourselves and the world and a remoulding of life by that realisation.

(CWSA, Vol. 13, p. 73) – Sri Aurobindo

ଅର୍ଥାତ୍, ''ଏକମାତ୍ର ଭାରତହିଁ ଏହି ସାମଞ୍ଜସ୍ୟକୁ ଆବିଷ୍କାର କରିପାରେ, କାରଣ ମାନବ ପ୍ରକୃତିର ରୂପାନ୍ତର ଦ୍ୱାରା, କେବଳ ଏପାଖ ସେପାଖ ଯୋଡ଼ାତାଳି ଦ୍ୱାରା ନୁହେଁ – ମଣିଷର ବର୍ତ୍ତମାନ ପ୍ରକୃତିର ବିକାଶ ସମ୍ଭବ, କିନ୍ତୁ ଏହି ରୂପାନ୍ତର ଯୋଗ ବ୍ୟତୀତ ସମ୍ଭବ ନୁହେଁ । ବର୍ତ୍ତମାନ ମାନବ ପ୍ରକୃତି ଓ ବସ୍ତୁ ସକଳ ଅସାମଞ୍ଜସ୍ୟ ଓ ବେସୁରା ହୋଇ ଉଠିଛି । ମନୁଷ୍ୟର ହୃଦୟ, କର୍ମ ଓ ମନକୁ ଅଭ୍ୟନ୍ତରରୁ ପରିବର୍ତ୍ତନ କରିବାକୁ ହେବ, ବାହାରରୁ ନୁହେଁ, ବ୍ୟାବହାରିକ ସାମାଜିକ ଅନୁଷ୍ଠାନ, ମତବାଦ ବା ଦର୍ଶନ ଦ୍ୱାରା ନୁହେଁ, ବରଂ ଆତ୍ମ ମଧ୍ୟରେ ଓ ବିଶ୍ୱ ମଧ୍ୟରେ ଭଗବାନଙ୍କ ଉପଲବ୍ଧି ଦ୍ୱାରା ଏବଂ ସେହି ଉପଲବ୍ଧି ଦ୍ୱାରା ଜୀବନର ପୁନର୍ଗଠନ ।''

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ଦ୍ୱିତୀୟ ଖଣ୍ଡ, ପୃ. ୩୪୯-୩୫୨)

ଏକମାତ୍ର ସେହି କାର୍ଯ୍ୟ ଆତ୍ମାର ବିଶୁଦ୍ଧି ଆଣିପାରେ ଯାହା କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟରେ କରାଯାଏ ନାହିଁ, ଯାହା ଯଶ, ଲୋକପ୍ରଶଂସା ବା ପାର୍ଥିବ ମହତ୍ତ୍ୱର ଆକାଂକ୍ଷା ଘେନି କରାଯାଏ ନାହିଁ; ଯାହା ନିଜର କୌଣସି ମାନସିକ ଅଭିପ୍ରାୟ ବା ପ୍ରାଣର କୌଣସି ବାସନା ବା ଦାବି ଅଥବା କୌଣସି ଦୈହିକ ଅଭିରୁଚି ଉପରେ ଗୁରୁତ୍ୱ ନିମିତ୍ତ କରାଯାଏ ନାହିଁ, ଯାହା ମିଥ୍ୟା ଗର୍ବ ବା ରୂଢ଼ ଆତ୍ମପ୍ରତିଷ୍ଠା କିଂବା ପଦ ବା ମର୍ଯ୍ୟାଦାର ଦାବି ଯୋଗୁଁ କରାଯାଏ ନାହିଁ; ମାତ୍ର ଯାହା କେବଳ ଭଗବାନଙ୍କ ସକାଶେ ଓ ଭଗବାନଙ୍କ ଆଦେଶରେ ସାଧିତ କରାଯାଏ । ଯେଉଁସବୁ କାର୍ଯ୍ୟ ଅହଂଭାବ ସହ କରାଯାଏ, ତାହା ଅଜ୍ଞାନ ଜଗତର ଲୋକମାନଙ୍କ ପକ୍ଷରେ ଯେତେ ହିତକର ହେଲେ ସୁଦ୍ଧା ଯୋଗ-ସାଧକ ପାଖରେ ସମ୍ପୂର୍ଣ୍ଣ ନିରର୍ଥକ ।

*

ଆତ୍ମ-ନିବେଦନ କୌଣସି ବିଶେଷ କାର୍ଯ୍ୟ କରିବା ଉପରେ ନିର୍ଭର କରେ ନାହିଁ, ବରଂ କେଉଁ ଭାବ ସହ ପ୍ରତ୍ୟେକ କାର୍ଯ୍ୟ କର ତାହା ଉପରେ ନିର୍ଭର କରେ – ସେହି କାର୍ଯ୍ୟ ଯେଉଁ ପ୍ରକାରର ହେଉ ନା କାହିଁକି । ନିଷ୍କାମ ଓ ନିରହଂକାର ହୋଇ, ସୁଖ-ଦୁଃଖରେ ଶାନ୍ତ ଓ ସ୍ଥିରଭାବେ, ମନର ସମତା ସହ ଉତ୍ତମରୂପେ ଓ ଯତ୍ନ ସହକାରେ ଯେକୌଣସି କର୍ମ ଭଗବାନଙ୍କୁ ଯଜ୍ଞରୂପେ ଅର୍ପଣ କରାଗଲେ ଏବଂ ଏକମାତ୍ର ଭଗବାନଙ୍କ ଉଦ୍ଦେଶ୍ୟରେ କରାଗଲେ ଏବଂ ନିଜ ସ୍ୱାର୍ଥ ନିମିତ୍ତ ନୁହେଁ, କୌଣସି ପୁରସ୍କାର ବା ପରିଣାମ ନିମିତ୍ତ ନୁହେଁ ଏବଂ ଏହି ବୋଧ ସହ ଯେ ''ସକଳ କର୍ମ ଭାଗବତ ଶକ୍ତିର ଆୟତ୍ତାଧୀନ'', ତେବେ ସେହି କର୍ମ ଆତ୍ମ-ନିବେଦନର ଗୋଟିଏ ଉପାୟ ହୁଏ ।

– ଶ୍ରୀଅରବିନ୍ଦ

# ବେଦ ଓ ମାନବ ନିୟତି

## ସତ୍‌ପ୍ରେମ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଋଷିମାନେ ନିମ୍ନର ତ୍ରିବିଧ ଜଗତ୍ ବାହାରେ, ''ଆଉ ଗୋଟିଏ ଚତୁର୍ଥ''କୁ ଆବିଷ୍କାର କରିଥିଲେ, ତାହା ''ତୁରୀୟଂ ସ୍ୱିଦ୍''। ସେମାନେ ଏକ ବିରାଟ ବାସଭୂମିର ସନ୍ଧାନ ପାଇଥିଲେ, ''ସୂର୍ଯ୍ୟାଲୋକ-ସ୍ୱଃ''– ''ମୁଁ ପୃଥିବୀ ମଧ୍ୟରୁ ଜଗତ(ପ୍ରାଣ)କୁ ଉତ୍‌ଥିତ ହୋଇଛି । ମୁଁ ମଧ୍ୟ ଜଗତରୁ ସ୍ୱର୍ଗ (ମାନସ)କୁ ଉତ୍‌ଥିତ ହୋଇଛି । ସ୍ୱର୍ଗରୁ ନଭୋମଣ୍ଡଳରୁ ମୁଁ ଯାଇଛି ସୂର୍ଯ୍ୟାଲୋକକୁ, ଆଲୋକକୁ ।'' (ଯଜୁର୍ବେଦ) ଏବଂ କୁହାଯାଇଛି ''ମରଣଶୀଳ ସେମାନେ, ଅମରତ୍ୱକୁ ପ୍ରାପ୍ତ ହେଲେ ।'' (ଋକ୍‌ବେଦ, ୧.୧୧୦.୪) । ତେବେ ସେମାନଙ୍କର ରହସ୍ୟ କ'ଣ ? ସେମାନେ କିପରି ମନର ସ୍ୱର୍ଗରୁ ମହାନ୍ ସ୍ୱର୍ଗକୁ ଉତ୍‌ଥିତ ହେଲେ – ଶରୀରକୁ ତ୍ୟାଗ ନକରି, ସମାଧିରେ ପ୍ରବେଶ ନକରି ?

ଜଡ଼ ମଧ୍ୟରେହିଁ ରହସ୍ୟ ରହିଛି । କାରଣ ଜଡ଼ ମଧ୍ୟରେହିଁ ଅଗ୍ନି ସୀମାବଦ୍ଧ ହୋଇ ରହିଛି ଓ ଆମେ ସୀମାବଦ୍ଧ ହୋଇ ରହିଛୁ । କଥିତ ଅଛି ଯେ, ''ଅଗ୍ନି ମସ୍ତକବିହୀନ, ପାଦବିହୀନ, ତାଙ୍କର ଦୁଇ ଚରମ ବିନ୍ଦୁ ଗୁପ୍ତ ହୋଇ ରହିଛି (ଋକ୍‌ବେଦ, ୪.୧.୧୧) – ଊର୍ଦ୍ଧ୍ୱରେ ସେ, ଚୈତନ୍ୟର ''ମହାନ୍ ସ୍ୱର୍ଗ'' ମଧ୍ୟରେ ଅନ୍ତର୍ହିତ ହୋଇଯାଏ । ଯାହାକୁ ଋଷିମାନେ 'ମହାନ୍ ସମୁଦ୍ର' ବୋଲି ମଧ୍ୟ କହନ୍ତି । ନିମ୍ନରେ ସେ ଅଚେତନର ଏକ ନିରାକାର ସମୁଦ୍ର ଭିତରେ ବୁଡ଼ିଯାଏ । ଯାହାକୁ ସେମାନେ 'ପର୍ବତ' ବୋଲି କହନ୍ତି ।

ଋଷିମାନେ କଠିନ ବାସ୍ତବବାଦର ମନୁଷ୍ୟ ଥିଲେ । ପ୍ରକୃତ ବାସ୍ତବବାଦ, ଯାହାର ଭିତ୍ତିଭୂମି ହେଉଛି ଆତ୍ମା ଏବଂ ଯେହେତୁ ମନର ଶିଖରସବୁ ଏକ ଆଲୋକର ଶୂନ୍ୟତା ଭିତରକୁ ଉନ୍ମୁକ୍ତ ହୁଅନ୍ତି, ଯାହାସବୁ ନିଃସନ୍ଦେହରେ ପରମାନନ୍ଦମୟ, କିନ୍ତୁ ପୃଥିବୀ ଉପରେ ତାହାର କିଛି କର୍ତ୍ତୃତ୍ୱ ନାହିଁ । ସେଥିପାଇଁ ସେମାନେ ନିମ୍ନ ଅଭିମୁଖୀ ପଥରେ ପୁନର୍ବାର ଯାତ୍ରା ଆରମ୍ଭ କରିଥିଲେ । ଏପରିହିଁ ''ହୃତ ସୂର୍ଯ୍ୟ''ର ଅନ୍ୱେଷଣ ଆରମ୍ଭ ହୁଏ, ଆରମ୍ଭ ହୁଏ ନିଶ୍ଚେତନା ମଧ୍ୟରେ ଅବତରଣର ଦୀର୍ଘ 'ତୀର୍ଥଯାତ୍ରା' ଏବଂ ଅନ୍ଧକାରର ଶକ୍ତିମାନଙ୍କ ସହିତ ନିର୍ଦୟ ସଂଗ୍ରାମ, ଯେଉଁମାନେ ସୂର୍ଯ୍ୟର ଅପହରଣକାରୀ, ପଣି ଏବଂ ହୃତ ଅନ୍ଧକାର ଭିତରେ ଲୁକ୍‌କାୟିତ ଅହିରାଜ ସର୍ପ ଓ ଦାନବ, ସେସବୁ ଅବୈଧ ଦସ୍ୟୁମାନଙ୍କ ବାହିନୀ ସହିତ ସଂଗ୍ରାମ ଆରମ୍ଭ ହୁଏ । ସେମାନେ ସକଳ ବିଭାଜନକାରୀ, ବିଘ୍ନକାରକ, ଛିନ୍ନକାରୀ ଏବଂ ଆଚ୍ଛାଦନକାରୀ । କିନ୍ତୁ 'ଦିବ୍ୟକର୍ମୀମାନେ', ଅଗ୍ନିଦେବତାଙ୍କର ସହାୟତା ଲାଭ କରନ୍ତି ଏବଂ ତାଙ୍କର ଅନ୍ୱେଷଣର ପଥରେ, 'ବୋଧିଯୁକ୍ତ କିରଣରେଖା' ସରମା ବା ସ୍ୱର୍ଗର ଶ୍ୱାନର ସୂକ୍ଷ୍ମ ପ୍ରାଣଶକ୍ତି ଦ୍ୱାରା ପରିଚାଳିତ ହୁଅନ୍ତି । ସେହି ଶ୍ୱାନହିଁ ତାଙ୍କୁ 'ଅପହୃତ ଯୂଥମାନଙ୍କର' ଚଲାପଥରେ ପହଞ୍ଚାଇ ଦିଏ । ମଝିରେ ମଝିରେ ଏକ କ୍ଷଣସ୍ଥାୟୀ ଉଷାର ଆଗମନ ହୁଏ, ପୁଣି ସବୁକିଛି ସ୍ତିମିତ ହୋଇଯାଏ । ଏହା ଏକ ଧୀର, କଷ୍ଟସାଧ୍ୟ ଅଗ୍ରଗତି, ''କେବଳ ଖନନ ଓ ଖନନ, ବୃକମାନଙ୍କ ବିରୋଧରେ ସଂଗ୍ରାମ, ଜଣେ ସେମାନଙ୍କର ଯେତେ ନିକଟତର ହୁଏ, ସେମାନଙ୍କର କ୍ରୋଧ ସେତେ ବେଶୀ ବୃଦ୍ଧିପାଏ । ଅଗ୍ନି ହେଉଛନ୍ତି ଜଣେ ଯୋଦ୍ଧା, ସେ ବାଧାବିଘ୍ନ ମଧ୍ୟରେ ବିକଶିତ ହୁଅନ୍ତି । ଶତ୍ରୁର ପ୍ରତ୍ୟେକ ଆଘାତରେ ଅଗ୍ନିଶିଖା ଉଜ୍ଜ୍ୱଳତର ହୋଇ ଜଳି ଉଠନ୍ତି । ଋଷିମାନେ କହିଥିଲେ, 'ରାତ୍ରି ଓ ଦିବା' ଉଭୟ ଦିବ୍ୟଶିଶୁକୁ ସ୍ତନ୍ୟପାନ କରାଇଥା'ନ୍ତି ।'' (ଋକ୍‌ବେଦ, ୧.୯୫.୧) । ଏପରିକି ଋଷିମାନେ ରାତ୍ରି ଓ ଦିବାଙ୍କୁ ଦୁଇ ଭଉଣୀ ବୋଲି କହିଛନ୍ତି, ସେମାନେ ମୃତ୍ୟୁହୀନ, ସେମାନଙ୍କର ଜଣେ ମାତ୍ର ଅଭିନ୍ନ ପ୍ରେମିକ (ସୂର୍ଯ୍ୟ) ଅଟନ୍ତି । ଉଭୟ ଏକା ଭଳି, ଯଦିଓ ସେମାନଙ୍କର ଗଠନ ଭିନ୍ନ । ଅନ୍ଧକାର ଓ ଆଲୋକର ପର୍ଯ୍ୟାୟକ୍ରମ ତ୍ୱରାନ୍ୱିତ ହୁଏ ସେହିଦିନ ପର୍ଯ୍ୟନ୍ତ ଯେଉଁଦିନ ଅବଶେଷରେ ''ଦିବା'' ଆବିର୍ଭୂତ ହୁଏ, ଏବଂ 'ଉଷାର ବାହିନୀ' ଉଚ୍ଛୁଳି ଆଗେଇ ଯାଏ, ମୃତକୁ ଜାଗ୍ରତ୍ କରେ । (ଋକ୍‌ବେଦ, ପୃ. ୧.୧୧୩.୮) ।'' ଅଚେତନାର 'ଅନନ୍ତ ପର୍ବତ' ଚୂର୍ଣ୍ଣ-ବିଚୂର୍ଣ୍ଣ ହୋଇଯାଏ ଏବଂ ସେ ଅନ୍ୱେଷୀ ଅନ୍ଧକାର ଭିତରେ ନିହିତ ସୂର୍ଯ୍ୟଙ୍କୁ, ଜଳ ମଧ୍ୟରେ ଦିବ୍ୟ ଚେତନାଙ୍କୁ ଅନାବୃତ କରେ ।

ଏହା ହେଉଛି 'ବେଦର ରହସ୍ୟ', ସପ୍ତଋଷି ଅଙ୍ଗିରା ଓ ଋଷିମାନଙ୍କର ବିଜୟ, ଯେଉଁମାନେ ଦେବତାମାନଙ୍କର ପଥକୁ

ଆବିଷ୍କାର କରିଥିଲେ । ଋଷିମାନେ ପାର୍ବତ୍ୟ ଶିଳାଖଣ୍ଡକୁ ଚୂର୍ଣ୍ଣ-ବିଚୂର୍ଣ୍ଣ କରିଥିଲେ, ସେମାନେ ଆମ ଭିତରେ ମହାନ୍ ସ୍ୱର୍ଗ ଆଡ଼କୁ ପଥ ତିଆରି କରିଛନ୍ତି । ସେମାନେ 'ଦିବସ ଓ ସୂର୍ଯ୍ୟାଲୋକକୁ' ଏବଂ ବୋଧି କିରଣ ରେଖାକୁ ଓ ଉଜ୍ଜ୍ୱଳ ଯୂଥ ସକଳଙ୍କୁ ଆବିଷ୍କାର କରିଛନ୍ତି । ସେମାନେ ଅସୀମ ପର୍ବତ ଭିତରେ ପକ୍ଷିଶାବକ ପରି, ଗୋପନ ଗୁହା ମଧ୍ୟରେ ସେମାନେ ଗୁପ୍ତ ସ୍ୱର୍ଗୀୟ ସମ୍ପଦକୁ ଆବିଷ୍କାର କରିଛନ୍ତି ।' (ଋକ୍‌ବେଦ, ୧.୧୩୦.୧) । ଏହିପରିହିଁ ଏକ ପରମ ଜନ୍ମ ପାଇଁ ଗର୍ଭବତୀ ପାହାଡ଼ ମଧ୍ୟରେ ନିହିତ ସମସ୍ତ ଉପାଦାନ ନିର୍ଗତ ହୋଇ ଯାଉଥିଲା, ଦେବତାମାନେ ମାନବୀୟ ଦ୍ୱାରକୁ ଉନ୍ମୁକ୍ତ କଲେ । (ଋକ୍‌ବେଦ, ୫.୪୫)

ଜଡ଼ର ଗଭୀରତାରେ, ଅର୍ଥାତ୍ ଶରୀର ଭିତରେ, ପୃଥିବୀରେ, ଋଷିମାନେ ନିଜକୁ ଆଲୋକ ଭିତରେ ନିକ୍ଷିପ୍ତ ହୋଇଥିବାର ଅବସ୍ଥାକୁ ଦେଖିଲେ – ସେହି ଆଲୋକକୁ ଅନ୍ୟମାନେ ଉର୍ଦ୍ଧ୍ୱରେ ଅନୁସନ୍ଧାନ କରିଥିଲେ, ସେମାନଙ୍କର ଶରୀର ବ୍ୟତୀତ ଓ ପୃଥିବୀ ବ୍ୟତୀତ ସମାଧିର ଉଲ୍ଲାସ ଭିତରେ । ଏହାକୁ 'ମହାନ୍ ପଥ' ବୋଲି ମଧ୍ୟ ନାମିତ କରିଥିଲେ ।

କିନ୍ତୁ ଋଷିମାନେ ପୃଥିବୀକୁ ତ୍ୟାଗ ନକରି, 'ବିଶାଳ ନିବାସକୁ' ଖୋଜି ପାଇଥିଲେ, ଯାହାକି ଦେବତାମାନଙ୍କର ନିଜର ନିବାସ ''ସ୍ୱଃ'' । ସେହି ଆଦିମ ସୂର୍ଯ୍ୟାଲୋକ, ଯାହାକୁ ଶ୍ରୀଅରବିନ୍ଦ 'ଅତିମାନସ ଜଗତ୍' ବୋଲି କହିଛନ୍ତି । ଋଷିମାନେ ପୃଥିବୀ ଓ ସ୍ୱର୍ଗ (ଜଡ଼ ଓ ମନ)କୁ ଅତିକ୍ରମ କରି ଏହି ବିସ୍ତୃତ ଜଗତକୁ ନିଜର ନିବାସରେ ପରିଣତ କରିଥିଲେ । ସେମାନେ 'ସତ୍ୟ, ଋତ ଓ ବୃହତ୍' ମଧ୍ୟରେ 'ଅଖଣ୍ଡିତ ଆଲୋକ', ଅଭୟ ଆଲୋକରେ ପ୍ରବେଶ କଲେ, କାରଣ ସେଠାରେ ମିଥ୍ୟା, ଯନ୍ତ୍ରଣା ଓ ମୃତ୍ୟୁ ଅନୁପସ୍ଥିତ । ସେଠାରେ କେବଳ ଅମୃତ ବିଦ୍ୟମାନ, ଏବଂ ବେଦ ଆମକୁ ଏହାର ଐକ୍ୟବଦ୍ଧ ଦୃଷ୍ଟି ଦାନ କରିଛି, ଯେଉଁଠାରେ ସୂର୍ଯ୍ୟଙ୍କର ଅଶ୍ୱମାନେ ଋଷିମାନଙ୍କୁ ମୁକ୍ତ କରନ୍ତି । ସେହି ଏକ ସତ୍ୟ ଯାହା ଅନ୍ୟ ସତ୍ୟକୁ ଆବୃତ କରେ, ତାହା ମାନସର ଶିଖର ଦେଶ । ସେହି ଅତୀନ୍ଦ୍ରିୟ ସୀମା ଯେଉଁଠାରେ ସାଧକ ସମାଧିର ଉଲ୍ଲାସ ଭିତରକୁ ଡେଇଁପଡ଼େ, ପରମ ସତ୍ୟକୁ ଆବିଷ୍କାର କରିଛି ବୋଲି ମନେକରେ । ଏହା ହେଉଛି ପରବର୍ତ୍ତୀ କାଳରେ ଉପନିଷଦ୍‌ରେ ବର୍ଣ୍ଣିତ ''ସୁବର୍ଣ୍ଣ ଆବରଣ'' ।

ଋଷିମାନେ ଏହି ସତ୍ୟକୁ ଅତିକ୍ରମ କରିଥିବା ଅନ୍ୟ ଏକ ସତ୍ୟକୁ ଲାଭ କରିଥିଲେ । ସେହି ସ୍ଥାନକୁ ଦେଖିଥିଲେ ଯେଉଁଠାରେ ଆମର ଆଲୋକ ଓ ଆମର ନିମ୍ନତର ସତ୍ୟସବୁ ଏକତ୍ର ହୋଇ ସେହି 'ଏକ'ଙ୍କୁ ଦେଖିଥିଲେ; ସେହି ଏକ, ସେହି ସତ୍ୟ, 'ତତ୍ ସତ୍ୟମ୍'– 'ତଦ୍ ଏକମ୍' – 'ସତ୍ୟ ହେଉଛି ଏକ', ଦୀର୍ଘତମସ୍ ଋଷି କହିଥିଲେ; କିନ୍ତୁ ମୁନିଋଷିମାନେ ସେହି ସତ୍ୟକୁ ଭିନ୍ନ ଭିନ୍ନ ଭାବରେ ପ୍ରକାଶ କରନ୍ତି, ସେମାନେ କହନ୍ତି, 'ଇନ୍ଦ୍ର, ବରୁଣ, ମିତ୍ର, ଅଗ୍ନି, ଯମ, ମାତରିଶ୍ୱାନ୍ ।'

ଏହି ସୌର ଦୃଷ୍ଟି ଆମର ପୃଥିବୀକୁ ପୋଛି ଦିଏନା । ତାହାକୁ ପରିପୂର୍ଣ୍ଣ କରେ ।

''ତା'ପରେ ସେମାନେ ଜାଗ୍ରତ୍ ହେଲେ ଓ ନିଜର ଚତୁର୍ଦ୍ଦିଗରେ ସବୁକିଛିକୁ ଅବଲୋକନ କଲେ, ତା'ପରେ ସ୍ୱର୍ଗରେ ଉପଲବ୍ଧ ଚରମ ଆନନ୍ଦକୁ ଧାରଣ କଲେ । ଦ୍ୱାରଯୁକ୍ତ ସମସ୍ତ ଗୃହରେ ସକଳ ଦେବତା ବିଦ୍ୟମାନ ହେଲେ ।''

(ଋକ୍‌ବେଦ, ୪.୧.୧୮)

ସୋମରସ, ଅମୃତତ୍ୱର ପାନୀୟ ଆମର ଶିରାଧମନୀରେ ପ୍ରବାହିତ । ଅମୃତର ରସ, ଯାହା ସମ୍ଭବତଃ ଗୋଟିଏ ଶରୀରର ଅମରତ୍ୱ ନୁହେଁ, ତାହା ହେଉଛି ଏକ ଶାଶ୍ୱତ ପର୍ବତର ଶିଖର ଦେଶରେ ଆମର ଦିବ୍ୟ ଚେତନାର ଅଧିକାର । କିନ୍ତୁ ଯେଉଁ ବ୍ୟକ୍ତି ପ୍ରସ୍ତୁତ ନୁହେଁ, ସେ ଏକ 'ଅପରିପକ୍ୱ ପାତ୍ର ପରି ଭାଙ୍ଗିଯାଏ' । କାରଣ ସେ ପ୍ରଗାଢ଼ତାକୁ ସହ୍ୟ କରିପାରେନା । ଯେ ଅପରିପକ୍ୱ ଓ ଯାହାର ଶରୀର ଏହି ଅଗ୍ନିର ଉତ୍ତାପକୁ ସହ୍ୟ କରି ନାହିଁ, ସେ ଏହି ଆନନ୍ଦକୁ ଆସ୍ୱାଦନ କରିପାରେନା । ଯେଉଁମାନେ ଅଗ୍ନି ଦ୍ୱାରା ପ୍ରସ୍ତୁତ ହୋଇଛନ୍ତି, କେବଳ ସେମାନେହିଁ ଏସବୁକୁ ସହ୍ୟ କରିବାକୁ ଓ ଉପଭୋଗ କରିବାକୁ ସମର୍ଥ ହେବେ । (ଋକ୍‌ବେଦ) । ଋଷିମାନେ ସକଳ ଅଗ୍ନିପରୀକ୍ଷା ମଧ୍ୟଦେଇ ଯାଇଛନ୍ତି । ସେମାନେ ଉଚ୍ଚ ଭିତ୍ତିଭୂମିରେ ପ୍ରତିଷ୍ଠିତ ହୋଇଛନ୍ତି । ସେମାନେ ତାଙ୍କର ଶରୀରରେ, ଯୁଗପତ୍ 'ମାନବିକ ଓ ଦିବ୍ୟଙ୍କୁ ଏକହିଁ ନୀଡ଼ରେ' ତାଙ୍କର ପତ୍ନୀଦ୍ୱୟଙ୍କର ଉପଭୋକ୍ତା ରୂପେ ଅଧିକାର କରିଛନ୍ତି ।

(ଋକ୍‌ବେଦ, ୧.୬୨.୭)

ସବୁକିଛି ସମାହିତ ହୋଇ ସାରିଛି । ଋଷିମାନେ ହେଉଛନ୍ତି ଏଇ ଦୁଇଜଣ ମାତାଙ୍କର ପୁତ୍ର । ଜ୍ୟୋତିର୍ମୟୀ ଗାଭୀ, ଅନନ୍ତ ଜ୍ୟୋତିର ମାତୃକା, ବିଶ୍ୱ ସୃଷ୍ଟିକାରିଣୀ ଅଦିତିଙ୍କର ପୁତ୍ର ଏବଂ କୃଷ୍ଣ ଗାଭୀ, 'କୃଷ୍ଣକାୟ ଅସୀମ' ଓ ବିଭକ୍ତ

ଅସ୍ତିତ୍ୱର ଜନନୀ ଦିତିଙ୍କର ମଧ୍ୟ ପୁତ୍ର, କାରଣ ତାଙ୍କର ଆପାତ ରାତ୍ରିର ଶେଷରେ ଦିତି ଆମର ଜ୍ଞାନକୁ ସ୍ୱର୍ଗର ଦୁଗ୍ଧ ଓ ଦିବ୍ୟ ଜନ୍ମ ପ୍ରଦାନ କରନ୍ତି । ଏପରି ଭାବରେ ସବୁକିଛି ପରିପୂର୍ଣ୍ଣ ହୁଏ । ରଷିମାନେ ଏକହିଁ 'ପଦକ୍ଷେପରେ ମାନବୀୟ ଶକ୍ତି ଏବଂ ଦିବ୍ୟ ବସ୍ତୁସକଳର ପ୍ରବାହକୁ ଆରମ୍ଭ କରନ୍ତି' । (ରକ୍‌ବେଦ) ଏବଂ ପୃଥିବୀକୁ ଅବଜ୍ଞାର ସହିତ ଦୂର କରିଦେବା ପରିବର୍ତ୍ତେ ରଷି ପ୍ରାର୍ଥନା କରେ ଯେ, ''ହେ ଈଶ୍ୱର, ଆମ ନିମିତ୍ତ ଅସୀମର ସୁରକ୍ଷା କର ଓ ଆମ ଉପରେ ସସୀମକୁ ମଧ୍ୟ ବର୍ଷଣ କର ।'' (ରକ୍‌ବେଦ)

ବର୍ତ୍ତମାନ ସେହି ଯାତ୍ରା ସମାପ୍ତ ହୋଇ ଆସୁଛି । ଅଗ୍ନି ତାଙ୍କର ସୌର ସାମଗ୍ରିକତାକୁ, ତାଙ୍କର ଲୁକ୍‌କାୟିତ ଦୁଇଟି ଶେଷ ସୀମାକୁ ଫେରି ପାଇଛନ୍ତି । 'ଅକ୍ଷତ କାର୍ଯ୍ୟ'ଟି ସଂସିଦ୍ଧ ହୋଇଛି । କାରଣ ଯେଉଁଠାରେ ଉଚ୍ଚ ଓ ନିମ୍ନ ଏକତ୍ର ହୋଇଛନ୍ତି, ସେଠାରେ ଅଗ୍ନି ଉପସ୍ଥିତ ରହନ୍ତି । ପ୍ରକୃତରେ ଉଚ୍ଚ ଓ ନିମ୍ନ ବୋଲି କିଛି ନାହିଁ । କେବଳ ଗୋଟିଏ ମାତ୍ର ସୂର୍ଯ୍ୟ ରହିଛନ୍ତି । ''ହେ ଅଗ୍ନିଶିଖା, ତୁମେ ସ୍ୱର୍ଗର ସମୁଦ୍ର ଆଡ଼କୁ, ଦେବତାମାନଙ୍କ ଆଡ଼କୁ ବ୍ୟାପୀ ଯାଇଛ, ତୁମେ ସ୍ୱର୍ଗର ଊର୍ଦ୍ଧ୍ୱସ୍ଥ ଜଗତର ଜଳରାଶି ସହିତ ସକଳ ସ୍ତରର ଦେବତାମାନଙ୍କୁ ଏକୀଭୂତ କରିବାର ଓ ନିମ୍ନସ୍ଥ ଜଗତର ଜଳରାଶିକୁ ଏକୀଭୂତ କରିବାର ପ୍ରଚେଷ୍ଟା କରିଛ ।'' (ରକ୍‌ବେଦ, ୩.୨୨.୩) ''ହେ ଅଗ୍ନିଶିଖା, ହେ ବିଶ୍ୱେଶ୍ୱର, ତୁମେହିଁ ପୃଥିବୀ ଓ ତାହାର ଅଧିବାସୀମାନଙ୍କର ନାଭିକେନ୍ଦ୍ର, ସେଥିରେ ଜାତ ହୋଇଥିବା ସମସ୍ତ ମନୁଷ୍ୟଙ୍କୁ ନିୟନ୍ତ୍ରଣ କର ଓ ଗୋଟିଏ ସ୍ତମ୍ଭ ଭଳି ହୋଇ ରକ୍ଷା କରିଥାଅ ।'' (୧.୫୯.୧) ''ହେ ଅଗ୍ନିଶିଖା, ତୁମେହିଁ ଏକ ପରମ ଅମୃତତ୍ୱ ଭିତରେ ମରଣଶୀଳଙ୍କୁ ଖୋଜି ପାଇଥାଅ ... ତୁମେହିଁ ଦିବ୍ୟ ଆନନ୍ଦ ଓ ମାନବିକ ଆନନ୍ଦକୁ ସୃଷ୍ଟି କରିଥାଅ ।'' (୧.୩୧.୭)

କାରଣ ପୃଥିବୀର ହୃଦୟରେ ଓ ବସ୍ତୁସକଳର ଗଭୀରତାରେ ଆନନ୍ଦହିଁ ବିଦ୍ୟମାନ । ଏହା ହେଉଛି 'ପ୍ରସ୍ତର ଦ୍ୱାରା ଆଚ୍ଛାଦିତ ମଧୁକୂପ ।' (୨.୨୪.୪)

'ବୋଧିଯୁଗର ଶେଷ ପ୍ରଣାମ' (The Secret of the Veda, ଶ୍ରୀଅରବିନ୍ଦ) ବେଦର ଚାବି କାଠିଟିକୁ ଆମକୁ ଧରାଇ ଦେବା ଦ୍ୱାରା ଶ୍ରୀଅରବିନ୍ଦ ହୁଏତ ଆମକୁ ସମସ୍ତ ଐତିହ୍ୟର ଚାବିକାଠି ପ୍ରଦାନ କରିଛନ୍ତି । ଇରାନଠାରୁ ଆରମ୍ଭ କରି ମଧ୍ୟ ଆମେରିକା ଓ ରାଇନ୍ ନଦୀ ତୀର ପର୍ଯ୍ୟନ୍ତ, ଇଲିଉସିସ୍ ଠାରୁ ଆରମ୍ଭ କରି କାଥାର୍ସ ଓ ଆଲ୍‌କେମିଷ୍ଟମାନଙ୍କ ପର୍ଯ୍ୟନ୍ତ ସକଳ ରହସ୍ୟ ଦାନ କରିଛନ୍ତି । କାରଣ, ସର୍ବତ୍ରହିଁ ଏକ ମହାନ୍ ରୂପାନ୍ତରକାରୀ ସତ୍ୟର ପ୍ରାଚୀନ ସ୍ମୃତିକୁ ଆମେମାନେ ପାଇଥାଉ ବୋଲି ମନେହୁଏ । ଅନ୍ୱେଷଣର ସ୍ମୃତି, ଆଲୋକର ବୀରମାନଙ୍କର ଅସତ୍ ଶକ୍ତିମାନଙ୍କ ବିରୋଧରେ ସଂଗ୍ରାମର ସ୍ମୃତି, ଆପୋଲୋ ଓ ପାଇଥନର ଥର୍ ଓ ଦାନବମାନଙ୍କର ସଂଗ୍ରାମର ସ୍ମୃତି, ଏହିସବୁ ସ୍ମୃତିକୁ ଆମେ ପାଇଥାଉ ଏବଂ ଆମେ ଏହି ବୈଦିକ ବିଜୟୀମାନଙ୍କୁ ଦେଖି ଅଭିଭୂତ ହେଉ ।

ସେମାନେ ହୁଏତ ସେମାନଙ୍କର ରଥରେ ବିଦ୍ୟୁତ୍ ସଂଯୋଗ କରି ନାହାନ୍ତି କିଂବା ସୂର୍ଯ୍ୟ, ଚନ୍ଦ୍ରର ଓଜନ ମାପି ନାହାନ୍ତି କିଂବା ସେମାନଙ୍କର ଦମନଲୀଳା ଓ ସଂହାର କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ପ୍ରକୃତିରେ ସକଳ ଧ୍ୱଂସକାରୀ ଶକ୍ତିଙ୍କୁ ମୂର୍ତ୍ତ କରି ନାହାନ୍ତି, କିନ୍ତୁ ସେମାନେ ଆମର ଅନ୍ତର୍ନିହିତ ସକଳ ସ୍ୱର୍ଗ ଓ ଭୁବନର ପରିମିତି ଓ ଗଭୀରତାକୁ ନିର୍ଣ୍ଣୟ କରିଥିଲେ । ନିଶ୍ଚେତନା, ଅବଚେତନା ଓ ଅତିଚେତନା ମଧ୍ୟରେ ସେମାନେ ସେମାନଙ୍କର ପରିମାପକକୁ ପ୍ରୟୋଗ କରିଥିଲେ । ସେମାନେ ମୃତ୍ୟୁର ପ୍ରହେଳିକାର ଅଧ୍ୟୟନ ଓ ଅମୃତତ୍ୱର ରହସ୍ୟର ଉଦ୍‌ଘାଟନ କରିଥିଲେ । କିନ୍ତୁ ସର୍ବୋପରି ଆର୍ଯ୍ୟମାନେ ପୃଥିବୀପୃଷ୍ଠକୁ 'ଆର୍ଯ୍ୟଜ୍ୟୋତିଃ, ଆତ୍ମବିଶ୍ୱାସ, ଆନନ୍ଦ ଏବଂ ଦେବତାମାନଙ୍କ ସହିତ ଏକ ସମଭାବାପନ୍ନ ବନ୍ଧୁତ୍ୱକୁ ଆଣି ଦେଇଥିଲେ ।

(The Secret of the Veda : Sri Aurobindo)

(ସମାପ୍ତ)

(ଭାଷାନ୍ତର : ମମତା ଦାଶ)

ଭାରତ ପୃଥିବୀରେ ତା'ର ଯଥାର୍ଥ ଆସନ ଗ୍ରହଣ କରିବ କେବଳ ସେତିକିବେଳେ ଯେତେବେଳେ ସେ ପୂର୍ଣ୍ଣାଙ୍ଗ ଭାବରେ ହୋଇ ଉଠିବ ଦିବ୍ୟଜୀବନର ବାର୍ତ୍ତାବହ ।

— ଶ୍ରୀମା

ସାଧନା-ପରମ୍ପରା :

# ଶ୍ରୀମଦ୍‌ଭଗବଦ୍‌ଗୀତା

## (ଆକ୍ଷରିକ ଓଡ଼ିଆ ପଦ୍ୟାନୁବାଦ ସହ)

[ପୂର୍ବାଭାଷ : ଭାରତୀୟ ସଂସ୍କୃତି ଏବଂ ଅଧ୍ୟାତ୍ମ ଚିନ୍ତା ଓ ଚେତନାର ମୂଳପିଣ୍ଡ ହେଉଛି ଶ୍ରୀମଦ୍‌ଭଗବଦ୍‌ଗୀତା – ଆଧ୍ୟାତ୍ମିକ ଉତ୍ତରଣ ପାଇଁ ଯେଉଁମାନେ ପ୍ରସ୍ତୁତ ସେମାନଙ୍କ ପାଇଁ ଏହା ଦେଇଛି ନିର୍ଭୁଲ ଦିଗ୍‌ଦର୍ଶନ । ଶ୍ରୀଅରବିନ୍ଦଙ୍କ ଉକ୍ତି ମଧ୍ୟ ଅନୁରୂପ – ''ଗୀତା ଜଗତର ଶ୍ରେଷ୍ଠ ଧର୍ମଗ୍ରନ୍ଥ । ଗୀତାରେ ଯେଉଁ ଜ୍ଞାନ ସଂକ୍ଷେପରେ ବ୍ୟାଖ୍ୟାତ ହୋଇଛି ସେହି ଜ୍ଞାନ ଚରମ ଓ ଗୁହ୍ୟତମ ।'' ମାତ୍ର ସଂସ୍କୃତରେ ଲିଖିତ ଗୀତାର ଅଧ୍ୟୟନ ଓ ଅନୁଶୀଳନ ସର୍ବସାଧାରଣଙ୍କ ପାଇଁ ସହଜସାଧ୍ୟ ନୁହେଁ । ଏହି ଆବଶ୍ୟକତାର ପରିପୂରଣ ପାଇଁ ଅନ୍ୟାନ୍ୟ ପ୍ରଦେଶିକ ଭାଷା ଭଳି ଓଡ଼ିଆ ଭାଷାରେ ମଧ୍ୟ ଏହାର ବହୁବିଧ ଅନୁବାଦ ଉପଲବ୍ଧ । କିନ୍ତୁ ପଣ୍ଡିତ ଶ୍ରୀ ରଘୁନାଥ ମିଶ୍ରଙ୍କର ଅନୁବାଦ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଏଥିରେ ଆକ୍ଷରିକ ଅର୍ଥ ମର୍ଯ୍ୟାଦା ଓ ପଦ ସଂଯୋଜନାର ଗାମ୍ଭୀର୍ଯ୍ୟ ଅଧିକ ତ୍ରୁଟିଶୂନ୍ୟ ଓ ହୃଦୟଗ୍ରାହୀ ବୋଧହୁଏ । ସେଥି ନିମନ୍ତେ ପ୍ରାୟ ଶହେ ବର୍ଷ ପୂର୍ବେ ଅନୂଦିତ ଓ ପ୍ରକାଶିତ ଏହି ପୁସ୍ତକଟିକୁ ଅଧୁନା ଧାରାବାହିକ ଭାବରେ 'ନବଜ୍ୟୋତି' ପତ୍ରିକାରେ ଉପସ୍ଥାପନ କରିବାର ସିଦ୍ଧାନ୍ତ ନିଆଯାଉଛି । ପ୍ରକାଶ ଥାଉ କି ଏହି ପୁସ୍ତକଟିର ଅନୁବାଦକ ପଣ୍ଡିତ ଶ୍ରୀ ରଘୁନାଥ ମିଶ୍ର ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାସଙ୍କ ସହକର୍ମୀ ଥିଲେ । ସଂସ୍କୃତ ଭାଷାରେ ଯଥେଷ୍ଟ ଦକ୍ଷତା ନଥିବା ଗୀତା ଅଧ୍ୟୟନରେ ଅନୁରାଗୀ ବ୍ୟକ୍ତିବିଶେଷ ମୂଳ ସଂସ୍କୃତ ଶ୍ଳୋକ ସହ ଏହି ଅନୁବାଦକୁ ଅଧ୍ୟୟନ କରି ଉପକୃତ ହେବେ ବୋଲି ଆଶା କରାଯାଏ । – ସମ୍ପାଦନା]

ଶ୍ରୀମଦ୍‌ଭଗବଦ୍‌ଗୀତା

**ପ୍ରଥମୋଽଧ୍ୟାୟଃ**

**ଅର୍ଜୁନବିଷାଦଯୋଗଃ**

ଧୃତରାଷ୍ଟ୍ର ଉବାଚ

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ ।
ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ ॥ ।୧।

ସଞ୍ଜୟ ଉବାଚ

ଦୃଷ୍ଟ୍ୱା ତୁ ପାଣ୍ଡବାନୀକଂ ବ୍ୟୂଢଂ ଦୁର୍ଯ୍ୟୋଧନସ୍ତଦା ।
ଆଚାର୍ଯ୍ୟମୁପସଙ୍ଗମ୍ୟ ରାଜା ବଚନମବ୍ରବୀତ୍ ॥ ।୨।

ପଶ୍ୟୈତାଂ ପାଣ୍ଡୁପୁତ୍ରାଣାମାଚାର୍ଯ୍ୟ ମହତୀଂ ଚମୂମ୍ ।
ବ୍ୟୂଢାଂ ଦ୍ରୁପଦପୁତ୍ରେଣ ତବ ଶିଷ୍ୟେଣ ଧୀମତା ॥ ।୩।

ଅତ୍ର ଶୂରା ମହେଷ୍ୱାସା ଭୀମାର୍ଜୁନସମା ଯୁଧି ।
ଯୁଯୁଧାନୋ ବିରାଟଶ୍ଚ ଦ୍ରୁପଦଶ୍ଚ ମହାରଥଃ ॥ ।୪।

ଶ୍ରୀମଦ୍‌ଭଗବଦ୍‌ଗୀତା

**ପ୍ରଥମ ଅଧ୍ୟାୟ**

**ଅର୍ଜୁନବିଷାଦଯୋଗ**

ଧୃତରାଷ୍ଟ୍ର ଉବାଚ

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତ ଯୁଦ୍ଧ ଅର୍ଥେ
କିସ କଲେ ହେ ସଞ୍ଜୟ ! ମମ ସୁତେ ପାଣ୍ଡୁ-ପୁତ୍ରେ । ।୧।

ସଞ୍ଜୟ ଉବାଚ

ବ୍ୟୂହିତ ପାଣ୍ଡବ ସେନା ନିରେଖି ଦୁର୍ଯ୍ୟୋଧନ
ଆଚାର୍ଯ୍ୟ ସମୀପେ ରାଜା କଲେ ଯାଇ ନିବେଦନ । ।୨।

ଦେଖ ପାଣ୍ଡୁ ପୁତ୍ରଙ୍କର ଆଚାର୍ଯ୍ୟ ! ସେନା ଅପାର
ବ୍ୟୂହିତ ଦ୍ରୁପଦ-ପୁତ୍ରେ ଧୀମାନ୍ ଶିଷ୍ୟ ତୁମ୍ଭର । ।୩।

ଭୀମାର୍ଜୁନ ସମ ଯୋଦ୍ଧା, ଶୂର ମହା ଧନୁର୍ଦ୍ଧର
ମହାରଥୀ ଯୁଯୁଧାନ, ବିରାଟ, ପଞ୍ଚାଳେଶ୍ୱର । ।୪।

ଧୃଷ୍ଟକେତୁଶ୍ଚେକିତାନଃ କାଶିରାଜଶ୍ଚ ବୀର୍ଯ୍ୟବାନ୍ ।
ପୁରୁଜିତ୍ କୁନ୍ତିଭୋଜଶ୍ଚ ଶୈବ୍ୟଶ୍ଚ ନରପୁଙ୍ଗବଃ ॥ ।୫।

ଧୃଷ୍ଟକେତୁ, କୁନ୍ତୀଭୋଜ, କାଶୀରାଜ ବୀର୍ଯ୍ୟବାନ୍
ପୁରୁଜିତ, ନରଶ୍ରେଷ୍ଠ ଶୈବ୍ୟ ପୁଣି ଚେକିତାନ । ।୫।

ଯୁଧାମନ୍ୟୁଶ୍ଚ ବିକ୍ରାନ୍ତ ଉତ୍ତମୌଜାଶ୍ଚ ବୀର୍ଯ୍ୟବାନ୍ ।
ସୌଭଦ୍ରୋ ଦ୍ରୌପଦେୟାଶ୍ଚ ସର୍ବ ଏବ ମହାରଥାଃ ॥ ।୬।

ଯୁଧାମନ୍ୟୁ ପରାକ୍ରାନ୍ତ ଓଜସ୍ୱୀ ସୁବୀର୍ଯ୍ୟବାନ୍
ସୁଭଦ୍ରା-ଦ୍ରୌପଦୀ ପୁତ୍ର ମହାରଥୀ ଖ୍ୟାତନାମ । ।୬।

ଅସ୍ମାକଂ ତୁ ବିଶିଷ୍ଟା ଯେ ତାନ୍ନିବୋଧ ଦ୍ୱିଜୋତ୍ତମ ।
ନାୟକା ମମ ସୈନ୍ୟସ୍ୟ ସଂଜ୍ଞାର୍ଥଂ ତାନ୍ ବ୍ରବୀମି ତେ ॥ ।୭।

ବିଶିଷ୍ଟ ଆମ୍ଭ ପକ୍ଷରେ ଯେ ସେନାନାୟକଗଣ
କହୁଛି ହେ ଦ୍ୱିଜୋତ୍ତମ ! ସେମାନଙ୍କ ବିବରଣ । ।୭।

ଭବାନ୍ ଭୀଷ୍ମଶ୍ଚ କର୍ଣ୍ଣଶ୍ଚ କୃପଶ୍ଚ ସମିତିଞ୍ଜୟଃ ।
ଅଶ୍ୱତ୍ଥାମା ବିକର୍ଣ୍ଣଶ୍ଚ ସୌମଦତ୍ତିସ୍ତଥୈବ ଚ ॥ ।୮।

ଆପଣ ଭୀଷ୍ମ, ରାଧେୟ, ଜୟଦ୍ରଥ, କୃପବୀର
ଅଶ୍ୱତ୍ଥାମା, ଭୂରିଶ୍ରବା, ବୀର ବିକର୍ଣ୍ଣ ଆବର । ।୮।

ଅନ୍ୟେ ଚ ବହବଃ ଶୂରା ମଦର୍ଥେ ତ୍ୟକ୍ତଜୀବିତାଃ ।
ନାନାଶସ୍ତ୍ରପ୍ରହରଣାଃ ସର୍ବେ ଯୁଦ୍ଧବିଶାରଦାଃ ॥ ।୯।

ଅନ୍ୟ ବହୁ ଶୂର ବୀର ସୁଯୋଦ୍ଧା ଦେବାକୁ ପ୍ରାଣ
ମୋ ଲାଗି ସଜ୍ଜିତ ଘେନି ନାନା ଶସ୍ତ୍ର ପ୍ରହରଣ । ।୯।

ଅପର୍ଯ୍ୟାପ୍ତଂ ତଦସ୍ମାକଂ ବଳଂ ଭୀଷ୍ମାଭିରକ୍ଷିତମ୍ ।
ପର୍ଯ୍ୟାପ୍ତଂ ତ୍ୱିଦମେତେଷାଂ ବଳଂ ଭୀମାଭିରକ୍ଷିତମ୍ ॥ ।୧୦।

ଭୀଷ୍ମଦେବେ ସୁରକ୍ଷିତ ଅପର୍ଯ୍ୟାପ୍ତ ମମ ସୈନ୍ୟ
ପର୍ଯ୍ୟାପ୍ତ ପାଣ୍ଡବ ସେନା ରକ୍ଷା କରେ ଭୀମସେନ । ।୧୦।

ଅୟନେଷୁ ଚ ସର୍ବେଷୁ ଯଥାଭାଗମବସ୍ଥିତାଃ ।
ଭୀଷ୍ମମେବାଭିରକ୍ଷନ୍ତୁ ଭବନ୍ତଃ ସର୍ବ ଏବ ହି ॥ ।୧୧।

ସର୍ବତ୍ର ବ୍ୟୂହମୁଖରେ ଯଥାଭାଗେ ଅବସ୍ଥିତ
ହୋଇଣ କରନ୍ତୁ ସର୍ବେ ଭୀଷ୍ମଦେବେ ସୁରକ୍ଷିତ । ।୧୧।

ତସ୍ୟ ସଂଜନୟନ୍ ହର୍ଷଂ କୁରୁବୃଦ୍ଧଃ ପିତାମହଃ ।
ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍ ॥ ।୧୨।

ଜନ୍ମାଇ ରାଜାଙ୍କ ହର୍ଷ କୁରୁବୃଦ୍ଧ ପିତାମହ
ପ୍ରତାପୀ, ଧ୍ୱନିଲେ ଶଙ୍ଖ ଉଚ୍ଚେ ସିଂହନାଦ ସହ । ।୧୨।

ତତଃ ଶଙ୍ଖାଶ୍ଚ ଭେର୍ଯ୍ୟଶ୍ଚ ପଣବାନକଗୋମୁଖାଃ ।
ସହସୈବାଭ୍ୟହନ୍ୟନ୍ତ ସ ଶବ୍ଦସ୍ତୁମୁଳୋଽଭବତ୍ ॥ ।୧୩।

ତଦନ୍ତେ ପ୍ରଣବ, ଭେରି, ଆନକ, ଗୋମୁଖ, ଶଙ୍ଖ
ବାଜିଲା ସହସା, ଶବ୍ଦେ ଜନ୍ମିଲା ଘୋର ଆତଙ୍କ । ।୧୩।

ତତଃ ଶ୍ୱେତୈର୍ହୟୈର୍ଯୁକ୍ତେ ମହତି ସ୍ୟନ୍ଦନେ ସ୍ଥିତୌ ।
ମାଧବଃ ପାଣ୍ଡବଶ୍ଚୈବ ଦିବ୍ୟୌ ଶଙ୍ଖୌ ପ୍ରଦଧ୍ମତୁଃ ॥ ।୧୪।

ଶୁଣି ତା' ଶ୍ୱେତାଶ୍ୱଯୁକ୍ତ ମହତ୍ ରଥରେ ସ୍ଥିତ
ମାଧବ ପାଣ୍ଡବ ଦୁହେଁ କଲେ ଶଙ୍ଖ ବିଧ୍ୱନିତ । ।୧୪।

ପାଞ୍ଚଜନ୍ୟଂ ହୃଷୀକେଶୋ ଦେବଦତ୍ତଂ ଧନଞ୍ଜୟଃ ।
ପୌଣ୍ଡ୍ରଂ ଦଧ୍ମୌ ମହାଶଙ୍ଖଂ ଭୀମକର୍ମା ବୃକୋଦରଃ ॥ ।୧୫।

ହୃଷୀକେଶ 'ପାଞ୍ଚଜନ୍ୟ' 'ଦେବଦତ୍ତ' ଧନଞ୍ଜୟ
ଭୀମକର୍ମା ଭୀମ 'ପୌଣ୍ଡ୍ର' ଧ୍ୱନି କଲେ ଶଙ୍ଖ ତ୍ରୟ । ।୧୫।

ଅନନ୍ତବିଜୟଂ ରାଜା କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।
ନକୁଳଃ ସହଦେବଶ୍ଚ ସୁଘୋଷମଣିପୁଷ୍ପକୌ ॥ ।୧୬।

ଧ୍ୱନି କଲେ ଯୁଧିଷ୍ଠିର 'ଅନନ୍ତ-ବିଜୟ' ଶଙ୍ଖ
ନକୁଳ ସେ ସହଦେବ 'ସୁଘୋଷ' 'ମଣିପୁଷ୍ପକ' । ।୧୬।

କାଶ୍ୟଶ୍ଚ ପରମେଷ୍ୱାସଃ ଶିଖଣ୍ଡୀ ଚ ମହାରଥଃ ।
ଧୃଷ୍ଟଦ୍ୟୁମ୍ନୋ ବିରାଟଶ୍ଚ ସାତ୍ୟକିଶ୍ଚାପରାଜିତଃ ॥ ।୧୭।

ଧନୁର୍ଦ୍ଧର କାଶୀରାଜ, ଶିଖଣ୍ଡୀ ରଣପଣ୍ଡିତ
ଧୃଷ୍ଟଦ୍ୟୁମ୍ନ ମତ୍ସ୍ୟରାଜ, ସାତ୍ୟକି ଅପରାଜିତ । ।୧୭।

ଦ୍ରୁପଦୋ ଦ୍ରୌପଦେୟାଶ୍ଚ ସର୍ବଶଃ ପୃଥିବୀପତେ ।
ସୌଭଦ୍ରଶ୍ଚ ମହାବାହୁଃ ଶଙ୍ଖାନ୍ ଦଧ୍ମୁଃ ପୃଥକ୍ ପୃଥକ୍ ॥ ।୧୮।

ଦ୍ରୁପଦ, ଦ୍ରୌପଦୀ-ସୁତେ, ସୌଭଦ୍ରେୟ ମହାବାହୁ
ପୃଥକ୍ ପୃଥକ୍ ଶଙ୍ଖ ଧ୍ୱନି କଲେ ସର୍ବେ ତହୁଁ । ।୧୮।

ସ ଘୋଷୋ ଧାର୍ତ୍ତରାଷ୍ଟ୍ରାଣାଂ ହୃଦୟାନି ବ୍ୟଦାରୟତ୍ ।
ନଭଶ୍ଚ ପୃଥିବୀଂ ଚୈବ ତୁମୁଳୋ ବ୍ୟନୁନାଦୟନ୍ ॥ ।୧୯।

ଧୃତରାଷ୍ଟ୍ର ପୁତ୍ରଙ୍କର ବିଦାରିଣ ଅନ୍ତଃସ୍ଥଳ
ଆକାଶ ପୃଥିବୀବ୍ୟାପୀ ଉଠିଲା ସେ କୋଳାହଳ । ।୧୯।

ଅଥ ବ୍ୟବସ୍ଥିତାନ୍ ଦୃଷ୍ଟ୍ୱା ଧାର୍ତ୍ତରାଷ୍ଟ୍ରାନ୍ କପିଧ୍ୱଜଃ ।
ପ୍ରବୃତ୍ତେ ଶସ୍ତ୍ରସମ୍ପାତେ ଧନୁରୁଦ୍ୟମ୍ୟ ପାଣ୍ଡବଃ ॥ ।୨୦।

ଧାର୍ତ୍ତରାଷ୍ଟ୍ରେ ଯୁଦ୍ଧୋନ୍ମୁଖ ଦେଖି କପିଧ୍ୱଜାର୍ଜ୍ଜୁନ
ନିକ୍ଷେପ କରଣେ ଅସ୍ତ୍ର ଟେକି ନିଜ ଶରାସନ । ।୨୦।

ହୃଷୀକେଶଂ ତଦା ବାକ୍ୟମିଦମାହ ମହୀପତେ ।

କହିଲେ ହେ ନରନାଥ ! ହୃଷୀକେଶେ ଏହି ମତ

### ଅର୍ଜ୍ଜୁନ ଉବାଚ

ସେନୟୋରୁଭୟୋର୍ମଧ୍ୟେ ରଥଂ ସ୍ଥାପୟ ମେଽଚ୍ୟୁତ ॥ ।୨୧।

ଉଭୟ ସେନାଙ୍କ ମଧ୍ୟେ ରଖ ରଥ ହେ ଅଚ୍ୟୁତ ।୨୧।

ଯାବଦେତାନ୍ନିରୀକ୍ଷେଽହଂ ଯୋଦ୍ଧୁକାମାନବସ୍ଥିତାନ୍ ।
କୈର୍ମୟା ସହ ଯୋଦ୍ଧବ୍ୟମସ୍ମିନ୍ ରଣସମୁଦ୍ୟମେ ॥ ।୨୨।

ଯାବତ୍ ଦେଖିବି ମୁହିଁ ଯୁଦ୍ଧକାମୀ ବୀରଗଣେ
କିଏ କିଏ ମୋର ସଙ୍ଗେ ଯୁଝିବେଟି ଏହି ରଣେ । ।୨୨।

ଯୋତ୍ସ୍ୟମାନାନବେକ୍ଷେଽହଂ ଯ ଏତେଽତ୍ର ସମାଗତାଃ ।
ଧାର୍ତ୍ତରାଷ୍ଟ୍ରସ୍ୟ ଦୁର୍ବୁଦ୍ଧେର୍ଯୁଦ୍ଧେ ପ୍ରିୟଚିକୀର୍ଷବଃ ॥ ।୨୩।

ଦୁର୍ବୁଦ୍ଧି ଦୁର୍ଯ୍ୟୋଧନର ସାଧିବାକୁ ପ୍ରିୟବ୍ରତ
କେ କେ ଏ ଆସନ୍ନ ରଣେ ହୋଇଛନ୍ତି ସମାଗତ । ।୨୩।

### ସଞ୍ଜୟ ଉବାଚ

ଏବମୁକ୍ତୋ ହୃଷୀକେଶୋ ଗୁଡାକେଶେନ ଭାରତ ।
ସେନୟୋରୁଭୟୋର୍ମଧ୍ୟେ ସ୍ଥାପୟିତ୍ୱା ରଥୋତ୍ତମମ୍ ॥ ।୨୪।

କହନ୍ତେ ଏସନ ପାର୍ଥ, ହୃଷୀକେଶ, ହେ ଭାରତ !
ଉଭୟ ସେନାଙ୍କ ମଧ୍ୟେ ସ୍ଥାପିଣ ଉତ୍ତମ ରଥ । ।୨୪।

ଭୀଷ୍ମଦ୍ରୋଣପ୍ରମୁଖତଃ ସର୍ବେଷାଂ ଚ ମହୀକ୍ଷିତାମ୍ ।
ଉବାଚ ପାର୍ଥ ପଶ୍ୟୈତାନ୍ ସମବେତାନ୍ କୁରୂନିତି ॥ ।୨୫।

ଦେଖାଇ ଭୀଷ୍ମଦ୍ରୋଣାଦି ସର୍ବ ମହୀପତିଗଣ
କହିଲେ, ‘‘ଦେଖ ହେ ପାର୍ଥ ! ସମବେତ କୁରୁଗଣ’’ । ।୨୫।

ତତ୍ରାପଶ୍ୟତ୍ ସ୍ଥିତାନ୍ ପାର୍ଥଃ ପିତୃନଥ ପିତାମହାନ୍ ।
ଆଚାର୍ଯ୍ୟାନ୍‌ମାତୁଳାନ୍‌ଭ୍ରାତୃନ୍ ପୁତ୍ରାନ୍‌ପୌତ୍ରାନ୍‌ସଖୀଂସ୍ତଥା ॥ ।୨୬।

ଦେଖିଲେ ଅର୍ଜୁନ ତହିଁ ପିତୃ, ପିତାମହ, ଭ୍ରାତା
ଆଚାର୍ଯ୍ୟ, ମାତୁଳ, ପୁତ୍ର, ପୌତ୍ର, ପ୍ରିୟ-ସଖା ତଥା । ।୨୬।

ଶ୍ୱଶୁରାନ୍ ସୁହୃଦଶ୍ଚୈବ ସେନୟୋରୁଭୟୋରପି ।
ତାନ୍ ସମୀକ୍ଷ୍ୟ ସ କୌନ୍ତେୟଃ ସର୍ବାନ୍ ବନ୍ଧୂନବସ୍ଥିତାନ୍ ॥ ।୨୭।

ଶ୍ୱଶୁର ସୁହୃଦ୍ ଆଦି ଆତ୍ମୀୟ ସ୍ୱଜନଗଣ
ଉଭୟ ସୈନ୍ୟେ ସଜ୍ଜିତ, କରିବାକୁ ଘୋର ରଣ । ।୨୭।

କୃପୟା ପରୟାବିଷ୍ଟୋ ବିଷୀଦନ୍ନିଦମବ୍ରବୀତ୍ ।

ଦେଖିଣ ଭାଷିଲେ ପାର୍ଥ, କୃପାବିଷ୍ଟ ବିଷାଦିତ

ଅର୍ଜୁନ ଉବାଚ

ଅର୍ଜୁନ ଉବାଚ

ଦୃଷ୍ଟ୍ୱେମଂ ସ୍ୱଜନଂ କୃଷ୍ଣ ଯୁଯୁତ୍ସୁଂ ସମୁପସ୍ଥିତମ୍ ॥ ।୨୮।

ନିରେଖି ସ୍ୱଜନେ କୃଷ୍ଣ ! ରଣମୁଖେ ସମବେତ । ।୨୮।

ସୀଦନ୍ତି ମମ ଗାତ୍ରାଣି ମୁଖଂ ଚ ପରିଶୁଷ୍ୟତି ।
ବେପଥୁଶ୍ଚ ଶରୀରେ ମେ ରୋମହର୍ଷଶ୍ଚ ଜାୟତେ ॥ ।୨୯।

ଶୁଷ୍କ ହେଉଛି ବଦନ, ଅବସନ୍ନ ମୋର ଗାତ୍ର
କମ୍ପୁଅଛି କଳେବର, ହେଉଛି ରୋମାଞ୍ଚ ଜାତ । ।୨୯।

ଗାଣ୍ଡୀବଂ ସ୍ରଂସତେ ହସ୍ତାତ୍ତ୍ୱକ୍ ଚୈବ ପରିଦହ୍ୟତେ ।
ନ ଚ ଶକ୍ନୋମ୍ୟବସ୍ଥାତୁଂ ଭ୍ରମତୀବ ଚ ମେ ମନଃ ॥ ।୩୦।

ପଡୁଛି ଗାଣ୍ଡିବ ଖସି, ଦଗ୍ଧ ହୁଏ ଅପଘନ
ନାହିଁ ଶକ୍ତି ହେବି ସ୍ଥିର, ବିଭ୍ରମିତ ହୁଏ ମନ । ।୩୦।

ନିମିତ୍ତାନି ଚ ପଶ୍ୟାମି ବିପରୀତାନି କେଶବ ।
ନ ଚ ଶ୍ରେୟୋଽନୁପଶ୍ୟାମି ହତ୍ୱା ସ୍ୱଜନମାହବେ ॥ ।୩୧।

ହେ କେଶବ ! ଦୁର୍ନିମିତ୍ତ କରୁଅଛି ଦରଶନ,
ଦେଖୁ ନାହିଁ ଶ୍ରେୟୋମୁଖ ସ୍ୱଜନେ ରଣେ ବଧିଣ । ।୩୧।

ନ କାଙ୍‌କ୍ଷେ ବିଜୟଂ କୃଷ୍ଣ ନ ଚ ରାଜ୍ୟଂ ସୁଖାନି ଚ ।
କିଂ ନୋ ରାଜ୍ୟେନ ଗୋବିନ୍ଦ କିଂ ଭୋଗୈର୍ଜୀବିତେନ ବା ॥ ।୩୨।

ନ ବାଞ୍ଛେ ବିଜୟ କୃଷ୍ଣ ! ନ ଇଚ୍ଛେ ମୁଁ ସୁଖରାଜ୍ୟ,
କି କାର୍ଯ୍ୟ ରାଜ୍ୟେ ଗୋବିନ୍ଦ ! ଜୀବନେ, ଭୋଗେ କି କାର୍ଯ୍ୟ । ।୩୨।

ଯେଷାମର୍ଥେ କାଙ୍‌କ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ ।
ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ ॥ ।୩୩।

ବାଞ୍ଛେ ମୁହିଁ ରାଜ୍ୟ, ଭୋଗ, ସୁଖ ଯାହାଙ୍କ କାରଣେ
ଧନ, ପ୍ରାଣ ଆଶା ତେଜି ସର୍ବେ ଉପଗତ ରଣେ । ।୩୩।

ଆଚାର୍ଯ୍ୟାଃ ପିତରଃ ପୁତ୍ରାସ୍ତଥୈବ ଚ ପିତାମହାଃ ।
ମାତୁଳାଃ ଶ୍ୱଶୁରାଃ ପୌତ୍ରାଃ ଶ୍ୟାଳାଃ ସମ୍ବନ୍ଧିନସ୍ତଥା ॥ ।୩୪।

ଅଛନ୍ତି ଆଚାର୍ଯ୍ୟ ତହିଁ, ପୁତ୍ର, ପିତୃ, ପିତାମହ,
ମାତୁଳ, ଶ୍ୱଶୁର, ପୌତ୍ର, ଶ୍ୟାଳକ, ସମ୍ବନ୍ଧୀ ସହ । ।୩୪।

ଏତାନ୍ନ ହନ୍ତୁମିଚ୍ଛାମି ଘ୍ନତୋଽପି ମଧୁସୂଦନ ।
ଅପି ତ୍ରୈଲୋକ୍ୟରାଜ୍ୟସ୍ୟ ହେତୋଃ କିଂ ନୁ ମହୀକୃତେ ॥ ।୩୫।

ସେ ମୋତେ ମାରନ୍ତୁ ପଛେ, ନ ବାଞ୍ଛେ ତାଙ୍କ ନିଧନ
ତ୍ରୈଲୋକ୍ୟ ନିମନ୍ତେ, ମହୀ କି ଛାର ମଧୁସୂଦନ । ।୩୫।

ନିହତ୍ୟ ଧାର୍ତ୍ତରାଷ୍ଟ୍ରାନ୍ ନଃ କା ପ୍ରୀତିଃ ସ୍ୟାଜ୍ଜନାର୍ଦ୍ଦନ ।
ପାପମେବାଶ୍ରୟେଦସ୍ମାନ୍ ହତ୍ୱୈତାନାତତାୟିନଃ ॥ ।୩୬।

ଧାର୍ତ୍ତରାଷ୍ଟ୍ରେ ବଧି କେଉଁ ପ୍ରୀତି ହେବ ଜନାର୍ଦ୍ଦନ !
ଆତତାୟୀଗଣ ବଧେ ପାପ-ସ୍ପର୍ଶ ହେବ ମମ । ।୩୬।

ତସ୍ମାନ୍ନାର୍ହା ବୟଂ ହନ୍ତୁଂ ଧାର୍ତ୍ତରାଷ୍ଟ୍ରାନ୍ ସ୍ୱବାନ୍ଧବାନ୍ ।
ସ୍ୱଜନଂ ହି କଥଂ ହତ୍ୱା ସୁଖିନଃ ସ୍ୟାମ ମାଧବ ॥ ।୩୭।

ନ କରିବି ହତ୍ୟା କେବେ ଧାର୍ତ୍ତରାଷ୍ଟ୍ରେ ସ୍ୱବାନ୍ଧବ,
କେସନେ ସ୍ୱଜନେ ବଧି ହୋଇବି ସୁଖୀ ମାଧବ ? ।୩୭।

| | |
|---|---|
| ଯଦ୍ୟପ୍ୟେତେ ନ ପଶ୍ୟନ୍ତି ଲୋଭୋପହତଚେତସଃ ।<br>କୁଳକ୍ଷୟକୃତଂ ଦୋଷଂ ମିତ୍ରଦ୍ରୋହେ ଚ ପାତକମ୍ ॥ ।୩୮। | ଯଦି ବା ଏ ନ ଦେଖନ୍ତି ଲୋଭରେ ହୋଇ ବିମୋହ<br>କୁଳକ୍ଷୟେ କିବା ଦୋଷ ! କି ପାତକ ମିତ୍ରଦ୍ରୋହ ? ।୩୮। |
| କଥଂ ନ ଜ୍ଞେୟମସ୍ମାଭିଃ ପାପାଦସ୍ମାନ୍ନିବର୍ତ୍ତିତୁମ୍ ।<br>କୁଳକ୍ଷୟକୃତଂ ଦୋଷଂ ପ୍ରପଶ୍ୟଦ୍ଭିର୍ଜନାର୍ଦ୍ଦନ ॥ ।୩୯। | ନ ହେବି ନିବୃତ୍ତ ମୁହିଁ କିମ୍ବା ଏ ସବୁ ଜାଣିଣ,<br>କୁଳକ୍ଷୟେ ଯେଉଁ ପାପ ଦେଖୁଛି ହେ ଜନାର୍ଦ୍ଦନ ? ।୩୯। |
| କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ ।<br>ଧର୍ମେ ନଷ୍ଟେ କୁଳଂ କୃତ୍ସ୍ନମଧର୍ମୋଽଭିଭବତ୍ୟୁତ ॥ ।୪୦। | କୁଳକ୍ଷୟେ ହୁଏ ନଷ୍ଟ କୁଳଧର୍ମ ସନାତନ<br>ଧର୍ମନାଶେ ହୁଏ କୁଳ ଅଧର୍ମରେ ନିମଗନ । ।୪୦। |
| ଅଧର୍ମାଭିଭବାତ୍ କୃଷ୍ଣ ପ୍ରଦୁଷ୍ୟନ୍ତି କୁଳସ୍ତ୍ରିୟଃ ।<br>ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ଜାୟତେ ବର୍ଣ୍ଣସଙ୍କରଃ ॥ ।୪୧। | ଅଧର୍ମେ ହୁଅନ୍ତି ଦୁଷ୍ଟ କୁଳନାରୀ, ଅତଃପର<br>ଦୁଷ୍ଟା ନାରୀଠାରୁ କୃଷ୍ଣ ! ଜନମେ ବର୍ଣ୍ଣସଙ୍କର । ।୪୧। |
| ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟ ଚ ।<br>ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ ॥ ।୪୨। | କରଇ ନରକଗାମୀ, ଲୁପ୍ତ କରି ପିଣ୍ଡୋଦକ<br>ସଙ୍କର, କୁଳଘ୍ନଙ୍କର କୁଳ ସହ ପିତୃଲୋକ । ।୪୨। |
| ଦୋଷୈରେତୈଃ କୁଳଘ୍ନାନାଂ ବର୍ଣ୍ଣସଙ୍କରକାରକୈଃ ।<br>ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଶ୍ଚ ଶାଶ୍ୱତାଃ ॥ ।୪୩। | କରେ କୁଳଘାତୀଙ୍କର ଏ ବର୍ଣ୍ଣସଙ୍କର ପାପ<br>ସନାତନ କୁଳଧର୍ମ, ଜାତି-ଧର୍ମ ଅପଲାପ । ।୪୩। |
| ଉତ୍ସନ୍ନକୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ ।<br>ନରକେଽନିୟତଂ ବାସୋ ଭବତୀତ୍ୟନୁଶୁଶ୍ରୁମ ॥ ।୪୪। | ଶୁଣିଛି ମୁଁ ଜନାର୍ଦନ ! କୁଳଧର୍ମ ହେଲେ ନାଶ<br>ମାନବ ଭାଗ୍ୟରେ ଘଟେ ନିୟତ ନରକ ବାସ ।୪୪। |
| ଅହୋ ବତ ମହତ୍ ପାପଂ କର୍ତ୍ତୁଂ ବ୍ୟବସିତା ବୟମ୍ ।<br>ଯଦ୍ରାଜ୍ୟସୁଖଲୋଭେନ ହନ୍ତୁଂ ସ୍ୱଜନମୁଦ୍ୟତାଃ ॥ ।୪୫। | ଅହୋ ! କି ଯେ ମହାପାପ ସାଧନେ ହେଉଛି ରତ !<br>ରାଜ୍ୟସୁଖ ଲୋଭେ ଆହା ସ୍ୱଜନେ କରିଣ ହତ । ।୪୫। |
| ଯଦି ମାମପ୍ରତୀକାରମଶସ୍ତ୍ରଂ ଶସ୍ତ୍ରପାଣୟଃ ।<br>ଧାର୍ତ୍ତରାଷ୍ଟ୍ରା ରଣେ ହନ୍ୟୁସ୍ତନ୍ମେ କ୍ଷେମତରଂ ଭବେତ୍ ॥ ।୪୬। | ପ୍ରତିକାର ପରାଙ୍ମୁଖ, ଶସ୍ତ୍ରହୀନ ମୋତେ ରଣେ<br>ସଶସ୍ତ୍ର କୌରବ ବଧୁ, ମଙ୍ଗଳ ଭାବିବି ମନେ । ।୪୬। |
| ସଞ୍ଜୟ ଉବାଚ | ସଞ୍ଜୟ ଉବାଚ |
| ଏବମୁକ୍ତ୍ୱାର୍ଜୁନଃ ସଂଖ୍ୟେ ରଥୋପସ୍ଥ ଉପାବିଶତ୍ ।<br>ବିସୃଜ୍ୟ ସଶରଂ ଚାପଂ ଶୋକସଂବିଗ୍ନମାନସଃ ॥ ।୪୭। | ଏତେ କହି ରଣସ୍ଥଳେ ରହିଲେ ରଥ ଆସନେ<br>ପରିବର୍ଜି ଧନୁର୍ବାଣ ପାର୍ଥ, ଶୋକୋଦ୍‌ବିଗ୍ନ ମନେ । ।୪୭। |

(କ୍ରମଶଃ)

# ଯଥାର୍ଥ ଜ୍ଞାନ ଓ ଯାଦୁବିଦ୍ୟା

## ଶ୍ରୀମା

*ପ୍ରଶ୍ନ : ମାଆ, ଶ୍ୱେତ ଯାଦୁବିଦ୍ୟା (white magic) କହିଲେ କ'ଣ ବୁଝାଏ ?*

ଆମେ ଯାହାକୁ ''ଶ୍ୱେତ ଯାଦୁବିଦ୍ୟା''(white magic) ବୋଲି କହୁ, ସେଇଟି ହେଉଛି ଆମର କୌଣସି ଉପକାର କରୁଥିବା ଯାଦୁବିଦ୍ୟା ଏବଂ ''କୃଷ୍ଣ ଯାଦୁବିଦ୍ୟା'' (black magic) ହେଉଛି ଆମର କୌଣସି ଅନିଷ୍ଟ ବା କ୍ଷତି କରୁଥିବା ଯାଦୁବିଦ୍ୟା । ମାତ୍ର ବସ୍ତୁତଃ ଏଗୁଡ଼ାକ ହେଉଛନ୍ତି କେବଳ ଗୋଟାଏ ଗୋଟାଏ ଶବ୍ଦ, ସେସବୁର କୌଣସି ଅର୍ଥ ନାହିଁ ।

ଯାଦୁବିଦ୍ୟା ?... ଶୁଦ୍ଧ ଭାବରେ କେତୋଟି ସ୍ଥୂଳ ସୂତ୍ର ମଧ୍ୟକୁ ନିରୂପିତ କରି ଦିଆଯାଇଥିବା ଏକ ଜ୍ଞାନକୁ ଯାଦୁବିଦ୍ୟା ବୋଲି କୁହାଯିବ । ସେଥିରେ କୌଣସି ଏକ ପ୍ରକାରର କେତୋଟି ଶବ୍ଦ ଓ ସଂଖ୍ୟା ଥାଏ ଅଥବା ଶବ୍ଦ ଓ ସଂଖ୍ୟାଗୁଡ଼ିକୁ ଏକାଠି ମିଶାଇ କରି ରଖା ହୋଇଥାଏ; ଏବଂ ସେଗୁଡ଼ିକୁ କେବଳ ଉଚ୍ଚାରଣ କଲେ କିଂବା ଲେଖିଦେଇ ପାରିଲେ, ଏପରିକି ଅନ୍ତର୍ଗତ କୌଣସି ଶକ୍ତି ନଥିବା ଜଣେ ବ୍ୟକ୍ତି ସେଗୁଡ଼ିକୁ ଉଚ୍ଚାରଣ କଲେ କିଂବା ଲେଖିଦେଲେ ସେଗୁଡ଼ିକ ଅବଶ୍ୟ କାର୍ଯ୍ୟ କରିବାକୁ ଆରମ୍ଭ କରନ୍ତି । ଗୁପ୍ତବିଦ୍ୟାର କ୍ଷେତ୍ରରେ ଏଗୁଡ଼ିକୁ ଆମେ ବିଜ୍ଞାନର ରାସାୟନିକ ସୂତ୍ରଗୁଡ଼ିକ ସହିତ ସମତୁଲ କରି ବିଚାର କରିପାରିବା । ତୁମେ ଜାଣିଥିବ, ବିଜ୍ଞାନରେ ରସାୟନଶାସ୍ତ୍ରର ଏପରି ସୂତ୍ରମାନ ରହିଛି ଯାହାଦ୍ୱାରା କି କେତେକ ନିର୍ଦ୍ଦିଷ୍ଟ ଉପାଦାନକୁ ଏକାଠି କରାଯାଇଥାଏ ଓ ସେହିପରି ଭାବରେ ସେଥିରୁ ଅନ୍ୟ ଉପାଦାନଗୁଡ଼ିକର ସୃଷ୍ଟି କରା ଯାଇଥାଏ । ତୁମ ଭିତରେ ମନୋଗତ, ପ୍ରାଣିକ ଓ ଏପରିକି ଭୌତିକ କୌଣସି ଶକ୍ତି ନଥିଲେ ମଧ୍ୟ ତୁମେ ଯଦି କେବଳ ଆକ୍ଷରିକ ଭାବରେ ତୁମ ପାଖରେ ରହିଥିବା ସୂତ୍ରଟିର ଅନୁସରଣ କରିବ ତେବେ ତୁମକୁ ଆବଶ୍ୟକ ଫଳଟି ନିଶ୍ଚୟ ମିଳିଯାଇ ପାରିବ – ଏଥିଲାଗି ତୁମର କେବଳ ଯଥେଷ୍ଟ ସ୍ମରଣଶକ୍ତି ରହିଥିଲେ ହେଲା । ଏବଂ, ଗୁପ୍ତବିଦ୍ୟାରେ ମଧ୍ୟ ଠିକ୍ ସେହି କଥାଟି ପରୀକ୍ଷା କରି ଦେଖାଯାଇଛି; ସେଥିରେ ନାନା ଧ୍ୱନି, ଅକ୍ଷର, ସଂଖ୍ୟା ଏବଂ ଶବ୍ଦକୁ ଅନ୍ତର୍ନିହିତ ସାମର୍ଥ୍ୟଗୁଡ଼ିକ ବଳରେ ଏକ ନିର୍ଦ୍ଦିଷ୍ଟ ପରିଣାମ ଲାଭ କରିବାକୁ ବି ସମର୍ଥ ହୋଇ ପାରୁଛନ୍ତି । ଏହିପରି ଭାବରେ ଜଣେ ଯେତେ ନିର୍ବୋଧ ହୋଇଥିଲେ ମଧ୍ୟ ଯଦି ସେ ଏଇଟିକୁ ଶିକ୍ଷା କରିପାରିବ ଏବଂ ତାକୁ ଯେପରି କରିବାକୁ କୁହାଯାଇଛି ଠିକ୍ ସେହିପରି କରିବ, ସିଏ ମଧ୍ୟ ତା'ର ଇପ୍ସିତ ଫଳଟିକୁ ପାଇପାରିବ ବା ସେହି ଫଳଟିକୁ ସେ ନିଶ୍ଚୟ ଲାଭ କରିବ ବୋଲି ବିଶ୍ୱାସ କରିପାରିବ । ମାତ୍ର... ଉଦାହରଣ ସ୍ୱରୂପ, ଆମେ ଏଠାରେ ଏକ ପ୍ରକାର ଗୁପ୍ତବିଦ୍ୟା ପରି କାର୍ଯ୍ୟ କରୁଥିବା ମନ୍ତ୍ର ବିଷୟରେ ବିଚାର କରିବା,– ଯଦି ଗୁରୁ ସେହି ମନ୍ତ୍ରଟିକୁ ଦେଇ ନଥା'ନ୍ତି ଓ ମନ୍ତ୍ରଟି ସହିତ ଯଦି ସେ ତୁମ ଭିତରକୁ ତାଙ୍କର ଗୁପ୍ତବିଦ୍ୟାଗତ ବା ଆଧ୍ୟାତ୍ମିକ ଶକ୍ତିଟିକୁ ସଞ୍ଚାରିତ କରି ଆଣି ନଥା'ନ୍ତି, ତେବେ ହୁଏତ ତୁମେ ସହସ୍ରବାର ମନ୍ତ୍ରଟିକୁ ଆବୃତ୍ତି କରୁଥାଅ ପଛକେ, ମାତ୍ର ତାହାର ଆଦୌ କୌଣସି ଫଳ ଫଳିବ ନାହିଁ ।

ଅର୍ଥାତ୍, **ଯଥାର୍ଥ** ଗୁପ୍ତବିଦ୍ୟାରେ କୌଣସି କିଛିର ବ୍ୟବହାର କରି ପାରିବା ସକାଶେ ଆମ ଭିତରେ ସେହି ଗୁଣ, ସେହି ସାମର୍ଥ୍ୟ ଓ ସେହି ଅନ୍ତର୍ଗତ ଯୋଗ୍ୟତାଟି ଅବଶ୍ୟ ରହିଥିବା ଉଚିତ; ଏବଂ ତାହାହିଁ ଏ କ୍ଷେତ୍ରରେ ଏକ ସୁରକ୍ଷା ପରି କାର୍ଯ୍ୟ କରେ । ଯେକୌଣସି ନିର୍ବୋଧ ବ୍ୟକ୍ତି କଦାପି ଯଥାର୍ଥ ବିଦ୍ୟାର ଅନୁଶୀଳନ କରିପାରିବ ନାହିଁ । ଏବଂ ଗୁପ୍ତବିଦ୍ୟାକୁ ଆମେ ଆଉ ଯାଦୁବିଦ୍ୟା ବୋଲି କହି ପାରିବା ନାହିଁ – ଶ୍ୱେତ, କୃଷ୍ଣ ଅଥବା ସୁନେଲି କୌଣସି ପ୍ରକାରର ଯାଦୁବିଦ୍ୟା ବୋଲି କହି ପାରିବା ନାହିଁ – ଏହା ମୋଟେ ଏକ ଯାଦୁବିଦ୍ୟା ନୁହେଁ, ଏହା ହେଉଛି ଏକ ଆଧ୍ୟାତ୍ମିକ ଶକ୍ତି ଏବଂ ଦୀର୍ଘ ସାଧନା ଦ୍ୱାରା ସେହି ଶକ୍ତିଟିକୁ ଅର୍ଜନ କରିବାକୁ ପଡ଼ିବ । ଏବଂ ପରିଶେଷରେ ଏକଥା ମଧ୍ୟ କୁହାଯିବ ଯେ କେବଳ କୌଣସି ଦିବ୍ୟ କରୁଣା ବଳରେହିଁ ତାହା ତୁମକୁ ପ୍ରଦତ୍ତ ହୋଇ ପାରିବ ।

ଏହାର ଅର୍ଥ ହେଉଛି ତୁମେ ଯେତିକି ପରମ ସତ୍ୟର ନିକଟବର୍ତ୍ତୀ ହୋଇ ଆସୁଥିବ, ଯାବତୀୟ ଶଠତା, ଛଳନା ଓ ମିଥ୍ୟାଠାରୁ ତୁମେ ସେତିକି ଅଧିକ ପରିମାଣରେ ନିରାପଦ ହୋଇ ରହୁଥିବ । ଏହି କଥାଟିର ମୁଁ କେତେ କେତେ ପ୍ରମାଣ ପାଇଛି, ଏକାନ୍ତ ମୀମାଂସାତ୍ମକ ନାନା ପ୍ରମାଣ ପାଇଛି । ତେଣୁ

ଯେଉଁ ବ୍ୟକ୍ତିଠାରେ ଯଥାର୍ଥ ଗୁପ୍ତବିଦ୍ୟାଗତ ଶକ୍ତି ମହଜୁଦ ରହିଛି, ସେହି ଅନ୍ତର୍ଗତ ସତ୍ୟଟିର ଶକ୍ତି ବଳରେହିଁ ତା'ଭିତରେ ଯୁଗପତ୍ ଭାବରେ ଶ୍ୱେତ, କୃଷ୍ଣ ଅଥବା ଅନ୍ୟ ଯେକୌଣସି ବର୍ଣ୍ଣର ଯାଦୁବିଦ୍ୟାକୁ ନିଷ୍ଫଳ କରିଦେବାର ଶକ୍ତିଟି ମଧ୍ୟ ମହଜୁଦ ହୋଇ ରହିଛି । ସେହି ସତ୍ୟଟିର ମାତ୍ର ଗୋଟିଏ ବିନ୍ଦୁକୁ ପ୍ରୟୋଗ କରି ତାହାକୁ ନିଷ୍ଫଳ କରିଦେବାର ଶକ୍ତି ତା'ଠାରେ ରହିଛି । କୌଣସି ବସ୍ତୁହିଁ ସେହି ଶକ୍ତିଟିର ଆଦୌ କୌଣସି ପ୍ରତିରୋଧ କରି ପାରିବ ନାହିଁ । ଏବଂ ଯେଉଁ ବ୍ୟକ୍ତିମାନେ ଯାଦୁବିଦ୍ୟାର ପ୍ରୟୋଗ କରୁଥା'ନ୍ତି, ସେମାନେ ଏହି କଥାଟିକୁ ବେଶ୍ ଭଲ ଭାବରେ ଜାଣିଥା'ନ୍ତି, କାରଣ ସକଳ ଦେଶରେ ଓ ବିଶେଷତଃ ଭାରତବର୍ଷରେ, ଯୋଗୀ ବା ସନ୍ଥମାନଙ୍କ ବିରୋଧରେ ସେମାନଙ୍କର ଆଦୌ କୌଣସି ସୂତ୍ରର ପ୍ରୟୋଗ କେବେହେଲେ ନ କରିବାକୁ ହିଁ ସେମାନେ ସବୁବେଳେ ଖୁବ୍ ସତର୍କ ହୋଇ ରହିଥା'ନ୍ତି । କାରଣ ସେମାନେ ଭଲ କରି ଜାଣିଥା'ନ୍ତି ଯେ ଆପଣାର ଏହି ଯନ୍ତ୍ରବତ୍ ଓ ପଲ୍ଲବଗ୍ରାହୀ ସ୍ୱଳ୍ପଶକ୍ତିକୁ କାର୍ଯ୍ୟରେ ଲଗାଇ ସେମାନେ ଯେଉଁସବୁ ସୂତ୍ରକୁ ବାହାରକୁ ପ୍ରେରଣ କରିଥା'ନ୍ତି ତାହା ଯାଇ ଠିକ୍ କୌଣସି କାନ୍ଥରେ ବଲ୍‌ଟିଏ ଯାଇ ବାଜିଲା ପରି ଏକ ଆଧ୍ୟାତ୍ମିକ ଜୀବନ ଯାପନ କରୁଥିବା ଜଣେ ବ୍ୟକ୍ତିକୁ ସୁରକ୍ଷିତ କରି ରଖିଥିବା ଯଥାର୍ଥ ଶକ୍ତିଟି ଉପରେ ଯାଇ ବାଜିବ ଏବଂ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେମାନଙ୍କର ସେହି ସୂତ୍ରଟି ସେଠାରୁ ଲେଉଟି ଆସିବ ଏବଂ ସେମାନଙ୍କ ନିଜ ଭିତରେହିଁ ଆସି ବାଜିବ ।

ମାତ୍ର ସେଥିଲାଗି ସେହି ଯୋଗୀ ଅଥବା ସନ୍ଥଙ୍କୁ ଆଦୌ କିଛି ହେଲେ କରିବାକୁ ପଡ଼ିବ ନାହିଁ, ଏପରିକି ତାଙ୍କୁ ସୁରକ୍ଷିତ ହୋଇ ରହିବା ଲାଗି କୌଣସି ଇଚ୍ଛା କରିବାକୁ ବି ପଡ଼ିବ ନାହିଁ । ଯାହା ଘଟିବ, ତାହା ଆପଣା ଛାଏଁ ଘଟିବ । ସିଏ ଏପରି ଏକ ଚେତନା ଏବଂ ଅନ୍ତର୍ଗତ ଶକ୍ତିର ସ୍ଥିତିରେ ରହିଥିବେ, ଯାହାକି ନିମ୍ନତର ସ୍ତରର ଯାବତୀୟ ସବୁକିଛିଠାରୁ ତାଙ୍କୁ ସ୍ୱତଃ ରକ୍ଷା କରିବାରେ ଲାଗିଥିବ । ତେଣୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସିଏ ଆପଣାର ଶକ୍ତିଟିକୁ ସ୍ୱେଚ୍ଛାରେ ଅନ୍ୟମାନଙ୍କର ସୁରକ୍ଷା ଲାଗି ବ୍ୟବହାର କରି ପାରୁଥିବେ । ଯାବତୀୟ ଅନିଷ୍ଟ-ଇଚ୍ଛାକାରୀ ବିରଚନା ତାଙ୍କର ବାତାବରଣଟି ଉପରେ ଆଘାତ ପାଇ ଲେଉଟି ଯାଉଥିବାରୁ ହିଁ ସେ ସୁରକ୍ଷିତ ହୋଇ ରହିଥିବେ । ମାତ୍ର, ସେହି ଅନିଷ୍ଟ-ଇଚ୍ଛାକାରୀ ବିରଚନାଟିକୁ ଯଦି ସିଏ ରକ୍ଷା କରୁଥିବା କୌଣସି ଅନ୍ୟ ଜଣେ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଉଥିବ ଅଥବା ତାଙ୍କର ସାହାଯ୍ୟ ଲୋଡ଼ୁଥିବା ଆଉ କାହା ବିରୋଧରେ ପ୍ରେରଣ କରା ଯାଉଥିବ, ତେବେ ସେ ଆପଣାର ବାତାବରଣରେ ଏକ ସଞ୍ଚାଳନ ଘଟାଇ ବା ଆପଣାର ପ୍ରଭା-ମଣ୍ଡଳଟିକୁ ଟିକିଏ ଘୁଞ୍ଚାଇ ଦେଇ ଯାଦୁବିଦ୍ୟାର କୁପ୍ରଭାବଗୁଡ଼ିକ ଲାଗି ଉନ୍ମୁକ୍ତ ହୋଇ ରହିଥିବା ସେହି ବ୍ୟକ୍ତିଙ୍କର ଚତୁର୍ଦ୍ଦିଗଟିକୁ ଘେରାଇ ରଖିଦେଇ ପାରିବେ, ଏବଂ ଆଘାତଟି ଲେଉଟି ଯିବାର ପ୍ରକ୍ରିୟାଟି ଏଠାରେ ମଧ୍ୟ ଠିକ୍ ସେହି ପୂର୍ବପରିହିଁ କାର୍ଯ୍ୟ କରିବ । ତାହା ଫଳରେ ଅନିଷ୍ଟ ଇଚ୍ଛା କରି ପ୍ରୟୋଗ କରାଯାଇଥିବା ସେହି ରଚନାଟି ସ୍ୱଭାବତଃ ତାହାକୁ ପ୍ରୟୋଗ କରିଥିବା ବ୍ୟକ୍ତିଟି ଉପରେ ଯାଇ ପଡ଼ିବ । ମାତ୍ର ଏହି କ୍ଷେତ୍ରରେ ସେହି ଯୋଗୀ, ସନ୍ଥ ଅଥବା ଋଷିଙ୍କର ସଚେତନ ଇଚ୍ଛାଟିର ଅବଶ୍ୟ ଆବଶ୍ୟକତା ରହିଥିବ । ଯାହାକିଛି ଘଟିଛି ସେକଥାଟି ତାଙ୍କୁ ଯାଇ କହିବାକୁ ପଡ଼ିବ ଏବଂ ସେଥିରେ ହସ୍ତକ୍ଷେପ କରିବା ଲାଗି ତାଙ୍କୁ ଏକ ନିଷ୍ପତ୍ତି ମଧ୍ୟ ଗ୍ରହଣ କରିବାକୁ ପଡ଼ିବ ।

ଯଥାର୍ଥ ଜ୍ଞାନ ଓ ଯାଦୁବିଦ୍ୟା ମଧ୍ୟରେ ଏହାହିଁ ହେଉଛି ପାର୍ଥକ୍ୟ ।...

(MCW, Vol. 9 : pp. 391-393)

ସବୁ ସମୟରେ ତୁମକୁ ସମସ୍ତ ସାହାଯ୍ୟ ଦିଆଯାଉଛି; କିନ୍ତୁ ତାହା ତୁମକୁ ଗ୍ରହଣ କରିବା ପାଇଁ ଶିଖିବାକୁ ହେବ ତୁମ ହୃଦୟର ନିରବତାରେ, ବାହ୍ୟ ଉପାୟଗୁଡ଼ିକର ମାଧ୍ୟମରେ ନୁହେଁ । ତୁମ ହୃଦୟର ନିରବତାରେହିଁ ଭଗବାନ୍ ତୁମ ସଙ୍ଗେ କଥା କହିବେ ଓ ତୁମର ପଥ ନିର୍ଦ୍ଦେଶ କରିବେ ଓ ତୁମର ଲକ୍ଷ୍ୟ ଦିଗରେ ତୁମକୁ ଆଗେଇ ନେବେ । କିନ୍ତୁ ସେଥିପାଇଁ ଭଗବତ୍ କୃପା ଓ ପ୍ରେମ ଉପରେ ତୁମର ପୂର୍ଣ୍ଣ ଓ ଅଖଣ୍ଡ ବିଶ୍ୱାସ ରହିବା ଆବଶ୍ୟକ ।

— ଶ୍ରୀମା

ଶେଷ ପୃଷ୍ଠା :

# ପୂର୍ଣ୍ଣଯୋଗର ପଥରେ ପାଦ ରଖିବା

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଜଣେ ଶିଷ୍ୟଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀମା ଲେଖିଥିଲେ, "As long as union with the Divine is not *the* thing for which one lives, one is not yet on the path."

21 April, 1965 (CWM, Vol. 16, p. 317)

''ଯେପର୍ଯ୍ୟନ୍ତ ଭଗବାନଙ୍କ ସଙ୍ଗେ ଯୁକ୍ତ ହେବା ଜୀବନ ଧାରଣର ଏକମାତ୍ର ଉଦ୍ଦେଶ୍ୟ ନ ହୋଇଛି ସେପର୍ଯ୍ୟନ୍ତ ଜଣେ ଏହି ପଥ ଗ୍ରହଣ କରି ନାହିଁ ।''

ମା'ଙ୍କର ଏହି କଥାର ଯଥାର୍ଥ ତାତ୍ପର୍ଯ୍ୟକୁ ଆମେ ଠିକ୍ କେତେ ଦୂର ହୃଦୟଙ୍ଗମ କରିଛୁ, ତାହା ଆଜି ପ୍ରତ୍ୟେକେ ନିଜକୁ ପଚାରିବା କଥା । ଆମେ ଆମ ଜୀବନର ନାନା ଆକାଂକ୍ଷା-ଅଭିଳାଷ ପୂରଣ ପାଇଁ ମା'ଙ୍କ କୃପାପ୍ରାର୍ଥୀ ହୋଇପାରୁ, ମା'ଙ୍କ ଆଶୀର୍ବାଦ ଲାଭ କରି, ତାଙ୍କ ଶକ୍ତିର ସହାୟତା ଲାଭ କରି ଜୀବନର ନାନା ତଥାକଥିତ ବାସ୍ତବ ଲକ୍ଷ୍ୟ ଲାଭ ଦିଗରେ ଆଗେଇ ଯାଇପାରୁ, ମା'ଙ୍କ ଫଟୋ ପୂଜା କରିପାରୁ, କିଛି ସମୟ ଧ୍ୟାନ ଧାରଣା ବା ନାମଜପ ଆଦି କରିପାରୁ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସମାଧି ମନ୍ଦିର ବା ପାଠଚକ୍ର ସ୍ଥାପନ ଆଦି କାମରେ ବା ଶ୍ରୀଅରବିନ୍ଦଙ୍କ ଆଦର୍ଶ ଓ ଶିକ୍ଷା ପ୍ରସାର ପାଇଁ ଉଦ୍ଦିଷ୍ଟ ନାନା ସଭାସମିତି ଓ ସମ୍ମିଳନୀ ଆଦିରେ ଉତ୍ସାହର ସହିତ ଭାଗ ନେଇପାରୁ, କିନ୍ତୁ ମା'ଙ୍କ ପୂର୍ବୋକ୍ତ କହିବାନୁସାରେ ସେସବୁର ଅର୍ଥ ନୁହେଁ ଯେ ଆମେ ପୂର୍ଣ୍ଣଯୋଗର ପଥରେ ପାଦ ରଖିଛୁ । ଏପରିକି ପଣ୍ଡିଚେରୀ ଆସି କେହି ଆଶ୍ରମବାସୀ ହୋଇଗଲେ ଯେ ସେ ଏହି ପଥରେ ପାଦ ରଖିଛି ତାହା ବି କୁହାଯାଇ ପାରିବ ନାହିଁ । ଏ ସମସ୍ତ କିଛି ନକରି ମଧ ଜଣେ ଏହି ପଥରେ ପାଦ ରଖିପାରେ ଏବଂ ଏ ସମସ୍ତ କରି ମଧ ଜଣେ ପୂର୍ଣ୍ଣଯୋଗର ପଥଠାରୁ ବହୁ ଦୂରରେ ରହି ଯାଇପାରେ ।

କାରଣ ଆମ ଗଭୀର ଅନ୍ତରରେ ଓ ମନର ଉର୍ଦ୍ଧ୍ୱରେ ରହିଥିବା ଭଗବତ୍ ଦିବ୍ୟ ଚେତନାର ସାକ୍ଷାତ୍ ଲାଭ କରି, ସେହି ଚେତନା ସହ ମିଳିତ ଓ ଯୁକ୍ତ ହୋଇ ତାହା ଦ୍ୱାରା ବାହ୍ୟ ଚେତନା ଓ ଜୀବନକୁ ରୂପାନ୍ତରିତ କରିବାହିଁ ପୂର୍ଣ୍ଣଯୋଗର ଲକ୍ଷ୍ୟ । ତେଣୁ ପ୍ରଥମେ ଭିତରକୁ ପ୍ରବେଶ କରି ଚେତନାର ଗଭୀର ଓ ଉର୍ଦ୍ଧ୍ୱସ୍ତରଗୁଡ଼ିକ ସମ୍ପର୍କରେ ନଜାଣିଲେ, ସେଗୁଡ଼ିକୁ ପ୍ରତ୍ୟକ୍ଷ ନକଲେ, ତା' ସହ ଏକୀଭୂତ ନହେଲେ ଆମେ ବାହ୍ୟ ଜୀବନକୁ କେଉଁଥିରେ ରୂପାନ୍ତରିତ କରିବୁ ? କିନ୍ତୁ ତହିଁ ସଙ୍ଗେ ସଙ୍ଗେ ଏହା ମଧ ନିଃସନ୍ଦେହ ଯେ ବାହ୍ୟ ଜୀବନ ଓ ବାହ୍ୟ ଚେତନାକୁ ମଧ ଆମ ଲକ୍ଷ୍ୟର ପରିସର ଭିତରୁ ଏକାବେଳକେ ବାଦ୍ ଦେଇ ପାରିବୁ ନାହିଁ । ପୂର୍ଣ୍ଣଯୋଗର ଲକ୍ଷ୍ୟ ଭିତରେ ବାହ୍ୟ ଜୀବନ ଓ ଆନ୍ତର ଜୀବନ ଉଭୟହିଁ ଅନ୍ତର୍ଭୁକ୍ତ । ଆଗକାଳରେ ସାଧକମାନେ ଯେପରି ହୃଦୟ ଗୁହାକୁ ଆବିଷ୍କାର କରିବାକୁ ଯାଇ ସଂସାର-ଜୀବନ ତ୍ୟାଗ କରି ବନ-ଜଙ୍ଗଲ ଓ ପର୍ବତ ଗୁହାର ଆଶ୍ରୟ ନେଉଥିଲେ, ପୂର୍ଣ୍ଣଯୋଗରେ ତାହାର ପ୍ରଶ୍ନହିଁ ଉଠୁ ନାହିଁ । କିନ୍ତୁ ଏହା ମଧ ଭୁଲି ଗଲେ ଚଳିବ ନାହିଁ ଯେ ଶ୍ରୀଅରବିନ୍ଦ ଯେପରି କହିଛନ୍ତି, ''ବାହ୍ୟ ଚେତନାଟି ହେଉଛି କେବଳ ଏକ ସ୍ଥୂଳ, ଜଡ଼ଗତ ଚେତନା ଯାହା ମନ, ପ୍ରାଣ ଓ ଦେହର ତ୍ରିରଜ୍ଜୁ ଦ୍ୱାରା ବାନ୍ଧି ହୋଇ ନିଜର ବ୍ୟକ୍ତିସୀମା ଭିତରେହିଁ ଆବଦ୍ଧ ହୋଇ ରହିଛି । ... ଆମ ସତ୍ତାର ବାହ୍ୟ ଉପରିଭାଗରେ ଯାହା ରହିଛି ତାହା ପ୍ରକୃତିର କେବଳ ଏକ ଅତ୍ୟନ୍ତ କ୍ଷଣଜୀବୀ ନଶ୍ୱର ସତ୍ତା, କେବଳ ସୀମା ଓ ପରିବେଶ ଦ୍ୱାରା ତାହା ଗଠିତ । ... ଆନ୍ତର ସତ୍ୟଠାରୁ ବିଚ୍ଛିନ୍ନ ଏକ ବହିର୍ମୁଖୀ ବା ବାହ୍ୟ ଚେତନା ବା ଜୀବନ ହେଉଛି ଅଜ୍ଞାନମୟ ଅବିଦ୍ୟାର କ୍ଷେତ୍ର । କେବଳ ଅନ୍ତରସ୍ଥ ଆତ୍ମା ଓ ଆନ୍ତର ଜୀବନର ସୁବୃହତ୍ ବ୍ୟାପକତା ଭିତରକୁ ନିଜକୁ ଖୋଲି ଦେଇ ପାରିଲେହିଁ ତାହା ନିଜକୁ ତଥା ସେହି ଅଜ୍ଞାନମୟ ଅବିଦ୍ୟାକୁ ଅତିକ୍ରମ କରିଯାଇ ପାରିବ ।''

କିନ୍ତୁ ଏହି ଲକ୍ଷ୍ୟ ଅନୁସରଣ କରିବାକୁ ଗଲାବେଳେ ଆମେ ଜୀବନର ବାସ୍ତବ ଓ ବ୍ୟାବହାରିକ କ୍ଷେତ୍ରରେ ଏପରି ଏକ ସମସ୍ୟାର ସମ୍ମୁଖୀନ ହେଉ ଯାହାର ସମାଧାନ ଖୋଜି ପାଇବା ମନେହୁଏ ଆମ ଶକ୍ତିର ବାହାରେ । ସମସ୍ୟାଟି ହେଉଛି ଆମକୁ ସାଧାରଣ ସାଂସାରିକ ଜୀବନର ନାନା କର୍ମ କରିବାକୁ ହେଉଛି, ସେହି ସବୁ କର୍ମ ଓ କର୍ମ-ପ୍ରବୃତ୍ତିର ଆଶୁ ଲକ୍ଷ୍ୟ ଓ ସାଫଲ୍ୟର ସ୍ଥଳ ଓ ଆଧାରଟି ରହିଛି ବାହାରେ । ତେଣୁ ସେହି ସବୁ କର୍ମରେ ପ୍ରବୃତ୍ତ ହେବା ମାତ୍ରେ ଆମ ଚେତନାର ପ୍ରବାହ ସେହି ବାହାର ଆଡ଼କୁ ଧାବିତ ହୁଏ ନାହିଁ କି ? ଏପରିକି ମା'ଙ୍କ

କାମ ବୋଲି ଗ୍ରହଣ କରି ଆମେ ପାଠଚକ୍ର ବା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟିଏ ଗଢ଼ିଲୁ; କିନ୍ତୁ ତା'ର ସାଫଲ୍ୟ ପାଇଁ ଆମକୁ ତ ବାହାରର ଜିନିଷ ଉପରେ ମନୋନିବେଶ କରିବାକୁ ପଡ଼ିବ । ସେତେବେଳେ ଆମର ଚେତନା ବାହାର ଆଡ଼କୁ, ବହିର୍ମୁଖୀ ହୋଇ ଧାବିତ ହେବ ନାହିଁ କି ? ଆମେ କହୁ ମା'ଙ୍କ କାମ, ଭଗବାନଙ୍କ କାମ । କିନ୍ତୁ ସେହି ସମୟରେ ଆମ ଚେତନାର ଯଦି ଏକ ଫଟୋଚିତ୍ର ନିଆଯାଇ ପାରନ୍ତା ତେବେ ଅଧିକାଂଶ କ୍ଷେତ୍ରରେ ଦେଖାଯିବ ତାହା ବହିର୍ମୁଖୀ । ତା'ହେଲେ କ'ଣ ଏହାର ସମାଧାନ ? ଏଇଠି ରହିଛି ପୂର୍ଣ୍ଣଯୋଗ ପଥର ଅସଲ ରହସ୍ୟ । ଆମକୁ ଏପରି ଏକ ଚେତନାରେ ପହଞ୍ଚିବାକୁ ହେବ ଯେଉଁଠି ଆମେ ସମସ୍ତ ବାହ୍ୟ କର୍ମ କରିଯାଉଛୁ ଅଥଚ ଆମ ଚେତନା ତହିଁରେ ନିର୍ଲିପ୍ତ ଓ ଅନ୍ତର୍ମୁଖୀ ହୋଇ ରହିଛି; ସମସ୍ତ ଉତ୍ସାହ ନେଇ ଯେକୌଣସି କର୍ମ କଲାବେଳେ ମଧ ଦେଖିବୁ ଯେ ଆମ ଚେତନାର ଗତିସ୍ପନ୍ଦନ ବାହାର ଅପେକ୍ଷା ଆମ ଭିତର ଆଡ଼କୁହିଁ ଅଧିକ ଭାବରେ ପ୍ରବାହିତ ହୋଇ ଚାଲିଛି । ଏହି ଜିନିଷଟିକୁ ଚେତନା ତଥା ଆଚରଣରେ ଠିକ୍ ଭାବରେ ଧରି ପାରିବାହିଁ ହେଉଛି ପୂର୍ଣ୍ଣଯୋଗରେ କର୍ମର କୌଶଳ । ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ଯୋଗର ଏକ ସଂଜ୍ଞା ଦେଇଛନ୍ତି, ''ଯୋଗଃ କର୍ମସୁ କୌଶଳମ୍'' । ତାହାର ପ୍ରକୃତ ଅର୍ଥକୁ ଆମ ନିଜର କର୍ମ ଦେଇହିଁ ଅନୁଭବ କରିପାରିବା ଯଦି ଆମେ ସେହି ଚେତନା ଲାଭ କରିବୁ ଯେଉଁଠି ବାହ୍ୟ ଜୀବନ ଓ ଆନ୍ତର ଜୀବନ, ବାହ୍ୟ ଚେତନା ଓ ଆନ୍ତର ଚେତନା ଭିତରେ କୌଣସି ପାର୍ଥକ୍ୟ ନାହିଁ; ଉଭୟହିଁ ଉତ୍ସାରିତ ହେଉଛନ୍ତି ଦିବ୍ୟ ଚେତନାର କେନ୍ଦ୍ରରୁ ଏବଂ ଦିବ୍ୟ ଚେତନାର ଏକ ପ୍ରବାହ ଭିତରେ ଉଭୟଟି ମିଳି ଏକ ହୋଇ ଯାଉଛନ୍ତି ।

କିନ୍ତୁ ଏହା କେବଳ ସେତିକିବେଳେ ସମ୍ଭବ ହେବ ଯେତେବେଳେ ଆମର ସମଗ୍ର ଚେତନା ଓ ଜୀବନର ଏକମାତ୍ର ଲକ୍ଷ୍ୟ ଓ ଅଭୀପ୍ସା ହୋଇ ଉଠିବ ଭଗବାନଙ୍କ ସଙ୍ଗେ ମିଳିତ ଓ ଯୁକ୍ତ ହେବା । ସେତିକିବେଳେ କେବଳ ଆମେ ଚେତନାର ସେହି ଅବସ୍ଥାରେ ପହଞ୍ଚି ପାରିବୁ ଯାହା ସମ୍ପର୍କରେ ମା' କହିଛନ୍ତି,

"What I call 'being on the path' is being in a state of consciousness in which only union with the Divine has any value – this union is the only thing worth living, the sole object of aspiration. Everything else has lost all value and is not worth seeking, ..."

21 April, 1965 (CWM, Vol. 16, p. 317)

ଅର୍ଥାତ୍, ''ମୁଁ 'ଲକ୍ଷ୍ୟ ପଥରେ ପାଦ ରଖି ରହିବା' ବୋଲି ଯାହା କହେ, ତା' ହେଉଛି ଚେତନାର ଏପରି ଏକ ଅବସ୍ଥାରେ ରହିବା ଯେଉଁଠି ଭଗବାନଙ୍କ ସଙ୍ଗେ ମିଳିତ ଓ ଯୁକ୍ତ ହେବାରହିଁ ଏକମାତ୍ର ଅର୍ଥ ରହିଛି; କେବଳ ଏହି ମିଳନରେହିଁ ରହିଛି ଜୀବନ ଧାରଣର କୌଣସି ମୂଲ୍ୟ – ଏହାହିଁ ଅଭୀପ୍ସାର ଏକମାତ୍ର ଲକ୍ଷ୍ୟ । ବାକି ଅନ୍ୟ ସବୁକିଛି ସେଗୁଡ଼ିକର ସମସ୍ତ ମୂଲ୍ୟ ହରାଇ ଦେଇଛନ୍ତି ଏବଂ ସେଗୁଡ଼ିକ ପଛରେ ଅନ୍ୱେଷଣର ଆଦୌ କିଛି ମୂଲ୍ୟ ନାହିଁ, ...''

ତେଣୁ ଆମ ଜୀବନର ସମସ୍ତ ମୂଲ୍ୟ ଓ କୃତିତ୍ୱ ଯଦି ଆମେ ଭଗବାନଙ୍କ ସଙ୍ଗେ, ଭଗବତ୍ ଦିବ୍ୟ ଚେତନା ସଙ୍ଗେ ଏକ ହୋଇଯିବାର ଅଭୀପ୍ସା ଭିତରେ ଖୋଜୁ ତା'ହେଲେ କେବଳ ଆମ ଭିତର ଓ ବାହାର ଚେତନା ଭିତରେ ପ୍ରଥମେ ଭାରସାମ୍ୟ ରକ୍ଷା କରିବାକୁ ଏବଂ ଶେଷରେ ଦୁଇଟିକୁ ମିଳାଇ ଏକ କରି ଦେବାକୁ ସମର୍ଥ ହେବୁ ।

## (୨)

ସାଧାରଣତଃ ଆମେ ଯେଉଁ ଜୀବନଯାପନ କରୁଥାଉ ମା' ତାହାର ଏକ ଚିତ୍ର ଦେଇ କହିଛନ୍ତି, ''... ଲୋକେ ବାହ୍ୟ ପଦାର୍ଥଗୁଡ଼ିକୁ ନେଇ ବ୍ୟସ୍ତ ହୋଇ ରହିଥା'ନ୍ତି । ତାହାର ଅର୍ଥ ହେଉଛି ଯେ ସେମାନଙ୍କର ଚେତନା ବହିଃସ୍ଥ ବସ୍ତୁଗୁଡ଼ିକ ଆଡ଼କୁ ଧାବିତ ହୋଇ ରହିଥାଏ – ଅର୍ଥାତ୍, ଜଣେ ମଣିଷ ଯାହାକିଛି ଦେଖୁଥାଏ, ଜାଣୁଥାଏ ବା କରୁଥାଏ, ଗଭୀରତର ସତ୍ୟଟିକୁ ବା ଦିବ୍ୟ ପରମସତ୍ତାଙ୍କୁ ଲାଭ କରିବା ସକାଶେ ଭିତର ଆଡ଼କୁ ମୁହଁ କରି ରହିବା ପରିବର୍ତ୍ତେ ସେସବୁ ବାହାରମୁହାଁ ହୋଇ ରହିଥାଏ । ... ତୁମ ଚାରି ପାଖରେ ଯେଉଁ ଲୋକମାନେ ଥା'ନ୍ତି ଓ ତୁମେ ଯେଉଁ ବସ୍ତୁଗୁଡ଼ିକୁ ବ୍ୟବହାର କରୁଥାଅ – ସେଗୁଡ଼ିକୁ ନେଇ ବ୍ୟସ୍ତ ହୋଇ ରହିଥାଅ । ଏବଂ ତା'ପରେ ତୁମ ଜୀବନର ନାନା କାର୍ଯ୍ୟ : ଶୋଇବା, ଖାଇବା, କଥା କହିବା, କିଛି କାର୍ଯ୍ୟ କରିବା, କିଞ୍ଚିତ୍ ଆନନ୍ଦ ବି ଲାଭ କରିବା – ଏ ସବୁଥିରେ ବ୍ୟସ୍ତ ହୋଇ ରହିଥାଅ । ତା'ପରେ ସେଗୁଡ଼ିକୁ ପୁନର୍ବାର ଆରମ୍ଭ କରିବାକୁ ହୁଏ । ସେଇ ଶୋଇବା, ଖାଇବା ଇତ୍ୟାଦି ଇତ୍ୟାଦି

ପୁଣି ଆରମ୍ଭ ହୋଇଥାଏ – ପୁଣି ସରେ, ପୁଣି ଆରମ୍ଭ ହୋଇଯାଏ । ଏବଂ ତା'ପରେ ଅମୁକ ଲୋକ କ'ଣ କହିଲା, ସମୁକ ଲୋକ କ'ଣ କଲା, ତୁମର କ'ଣ କରିବା ଉଚିତ, ଜୀବନରୁ କି ଶିକ୍ଷା ପାଇବା ଉଚିତ – ଏବଂ ତା'ପରେ ତୁମ ଦେହ ଭଲ ଅଛି କି ନାହିଁ, ତୁମକୁ ଭଲ ଲାଗୁଛି କି ନାହିଁ – ଏହିପରି ଯାବତୀୟ କଥା । ତୁମେ ସାଧାରଣତଃ ଏହିସବୁ କଥା ଭାବି ବ୍ୟସ୍ତ ହୋଇ ରହିଥାଅ ।''

(୨ ନଭେମ୍ବର, ୧୯୫୫)

କିନ୍ତୁ ଆମେ ଏସବୁ କାହିଁକି କରି ଚାଲିଛୁ, ତା'ପଛରେ ଜୀବନର କ'ଣ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରହିଛି – ଏ ସମ୍ପର୍କରେ ଆମେ କେତେ ଟିକେ ଚିନ୍ତା କରୁ ? ଜୀବନର ଏକ ଚିରାଚରିତ ସୁଅରେ କୁଟା କାଠି ଭଳି କେବଳ ଭାସି ଚାଲିବା ଛଡ଼ା ଜୀବନର ରହସ୍ୟ ସମ୍ପର୍କରେ, ତା'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କୌଣସି ପ୍ରଶ୍ନର କୌଣସି ଉତ୍ତର ଆମ ପାଖରେ ନଥାଏ । ବୈଜ୍ଞାନିକମାନେ ବା ବସ୍ତୁବାଦୀ ଦାର୍ଶନିକମାନେ ହୁଏତ ଏଇ ସୁଅଟି କେଉଁସବୁ ଉପାଦାନରେ ଗଠିତ, ତାହାର ଗତିବେଗ କେତେ, କେଉଁ କାରଣରୁ ଓ କିପରି ଏହି ସୁଅ କେତେବେଳେ ପ୍ରଖର ଓ କେତେବେଳେ ମନ୍ଥର ହୋଇପଡ଼େ, ଏହି ସ୍ରୋତ ଆଗରେ କ'ଣ ପ୍ରତିବନ୍ଧକ ଦେଖାଦିଏ ଏବଂ ସେଗୁଡ଼ିକୁ ଦୂର କରିବାର ବାଟ ସମ୍ପର୍କରେ ନାନା ବାହ୍ୟ କାରଣ ଖୋଜି, ନାନା ପରିମାପ ଓ ଗବେଷଣା କରନ୍ତି; କିନ୍ତୁ ଏହି ସୁଅଟି କେଉଁଠୁ ଆସି କୁଆଡ଼େ ଯାଉଛି, ଜୀବନ-ସ୍ରୋତର ସେହି ଉତ୍ସ ଓ ଲକ୍ଷ୍ୟ ସମ୍ପର୍କରେ ସେମାନଙ୍କ ପାଖରେ କୌଣସି ଉତ୍ତର ନଥାଏ । କାରଣ ଜୀବନର କେବଳ ବାହ୍ୟ ରୂପଟି ସମ୍ପର୍କରେ ସେମାନଙ୍କର ସମସ୍ତ ପ୍ରଶ୍ନ ଓ ଗବେଷଣା । ବାହ୍ୟ ଚେତନା ଭିତରେ ଆବଦ୍ଧ ରହି ଏହି ପ୍ରଶ୍ନର ଉତ୍ତର ମିଳିବା ଅସମ୍ଭବ । ଜଣେ ଯେପର୍ଯ୍ୟନ୍ତ କେବଳ ଏକ ବାହ୍ୟ ଜୀବନଯାପନ କରୁଥାଏ, ସେ ରାଜା ହେଉ ବା କାଙ୍ଗାଳ ହେଉ, ତା'ପାଇଁ ଜୀବନ-ସ୍ରୋତର ଏକମାତ୍ର ଲକ୍ଷ୍ୟ ହେଲା, କବିଙ୍କ ଭାଷାରେ,

''ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି,
ଭେଟିବାକୁ ମୃତ୍ୟୁ ସିନ୍ଧୁ କରାଳ ଲହରୀ ।''

ତେଣୁ ଜୀବନ-ସ୍ରୋତର ରହସ୍ୟ ବୁଝିବାକୁ ହେଲେ ପ୍ରଥମ କାମଟି ହେଲା ନିଜ ଭିତର ଆଡ଼କୁ ଦୃଷ୍ଟି ଫେରାଇ ଏକ ଅନ୍ତର୍ଦୃଷ୍ଟି ଲାଭ କରିବା ଓ ଆନ୍ତର ଚେତନା ତଥା ଆନ୍ତର ଜୀବନ ସମ୍ପର୍କରେ ସଚେତ ହେବା । ସେତେବେଳେହିଁ କେବଳ ଆମେ ଆମ ଅନ୍ତରର ସତ୍ୟଟିକୁ ବୁଝି ପାରିବୁ । ଆମ ଜୀବନର ସୁଅଟି ଯେ ଏକ ଅନନ୍ତ ଦିବ୍ୟ ଚେତନାରୁ ଉତ୍ସାରିତ ଓ ପ୍ରବାହିତ ହୋଇ ଆସିଛି ଏବଂ ଜନ୍ମ ଗ୍ରହଣ କରି ଏକ ବିକାଶ ଓ ବିବର୍ତ୍ତନ ଭିତର ଦେଇ ଅଧିକରୁ ଅଧିକ ସମୃଦ୍ଧ ହୋଇ, ଦିବ୍ୟ ଚେତନାର ଓ ଦିବ୍ୟ ପୂର୍ଣ୍ଣତାର ଏକ ଅନନ୍ତ ମହାସମୁଦ୍ରରେ ମିଶି ଏକ ହୋଇଯିବା ପାଇଁ ଛୁଟି ଚାଲିଛି, ସେହି ଜ୍ଞାନଟି ରହିଛି କେବଳ ଆମର ଗଭୀର ତଥା ଭିତରେ ଥିବା ଅନ୍ତରାତ୍ମାର ବା ଚୈତ୍ୟ ଚେତନାର । କାରଣ ସେହି ଚୈତ୍ୟ ଚେତନାହିଁ ହେଉଛି ସେହି ଅନନ୍ତ ଦିବ୍ୟ ଚେତନାର ଅଂଶ ବିଶେଷ । ଏହା ମନ, ପ୍ରାଣ ଓ ଦେହର ବାହ୍ୟ ଚେତନା ଓ ବାହ୍ୟ ଜୀବନ ଭିତରେ ଆବଦ୍ଧ ନୁହେଁ । ଆମ ଜୀବନର ଲକ୍ଷ୍ୟ ସମ୍ପର୍କରେ, ତାହାର ବିବର୍ତ୍ତନ, ବିକାଶ ଓ ପରିଣତି ସମ୍ପର୍କରେ ତାହାର ଅଭ୍ରାନ୍ତ ଜ୍ଞାନ ରହିଛି । ମାୟାବାଦୀଙ୍କ ମତ ପରି ତା' ପାଇଁ ଏହି ଜୀବନର ସ୍ରୋତ ଏକ ମିଥ୍ୟା, ମାୟା ବା ଭ୍ରମ ନୁହେଁ ।

ଏକ ଦିବ୍ୟ ଯୋଜନା ଓ ସଂକଳ୍ପ ନେଇ ଏହି ବିଶ୍ୱ ସୃଷ୍ଟିକୁ ରୂପ ଦେଇଥିବା ଭଗବତ୍ ଚେତନା ସଙ୍ଗେ ନିତ୍ୟଯୁକ୍ତ ହୋଇ ରହିଥିବାରୁ ସେ ଏହି ସଂସାର ଓ ଜୀବନ ପଛରେ ଲୁକ୍କାୟିତ ହୋଇ ରହିଥିବା ଦିବ୍ୟ ସତ୍ୟ ଓ ଦିବ୍ୟ ଚେତନାର ସ୍ୱରୂପକୁ ଭଲ ଭାବରେ ଜାଣେ । ତେଣୁ ସେହି ଭଗବତ୍ ଚେତନାର ନିର୍ଦ୍ଦେଶ ଓ ଚାଳନା ଅନୁଯାୟୀ ସେ ଏହି ସଂସାର-ଜୀବନରେ ଜନ୍ମ ପରେ ଜନ୍ମ ଭିତର ଦେଇ ଅଂଶ ଗ୍ରହଣ କରି ଚାଲିଛି; ମନ, ପ୍ରାଣ ଓ ଦେହର ସମସ୍ତ ସୀମିତତାକୁ ଗ୍ରହଣ କରି ନେଇଛି ଶେଷରେ ସେଗୁଡ଼ିକୁ ଦିବ୍ୟ ଚେତନାରେ ରୂପାନ୍ତରିତ କରିବା ପାଇଁ ।

ଆମ ଜୀବନର ସମସ୍ତ ସାର୍ଥକତାର ଗୋପନ ରହସ୍ୟର ଚାବିକାଠି ରହିଛି ଏହି ଚୈତ୍ୟ ଚେତନା ପାଖରେ । ଏହି ଚୈତ୍ୟ ଚେତନାର ପୂର୍ଣ୍ଣ ଉନ୍ମୀଳନ ଓ ଜାଗରଣ ପାଇଁ ପଥ ସହଜ ହୋଇଯିବ ଯଦି ଆମେ ଭଗବାନଙ୍କ ସଙ୍ଗେ ଯୁକ୍ତ ଓ ମିଳିତ ହେବାକୁ ଆମ ଜୀବନର ଏକମାତ୍ର ଲକ୍ଷ୍ୟ ରୂପେ ଗ୍ରହଣ କରୁ । ଯଦିଓ ଭଗବାନ୍ ସର୍ବତ୍ର ପୂରି ରହିଛନ୍ତି କିନ୍ତୁ ତାଙ୍କୁ ପ୍ରତ୍ୟକ୍ଷ ଭାବେ ଅନୁଭବ ଓ ସାକ୍ଷାତ୍ କରିବାର ସାମର୍ଥ୍ୟ କେବଳ ଆନ୍ତର ଚେତନାରହିଁ ରହିଛି, ତେଣୁ ଆମର ପ୍ରଥମ କାମଟି ହେଲା ନିଜ ଭିତରକୁ ଦୃଷ୍ଟି ଫେରାଇବା । ଜୀବନର ଅର୍ଥ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଯଥାର୍ଥ ପ୍ରଶ୍ନ ଓ ଯଥାର୍ଥ ଉତ୍ତର ଆମେ କେବଳ ଆନ୍ତର ଚେତନାରୁହିଁ ପାଇପାରିବୁ ।

ମା'ଙ୍କ କଥାରେ, "This is the first step : to be interested more in the cause and goal than in the manifestation. That is, the first movement is a withdrawal of the consciousness from this total identification with outward and apparent things, and a kind of inward concentration on what one wants to discover, the Truth one wants to discover. This is the first movement."

(CWM, Vol. 7, pp. 349 - 350)

ଅର୍ଥାତ୍, ''ଏହାହିଁ ହେଉଛି ସର୍ବପ୍ରଥମ ପଦକ୍ଷେପ : ବାହ୍ୟ ପ୍ରକାଶଟି ଅପେକ୍ଷା କାରଣ ଏବଂ ଉଦ୍ଦେଶ୍ୟ ଆଡ଼କୁ ଆପଣାକୁ ଅଧିକ ଆଗ୍ରହାନ୍ୱିତ କରି ରଖିବା । ଅର୍ଥାତ୍, ସର୍ବପ୍ରଥମ କାର୍ଯ୍ୟଟି ହେଉଛି ବାହାରର ଆପାତଃ ସକଳବସ୍ତୁ ମଧ୍ୟରେ ଆମେ ନିଜକୁ ସେଗୁଡ଼ିକ ସଙ୍ଗେ ଯେପରି ଏକାତ୍ମ କରି ରଖିଛୁ, ସେହି ଅବସ୍ଥାରୁ ଚେତନାକୁ ପ୍ରତ୍ୟାହୃତ କରି ଆଣିବା ଏବଂ ଆମେ ପ୍ରକୃତରେ ଯାହାର ସନ୍ଧାନ କରୁଛୁ, ଯେଉଁ ପରମ ସତ୍ୟର ଆବିଷ୍କାର କରିବା ପାଇଁ ଚାହୁଁଛୁ, ତାହାରି ଉପରେହିଁ ଏକ ଧରଣର ଅନ୍ତର୍ମୁଖୀ ଏକାଗ୍ରତା ନେଇ ରହିବା । ଏହାହିଁ ହେଉଛି ସର୍ବପ୍ରଥମ କାର୍ଯ୍ୟ ।''

(କ୍ରମଶଃ)


Sri Aurobindo's work is a unique earth-transformation.

(CWM, Vol. 13, p. 21) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**



ଶ୍ରୀଅରବିନ୍ଦ, ୧୬ ଅକ୍ଟୋବର, ୧୯୦୯

ଶ୍ରୀଅରବିନ୍ଦଙ୍କ କଲିକତା ଜୀବନର ସଂକ୍ଷିପ୍ତ ବିବରଣୀ ସହ ସେହି ସମୟସୀମା ଭିତରେ ତାଙ୍କର ଶ୍ରୀପାଦ ସ୍ପର୍ଶ କରିଥିବା ବିଭିନ୍ନ ସ୍ଥାନ ଓ ନିକଟ ସାନ୍ନିଧ ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କର ଫଟୋଚିତ୍ରର ଏକ ସମାହାର ।

(ନବମ ପର୍ବ)

**୧୫ ଅଗଷ୍ଟ, ୧୯୦୯, ରବିବାର, ପୂର୍ବାହ୍ଣ :**

ଶ୍ରୀଅରବିନ୍ଦଙ୍କୁ ତାଙ୍କ ସପ୍ତତ୍ରିଂଶତ୍ ଜନ୍ମଦିନରେ ଅଭିବାଦନ ଅର୍ପଣ କରିବା ଉଦ୍ଦେଶ୍ୟରେ ତାଙ୍କ ବାସଭବନରେ ସମାବିଷ୍ଟ ହେଲେ ଏକ ତରୁଣ ଗୋଷ୍ଠୀ । ... ସେମାନେ ତାଙ୍କ ଉଦ୍ଦେଶ୍ୟରେ ଏକ 'ଅଭିନନ୍ଦନ ପତ୍ର' ପାଠ କରିବା ପରେ ଶ୍ରୀଅରବିନ୍ଦ ସେମାନଙ୍କୁ ଏହି ମର୍ମରେ କହିଥିଲେ :

''ମୋର ଶୈଶବରେହିଁ ମୁଁ ନିଜ ଭିତରେ ଏକ ଦୃଢ଼ ଅଭୀପ୍ସା ଅନୁଭବ କରୁଥିଲି ଯାହା ମୋ ଭିତରୁ ବାଳସୁଲଭ ଦୁର୍ବଳତାମାନ ଅନ୍ତର୍ହିତ ହେବା ସଙ୍ଗେ ସଙ୍ଗେ ଦୃଢ଼ତର ହେବାର ଅନୁଭବ କରୁଥିଲି । ଏବଂ ବିଦେଶରୁ ପ୍ରତ୍ୟାବର୍ତ୍ତନ କରି ଜନ୍ମଭୂମିରେ ପାଦ ଦେବା ମାତ୍ରେ ସେହି ଅଭୀପ୍ସା ପ୍ରବଳ ଉଦ୍ଦୀପନାମୟ ହୋଇ ଉଠିଛି ଏବଂ ବିଭିନ୍ନ ବାଧାବିଘ୍ନ ସେଇଟିକୁ ଅଧିକରୁ ଅଧିକ ଶକ୍ତିଶାଳୀ କରି ଗଢ଼ିଛି । ... ଭଗବାନଙ୍କ କୃପାବଳରେ ଯଦି କୌଣସି ଦିବ୍ୟ ଶକ୍ତି ନିଜକୁ ଏକ ମାନବସତ୍ତାର ଆଧାରରେ ପ୍ରକାଶ କରେ ତା'ର ବିକାଶ ପାଇଁ ଯେକୌଣସି ପ୍ରଚେଷ୍ଟା ଜାତୀୟ ଜୀବନ ପାଇଁ ଆଣିଦିଏ ଏକ ନୂତନ ଶକ୍ତି । ... ତେଣୁ ତୁମମାନଙ୍କୁ ଦୃଢ଼ ବିଶ୍ୱାସ ଓ ସର୍ବାନ୍ତଃକରଣରେ ମାତୃଭୂମିର ସେବାରେ ନିୟୋଜିତ ହେବାକୁ ହେବ । ... ଏହି ମୁହୂର୍ତ୍ତରେ ମାତୃଭୂମିର ସେବାହିଁ ଆମର ସର୍ବୋତ୍ତମ କର୍ତ୍ତବ୍ୟ । ... ଧୈର୍ଯ୍ୟ ହରାଇଲେ ହେବ ନାହିଁ, ହତାଶ ହେଲେ ଅଥବା ବିଶ୍ୱାସ ହରାଇଲେ ଚଳିବ ନାହିଁ । ... ଏହି ମୁହୂର୍ତ୍ତରେ ଆମ ପ୍ରତ୍ୟେକଙ୍କୁ ଶକ୍ତି ସଞ୍ଚୟ କରିବାକୁ ପଡ଼ିବ । ଜନନୀଙ୍କ ସେବା ନିମନ୍ତେ ନୂତନ ଆଶା ଓ ଶୌର୍ଯ୍ୟ ସହ ପ୍ରସ୍ତୁତ ହେବାକୁ ହେବ । ଦିବ୍ୟ ଶକ୍ତି ଏହି ମହାଜାତିକୁ ସଞ୍ଜୀବିତ କରିରଖିଛି । ଦିନେ ଏହି ଶକ୍ତି ଏ ମହାଜାତିକୁ କରିବ ଗୌରବୋଜ୍ଜ୍ୱଳ ।''



ଶ୍ରୀଅରବିନ୍ଦ
(କାରାମୁକ୍ତି ପରେ ସୁକୁମାର ମିତ୍ରଙ୍କ ଦ୍ୱାରା ନିଆଯାଇଥିବା ଫଟୋ)



୬ନଂ. କଲେଜ ସ୍କୋୟାର, 'ସଞ୍ଜୀବନୀ' ଅଫିସର ଉପର ମହଲାରେ ଥିବା ଶ୍ରୀଅରବିନ୍ଦଙ୍କର ବାସଭବନ ।

ସେହି ସମୟକାଳରେ ଜଣେ ମହାନ୍ ମନୀଷୀ ଭାବରେ ସୁବିଦିତ ଥିଲେ ଶ୍ରୀ ରାମାନନ୍ଦ ଚାଟାର୍ଜୀ । ତାଙ୍କ ସମ୍ପାଦିତ ‘The Modern Review’ର ୧୯୦୯ ନଭେମ୍ବର ସଂଖ୍ୟାରେ ପ୍ରକାଶିତ ବାର ପୃଷ୍ଠା ବ୍ୟାପୀ ‘Aurobindo Ghosh – A study’ ସନ୍ଦର୍ଭର ଲେଖକ ଥିଲେ ଶ୍ରୀ ଜିତେନ୍ଦ୍ର ଲାଲ ବନ୍ଦୋପାଧ୍ୟାୟ (୧୮୮୧-୧୯୪୦) । ସେ ପ୍ରେସିଡ଼େନ୍‌ସି କଲେଜରୁ ଇଂରାଜୀରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପରବର୍ତ୍ତୀ କାଳରେ ବିଦ୍ୟାସାଗର କଲେଜର ଇଂରାଜୀ ଅଧ୍ୟାପକ ଭାବରେ ପ୍ରସିଦ୍ଧି ଲାଭ କରିଥିଲେ । ତାଙ୍କ ଲିଖିତ ସନ୍ଦର୍ଭରୁ କିୟଦଂଶ ଏଠାରେ ଉଦ୍ଧାର କରୁଛୁ :



ଶ୍ରୀ ରାମାନନ୍ଦ ଚାଟାର୍ଜୀ (୧୮୬୫-୧୯୪୩): ଶ୍ରୀଅରବିନ୍ଦଙ୍କର ପ୍ରଦତ୍ତ ପ୍ରାୟ ସମସ୍ତ ଭାଷଣରେ ସେ ଉପସ୍ଥିତ ରହୁଥିଲେ ଏବଂ କେତୋଟିରେ ସେ ସଭାପତିତ୍ୱ ମଧ୍ୟ କରିଥିଲେ ।

‘‘... ଇତି ମଧ୍ୟରେ ଭାରତର ପୂର୍ବାଞ୍ଚଳ ଯେଉଁ ବୀର, ମନୀଷୀ, କବି ତଥା ସ୍ୱୟଂ ଅରବିନ୍ଦଙ୍କୁ ଜନ୍ମ ଦେଇଥିଲା, ସେଠାରେ ଘଟିବାକୁ ଆରମ୍ଭ କରିଥିଲା ଚାଞ୍ଚଲ୍ୟକର ଘଟଣାମାନ । ସେ (ଅରବିନ୍ଦ) ଯେଉଁ ଆନ୍ଦୋଳନର ପ୍ରଧାନ ପୁରୋଧା ଓ ପଥପ୍ରଦର୍ଶକ ହେବେ, ସମଗ୍ର ଭାରତବର୍ଷକୁ ଦିଗ୍‌ଦର୍ଶନ ଦେଇ ବିଶ୍ୱର ବିସ୍ମୟ ଓ ପ୍ରଶସ୍ତିର ଅଧିକାରୀ ହେବେ, ତାହାର ଅୟମାରମ୍ଭ ମୁହୂର୍ତ୍ତ ଆଗତ ହୋଇଥିଲା । ...

‘‘ପ୍ରଥମେ ଲକ୍ଷ୍ୟ କରିବା ଦେଶବାସୀଙ୍କ ଆଗରେ କେଉଁ ମହାନ୍ ଆଦର୍ଶ ଅରବିନ୍ଦ ଅବିଚଳ ଭାବରେ, ସତ୍‌ସାହସ ସହକାରେ ଟେକି ଧରିଛନ୍ତି । ସେ ଆଦର୍ଶ ‘ସରକାରଙ୍କ ସହ ସବିନୟ ସହଯୋଗ’ ନୁହେଁ ଅଥବା ଜନସାଧାରଣଙ୍କ ସକାଶେ ‘ଶାସନ ବ୍ୟବସ୍ଥାରେ ଅପେକ୍ଷାକୃତ ଅଧିକ ଅଂଶ ହାସଲ’ ନୁହେଁ, ଏପରିକି ‘ଔପନିବେଶିକ ସ୍ୱାୟତ୍ତଶାସନ’ ମଧ୍ୟ ନୁହେଁ । ଏକ ମହାଜାତି ଭାବରେ ଆମେ ସମ୍ପୂର୍ଣ୍ଣ ପରିପୂର୍ଣ୍ଣତା ଚାହୁଁ – ସେଥିରେ ସାମାନ୍ୟ ଊଣା ହେଲେ ଚଳିବ ନାହିଁ ।


‘‘... ସମସ୍ତ ନେତାଙ୍କ ଭିତରେ ଏକମାତ୍ର ଅରବିନ୍ଦହିଁ ଘୋଷଣା କଲେ ଯେ ଆମେ ମହାଜାତି ଭାବରେ ବଞ୍ଚିବୁ କିଂବା ମରିବୁ । କିନ୍ତୁ ଏ ଦାବି ଖାଲି ଉପସ୍ଥାପନ କରି ଅରବିନ୍ଦ କ୍ଷାନ୍ତ ହୋଇ ନାହାନ୍ତି, ସେ ଏହାକୁ ଏକ ଯୁକ୍ତିସମ୍ମତ ଓ ଦାର୍ଶନିକ ଭିତ୍ତିରେ ଉପସ୍ଥାପନ କରିଛନ୍ତି । ତାଙ୍କ ଚରିତ୍ର ସୁଗଭୀର, ଆଧ୍ୟାତ୍ମିକ । ସେ କହନ୍ତି, ‘ଏ ପୃଥିବୀରେ ମାନବ-ଜୀବନର ଏକମାତ୍ର ଲକ୍ଷ୍ୟ ହେଲା ଭଗବାନଙ୍କୁ ଉପଲବ୍ଧି କରିବା; ଆମ ନିଜ କର୍ମ ପରିସର ଭିତରେ ତାଙ୍କ ଇଚ୍ଛାହିଁ ପୂର୍ଣ୍ଣ କରିବା । ଆମ ବ୍ୟକ୍ତିଗତ ଜୀବନରେ ପୂର୍ଣ୍ଣତା, ପରିବାରରେ ପୂର୍ଣ୍ଣତା, ଗୋଷ୍ଠୀରେ ପୂର୍ଣ୍ଣତା, ମହାଜାତିରେ ପୂର୍ଣ୍ଣତା ଏବଂ ସର୍ବଶେଷରେ ସମଗ୍ର ମାନବଜାତିରେ ପୂର୍ଣ୍ଣତା ପ୍ରାପ୍ତି ଦ୍ୱାରାହିଁ ଏହି ଉପଲବ୍ଧି ସମ୍ଭବପର ହୋଇ ପାରିବ । ... ଆମେ ଆମ ସ୍ୱାତନ୍ତ୍ର୍ୟ ଉପଲବ୍ଧି ଦ୍ୱାରାହିଁ ଏହି ପୂର୍ଣ୍ଣତାର ସନ୍ଧାନ କରିବାକୁ ଚାହୁଁ । ...



THE MODERN REVIEW

A Monthly Review and Miscellany

Edited by Ramananda Chatterjee



ARAVINDA GHOSH—A STUDY

"Long after this controversy is hushed to silence, long after this turmoil, this agitation will have ceased, long after he is dead and gone, he will be looked upon as the poet of patriotism, as the prophet of nationalism and as the lover of humanity. His words will be echoed and re-echoed not only in India, but over distant seas and distant lands."

SUCH were the eloquent words with which Mr. C. R. Das brought to a close his magnificent oration in defence of Babu Aravinda Ghosh at the State trial which dragged its weary length from November to March in the Court of Mr. Beachcroft, the Sessions Judge of Alipore. '*Poet of patriotism*', '*prophet of nationalism*', '*lover of humanity*'—what a ring of passionate emphasis there is in the words! and how fervently have they been re-echoed in the hearts of myriads of men and women, all over the country! And yet the man who called forth this remarkable eulogy in his favour, whose release has been hailed with quiet happiness even by those who are in no sense his followers in politics, whose every word is hung upon with fond and reverent enthusiasm by multitudes of admiring fellow-countrymen, who has inspired with wholesome terror a bureaucracy, vigorous, triumphant, almost omnipotent, a man moreover against whom the police and the executive directed their whole artillery and whom yet they failed to crush—three short years ago, what was he? An obscure schoolmaster in a far-off province of India—one who had apparently failed in life and had retired into oblivion—a man unknown, unheard-of, an altogether negligible factor in the stirring and slow-heaving political atmosphere of the time. Even in 1905, when the clouds of coming unrest were gathering upon the political horizon of Bengal, when the country was passing through the birth-pangs of that National Movement which has since had such remarkable developments, who knew, who could even dream that Aravinda Ghosh would come up from his work in the far Western corner of India and would 'ride the whirlwind and direct the storm'? Had we not leaders of our own—men of tried virtue and proved ability,—men of note, experience

‘Modern Review’ର ୧୯୦୯ ନଭେମ୍ବର ସଂଖ୍ୟାରେ ପ୍ରକାଶିତ ଶ୍ରୀ ଜିତେନ୍ଦ୍ର ଲାଲଙ୍କର ‘Aravinda Ghosh – A Study’ ଶୀର୍ଷକ ସନ୍ଦର୍ଭର ପ୍ରଥମ ପୃଷ୍ଠାର ଅବିକଳ ପ୍ରତିଲିପି ।

‘‘... ହଁ, ଅରବିନ୍ଦ ଘୋଷ ଜଣେ ସ୍ୱପ୍ନବାଦୀ – କିନ୍ତୁ ସେ ତାଙ୍କ ଦେଶ ଓ ମଣିଷଙ୍କ ସକାଶେ ଦେଖନ୍ତି ସୁବର୍ଣ୍ଣ ସ୍ୱପ୍ନ – ଗୌରବ ଓ ବିଜୟର ସ୍ୱପ୍ନ – ସୁନ୍ଦର ଭବିଷ୍ୟତ୍ ବାଣୀ ସମ୍ବଳିତ ସ୍ୱପ୍ନ ।’’

ବିଂଶ ଶତାବ୍ଦୀର ପ୍ରଥମ ଦଶକର ପରିପ୍ରେକ୍ଷୀରେ ଏଭଳି ବିରଳ ସନ୍ଦର୍ଭର ଗୁରୁତ୍ୱ ଅପରିସୀମ ।


ଶ୍ରୀଅରବିନ୍ଦ ଜେଲରୁ ମୁକ୍ତି ପାଇବା ପରେ ସେ ଛବିଶ ଥର ଜନସାଧାରଣଙ୍କର ନିକଟ ସଂସ୍ପର୍ଶରେ ଆସିଥିଲେ । ତନ୍ମଧ୍ୟରୁ କଲେଜ ସ୍କୋୟାର୍‌ସ୍ଥିତ ମଇଦାନରେ ସେ ଛ'ଥର ଉପସ୍ଥିତ ଥିଲେ – ୧୯୦୯ ମସିହାର ୧୮ ଜୁଲାଇ, ୭ ଅଗଷ୍ଟ, ୨୨ ଅଗଷ୍ଟ, ୯ ଅକ୍ଟୋବର, ୧୫ ଅକ୍ଟୋବର ଏବଂ ୧୬ ଅକ୍ଟୋବରରେ ।



ତଦାନୀନ୍ତନ କଲେଜ ସ୍କୋୟାର୍ : ସମ୍ମୁଖରେ ରହିଛି ବିସ୍ତୀର୍ଣ୍ଣ ଜଳାଶୟ; ବାମରୁ ଡାହାଣକୁ ରହିଛି 'ୟୁନିଭରସିଟି ସେଣ୍ଟର୍ ହଲ୍', 'ହେୟାର୍ ସ୍କୁଲ' ଏବଂ 'ପ୍ରେସିଡେନ୍‌ସି କଲେଜ' । ଏସବୁର ସମ୍ମୁଖରେ ଥିବା ବୃହତ୍ ମଇଦାନରେ ସାଧାରଣତଃ ସଭାସମିତିମାନ ଅନୁଷ୍ଠିତ ହେଉଥିଲା । ଅଧୁନା ସେହି ମଇଦାନରେ ଗଢ଼ିଉଠିଛି 'ବିଦ୍ୟାସାଗର ଉଦ୍ୟାନ' ।

ଇତି ପୂର୍ବରୁ ଆମେ ୧୬ ଅକ୍ଟୋବରର ପୂର୍ବାହ୍ଣରେ ବିଡ଼ନ୍ ସ୍କୋୟାର୍‌ରେ ଅନୁଷ୍ଠିତ 'ରାକ୍ଷୀ ବନ୍ଧନ ଉତ୍ସବ' କଥା ଉଲ୍ଲେଖ କରିଛୁ । ପୁନଶ୍ଚ ସେହି ଦିନ ଅପରାହ୍ଣ ୨ଟା ୩୦ମି.ରୁ କଲିକତାର ବିଭିନ୍ନ ପ୍ରାନ୍ତରୁ ଦଳ ଦଳ ଆବାଳବୃଦ୍ଧବନିତା ଆସି କଲେଜ ସ୍କୋୟାର୍ ମଇଦାନରେ ଏକତ୍ର ହେଲେ । ସେମାନେ ତିନିଟା ବାଜିବାର ଠିକ୍ ପୂର୍ବରୁ ଶୃଙ୍ଖଳାବଦ୍ଧ ଭାବରେ ଏକ ଧାଡ଼ିବାନ୍ଧି ବିଶାଳ ଶୋଭାଯାତ୍ରାରେ କଲିକତାର 'ମିଳନ ମନ୍ଦିର ପଡ଼ିଆ' (Federation Hall Ground) ଦିଗରେ ଅଗ୍ରସର ହେଲେ । ...

ଯେତେବେଳେ ସୁରେନ୍ଦ୍ରନାଥ ବାନାର୍ଜୀ ଏବଂ ଶ୍ରୀଅରବିନ୍ଦ ମିଳନଭୂମିକୁ ପ୍ରବେଶ କଲେ, ଉପସ୍ଥିତ ପ୍ରାୟ ଦଶ ହଜାରରୁ ଊର୍ଦ୍ଧ୍ୱ ଜନତା 'ବନ୍ଦେ ମାତରମ୍'ର ଉଚ୍ଛ୍ୱସିତ ଧ୍ୱନିରେ ଦୁହିଁଙ୍କୁ ପ୍ରବଳ ଉତ୍ସାହର ସହିତ ଅଭିନନ୍ଦନ ଜଣାଇଲେ । ...





ଫେଡ଼େରେସନ୍ ହଲ୍ (ମିଳନ ମନ୍ଦିର) : ଏହାର ନିର୍ମାଣ କାର୍ଯ୍ୟରେ ବାର ବାର ତୀବ୍ର ପ୍ରତିବନ୍ଧକ ସତ୍ତ୍ୱେ ୧୯୫୫ରେ ଏହା ସମାପ୍ତ ହୋଇଥିଲା । ୧୬ ଅକ୍ଟୋବର ୧୯୦୫ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ମନ୍ଦିର ନିର୍ମାଣର ପରିକଳ୍ପନା ମୂଳରେ ଥିଲା 'ଅବିଭାଜ୍ୟ ବେଙ୍ଗଲ'ର ସ୍ମୃତିରକ୍ଷା ।

(ସଭାପତି ଏ. ଚୌଧୁରୀଙ୍କର ଭାଷଣ ପରେ) ଶ୍ରୋତାଗଣଙ୍କ ମଧ୍ୟରେ କେତେକଙ୍କର ସମବେତ ଅନୁରୋଧରେ ଶ୍ରୀଅରବିନ୍ଦ ମଞ୍ଚ ଉପରକୁ ଆସି ଦଣ୍ଡାୟମାନ ହେଲେ । ଗଭୀର ଆନନ୍ଦୋଲ୍ଲାସରେ ଶ୍ରୋତାମଣ୍ଡଳୀ ତାଙ୍କର କ୍ଷଣିକ ଦର୍ଶନ ଲାଭ କରି ଗୃହାଭିମୁଖୀ ହେଲେ ।

ପ୍ରକାଶ ଥାଉକି ଉପରୋକ୍ତ ୧୬ ଅକ୍ଟୋବର ଦିନଟି ଥିଲା ଶ୍ରୀଅରବିନ୍ଦଙ୍କର ସମଗ୍ର କଲିକତା ରହଣିକାଳରେ ଜନସମାବେଶରେ ତାଙ୍କର ଅନ୍ତିମ ଉପସ୍ଥିତି ।

ଶ୍ରୀଅରବିନ୍ଦଙ୍କ କାରାମୁକ୍ତି ପରେ ସରକାରୀ ମହଲରେ କିନ୍ତୁ ଘମାଘୋଟ ଆଲୋଚନା ଓ ଯୁକ୍ତିତର୍କ ଅବ୍ୟାହତ ରହିଥାଏ — ଆଲିପୁର ରାୟ ବିରୋଧରେ ଅପିଲ କରିବା ଠିକ୍ ହେବ ନା ସିଧାସଳଖ କୌଣସି ଆଇନରେ ତାଙ୍କୁ କାରାରୁଦ୍ଧ ବା ଦେଶାନ୍ତର କରାଯିବ । ...

୧୯୦୯ ଜୁଲାଇରେ ଭଗିନୀ ନିବେଦିତା ସରକାରଙ୍କ ଦୁରଭିସନ୍ଧି କଥା ଶ୍ରୀଅରବିନ୍ଦଙ୍କୁ ଜଣାଇ ଦେଇଥିଲେ । ଏବଂ ସେତେବେଳେ ଶ୍ରୀଅରବିନ୍ଦଙ୍କର 'An Open Letter to My Countrymen' ଶୀର୍ଷକ ଲେଖାର ପ୍ରଭାବରେ ସରକାର ହାତ ବାନ୍ଧି ବସିଥିଲେ । ...

୧୯୧୦ ଫେବ୍ରୁଆରୀ ଶେଷ ବେଳକୁ ଶ୍ରୀଅରବିନ୍ଦଙ୍କର 'କର୍ମଯୋଗିନ୍'ରେ 'To My Countrymen'ରେ ଲିଖିତ ଏକ ସନ୍ଦର୍ଭକୁ ନେଇ ସରକାର ଏହା ରାଜଦ୍ରୋହମୂଳକ ବୋଲି ଅଭିଯୋଗ କରି ତାଙ୍କୁ ଗିରଫ କରିବାକୁ ସିଦ୍ଧାନ୍ତ ନେଲେ । ଉପରୋକ୍ତ ପ୍ରବନ୍ଧରେ 'ମର୍ଲେ-ମିଣ୍ଟୋ ଶାସନ



the creed were a declaration of the Nationalist faith. Such a limitation deprives the Congress of its free and representative character, it hampers aspiration and public opinion, it puts a premium on political hypocrisy. Even if we allow the argument of the Bengal Moderates, our fundamental objection to Article II is not removed. It is an exclusory clause, it limits the right of the people to elect any representative they choose, it sets up an authority over the electorate in the same way as the exclusory clauses of the Government Reform Councils Regulations, it is a sort of Congress Test Act arbitrary and undemocratic. The true democratic principle is that the man elected by the people must be recognised as a delegate, whatever his opinions. We shall always oppose any restriction of the freedom of election by the Government; how can we consistently do so, if we recognise a restriction in a popular assembly of our own making? And if this principle of exclusion is once admitted, where is it to stop? What guarantees us against the future introduction of a new clause demanding the signing of a declaration renouncing Boycott and passive resistance as a precondition of entrance into the Pandal?

It will be seen therefore that from whatever point of view it is taken the refusal to accept Article II. of the Convention rules was not only reasonable, but the Nationalists could not have taken any other course without committing political and moral suicide. The reasonableness of our position on the two other points is self-evident and need not be argued. The refusal of these liberal concessions even by the Bengal Moderates shows that the holding of an united Congress is impossible. The argument that the Convention cannot accept they renew negotiations until either the Convention is dead and buried or the Moderate leaders give up their attachment to the Convention creed and constitution.'

### TO MY COUNTRYMEN.


Two decisive incidents have happened which make it compulsory on the Nationalist party to abandon their attitude of reserve and expectancy and once more assume their legitimate place in the struggle for Indian liberties. The Reforms, so long trumpeted as the beginning of a new era of constitutional progress in India, have been thoroughly revealed to the public intelligence by the publication of the Councils Regulations and the results of the elections showing the inevitable nature and composition of the new Councils. The negotiations for the union of Moderates and Nationalists in an United Congress have failed owing to the insistence of the former on the Nationalists subscribing to a Moderate profession of faith.

The survival of Moderate politics in India depended on two factors, the genuineness and success of the promised Reforms and the use made by the Coventionists of the opportunity given them by the practical suppression of Nationalist public activity. The field was clear for them to establish the effectiveness of the Moderate policy and the living force of the Moderate party. Had the Reforms been a genuine initiation of constitutional progress, the Moderate tactics might have received some justification from events. Or had the Moderates given proof of the power of carrying on a robust and vigorous agitation for popular rights, their strength and vitality as a political force might have been established, even

By the incontrovertible logic of events it has appeared that the success and vigour of the great movement inaugurated in 1905 was due to the union of Moderate and Nationalist on the platform of selfhelp and passive resistance. It was in order to provide an opportunity for the reestablishment of this union, broken at Surat, that the Nationalists gathered in force at Hughly in order to secure some basis and means of negotiation which might lead to united effort. The hand which we held out, has been rejected. The policy of Lord Morley has been to rally the Moderates and coerce the Nationalists; the policy of the Moderate party led by Mr. Gokhale and Sir Pherozshah Mehta has been to play into the hands of that policy and give it free course and a chance of success. This alliance has failed of its object; the beggarly reward the Moderates have received, has been confined to the smallest and least popular elements in their party. But the rejection of the alliance with their own countrymen by the insistence on creed and constitution shows that the Moderates mean to persist in their course even when all motive and political justification for it have disappeared. Discomfited and humiliated by the Government, they can still find no way to retrieve their position nor any clear and rational course to suggest to the Indian people whom they misled into a misunderstanding of the very limited promises held out by Lord Morley.

Separated from the great volume of Nationalist feeling in the country, wilfully shutting its doors to popularity and strength by the formation of electorates as close and limited as those of the Reformed Councils, self-doomed to persistence in a policy which has led to signal disaster, the

'କର୍ମଯୋଗିନ୍'ରେ ଡିସେମ୍ବର ୨୫, ୧୯୦୯ରେ ପ୍ରକାଶିତ 'To My Countrymen' ନିବନ୍ଧର ପ୍ରଥମ ପୃଷ୍ଠାର ଅବକଳ ପ୍ରତିଲିପି (Vol. 1, No. 25, 25th December 1909)



Had they in addition consciously drawn up and educated the whole people, all the fruits of that good Karma would have gone to England. But the education they have given is bad, meagre and restricted to the few, and their sympathy for the people has been formal and deficient. In consequence the main flood of the new thought and knowledge has been diverted to America, the giant of the future, which alone of the nations has shown an active and practical sympathy and understanding of our nation. British karma in India has been bad in so far as it has destroyed our industries and arrested our national development. This Karma is also beginning to recoil, patently in Boycott and unrest, much more subtly in the growing demoralisation of British politics. Already the jealous love of liberty is beginning to wane in the upper classes in England, political thinkers are emerging who announce the failure of democracy, the doctrine of the rule of the strong man is gaining ground and the temptation to strengthen the executive at the expense of the liberty of the citizen is proving too powerful even for a Radical Government. It seems impossible that even a veiled despotism or a virtual oligarchy should ever again rule in England, yet stranger things have happened in history. The change may come by the growth of Socialism and the seizure of the doctrine of State despotism by masterful and ambitious minds to cloak an usurpation the ancient and known forms of which would not be tolerated, just as the Caesars, while avoiding the detested name and form of kingship, yet ruled Rome under the harmless titles of Princeps and Imperator, first man of the state and general, far more despotically than Tarquin could have done. Under whatever disguises the change may steal upon the people, one thing is certain that if Lord Morley and the Anglo-Indian proconsuls succeed in perpetuating absolutism in India, it will recoil from India to reconquer England. The Nationalists of this country are fighting not only for the liberties of India but for the liberties of England.

**Liberty or Empire.**

It is an ancient and perpetually recurring choice British people, the choice between liberty and empire. The two are incompatible except by the substitution of a free federation for a dominion. Rome was offered the choice. She won an empire and lost her liberty. External expansion has always been accompanied by a concentration of internal power in King or oligarchy. Athens, the only people who attempted to be imperial and despotic abroad and democratic at home, broke down in the attempt. In English history also we find that the great expansion in the eighteenth century led to the reactionary rule of the third George and it was not till England after the severe lesson in America adopted her present colonial system that expansion and democracy went hand in hand. That system was not an imperial system but a loose collection of free states only nominally united by the British Crown. The Indian problem is the test of British Liberalism. The colonial system as it stands cannot obtain between two States which are not mother and daughter. The one would not tolerate it, the other would not be content with it. But if England can bring herself to extend in a different form the principle of a collection of free States to India, she may keep her position in the world and her liberty together. Despotic Empire and liberty she cannot keep; she must either yield up absolutism abroad or renounce liberty at home.

### AN OPEN LETTER TO MY COUNTRYMEN.

The position of a public man who does his duty in India to-day, is too precarious to permit of his being sure of the morrow. I have recently come out of a year's seclusion from work for my country on a charge which there was not a scrap of reliable evidence to support, but my acquittal is no security either against the trumping up of a fresh accusation or the arbitrary law of deportation which dispenses with the inconvenient formality of a charge and the still more inconvenient necessity of producing evidence. Especially with the hounds of the Anglo-Indian Press barking at our heels and continually clamouring for Government to remove voice to speak of patriotism and its duties, the liberty of the person is held on a tenure which is worse than precarious. Rumour is strong that a case for my deportation has been submitted to the Government by the Calcutta Police and neither the tranquillity of the country nor the scrupulous legality of our procedure is a guarantee against the contingency of the all-powerful fiat of the Government watchdogs silencing scruples on the part of those who advise at Simla. Under such circumstances I have thought it well to address this letter to my countrymen, and especially to those who profess the principles of the Nationalist party, on the needs of the present and the policy of the future. In case of my deportation it may help to guide some who would be uncertain of their course of action, and, if I do not return from it, it may stand as my last political will and testament to my countrymen.

The situation of the Nationalist party is difficult but not impossible. The idea of some that the party is extinct because its leaders are sentenced or deported, is an error which comes of looking only at the surface. The party is there, not less powerful and pervading than before, but in want of a policy and a leader. The first it may find, the second only God can give it. All great movements wait for their Godsent leader, the willing channel of His force, and only when he comes, move forward triumphantly to their fulfilment. The men who have led hitherto have been strong men of high gifts and commanding genius, great enough to be the protagonists of any other movement, but even they were not sufficient to fulfil one which is the chief current of a worldwide revolution. Therefore the Nationalist party, custodians of the future, must wait for the man who is to come, calm in the midst of calamity, hopeful under defeat, sure of eventual emergence and triumph and always mindful of the responsibility which they owe not only to their Indian posterity but to the world.

Meanwhile the difficulties of our situation ask for bold yet wary walking. The strength of our position is moral, not material. The whole of the physical strength in the

'କର୍ମଯୋଗିନ୍'ରେ ପ୍ରକାଶିତ 'An Open Letter to My Countrymen' ପ୍ରବନ୍ଧର କିୟଦଂଶର ଅବିକଳ ପ୍ରତିଲିପି । (Vol. 1, No. 6, 31st July 1909)

ସଂସ୍କାର'କୁ ଶ୍ରୀଅରବିନ୍ଦ ଯେପରି ପ୍ରଖର ଯୁକ୍ତି ଯୋଗେ ସମାଲୋଚନା କରିଥିଲେ, ସେଥିରେ କର୍ତ୍ତୃପକ୍ଷ ଧୈର୍ଯ୍ୟ ହରାଇଲେ । ବଙ୍ଗ ସରକାର ଓ କେନ୍ଦ୍ର ସରକାର (ଉଭୟଙ୍କ ରାଜଧାନୀ କଲିକତା)ଙ୍କ ଭିତରେ ସେ ବିଷୟ ଉପରେ ଚିଠିପତ୍ର ଓ ତଥ୍ୟ ସଙ୍କଳନ ଏବଂ ଆହୁରି ତାତ୍ପର୍ଯ୍ୟପୂର୍ଣ୍ଣ ଦଲିଲପତ୍ର, ମର୍ଲେ ଓ ମିଣ୍ଟୋଙ୍କ ଭିତରେ ଆଦାନପ୍ରଦାନ ହୋଇଥିବା ସମସ୍ତ ଚିଠିପତ୍ର — ଏସବୁର ସଙ୍କଳନ ଏକ ସ୍ୱତନ୍ତ୍ର ପୁସ୍ତକ ହେବ । ...

ସେହିସବୁ ନଥିପତ୍ରର କିୟଦଂଶର ସଂକ୍ଷିପ୍ତସାର ଏହିପରି –

ବମ୍ବେ ହାଇକୋର୍ଟ୍‌ର ଆଡ଼ଭୋକେଟ୍ ଜେନେରାଲ ମି. ଷ୍ଟ୍ରଙ୍ଗମ୍ୟାନ୍ ଏବଂ କଲିକତାର ସେସନ୍‌ସ୍ କୋର୍ଟ୍‌ର ପ୍ରଧାନ ଓକିଲ ମି. ନର୍ଟନ୍‌ଙ୍କ ମତରେ ଶ୍ରୀଅରବିନ୍ଦଙ୍କୁ ମୁକ୍ତି ଦେଇ ବିଚାର-ପଦ୍ଧତି ପଥଭ୍ରଷ୍ଟ ହୋଇଛି । ତେଣୁ ତାଙ୍କ ବିରୋଧରେ କଲିକତା ହାଇକୋର୍ଟ୍‌ରେ ଅପିଲ ସଫଳ ହେବାର ସମ୍ଭାବନା ଉତ୍ତମ । ...



ତଦାନୀନ୍ତନ ବମ୍ବେ ହାଇକୋର୍ଟ୍

ବଙ୍ଗ ସରକାର (ସାର୍ ଏଡୱାର୍ଡ୍ ବେକାରଙ୍କ ସରକାର)ଙ୍କ ବିଚାରରେ ଅଧୁନା ଶ୍ରୀଅରବିନ୍ଦଙ୍କ ବିରୋଧରେ ପୁନର୍ବାର କୌଣସି ଅଭିଯୋଗ ଆଣି ଅପିଲ କରିବା ଆଦୌ ସମୀଚୀନ ନୁହେଁ; ଏଥିରେ ଜନସାଧାରଣରେ ତାଙ୍କର ପ୍ରଭାବ ବ୍ୟାପକତର ହେବ । କିନ୍ତୁ ତାଙ୍କର ବକ୍ତୃତାବଳି ଓ ନିବନ୍ଧସବୁର ଆଭିମୁଖ୍ୟ – 'ସ୍ୱରାଜ' ଆଦର୍ଶକୁ ଧର୍ମ ପର୍ଯ୍ୟାୟକୁ ଉନ୍ନୀତ କରି ଦେଶବ୍ୟାପୀ ଯେତେ ପ୍ରସାର କରାଯାଇ ପାରେ ତାହା କରିବା । ... ତାଙ୍କର ଏ ପ୍ରୟାସରୁ ଯେଉଁ ପ୍ରକାରର ବିପଦ ଉପୁଜିବ, ସେସମ୍ପର୍କରେ ସନ୍ଦେହର ଅବକାଶ ନାହିଁ । ...


ତଦାନୀନ୍ତନ କଲିକତାର ସେସନ୍‌ସ କୋର୍ଟ୍

ନଥିପତ୍ର ସବୁରୁ ସ୍ପଷ୍ଟ ହୁଏ ଯେ କୌଣସି ମତେ ଶ୍ରୀଅରବିନ୍ଦଙ୍କୁ ଭାରତରୁ ଅପସାରିତ ନକରିବା ଯାଏ ବଙ୍ଗ ସରକାର ଓ ଭାରତ ସରକାର ନିୟତ ଉଦ୍‌ବିଗ୍ନ ଓ ପ୍ରାୟ ଭୟଭୀତ ରହୁଥିବେ । ... ତେଣୁ ବଙ୍ଗ ସରକାରଙ୍କ ପ୍ରସ୍ତାବରେ ଭାରତ ସରକାର (ଲର୍ଡ଼ ମିଣ୍ଟୋ) ଏକମତ ହୋଇ ତାଙ୍କର ତୁଙ୍ଗ ସଚିବବୃନ୍ଦଙ୍କ ପରାମର୍ଶରେ ୧୯୧୦ ଜାନୁଆରୀ ୧୪ ତାରିଖରେ ବଙ୍ଗ ସରକାରଙ୍କ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଲେ ଯେ ଶ୍ରୀଅରବିନ୍ଦଙ୍କର 'To My Countrymen' ଶୀର୍ଷକ ନିବନ୍ଧ ରାଜଦ୍ରୋହମୂଳକ ବୋଲି ପ୍ରତିପାଦିତ ହେଲା ଭଳି ଉପାଦାନ ରହିଛି କି ନାହିଁ – ଏ ସମ୍ବନ୍ଧରେ ଆଇନଜ୍ଞମାନଙ୍କ ଦ୍ୱାରା ଯାଞ୍ଚ କରିବାର ଯଥାଶୀଘ୍ର ବ୍ୟବସ୍ଥା କରାଯାଉ ।


ସାର୍ ଏଡୱାର୍ଡ୍ ବେକାର୍



ତଦାନୀନ୍ତନ କଲିକତାର ହାଇକୋର୍ଟ୍

ଆହୁରି କେତେ ମତାମତର ଆଦାନପ୍ରଦାନ ଅନ୍ତେ ୧୯୧୦ ଫେବ୍ରୁଆରୀ ୨୫ ତାରିଖରେ ସରକାର ପିଙ୍ଗଲ କୋଡ଼ର ୧୨୪(ଏ) ଧାରାନୁସାରେ ରାଜଦ୍ରୋହ ଅଭିଯୋଗ ଆଣି ଶ୍ରୀଅରବିନ୍ଦଙ୍କୁ ଅବିଳମ୍ବେ ଗିରଫ କରିବାକୁ ସିଦ୍ଧାନ୍ତ ନେଲେ ।

କିନ୍ତୁ ଆଶ୍ଚର୍ଯ୍ୟର କଥା ସିଦ୍ଧାନ୍ତ ଅନୁସାରେ ତତ୍କ୍ଷଣାତ୍ ପଦକ୍ଷେପ ନିଆଗଲା ନାହିଁ । ସରକାର କ'ଣ କୌଣସି ଅଜଣା କାରଣରୁ ଆହୁରି କିଛି ଘଟିବାକୁ


ଭାଇସ୍‌ରାୟ, ଲର୍ଡ଼ ମିଣ୍ଟୋ ତାଙ୍କର ଉପଦେଷ୍ଟାଗଣଙ୍କ ସହିତ


ସାର୍ ଏଡ଼୍‌ୱାଡ୍ ବେକାର୍ (ବାମରୁ ଦ୍ୱିତୀୟ)
ତାଙ୍କର ଉପଦେଷ୍ଟା ମଣ୍ଡଳୀଙ୍କ ସହିତ ।

ଅପେକ୍ଷା କରୁଥିଲେ ? – ଏ ରହସ୍ୟ ଅଦ୍ୟାବଧି ଉନ୍ମୋଚିତ ହୋଇ ନାହିଁ ।

ତେବେ ସରକାର ନିଶ୍ଚିତ ଥିଲେ ଯେ ସେମାନଙ୍କ ଶିକାର ସେମାନଙ୍କ ଲୌହ ସଣ୍ଡୁଆଶି ସଦୃଶ ହାତ ପାହାନ୍ତାରେ ରହିଛନ୍ତି । ...

କ୍ରମେ ପୁଲିସ କର୍ତ୍ତୃପକ୍ଷ ହୃଦୟଙ୍ଗମ କଲେ ଯେ ଶ୍ରୀଅରବିନ୍ଦ ସମ୍ଭବତଃ ଆତ୍ମଗୋପନ କରି ସାରିଲେଣି । ... ଗୋଟାଏ ବିଧିବଦ୍ଧ ସମନ ଯୋଗେହିଁ ସମ୍ଭାବ୍ୟ ସ୍ଥାନ ତଲାସ କରିବାର ଅଧିକାର ମିଳିବ ।


ଅତଏବ ୧୯୧୦ ଏପ୍ରିଲ ୪ ତାରିଖରେ ପ୍ରଧାନ ପ୍ରେସିଡେନ୍‌ସି ମାଜିଷ୍ଟ୍ରେଟ୍ ଶ୍ରୀଅରବିନ୍ଦଙ୍କ ବିରୋଧରେ ସମନ ଜାରି କଲେ – ଅବିଳମ୍ବେ ତାଙ୍କୁ ଗିରଫ କରିବା ନିମନ୍ତେ ।

ଅପୂର୍ବ ଯୋଗାଯୋଗ ! ସେହିଦିନହିଁ ଶ୍ରୀଅରବିନ୍ଦ ଫରାସୀ ଉପନିବେଶ ପଣ୍ଡିଚେରୀରେ ପଦାର୍ପଣ କଲେ !


ପୁଲିସ ହେଡ୍ କ୍ୱାଟର୍‌ସ୍, ଲାଲବଜାର


ବେଙ୍ଗଲର କାଉନ୍‌ସିଲ୍ ଚେମ୍ବର, ୧୯୦୩

ଉପେନ୍ଦ୍ର ଚନ୍ଦ୍ରଙ୍କ ଉକ୍ତିରୁ : ''ଇତି ମଧ୍ୟରେ 'କର୍ମଯୋଗିନ୍'ର କାମ ବୃଦ୍ଧି ପାଇବା ହେତୁ ଶ୍ୟାମବଜାର ଷ୍ଟ୍ରୀଟ୍‌ର ଅଫିସ ଘରଟି ନିଅଣ୍ଟ ହେବାରୁ ଅନତିଦୂରରେ ଥିବା ଶ୍ୟାମପୁକୁର ଲେନ୍‌ର ୪ନଂ. ଘରଟିକୁ 'ଧର୍ମ' ଓ 'କର୍ମଯୋଗିନ୍'ର ଅଫିସ ରୂପେ ଭଡ଼ାରେ ନିଆଗଲା । ଶ୍ୟାମବଜାର ଅଫିସରେ 'ଶ୍ରୀନାରାୟଣ ପ୍ରେସ' ଥିଲା । ଏବେ 'ଧର୍ମ' ନିମନ୍ତେ ଏହି ନୂତନ ଘରେ ନୂତନ କରି 'ଶ୍ରୀ ମାଧବ ପ୍ରେସ' ଆରମ୍ଭ କରିବା ନିମିତ୍ତ ଟାଇପ୍ ଓ ଆବଶ୍ୟକୀୟ ସରଞ୍ଜାମସବୁର ବନ୍ଦୋବସ୍ତ କରି ଜାନୁଆରୀ ୧୯୧୦ରୁ ଏଠାରେ କାର୍ଯ୍ୟାରମ୍ଭ ହେଲା । ...''


ঠিকানা পরিবর্ত্তন।
ধর্ম্মের আফিসের ঠিকানা ১৪নং শ্যামবাজার ষ্ট্রীট হইতে ৪নং শ্যামপুকুর লেনে পরিবর্ত্তিত হইল।

'ଧର୍ମ' ପତ୍ରିକାର ୧୨ ପୌଷ, ୧୩୧୬, ୧୭ଶ ସଂଖ୍ୟା, ପୃଷ୍ଠା୨ରେ ପ୍ରକାଶିତ 'ଠିକଣା ପରିବର୍ତ୍ତନ' ବିଜ୍ଞାପନର ଅବିକଳ ଫଟୋଚିତ୍ର



ଉପେନ୍ଦ୍ର ଚନ୍ଦ୍ର ଭଟ୍ଟାଚାର୍ଯ୍ୟ
(୧୮୯୨ – ୧୯୭୪)

ଇତ୍ୟବସରେ ଆମେ ସେହି ସମୟକାଳରେ ଶ୍ରୀଅରବିନ୍ଦଙ୍କର ଦୈନନ୍ଦିନ କ୍ରିୟାକଳାପର କିଛି ଆଭାସ ଦେବୁ – ଏହି ସମୟରେ ନିତି ସକାଳେ 'ଯୁଗାନ୍ତର' ଗୋଷ୍ଠୀର କେତେକ ଯୁବକ ଶ୍ରୀଅରବିନ୍ଦଙ୍କ ଠାରୁ ଗୀତା ପଢ଼ିବା ସକାଶେ ତାଙ୍କ ବାସଭବନକୁ ଆସୁଥିଲେ । ଏହି କ୍ଲାସଟି ଘରର ଉପର ମହଲା ବାରଣ୍ଡାରେ ହେଉଥିଲା । ଗୋଡ଼-ହାତ କାଲୁଆ ମାରିଯାଉଥିବା ସେହି ପ୍ରବଳ ଶୀତ ଦିନରେ ବି ଶ୍ରୀଅରବିନ୍ଦ ଧୋତି ଓ ଖଣ୍ଡିଏ ଜାମା ପିନ୍ଧି ସ୍ଥିରାସନରେ ବସି ସେମାନଙ୍କୁ ଗୀତା ବୁଝାଉଥିଲେ । କେବେ କେବେ ସେ ଗୀତା ବ୍ୟାଖ୍ୟା କରିବାକୁ ଯାଇ ଏପରି ଅଭିନିବିଷ୍ଟ ହୋଇ ଯାଉଥିଲେ ଯେ ମଧ୍ୟାହ୍ନ ଭୋଜନର ସମୟ ଗଡ଼ିଯାଉଥିଲା । ଉପରଓଳି ସେ ପ୍ରାୟ 'ଧର୍ମ' ଓ 'କର୍ମଯୋଗିନ୍'ର ଲେଖା ନେଇ ବ୍ୟସ୍ତ ରହୁଥିଲେ ।



ଶ୍ୟାମପୁକୁର ଲେନ୍‌ର ଛବି (୧୯୯୫);
ଏହି ଲେନ୍‌ର ତଦାନୀନ୍ତନ ୪ ନଂ.ରେ ଥିଲା
'ଧର୍ମ' ଓ 'କର୍ମଯୋଗିନ୍' ଅଫିସ

କୃଷ୍ଣ କୁମାର ମିତ୍ରଙ୍କର ପୋଷ୍ୟପୁତ୍ର ଥିଲେ ଯୁବକ ନଗେନ୍ଦ୍ର କୁମାର ଗୁହରାୟ । କୃଷ୍ଣ ବାବୁ ତାଙ୍କର ଭରଣ-ପୋଷଣ ଏବଂ ଶିକ୍ଷାଦାନ ଆଦି ସବୁକିଛିର ଭାର ବହନ କରୁଥିଲେ । ସେ କିନ୍ତୁ କୃଷ୍ଣ ବାବୁଙ୍କ ବାସଭବନର ଅନତିଦୂରରେ ଏକ ମେସ୍‌ରେ ରହୁଥିଲେ । ଏହି ସମୟରେ କୃଷ୍ଣ ବାବୁ ଆଗ୍ରା ଜେଲରେ ନିର୍ବାସିତ ଥିବାରୁ ନଗେନ୍ଦ୍ର ନିୟମିତ ତାଙ୍କ ବାସଭବନକୁ ଆସି ତାଙ୍କ ପୁତ୍ର ସୁକୁମାରଙ୍କ ସହିତ ପରିବାରର ସମସ୍ତ ବିଷୟ ଦେଖାଶୁଣା ଭାର ନେଇଥିଲେ ।



୬ ନଂ. କଲେଜ ସ୍କୋୟାର୍,
ଶ୍ରୀଅରବିନ୍ଦଙ୍କ ବାସଭବନ

ନଗେନ୍ଦ୍ରଙ୍କର ବର୍ଣ୍ଣନାନୁସାରେ କେବେ କେବେ (ଖୁବ୍ ସମ୍ଭବତଃ) ଉପରଓଳି ଏହି ବାସଭବନରେ କୃଷ୍ଣ ବାବୁଙ୍କ ପରିବାରବର୍ଗଙ୍କ ସହିତ ଅନ୍ୟ କେତେକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କୁ କେନ୍ଦ୍ର କରି ମୁଖ୍ୟତଃ ଦେଶର ତତ୍କାଳୀନ କୌଣସି ଏକ ରାଜନୈତିକ ଘଟଣା ବା ପରିସ୍ଥିତି ସମ୍ବନ୍ଧରେ ଆଲୋଚନା କରୁଥିଲେ । ... ପରିଶେଷରେ ଶ୍ରୀଅରବିନ୍ଦଙ୍କର ସଂକ୍ଷିପ୍ତ ବକ୍ତବ୍ୟରେ ରହୁଥିଲା ଏକ ଅନ୍ତର୍ନିହିତ ଶକ୍ତିର ପ୍ରେରଣା ଏବଂ ସତ୍ୟଦ୍ରଷ୍ଟା ଋଷିଙ୍କର ସତ୍ୟାନୁଭୂତିର ପରିପ୍ରକାଶ । ...



ବାସନ୍ତୀ, ସରୋଜିନୀ ଓ କୁମୁଦିନୀ




(ମା)
ଲୀଳାବତୀ ଦେବୀ

କୃଷ୍ଣ ବାବୁଙ୍କ କନ୍ୟା ବାସନ୍ତୀଙ୍କ ବର୍ଣ୍ଣନାରୁ ଉଦ୍ଧୃତି : ''... ସେତେବେଳେ ମୋ ମା(ଲୀଳାବତୀ ଦେବୀଙ୍କ)ର ଶରୀର ପ୍ରାୟହିଁ ରୁଗ୍ଣ ରହୁଥିଲା । ପିତାଙ୍କର ନିର୍ବାସନ ପରେ ତା'ର ଶରୀର ଆହୁରି ଖରାପ ହୋଇ ଉଠିଥିଲା । ଚିକିତ୍ସକ ଉପଦେଶ ଦେଇ-ଥିଲେ – ନିତି ସନ୍ଧ୍ୟାବେଳେ ମା' ଯେମିତି ଗଙ୍ଗାତୀରରେ ଅନ୍ତତଃ ପକ୍ଷେ ଅଧଘଣ୍ଟା ଧରି ପଦଚାରଣ କରେ । ...''



ଗଙ୍ଗାବକ୍ଷରୁ ତଦାନୀନ୍ତନ 'ଇଡ଼େନ୍ ଗାର୍ଡ଼େନ୍'ର ଦୃଶ୍ୟ

ପ୍ରାୟ ପ୍ରତିଦିନହିଁ ଲୀଳାବତୀ ଦେବୀଙ୍କୁ ନଗେନ୍ଦ୍ର ଘୋଡ଼ାଗାଡ଼ିରେ ନେଇଯାଇ ଗଙ୍ଗାଧାରରେ ଥିବା ଇଡ଼େନ୍ ଗାର୍ଡ଼େନ୍‌ର ଏକ ପ୍ରାନ୍ତରେ ପଦଚାରଣା କରାଉଥିଲେ । ତାଙ୍କ ସାଥିରେ ତିନି ଭଉଣୀ (କୁମୁଦିନୀ, ବାସନ୍ତୀ ଓ ସରୋଜିନୀ)ଙ୍କ ମଧ୍ୟରୁ ନିତି ଦୁଇ ଜଣ ଯାଉଥିଲେ । ବାସନ୍ତୀଙ୍କ ଉକ୍ତିରେ, ''ମା କିନ୍ତୁ ପ୍ରତି ରବିବାର ଅରଦାଦାଙ୍କୁ ସାଥିରେ ନେଇ ଗଙ୍ଗାଧାରକୁ ଯାଉଥିଲା ।''




ଗଙ୍ଗାଧାରରେ ଥିବା ତଦାନୀନ୍ତନ କଲିକତା ହାଇକୋର୍ଟର ଦୃଶ୍ୟ

ନଳିନୀଙ୍କ ଉକ୍ତିରେ : ''... ଶ୍ୟାମପୁକୁର ବାସଭବନଟି ଦୁଇ ଭାଗରେ ବିଭକ୍ତ ଥିଲା – ଉପର ମହଲାରେ ଥିଲା ତିନି, ଚାରିଟି ବଖରା; ସମ୍ମୁଖରେ ପ୍ରେସ, ଅଫିସ ଇତ୍ୟାଦି ଏବଂ ପଶ୍ଚାତରେ, ଅନ୍ଦର ମହଲରେ ଥିଲା ଆମମାନଙ୍କର ବାସସ୍ଥାନ ।

''ଆମେ ସ୍ଥାୟୀ ବାସିନ୍ଦା ଥିଲୁ ତିନି ଜଣ – ମୁଁ, ବିଜୟ ନାଗ ଓ ସୁରେଶ ଚକ୍ରବର୍ତ୍ତୀ । ପ୍ରାୟ ନିତି ଆସି ଉପସ୍ଥିତ ରହୁଥିଲେ ସୌରୀନ୍ ବସୁ (ଶ୍ରୀଅରବିନ୍ଦଙ୍କ ଶାଳକ), ରାମଚନ୍ଦ୍ର ମଜୁମଦାର (ରାମ ବାବୁ; 'କର୍ମଯୋଗିନ୍' ଓ 'ଧର୍ମ' ପତ୍ରିକାର ପରିଚାଳକ ମଣ୍ଡଳୀର ସଦସ୍ୟ) ଓ ବୀରେନ୍ ଘୋଷ (ନଳିନୀ ଓ ବିଜୟଙ୍କର ସହ-ଆସାମୀ) । ମଝିରେ ମଝିରେ 'ଶ୍ରୀରାମକୃଷ୍ଣ ମିଶନ'ରୁ ଆସୁଥିଲେ ଗଣେନ୍ ମହାରାଜ; ଆଉ ଦୁଇ, ତିନି ଜଣ କଦବା କେବେ ।


ନଳିନୀକାନ୍ତ ଗୁପ୍ତ
(ବୟସ ୨୧)


''ଏହି ବାସଭବନରେହିଁ ଶ୍ରୀଅରବିନ୍ଦଙ୍କ ଠାରୁ ଆମର 'ଶିକ୍ଷା' ଓ 'ଦୀକ୍ଷା' ଆରମ୍ଭ ହୋଇଥିଲା । ତାଙ୍କର ଶିକ୍ଷାଦାନର ପଦ୍ଧତି ଥିଲା ସମ୍ପୂର୍ଣ୍ଣ ଅଭିନବ – ସହଜ, ସ୍ୱାଭାବିକ ଭାବରେ ଏକ ନିୟମହୀନତାର ମଧ୍ୟଦେଇ ତା'ର ଗତି ଯେପରି । ...''

ଏହି ସମୟରେ ଶ୍ରୀଅରବିନ୍ଦ ସ୍ୱୟଂ ତାମିଲ ଭାଷା ଶିକ୍ଷା କରୁଥିଲେ । ଜଣେ ଦକ୍ଷିଣୀ ଭଦ୍ରବ୍ୟକ୍ତି (ପଦବୀ 'ନାୟାର୍', ମାତୃଭାଷା ମାଲାୟଲମ୍) ଅଫିସକୁ ବେଶ୍ କିଛି ଦିନ ଆସି ତାଙ୍କୁ ତାମିଲ ଶିକ୍ଷା ଦେଉଥିଲେ ।



ବିଜୟ ନାଗ
(ବୟସ ୧୯)


ବୀରେନ୍ ଘୋଷ
(ବୟସ ୨୦)

ସୁରେଶଙ୍କ ଉକ୍ତିରେ : ''ଶ୍ରୀଅରବିନ୍ଦ ତାଙ୍କର କଲେଜ ସ୍କୋୟାର୍ ବାସଭବନରୁ ନିତି ଉପରିଓଳି ପ୍ରାୟ ଚାରିଟା କି ପାଞ୍ଚଟା ସମୟରେ ଶ୍ୟାମପୁକୁର ବାସଭବନକୁ ଆସୁଥିଲେ । ଏହି ଘରେ ଆମମାନଙ୍କ ଭିତରୁ କେହି ହେଲେ ଚା ପାନ କରୁ ନଥିଲୁ; କିନ୍ତୁ ତଳ ମହଲାରେ ଥିବା ରନ୍ଧନଶାଳାରେ ଚା-ସରଞ୍ଜାମ ସବୁ ପ୍ରସ୍ତୁତ କରି ରଖୁଥିଲୁ । ଶ୍ରୀଅରବିନ୍ଦ ଅଫିସକୁ ଆସିଲେ ଆମେ ଚା ପ୍ରସ୍ତୁତ କରି ଗ୍ରେ-ଷ୍ଟ୍ରୀଟ୍ କୋଣରେ ଥିବା ଦୋକାନରୁ ଲୁଚି, ଆଳୁଦମ୍ ଓ ହାଲୁଆ ଆଣି ତାଙ୍କୁ ପରଶୁଥିଲୁ । ତା'ପରେ ସେ ଦୁଇଟି ପତ୍ରିକା ସକାଶେ କାର୍ଯ୍ୟବ୍ୟସ୍ତ ରହୁଥିଲେ । କାମ ସରିଗଲେ ଆମେ ରହୁଥିବା ଅନ୍ଦର ମହଲକୁ ଆସି ଆଳାପ-ଆଲୋଚନା କରୁଥିଲେ ଏବଂ ସବା ଶେଷରେ ପ୍ରାୟ ନିତି 'ସ୍ୱୟଂଚାଳିତ ଲେଖା'ର ଆସର ବସୁଥିଲା । ... ରାତି ସାଢ଼େ ନ'ଟା କି ଦଶଟା ସମୟରେ ସେ ତାଙ୍କର କଲେଜ ସ୍କୋୟାର୍ ବାସଭବନକୁ ଫେରୁଥିଲେ । ଆମେମାନେ ତାଙ୍କ ସହିତ ଗ୍ରେ-ଷ୍ଟ୍ରୀଟ୍ ମୋଡ଼ ପର୍ଯ୍ୟନ୍ତ ଯାଉଥିଲୁ, ଯେଉଁଠୁ ସେ ଟ୍ରାମ୍ ଧରୁଥିଲେ । ଦିନେ ଦିନେ ଆମମାନଙ୍କ ସାଥିରେ ତାଙ୍କର ବେଶ୍ ବିଳମ୍ବ ହୋଇଯାଉଥିଲା, ଟ୍ରାମ୍ ମିଳୁ ନଥିଲା; ତେଣୁ ଆମେ ତାଙ୍କ ପାଇଁ ଗୋଟିଏ ଘୋଡ଼ାଗାଡ଼ି ଭଡ଼ାରେ ଆଣୁଥିଲୁ । ...''


ସୁରେଶ ଚକ୍ରବର୍ତ୍ତୀ
(ବୟସ ୧୮)


ତଦାନୀନ୍ତନ ଗ୍ରେ-ଷ୍ଟ୍ରୀଟ୍‌ର ମୋଡ଼



ବଙ୍କିମଚନ୍ଦ୍ର


ନଳିନୀକାନ୍ତଙ୍କ ଉକ୍ତିରେ : ''... ଶ୍ରୀଅରବିନ୍ଦ ଆମମାନଙ୍କୁ କେବଳ 'ସ୍ୱୟଂଚାଳିତ ଲେଖା' ଦେଖାଇ ଦେଇ ନଥିଲେ, ଶୁଣାଇ ଦେଇଥିଲେ ମଧ୍ୟ 'ସ୍ୱୟଂଚାଳିତ କଣ୍ଠସ୍ୱର'। ରାତି ଆଠଟା ହେଲେ ଶ୍ୟାମପୁକୁର ବାସଭବନରେ ଆମେମାନେ ଶ୍ରୀଅରବିନ୍ଦଙ୍କୁ ଘେରି ବସିଯାଉଥିଲୁ। ଘରେ ଆସବାବପତ୍ର କହିଲେ ମାତ୍ର ଗୋଟିଏ କାଠପଟାର ଖଟ ଆଉ କେତୋଟି ମସିଣା। ଶ୍ରୀଅରବିନ୍ଦ ଖଟରେ ବସୁଥିଲେ। ଆମେ ଚଟାଣରେ ମସିଣା ଉପରେ ତାଙ୍କୁ ଘେରି ବସିଯାଉଥିଲୁ। ଘରଟିକୁ ଅନ୍ଧକାର କରି ଦିଆଯାଉଥିଲା, ସମସ୍ତେ କିଛିକ୍ଷଣ ଧରି ଚୁପ୍‌ଚାପ୍, ନିସ୍ତବ୍ଧ ରହୁଥିଲୁ। ଶ୍ରୀଅରବିନ୍ଦଙ୍କ କଣ୍ଠରୁ ଧୀରେ ଧୀରେ କଥା ବାହାରି ଆସୁଥିଲା। ସୁସ୍ପଷ୍ଟ ଭାବରେ ଶ୍ରୀଅରବିନ୍ଦଙ୍କର ନିଜସ୍ୱ କଣ୍ଠସ୍ୱର ନୁହେଁ; ନାନା ଭଙ୍ଗୀର, ନାନା ସ୍ୱରର କଣ୍ଠ। କଣ୍ଠ କହିଦେଉଥିଲା ସେ କିଏ। କେତେଜଣଙ୍କର କଣ୍ଠସ୍ୱର ବେଶ୍ ସ୍ମରଣରେ ଅଛି।

''ଦିନେ ଜଣେ ଆସି ଆମର ଶିକ୍ଷା, ସାହିତ୍ୟ ଓ ଦେଶ ବିଷୟରେ ଅନେକ ସୁନ୍ଦର କଥା କହିଗଲେ। ଆମେମାନେ କୌତୂହଳୀ ହୋଇ ଉଠିଲୁ ନାମ ଜାଣିବା ସକାଶେ। ସେ ବିଭିନ୍ନ ବାହାନା ଦେଖାଇ ଅବଶେଷରେ ଜଣାଇଲେ ଯେ ସେ ହେଉଛନ୍ତି ବଙ୍କିମଚନ୍ଦ୍ର। ପ୍ରକାଶ ଥାଉକି ଏ ସମସ୍ତ ଇଂରାଜୀ ଭାଷାରେହିଁ ହେଉଥିଲା। ...



ଦାଁତୋଁ (୧୭୫୯-୧୭୯୪)

''ଆଉ ଦିନେ ଆସିଲେ ଅନ୍ୟ ଜଣେ – ସେ ଆସିବା ମାତ୍ରେ ଭୀଷଣ ଉଚ୍ଚ ସ୍ୱରରେ ଘୋଷଣା କଲେ : 'I am Danton (ଦାଁତୋଁ) Terror ! Red Terror !'– ଏହା ଘୋଷଣା କରି କହିଚାଲିଲେ ଫରାସୀ ବିପ୍ଳବର ରକ୍ତପାତର ପ୍ରୟୋଜନ ଓ ତା'ର ସାର୍ଥକତା।



ଥେରାମିନିସ୍

''ଆଉ ଥରେ ଯିଏ ଆସିଥିଲେ, ସେ ତାଙ୍କର ପରିଚୟ ଦେଲେ, 'I am Theramenes !' ଥେରାମିନିସ୍ ଥିଲେ ପ୍ରାଚୀନ ଗ୍ରୀସ୍ ଦେଶର ଜଣେ ରାଜନୀତିକ ନେତା। ସେ ଶାନ୍ତ, ଧୀର କଣ୍ଠରେ ରାଜନୀତିକ ଉପଦେଶ କିଛି ଦେଇଥିଲେ। – ଏହିପରି ଦିନ ପରେ ଦିନ ଆହୁରି ଅନେକ ବ୍ୟକ୍ତି ଆସିଲେ। ଆମକୁ କେତେ ବିଷୟରେ କେତେ ଶିକ୍ଷା ଦେଇଗଲେ। ...''

ସୁରେଶଙ୍କ ଉକ୍ତିରେ : ‘‘... ୧୯୧୦ ଫେବ୍ରୁଆରୀ ମାସର ପ୍ରାୟ ଶେଷ ଆଡ଼କୁ ହେବ । ରାତି ସେତେବେଳେ ପ୍ରାୟ ଆଠଟା । ପ୍ରତିଦିନ ଭଳି ଶ୍ୟାମପୁକୁର ବାସଭବନରେ ଥିବା ଆମ କକ୍ଷରେ ଶ୍ରୀଅରବିନ୍ଦଙ୍କୁ ଘେରି ଆମର ‘ସ୍ୱୟଂଚାଳିତ ଲେଖା’ର ଆସର ପୂରାଦମ୍‌ରେ ଚାଲିଥିଲା ।



ଗଙ୍ଗାବକ୍ଷରୁ କଲିକତାର ଦୃଶ୍ୟ, ୧୯୦୩

... ରାମ ବାବୁ ଅଚାନକ କକ୍ଷ ଭିତରକୁ ପ୍ରବେଶ କରି ଉତ୍କଣ୍ଠିତ ଭାବରେ ଶ୍ରୀଅରବିନ୍ଦଙ୍କୁ ଜଣାଇଲେ ଯେ ତାଙ୍କ ନାମରେ ପୁଣି ୱାରେଣ୍ଟ୍ ବାହାରିଛି । ଜଣେ ଉଚ୍ଚପଦସ୍ଥ ପୁଲିସ କର୍ମଚାରୀଙ୍କ ପାଖରୁ ବିଶ୍ୱାସଯୋଗ୍ୟ ଖବର । ... ଘର ଭିତରର ଆବହାଓଆ ମୁହୂର୍ତ୍ତକରେ ବଦଳିଗଲା । ...’’

ଶ୍ରୀଅରବିନ୍ଦଙ୍କର ନିଜସ୍ୱ ଉକ୍ତିରୁ : ‘‘... ଆସନ୍ନ ଘଟଣା ଉପରେ ଯେତେବେଳେ ମୁଁ ଚତୁଃପାର୍ଶ୍ୱସ୍ଥ ଯୁବକଙ୍କର ଉତ୍ତେଜନାପୂର୍ଣ୍ଣ ଆଲୋଚନା ଶୁଣୁଥିଲି, ହଠାତ୍ ଊର୍ଦ୍ଧ୍ୱରୁ ମୋର ଅତ୍ୟନ୍ତ ପରିଚିତ କଣ୍ଠରୁ ତିନୋଟି ଶବ୍ଦସମ୍ବଳିତ ଏକ ଆଦେଶ ପାଇଲି, ‘Go to Chandernagore’(‘ଚନ୍ଦନନଗରକୁ ଚାଲିଯାଅ’) ।’’

କଲିକତାର ପ୍ରାୟ ୩୦ କି. ମି. ଉତ୍ତରରେ, ଗଙ୍ଗାର ଅପର ପାର୍ଶ୍ୱରେ ଫରାସୀ-ଅଧିକୃତ ଛୋଟ ସହର ଏହି ଚନ୍ଦନନଗର । ଏହା ଏକନିଷ୍ଠ ବିପ୍ଳବୀମାନଙ୍କର ବାସସ୍ଥାନ ହେଲେ ମଧ ଆନ୍ତର୍ଜାତିକ ଆଇନ ଦୃଷ୍ଟିରୁ ବ୍ରିଟିଶ-ଭାରତର ଶ୍ୟେନଦୃଷ୍ଟିରୁ ପ୍ରଭୂତ ପରିମାଣରେ ବଞ୍ଚିତ ରହିଥିଲା — ଶ୍ରୀଅରବିନ୍ଦଙ୍କ ସକାଶେ ଏହା ଥିଲା ଏକ ‘ଶାନ୍ତିର ନିଳୟ’ ।

ପୁନଶ୍ଚ ସୁରେଶଙ୍କ ବର୍ଣ୍ଣନାରୁ :‘‘... ଶ୍ରୀଅରବିନ୍ଦ କ୍ଷଣକାଳ ନିମିତ୍ତ କିଛି ଭାବିଲେ — ମୁହୂର୍ତ୍ତ ମାତ୍ର — ତା’ପରେ କହିଲେ, ‘ମୁଁ ଚନ୍ଦନନଗର ଯିବି ।’ — ରାମ ବାବୁ ପଚାରିଲେ, ‘ଏହି କ୍ଷଣି ?’— ଶ୍ରୀଅରବିନ୍ଦ ଏହି ମର୍ମରେ ଉତ୍ତର ଦେଲେ, ‘ଏହି କ୍ଷଣି, ଏଇ ମୁହୂର୍ତ୍ତରେ ।’— ଏହା କହି ସେ ଉଠି ଛିଡ଼ା ହେଲେ ଏବଂ ରାମ ବାବୁଙ୍କ ସହିତ ଘରୁ ବାହାରିଗଲେ । ... ସର୍ବାଗ୍ରେ ରାମ ବାବୁ ଓ ଶ୍ରୀଅରବିନ୍ଦ, ସେ ଦୁହିଁଙ୍କ ପଶ୍ଚାତରେ କିଛି ଦୂରରେ ଦୁହିଁଙ୍କୁ ଦୃଷ୍ଟିପଥରେ ରଖି ବୀରେନ୍ ଏବଂ ବୀରେନ୍‌ର କିଛି ଦୂରରେ ତାକୁ ଦୃଷ୍ଟିପଥରେ ରଖି ମୁଁ । ... ରାମ ବାବୁ ଶ୍ରୀଅରବିନ୍ଦଙ୍କୁ ନେଇ କୁଡ଼ିଆଘରସବୁ ଥିବା ଏମିତି ଗାଁ ଦାଣ୍ଡ ଧରିଲେ ଯେ ଘନ ଘନ ଅଙ୍କାବଙ୍କା ଗଳିରାସ୍ତାଟି ସେତେବେଳକୁ ଏକେବାରେ ଶୂନଶାନ୍ । ...

‘‘ପ୍ରାୟ ପନ୍ଦର କି କୋଡ଼ିଏ ମିନିଟ୍ ପରେ ଆମେ ଗଙ୍ଗାର ଗୋଟିଏ ଘାଟରେ ଆସି ପହଞ୍ଚିଲୁ, ... ଖୁବ୍ ସମ୍ଭବତଃ ବାଗବଜାର ଘାଟ ହୋଇପାରେ । ଘାଟରେ ପହଞ୍ଚି ରାମ ବାବୁ ଗୋଟିଏ ନୌକା (ଛପର ଥିବା ଛୋଟ ନୌକା)ର ମାଝିକୁ ଡାକ ଦେଲେ, ‘ଆରେ, ଭଡ଼ାରେ ଯିବୁ ?’... ତା’ପରେ ମାଝି ଓ ରାମବାବୁଙ୍କ ସହିତ ଅଳ୍ପକ୍ଷଣ ଅନୁଚ୍ଚ ସ୍ୱରରେ କଥାବାର୍ତ୍ତା ପରେ ଶ୍ରୀଅରବିନ୍ଦ ନୌକାରେ ଆରୋହଣ କଲେ, ତା’ପରେ ବୀରେନ୍ ଓ ମୁଁ ସେଥିରେ ଉଠିଲୁ । ନୌକା ଛାଡ଼ିଦେଲା । ଆମେ ଭାଗୀରଥୀ ବକ୍ଷରେ ଭାସିଲୁ । ...’’ ସେଦିନ ଥିଲା ମାଘ ମାସ ଶୁକ୍ଳପକ୍ଷ, ଏକାଦଶୀ ତିଥି, ୧୯୧୦ ଫେବ୍ରୁଆରୀ ୨୦ ତାରିଖ; ରାତ୍ରି ପ୍ରାୟ ୧୦ଟା ।



ଗଙ୍ଗାବକ୍ଷରୁ ତଦାନୀନ୍ତନ ଚନ୍ଦନନଗରର ଏକ ସାଧାରଣ ଦୃଶ୍ୟ